# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୮/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, October 28/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 333 | ମୂଲ୍ୟ ₹୭/-




**ସିନେମା ହଲ୍‌ରେ ଶେଷ ପରୀକ୍ଷା**

ନଭେମ୍ବର ୧ରେ 'ସିଂଘମ ଏଗେନ୍' ଓ 'ଭୁଲ୍ ଭୁଲୈୟା ୩' ରିଲିଜ୍ ହେବା ଉଭୟ ଫିଲ୍ମ ମଧ୍ୟରେ ବକ୍ସ ଅଫିସ୍ ଲଢ଼େଇକୁ ନେଇ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ରବିବାର ତାଙ୍କ ମତ ରଖିଛନ୍ତି।

୧୧

୧୪

**ଝେଙ୍ଗ୍‌ଙ୍କୁ ଟାଇଟଲ**

ଟୋରେ ପାନ୍ ପ୍ୟାସିଫିକ୍ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ଚାଇନାର କ୍ୱିନୱେନ୍ ଝେଙ୍ଗ୍ ।



# ଆକାଶମାର୍ଗରୁ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୭।୧୦(ସୁନିତ୍ ମିଶ୍ର)**

ବାତ୍ୟା 'ଦାନା' ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କ୍ଷତିଗ୍ରସ୍ତଙ୍କୁ ସବୁ ପ୍ରକାର ସାହାଯ୍ୟ ସୁବିଧା ଯୋଗାଇଦେବା ଲାଗି ସରକାର ଅଣ୍ଟା ଭିଡିଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଅପରାହ୍ନରେ ହେଲିକପ୍ଟର ଯୋଗେ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକ ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ପାରାଦୀପ, ମହାକାଳପଡ଼ା, ରାଜନଗର, ରାଜକନିକା ଓ ଚାନ୍ଦବାଲିର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଅନୁଧ୍ୟାନ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ବିଭାଗଗୁଡ଼ିକୁ କ୍ଷୟକ୍ଷତିର ଆକଳନ ତୁରନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ବାତ୍ୟା ଏବଂ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଖୁବ୍‌ଶୀଘ୍ର ସହାୟତା ପ୍ରଦାନ କରାଯାଇ ପାରିବ ବୋଲି ସେ କହିଛନ୍ତି। ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ।

## ଇସ୍ରାଏଲରେ ଟ୍ରକ୍ ମାଡ଼ିଯାଇ ଜଣେ ମୃତ, ୪୦ ଆହତ

**ଆତଙ୍କବାଦୀ ଆକ୍ରମଣ ସନ୍ଦେହ**

**ତେଲ୍ ଆଭିଭ୍, ୨୭।୧୦**

କେନ୍ଦ୍ରୀୟ ଇସ୍ରାଏଲ୍‌ର ତେଲ୍ ଆଭିଭ୍‌ରେ ଥିବା ଏକ ବସ୍‌ଷ୍ଟାଣ୍ଡ ମଧ୍ୟକୁ ରବିବାର ଟ୍ରକ୍ ମାଡ଼ିଯିବାରୁ ଜଣଙ୍କର ମୃତ୍ୟୁ ଘଟିବା ସହ ଅନ୍ୟ ୪୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହା ଆତଙ୍କବାଦୀ ଆକ୍ରମଣ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ତେଲ୍ ଆଭିଭ୍‌ର ରାମାତ ହାଶାରନ ସହର ଅନ୍ତର୍ଗତ ଇସ୍ରାଏଲ୍ ଡିଫେନ୍ସ ଫୋର୍ସର ଗ୍ଲିଲୋଟ ବେସ୍ ବାହାରେ ଏହି ଦୁର୍ଘଟଣା ଘଟିଛି। ସେଠାରେ ମୋସାଦ ସ୍ପାଏ ଏଜେନ୍ସିର ମୁଖ୍ୟାଳୟ ରହିଛି। ସଶସ୍ତ୍ର ଲୋକମାନେ ଟ୍ରକ୍ ଡ୍ରାଇଭରଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଷ୍ଟାଣ୍ଡରେ ଏକ ବସ୍ ଯାତ୍ରୀମାନଙ୍କୁ ଓହ୍ଲାଉଥିବାବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଡଡ଼ା ଖାଉଛନ୍ତି**

# ରାସ୍ତା ଖରାପରୁ ଗର୍ଭବତୀଙ୍କ ଜୀବନ ଗଲା

**ରାସ୍ତା ଖରାପରୁ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚି ପାରିଲେନି ୬ ମାସର ଗର୍ଭବତୀ। ବିଳମ୍ବରେ ଚିକିତ୍ସା ଯୋଗୁ ତାଙ୍କ ଜୀବନ ଚାଲିଯାଇଛି। ଗଜପତି ଜିଲା ମୋହନା ବ୍ଲକ ଅଞ୍ଚଳରେ ଘଟିଥିବା ଏହି ଘଟଣା ରାଜ୍ୟର ଗ୍ରାମାଞ୍ଚଳ ଲୋକଙ୍କ ଦୁର୍ଦ୍ଦଶାର ଚିତ୍ର ବଖାଣୁଛି। ସୁବିଧାରେ ଯାତାୟାତ କରିବା ଭଳି ବ୍ୟବସ୍ଥା ଆଜିର ସମୟରେ ମଧ୍ୟ ଅନେକ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଥିବା ଏଥିରୁ ସ୍ପଷ୍ଟ ହେଉଛି। ସବୁ ଅଞ୍ଚଳକୁ ଭଲ ରାସ୍ତା ଉପଲବ୍ଧ ନ ଥିଲେ ବିକଶିତ ଓଡ଼ିଶା ପାଇଁ ଉଦ୍ୟମ ସଫଳ ହୋଇପାରିବ ନାହିଁ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅନେକ ସଡ଼କ ଓ ସେତୁ ନିର୍ମାଣ ଯୋଜନା ଦୀର୍ଘବର୍ଷ ଧରି କାର୍ଯ୍ୟକାରୀ ହେଉଥିବା ସତ୍ତ୍ୱେ ଆଭ୍ୟନ୍ତର ଅଞ୍ଚଳକୁ ଅଦ୍ୟାବଧି ଯୋଗାଯୋଗ ହୋଇ ନ ପାରିବାର କାରଣ ଖୋଜାଯିବା ଜରୁରୀ ହୋଇପଡ଼ିଛି।**

**ମୋହନା, ୨୭।୧୦(ମନ୍ମଥ ମିଶ୍ର)**

ଗଜପତି ଜିଲା ମୋହନା ବ୍ଲକ ଡମ୍ବଗୁଡ଼ା ପଞ୍ଚାୟତର ନିର୍ଲଞ୍ଜୀକିଆ ଗ୍ରାମ। ପଞ୍ଚାୟତ ମୁଖ୍ୟ ରାସ୍ତାରୁ ଏହି ଗ୍ରାମର ଦୂରତା ୨କିଲୋମିଟର। ଏଠାରେ ପ୍ରାୟ ୭୦ ପରିବାର ବା ୩୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ଗ୍ରାମକୁ ଗାଡ଼ି ଯିବା ପାଇଁ ରାସ୍ତାଟିଏ ନାହିଁ। ଏହି ଗ୍ରାମର ବଳାରାମ ମଲ୍ଲିକଙ୍କ ସ୍ତ୍ରୀ ମମତା ମଲ୍ଲିକ (୩୧) ଛଅ ମାସର ଗର୍ଭବତୀ ଥିଲେ। ତାଙ୍କର ୪ବର୍ଷର ପୁଅ ଅଛି। ମମତା ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ମେଡିକାଲ ନେବାକୁ ଯୋଜନା କରିଥିଲେ। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ କିମ୍ବା କୌଣସି ଗାଡ଼ିରେ ମମତାଙ୍କୁ ନେବା ସମ୍ଭବ ନ ଥିଲା। ତେଣୁ ବାଧହୋଇ ତାଙ୍କୁ ଭାରରେ ବୋହି ପ୍ରଥମେ ଅଡ଼ବା ଡାକ୍ତରଖାନାକୁ ନିଆଯାଇଥିଲା। ଅସୁରକ୍ଷିତ ଭାବେ ତାଙ୍କୁ ବୋହିନେବା ଯୋଗୁ ମମତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ମମତା ଯନ୍ତ୍ରଣା ପାଉଥିବାବେଳେ ତାଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରି ନ ଥିଲା। ଅଡ଼ବା ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ଡାକ୍ତର ☞ପୃଷ୍ଠା-୪



## ୨ କି.ମି. ଖଟିଆରେ ବୁହାହେଲେ ରୋଗୀ

**ନୂଆପଡ଼ା, ୨୭।୧୦ (ମକାରୁ ବେମାଲ)**

ଗାଁକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଫଳରେ ରୋଗୀଙ୍କୁ ୨କି.ମି. ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଅଣାଯାଇଥିଲା। ନୂଆପଡ଼ା ଜିଲା ବୋଡେନ ବ୍ଲକର ଉପାନ୍ତ ଦୁର୍ଗମ ଅଞ୍ଚଳ ନାଗପଡ଼ା ପଞ୍ଚାୟତ ସିର୍ଲି ଗାଁରେ ରବିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସିର୍ଲି ଗାଁର ବୃଦ୍ଧା ବୁଟଲି ମାଝି (୭୦) କୌଣସି ରୋଗରେ ପୀଡ଼ିତ ହୋଇ ଖଟିଆରେ ପଡ଼ିରହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଗାଁକୁ ଜଙ୍ଗଲ ଓ ଅଣଓସାରିଆ ରାସ୍ତା ଥିବାରୁ ୨କି.ମି. ଦୂରରେ ରହିଯାଇଥିଲା। ରୋଗୀଙ୍କୁ ଆମ୍ବୁଲାନ୍ସ କର୍ମଚାରୀ ଦୁଷ୍ମନ୍ତ ବେହେରା, ☞ପୃଷ୍ଠା-୪





ଗୋଲ୍ଡ ରେଟ୍ ପ୍ରୋଟେକଶନ୍- ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ*

To locate your nearest store and know more on +91 81473 49242 | Buy online at tanishq.co.in | or Download our App | *Conditions Apply.

Scan the QR code to find the nearest Tanishq store

ବାହାଦୂର ବଗିଚା ପଡ଼ା, ହନୁମାନ ମନ୍ଦିର ସମ୍ମୁଖ, ଭବାନୀପାଟଣା, କଳାହାଣ୍ଡି, ପିନ୍-୭୬୬୦୦୧, ଫୋନ ନଂ- ୭୦୭୭୭୭୧୮୪୩

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୮/୨୦୨୪ | Bhubaneswar, Monday, October 28/2024




ଦେବଗଡ଼ ଜିଲା ବାରକୋଟ ଥାନା ବ୍ରାହ୍ମଣୀ ପୋଲ ଉପରେ ରବିବାର ଅପରାହ୍ନରେ ଲୁହାପଥର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡରକୁ ଧକ୍କାଦେଇ ଓଲଟି ପଡ଼ିବାରୁ ହଠାତ ନିଆଁ ଲାଗି ଜଳିଯାଉଛି।

# ଜଙ୍ଗଲ ସୁରକ୍ଷା ପାଇଁ ଶପଥ

**କୋକସରା,୨୭।୧୦**
**(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବନାଞ୍ଚଳ ଅଧୀନରେ ଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ୧୨ ହଜାର ୯ଶହ ୮୯ହେକ୍ଟର ପରିମିତ ଅଞ୍ଚଳରେ ରହିଛି। ଏହା କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା ଓ ପଡୋଶୀ ଛତିଶଗଡ଼ ସୀମାକୁ ଲାଗିଛି। ତେବେ ବିଗତ କିଛି ବର୍ଷ ମଧ୍ୟରେ ଏହି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅନାଧିକୃତ ଭାବେ କେତେଜଣ ଲୋକ ପ୍ରବେଶ କରି ଜଙ୍ଗଲର ସବୁଜିମାପୂର୍ଣ୍ଣ ଅଞ୍ଚଳକୁ ନଷ୍ଟ କରୁଛନ୍ତି। ଜଙ୍ଗଲ ମଧ୍ୟରେ ଅବାଧରେ ମକାଚାଷ କରି ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲକୁ ନଷ୍ଟ କରି ପଦା କରି ଦେଉଛନ୍ତି। ଏନେଇ ସାହାଜଖୋଲ ଜଙ୍ଗଲ ସୁରକ୍ଷା ମହାସଂଘ ଓ ଭିଏସ୍ଏସ୍ (ବନ ସୁରକ୍ଷା ସମିତି)କମିଟି ପକ୍ଷରୁ ବିଗତ ବର୍ଷରେ ଜଙ୍ଗଲ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନେଇଥିବା ବେଳେ ଜଙ୍ଗଲ ମାଫିଆଙ୍କ ଉତ୍ପାତ କମିବାର ନାଁ ଧରୁନାହିଁ। ପ୍ରତିବର୍ଷ ହେକ୍ଟର ହେକ୍ଟର ସଂରକ୍ଷିତ ଜଙ୍ଗଲ ସଫା କରି ମକାଚାଷ କରୁଥିବାବେଳେ ବନବିଭାଗ ଅଧିକାରୀ ନାମକୁ ମାତ୍ର ସୁରକ୍ଷା ଦାୟିତ୍ୱରେ ରହିଥିବା ଭଳି ମନେ ହେଉଛି।

ରବିବାର ଏନେଇ ଧର୍ମଗଡ ବନାଞ୍ଚଳ ବେହେରା ସେକ୍ସନ ଗୋତମୁଣ୍ଡା ବିଟ ଅଞ୍ଚଳରେ ସାହାଜଖୋଲ ଜଙ୍ଗଲ ସୁରକ୍ଷା ମହାସଂଘ ପକ୍ଷରୁ ଏକ ବୈଠକ ପାଣିନାଳା ଜଙ୍ଗଲ ନିକଟରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରଥମେ ସାହାଜଖୋଲ ଜଙ୍ଗଲର ଅଧିଷ୍ଠାତ୍ରୀ ଦେବୀ ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ବୈଠକର ସଭାପତି ଜଙ୍ଗଲ ସୁରକ୍ଷା କମିଟିର ଅସ୍ଥାୟୀ ସଭାପତି ବେଣୁଧର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, ମୁଖ୍ୟବକ୍ତା ଭାବେ ଭିଏସ୍ଏସ୍ କମିଟି ସଭାପତି ଭଜମନ ନାଏକ, ସମ୍ମାନିତ ଅତିଥି ଭାବେ ସାନପୋଡ଼ାଗୁଡ଼ା ସରପଞ୍ଚ ଜୟରାମ ନାଗ, ସୁଧୀର ବାଗ, ଲିଙ୍ଗରାଜ ନାଏକ, କୁଶଧ୍ୱଜ ନାଏକ, ସୁବାସ ଖର୍ସେଲ, ଭରତ ମାଝୀ, ପୂର୍ବତନ ସଭାପତି ଭୁଜବଳ ସୋରି, ତ୍ରିନାଥ ପୋଟା, ତ୍ରିନାଥ ପୂଝାରୀ, କୁମରମଣି ବାଗ, ନକୁଳ ନାଏକ, ରଘୁନାଥ ନାଏକ, ନେତ୍ରମଣି ନାଏକ, ଗଜିନ୍ଦ୍ର ଧ. ମାଝୀ, ଶୁକଚନ ଚଲାନ, ଡମ୍ବରୁ ମାଝୀ, ସଞ୍ଜୟ କାଣ୍ଡ, ସମାଜସେବୀ ହିମାଞ୍ଚଳ ପୂଝାରୀ ଓ ଶତାଧିକ ଜଙ୍ଗଲ ସୁରକ୍ଷା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଗାମୀ ଦିନରେ ସାହାଜଖୋଲ ଜଙ୍ଗଲର ସୁରକ୍ଷା ନେବାପାଇଁ ଶପଥ ନେଇଥିଲେ। ଏହି ବୈଠକରେ ସାହାଜଖୋଲ ଜଙ୍ଗଲ ସୁରକ୍ଷା ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଏହି କ୍ରମରେ ୫୨ଟି ଭିଏସ୍ଏସ୍ କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଆଦିବାସୀ ଯୁବନେତା ହେମନ୍ତ କୁମାର ମାଝୀ, ଉପସଭାପତି ତ୍ରିନାଥ ପୋଟା, କାର୍ଯ୍ୟକାରୀ ସଭାପତି ଭବେଶ ଗଇନ୍ତା, ସମ୍ପାଦକ ଭାବେ ଭଜମନ ନାଏକ, ସହସମ୍ପାଦକ ଦ୍ରୋଣାଚାର୍ଯ୍ୟ ପୂଜାରୀ, ସାଙ୍ଗଠନିକ ସମ୍ପାଦକ ନିରଞ୍ଜନ ବାଗ, ସାଙ୍ଗଠନିକ ସମ୍ପାଦିକା ହେମାଙ୍ଗିନି ହଂସ, କୋଷାଧ୍ୟକ୍ଷ ଭୁଜବଳ ସୋରି ପ୍ରମୁଖ ନୂତନ ଭାବେ କର୍ମକର୍ତ୍ତା ରୂପେ ମନୋନୀତ ହୋଇଛନ୍ତି।



ସାହାଜଖୋଲ ଜଙ୍ଗଲ ସୁରକ୍ଷା ପାଇଁ ଭିଏସ୍ଏସ୍ କମିଟି ଶପଥ ନେଉଛନ୍ତି।

# ଇନ୍ଦୋର-ରତଲାମ ଟ୍ରେନ୍ ଇଞ୍ଜିନ୍‌ରେ ନିଆଁ

**ଇନ୍ଦୋର,୨୭।୧୦**

ମଧ୍ୟପ୍ରଦେଶର ରତଲାମ ଜିଲାରେ ରବିବାର ସନ୍ଧ୍ୟା ସମୟରେ ଏକ ଡିଜେଲ ଇଲେକ୍ଟ୍ରିକାଲ୍ ମଲ୍ଟିପ୍ଲ ୟୁନିଟ୍ (ଡେମୁ) ଟ୍ରେନ୍‌ର ଇଞ୍ଜିନ୍‌ରେ ନିଆଁ ଲାଗିଯାଇଛି। ନିଆଁକୁ ତୁରନ୍ତ ଆୟତ୍ତ କରାଯାଇଥିବାବେଳେ କେହି ମୃତାହତ ହୋଇନାହାନ୍ତି। ଟ୍ରେନ୍‌ଟି ଡ. ଆମ୍ବେଡ୍‌କର ନଗରରୁ ରତଲାମ ଯାଉଥିବାବେଳେ ରୁନିଜା ଏବଂ ନାଉଗାଁଓ ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ ନିଆଁ ଲାଗିଥିଲା। ଘଟଣାସ୍ଥଳରେ ରେଲୱେ ଅଧିକାରୀମାନେ ପହଞ୍ଚିଛନ୍ତି। କିପରି ନିଆଁ ଲାଗିଲା ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।









DSPL-163

ଓଡ଼ିଶା ସରକାର



**ଦୁର୍ନୀତି ନିବାରଣ**
**ସଚେତନତା ସପ୍ତାହ ୨୦୨୪ ପାଳନ**
**ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ପ୍ରତିବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା ପାଇଁ ଏବଂ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଆହ୍ୱାନ କରୁଛି ।

ମୋ ସରକାର **"ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି"** (Zero Tolerance to Corruption) ଅବଲମ୍ବନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଦୁର୍ନୀତିକୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ସ୍ୱଚ୍ଛ ଶାସନ, ତୁରନ୍ତ ନିଷ୍ପତ୍ତି ଓ କାର୍ଯ୍ୟାନୁଷ୍ଠାନ, ଉତ୍ତରଦାୟିତ୍ୱ ସହିତ ସାମାଜିକ ନ୍ୟାୟ, ସମାବେଶୀ ଶାସନ ଉପରେ ଆମ ସରକାର ଗୁରୁତ୍ୱ ଦେଉଛନ୍ତି । ଦୁର୍ନୀତି ନିବାରଣ ପାଇଁ ଉଭୟ ଟପ୍ ଡାଉନ୍ ଓ ବଟମ୍ ଅପ୍ ମଡେଲ୍ କାର୍ଯ୍ୟକାରୀ କରାଯାଉଛି ।

ଏହି ଅବସରରେ ମୁଁ ଆମ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗକୁ ଦୁର୍ନୀତି ବିରୋଧରେ ସେମାନଙ୍କ ଦୃଷ୍ଟାନ୍ତମୂଳକ ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଉଛି ।

ଦୁର୍ନୀତିକୁ ଦୂର କରିବା ପାଇଁ ବ୍ୟାପକ ଓ ସମନ୍ୱିତ ଉଦ୍ୟମ ଲୋଡା । ଏହି ଅଭିଯାନରେ ସମାଜର ସମସ୍ତ ବର୍ଗର ଅକୁଣ୍ଠ ସମର୍ଥନ ଓ ସହଯୋଗ ଅତ୍ୟନ୍ତ ଜରୁରୀ ।

ଆସନ୍ତୁ, ଏକ ବିକଶିତ ତଥା ଦୁର୍ନୀତିମୁକ୍ତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସତ୍ୟନିଷ୍ଠ ସଂସ୍କୃତିକୁ ଜୀବନର ଅଂଶବିଶେଷ ଭାବେ ଗ୍ରହଣ କରି କାମ କରି ଚାଲିବା ।

**ବନ୍ଦେ ଉତ୍କଳ ଜନନୀ ।**

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

OIPR-12177/13/0001/2425



ଭୁବନେଶ୍ୱରସ୍ଥିତ ରାଜଭବନରେ ରବିବାର ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରିବା ଅବସରରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କେ.ଭି. ସିଂଦେଓ।

# ୧୪ ଜିଲ୍ଲାର ୮୩୧୭ ଗାଁରେ ବାତ୍ୟା ପ୍ରଭାବ

## ୩୧ ସହରାଞ୍ଚଳର ୩୪ ଲକ୍ଷ ଲୋକ ପ୍ରଭାବିତ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୨୭।୧୦(ସୁନିତ୍ ମିଶ୍ର)

ବାତ୍ୟା ପରବର୍ତ୍ତୀ ସମୟରେ ବର୍ଷା ପରିମାଣ କମିଛି ଏବଂ ପାଗ ବଦଳିଛି। ବାତ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଜୀବନ ଯାତ୍ରା ସ୍ୱାଭାବିକ ହେଲାଣି। ରାସ୍ତା ସଫା ହୋଇ ଗମନାଗମନ ବ୍ୟବସ୍ଥାରେ ସୁଧାର ଆସିବା ସହ ବିଦ୍ୟୁତ୍ ସରବରାହ ଓ ପୁନଃସଂଯୋଗ କାର୍ଯ୍ୟ ପ୍ରାୟତଃ ଶେଷ ହୋଇସାରିଛି। ବାତ୍ୟା ପ୍ରଭାବରେ ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ନୟାଗଡ଼, କଟକ ଓ ଢେଙ୍କାନାଳ ଆଦି ୧୪ ଜିଲ୍ଲା ପ୍ରଭାବିତ ହୋଇଛି। ଏଥିରେ ୧୦୮ ବ୍ଲକ୍‌ର ୧୬୭୧ ଗ୍ରାମପଞ୍ଚାୟତ ଓ ୮୩୧୭ ଗ୍ରାମ ପ୍ରଭାବିତ ହୋଇଛି। ସେହିପରି ୩୧ଟି ସହରାଞ୍ଚଳର ୪୨୬ଟି ୱାର୍ଡର ୩୪,୯୫,୦୧୫ ଜନସାଧାରଣ ପ୍ରଭାବିତ ହୋଇଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଗଣମାଧ୍ୟମକୁ ରବିବାର ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ପ୍ରାୟ ୮ ଲକ୍ଷ ୧୦ ହଜାର ୮୯୬ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳରେ ରଖାଯାଇ ରନ୍ଧା ଖାଦ୍ୟ ଦିଆଯାଉଛି। ବାତ୍ୟା ସମୟରେ ୬୨୧୦ ଆଶ୍ରୟସ୍ଥଳୀ ଖୋଲାଯାଇଥିବା ବେଳେ ସେଥିମଧ୍ୟରୁ ବର୍ତ୍ତମାନ ୧୧୭୮ଟି କାର୍ଯ୍ୟକ୍ଷମ ଅଛି। ସେଠାରେ ଲୋକମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଥିବାବେଳେ ଏହି ବ୍ୟବସ୍ଥା ଆହୁରି ୭ ଦିନ ପର୍ଯ୍ୟନ୍ତ ଚାଲିବ। ଏବେ ସୁଦ୍ଧା ୨୩୨୨ କୁଇଣ୍ଟାଲ ଚୁଡ଼ା, ୨୯୭ କୁଇଣ୍ଟାଲ ଗୁଡ଼ ଓ ୭୫୫ ପ୍ୟାକେଟ ପଲିଥିନ ରୋଲ ରିଲିଫ୍ ଆକାରରେ ବଣ୍ଟାଯାଇଛି। ଲଗାଣ ବର୍ଷା ଯୋଗୁ ୬,୫୯,୮୪୨ରୁ ଅଧିକ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୩୩୫ ଡାକ୍ତରୀ ଓ ୨୦୧ ପ୍ରାଣୀ ଚିକିତ୍ସକ ଦଳ ନିୟୋଜିତ ଅଛନ୍ତି। ୧୨୫୦୯୧.୭ ହେକ୍ଟର ଚାଷ ଜମି ଓ ୫୮୩୯ଟି ଘର କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ଦ୍ୱାରା କୁଡ଼ିଆ ଘର, ମାଟିଘର ଓ ଚାଳଘର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପକ୍କାଘର ଯୋଗାଇ ଦେବାର ବ୍ୟବସ୍ଥା ଆରମ୍ଭ ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନର ସମସ୍ତ ବିଭାଗର ସଚିବ ଓ ୧୪ ଜିଲ୍ଲାର ଜିଲ୍ଲାପାଳଙ୍କୁ ନଭେମ୍ବର ୨ ସୁଦ୍ଧା ବାତ୍ୟାଜନିତ କ୍ଷୟକ୍ଷତିର ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ସମୟରେ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଫଳରେ ବାତ୍ୟାର ସଫଳ ପରିଚାଳନା ସମ୍ଭବ ହୋଇପାରିଛି। ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି 'ଶୂନ ମୃତ୍ୟୁହାର' ବୋଲି ମନ୍ତ୍ରୀ ପୂଜାରୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

# 'ଡିଜିଟାଲ ଆରେଷ୍ଟ'କୁ ନେଇ ଲୋକଙ୍କୁ ସତର୍କ କରାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୭।୧୦(ପି.ଟି.)

**ମନ୍ କୀ ବାତ୍**



ନରେନ୍ଦ୍ର ମୋଦି

'ଡିଜିଟାଲ ଆରେଷ୍ଟ' ନାଁରେ ସାଇବର ଅପରାଧୀମାନେ ନିରୀହ ଲୋକମାନଙ୍କୁ ଠକି ଚାଲିଥିବାରୁ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚିନ୍ତା ପ୍ରକଟ କରିବା ସହ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଏଭଳି ଫୋନ୍ କଲ୍ ଆସିଲେ, ଭୟଭୀତ ନ ହୋଇ ଭାବିବା ପରେ ପଦକ୍ଷେପ ନେବାକୁ ମନ୍ତ୍ର ଭାବେ ଗ୍ରହଣ କରିବାକୁ ହେବ। ଏହା ସେମାନଙ୍କୁ ସାଇବର ସୁରକ୍ଷା ଯୋଗାଇପାରିବ ବୋଲି ପ୍ରଧାନମନ୍ତ୍ରୀ ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ କହିଛନ୍ତି। ଡିଜିଟାଲ ଆରେଷ୍ଟ ଭଳି କୌଣସି ବ୍ୟବସ୍ଥା ଆଇନରେ ନାହିଁ। ଆଇନ ପ୍ରବର୍ତ୍ତନକାରୀମାନେ କାହାକୁ ଫୋନ୍ କିମ୍ବା ଅନ୍‌ଲାଇନରେ ପଚରାଉଚରା କରି ନ ଥାନ୍ତି। ଅପରାଧୀମାନେ ନିଜକୁ ପୋଲିସ, ସିବିଆଇ, ନାର୍କୋଟିକ୍ସ ଅଧିକାରୀ କହି ଫୋନ୍ କଲ୍ ଜରିଆରେ ସେମାନଙ୍କ ନାଁରେ ଗମ୍ଭୀର ମାମଲା ରୁଜୁ ହୋଇଥିବା କହି ଡିଜିଟାଲି ଗିରଫ କରାଗଲା ବୋଲି କହିଥାନ୍ତି। ଏହା ପରେ ମାମଲାକୁ ରଫାଦଫା କରିଦେବାକୁ କହି ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଟଙ୍କା ଝଡ଼ାଇଥାନ୍ତି। ଏଭଳି କଲ୍ ଆସିଲେ ଭୟଭୀତ ନ ହୋଇ ଉକ୍ତ ଫୋନ୍ କଲ୍‌କୁ ରେକର୍ଡ କରନ୍ତୁ ଓ ସ୍କ୍ରିନ୍‌ସଟ୍ ନିଅନ୍ତୁ। ତୁରନ୍ତ ଜାତୀୟ ସାଇବର ହେଲ୍ପଲାଇନ ୧୯୩୦କୁ ଡାଏଲ କରନ୍ତୁ ଏବଂ cybercrime.gov.inକୁ ଜଣାନ୍ତୁ ବୋଲି ମୋଦି କହିଛନ୍ତି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏଭଳି ଅପରାଧ ରୋକିବା ଦିଗରେ ରାଜ୍ୟ ସରକାରଙ୍କ ସହ କାର୍ଯ୍ୟ କରୁଥିଲେ ମଧ୍ୟ ଉକ୍ତ ଅପରାଧରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନତା ଜରୁରୀ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରିବା ପାଇଁ ଦେଶ ନିଷ୍ପତ୍ତି ନେଇଛି। ଅକ୍ଟୋବର ୩୧ରୁ ପଟେଲଙ୍କ ଜନ୍ମବାର୍ଷିକୀ ପାଳନ ଆରମ୍ଭ ହେବାକୁ ଥିବାବେଳେ ମୁଣ୍ଡାଙ୍କର ନଭେମ୍ବର ୧୫ରୁ ଆରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ବାତ୍ୟା ସମୟରେ ଇଆର୍‌ଏସ୍‌ଏସ୍‌କୁ ୩ ହଜାରୁ ଅଧିକ କଲ୍

ଭୁବନେଶ୍ୱର,୨୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ବାତ୍ୟାବେଳେ ଜରୁରିକାଳୀନ ସହାୟତା କେନ୍ଦ୍ର (ଇଆର୍‌ଏସ୍‌ଏସ୍)ର ଟିମ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ପ୍ରଭାବିତ ଜିଲ୍ଲାଗୁଡିକରେ ରାଜ୍ୟ ଜରୁରିକାଳୀନ ସେବା ସଞ୍ଚାଳନ କେନ୍ଦ୍ର ଦ୍ୱାରା ପରିଚାଳିତ ଯାନ ସହାୟତାରେ ପୋଲିସ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ଓ ପରେ ଲୋକଙ୍କୁ ଘରେ ପହଞ୍ଚାଇଥିଲା। ଗତ ୨୬ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ମୋଟ ୩୦୦୫ଟି ଫୋନ୍ କଲ୍ ଇଆର୍‌ଏସ୍‌ଏସ୍ କାର୍ଯ୍ୟାଳୟକୁ ଆସିଥିଲା। ସେଥିମଧ୍ୟରୁ ସର୍ବାଧିକ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରୁ ରହିଥିଲା। ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ଧାର ସହ ବିଭିନ୍ନ ଅଭିଯାନ ଜାରି ରହିଥିଲା।

# ଆଜି ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୭।୧୦(ସୁନିତ୍ ମିଶ୍ର):** ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସୋମବାର ସ୍ଥଗିତ ରଖାଯାଇଛି। ବାତ୍ୟାର ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେବାକୁ ଥିବା ଅଭିଯୋଗ ଶୁଣାଣି ବନ୍ଦ ରଖାଯାଇଥିବା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ଲାଗି ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଥିଲେ ସେମାନେ ପରବର୍ତ୍ତୀ ଅଭିଯୋଗ ଶୁଣାଣି ସମୟରେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି।






**ଆଜିର ମନ୍ତବ୍ୟ** "ଜିଲା କୋର୍ଟଗୁଡ଼ିକ ଭାରତୀୟ ନ୍ୟାୟ ବ୍ୟବସ୍ଥାର ମୂଳଦୁଆ। କୋଣସି କୋର୍ଟ 'ସବ୍‌ଅର୍ଡିନେଟ୍' ନୁହେଁ। 'ତଳ ଅଦାଲତ' ଶବ୍ଦକୁ ବଦଳାଯିବା ଉଚିତ। –**ଜଗଦୀପ ଧନକର, ଉପରାଷ୍ଟ୍ରପତି**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏଆଇପିଏଚ୍ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ, ସ୍ଥାନ: ରେଲ୍ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ପକ୍ଷରୁ ରାଷ୍ଟ୍ର ନିର୍ମାଣ ସମ୍ମାନ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ଅହିଂସା ଉତ୍ସବ–୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ନବମ ଦେବପ୍ରସାଦ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଆଞ୍ଚଳିକ ସ୍ତରୀୟ ରାଷ୍ଟ୍ରୀୟ ଏକତା ପର୍ବର ଉଦ୍‌ଘାଟନ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ–୧, ସିଡିଏ–୧, ସମୟ: ସକାଳ ୯ଟା।
- କଟକ ଉଠାଦୋକାନୀ ମହାସଂଘର ଆହ୍ୱାନକ୍ରମେ ଭେଣ୍ଡିଂ ଜୋନ୍ ମାଧ୍ୟମରେ ଥଇଥାନ ଦାବିରେ ଧାରଣା, ସ୍ଥାନ: କଟକ ରାଣୀହାଟ ଘଣ୍ଟା ଛକ ନିକଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ଇଚ୍ଛାମୟୀ ରାଉତରାୟଙ୍କ ଊନବିଂଶତମ ପୂଣ୍ୟତିଥି, ସ୍ଥାନ: ଇଚ୍ଛା–ତୀର୍ଥ ନିଳୟମ, ସିଡିଏ ସେକ୍ଟର–୯, ସମୟ: ପୂର୍ବାହ୍ନ ୧୧ଟା।
- ପୂଣ୍ୟାତ୍ମା ରାମକୃଷ୍ଣ ନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଶିଶୁକିଶୋର ପତ୍ରିକା ସଂସାରର ୬୯ତମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: କଣ୍ଟାପଡ଼ା ବ୍ଲକ ବାଇରୋଇ, ସମୟ: ଅପରାହ୍ନ ୪ଟା।

## ପୁରୀ

- ଜିଲାପାଳଙ୍କୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନିରଞ୍ଜନ ମିଶନ ପକ୍ଷରୁ ଅଖଣ୍ଡ ଶାନ୍ତି ଆଧ୍ୟାତ୍ମିକ ଜ୍ଞାନଯଜ୍ଞ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଓମ୍‌ଫେଡ୍ ଛକ, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ଭିଜିଲାନ୍ସ ଶପଥପାଠ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ଦିବ୍ୟାଙ୍ଗ ଜନକଲ୍ୟାଣ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ତାରିଣୀ ଏବଂ ବିଶ୍ୱ ତାରିଣୀ ମନ୍ଦିରରେ ଏକାଦଶୀ ପୂଜା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ଛେନାପଦୀ, ମରୈଗାଁ, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ରମା ଏକାଦଶୀ ପାଳନ, ପୂଜା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ବିପର୍ଯ୍ୟୟ ହ୍ରାସ ଦିବସ ପାଳନ ଅବସରରେ ମିନି ମାରାଥନ, ସ୍ଥାନ: ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ଶଙ୍କରପୁର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା ୩୦।

- ବିଡିଓଙ୍କ ବିଭିନ୍ନ ପଞ୍ଚାୟତ ପରିଦର୍ଶନ ଏବଂ ସମୀକ୍ଷା, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ଜିଲାପାଳଙ୍କ ଓସ୍ୱାନ ହଲ୍ କକ୍ଷ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉଦଳା ଉପଜିଲାପାଳଙ୍କ ସଭାଗୃହ,ସମୟ:ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି,ସ୍ଥାନ:ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ:ଅପରାହ୍ନ ୨ଟା।
- ଜଗଦ୍ଧାତ୍ରୀ ପୂଜା ପ୍ରସ୍ତୁତି ବୈଠକ,ସ୍ଥାନ:ଉଦଳା ବସ୍‌ଷ୍ଟାଣ୍ଡସ୍ଥିତ ବସ୍ ମାଲିକ ସଂଘ ଗୃହ,ସମୟ: ଅପରାହ୍ନ ୩ଟା।
- ଏମ୍‌ପିସି ଆଲୁମନି ଆସୋସିଏସନ ପ୍ରଯୋଜିତ ନାଟକ 'ତ୍ରୀଶଙ୍କୁ' ପରିବେଷଣ,ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଫୁଲବାଣୀ ପ୍ରେସ କ୍ଲବ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଗଜପତି

- ଦୁର୍ନିତୀ ନିବାରଣ ସପ୍ତାହ ଅବସରରେ ଏସ୍‌ଏଚଜି ସଭ୍ୟାମାନଙ୍କୁ ନେଇ ସଚେତନତା ରାଲି, ସ୍ଥାନ: ଟାଉନହଲ୍ ଠାରୁ ଆରମ୍ଭ,ସମୟ: ସକାଳ ୮ଟା।

## ଢେଙ୍କାନାଳ

- ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ–ଓଡ଼ାପଡ଼ା ବ୍ଲକ ପରିସର, ସମୟ–ପୂର୍ବାହ୍ନ ୧୦ଟା
- ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ଶପଥପାଠ, ସ୍ଥାନ–ଜିଲା କାର୍ଯ୍ୟାଳୟ, ସମୟ–ପୂର୍ବାହ୍ନ ୧୦ଟା।
- ବିଶ୍ୱ ଜାତିସଂଘ ଦିବସ, ସ୍ଥାନ–ହୋଟେଲ ଦେବକନ୍ୟା ସମ୍ମିଳନୀ କକ୍ଷ, ସମୟ–ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି, ସ୍ଥାନ: ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭଗବତ ସପ୍ତାହ ଉପଲକ୍ଷେ ଜ୍ଞାନଯଜ୍ଞ, ପାରାୟଣ ପ୍ରବଚନ, ସ୍ଥାନ: ଭଗବତ ପୀଠ, ମଧୁବନ, ପାରାଦୀପ, ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ସପ୍ତମ ଦିବସ ଦିପୁ କିଙ୍ଗସ୍ ବନାମ ରାଜା ସୁପର ଷ୍ଟାରିକର୍, ସ୍ଥାନ: କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଦୀପାବଳି ଉପଲକ୍ଷେ ମାଟି କାରିଗରୀଙ୍କ ସାମଗ୍ରୀ ବିକ୍ରି ପାଇଁ ଷ୍ଟଲ ଉଦ୍‌ଘାଟନ, ସ୍ଥାନ: ତହସିଲ ଛକ, ରାୟଗଡା, ସମୟ: ସକାଳ ୮ ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ, ସ୍ଥାନ: ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶପଥପାଠ କାର୍ଯ୍ୟକ୍ରମ, ସ୍ଥାନ: ସମସ୍ତ ସରକାରୀ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ

- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ମରିଚମାଳ ଗ୍ରାମ ପଞ୍ଚାୟତ , କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ।
- କୋରାପୁଟ ଜିଲା ବିଦ୍ୟାଳୟସ୍ତରୀୟ ଖେଳକୁଦ, ଦୌଡ଼ ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ୧୦ଟା।
- ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ, ସ୍ଥାନ : ଓସ୍ୱାନ ହଲ, କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା।
- ଜିଲା ଲେମନ ଗ୍ରାସ୍ କମିଟି ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ , ସମୟ : ଅପରାହ୍ନ ୪ ଟା।
- ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ଅପରାହ୍ନ ୫ ଟା।

## ସମ୍ବଲପୁର

- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାୱା ମଇଦାନ, ସମୟ : ସକାଳ ୬ଟା।
- ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପ୍ରତିଷ୍ଠା ଦିବସ, ସ୍ଥାନ:ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ସିଏସବି ଜିଲା ସ୍କୁଲ ବନାମ ସେଭେନ ହିଲ୍ସ ପବ୍ଲିକ ସ୍କୁଲ, ସ୍ଥାନ : ସିଂହପାଲି କାଇଁଶିର ଖେଳ ପଡିଆ, ସମୟ : ଅପରାହ୍ନ ୨ଟା।
- ଚିପିଲିମା ସରକାରୀ ଉଚ୍ଚ ବିଦ୍ୟାଳୟ ବନାମ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ବିଦ୍ୟାଳୟ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ : ସିଂହପାଲି କାଇଁଶିର ଖେଳ ପଡିଆ, ସମୟ : ଅପରାହ୍ନ ୪ଟା।
- କେନ୍ଦ୍ରୀୟ ସଞ୍ଚାର ନିଗମ ପକ୍ଷରୁ ପଦଯାତ୍ରା, ସ୍ଥାନ : ସିଏସବି ଜିଲା ସ୍କୁଲ, ସମୟ : ଅପରାହ୍ନ ୪ଟା।
- ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଆୟୋଜିତ ଶ୍ରୀମଦ୍ ଭାଗବତ କଥାମୃତ, ସ୍ଥାନ : ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୩୦।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ର ପ୍ରଦର୍ଶନୀ, ସ୍ଥାନ : ସିଏସ୍‌ବି ଜିଲା ସ୍କୁଲ ସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।
- ସମ୍ବଲପୁରୀ ଧନୁଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା୩୦।

## ବଲାଙ୍ଗୀର

- ବଲାଙ୍ଗୀର ଦିନ୍ ଉପଲକ୍ଷେ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର,ସମୟ: ସକାଳ ୯ଟା।
- ସାଧାରଣ ଜ୍ଞାନ ପ୍ରତିଯୋଗିତା, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର,ସମୟ: ସକାଳ ୯ଟା।
- ଲୋଇସିଂହାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା ୩୦ମିନିଟ।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସମଲେଶ୍ୱରୀ ଦୁଗ୍ଧ ସଂଘ ତରଫରୁ ଦୁଗ୍ଧ ଚାଷୀମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭଣ୍ଡାର ଦୁଗ୍ଧ ଉତ୍ପାଦକ ସମବାୟ ସମିତି କେନ୍ଦ୍ର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମା ' ପୂର୍ଣ୍ଣମାସୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ:ଦୁଙ୍ଗୁଖମନ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଶପଥପାଠ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ଅଫିସ୍ ଓସୱାନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଗ୍ରାମସଭା, ସ୍ଥାନ: ଲେଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ବରପାଲି, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ:କୋଇଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ସକାଳ ୧୦ଟା।

## ରାଉରକେଲା

- ୧୮ ଦଫା ଦାବିରେ ବିଶାଳ ଧର୍ମଘଟ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୬ଟା।
- ଏନ୍‌ଆଇଟି ପ୍ରାକ୍ତନ ଛାତ୍ରଙ୍କ ଦ୍ୱାରା ମିଲେଟ୍ ଡ୍ରିଙ୍କ ଆରମ୍ଭ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସନ୍ଧ୍ୟା ୬ଟା ୩୦।
- ଭିଜିଲାନ୍ସ ଆୱାରନେସ୍ ସପ୍ତାହ, ସ୍ଥାନ: ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟ, ପାନପୋଷ ହକି ଛକ, ସମୟ: ସକାଳ ୭ଟା।
- ନୃତ୍ୟ ସମର୍ପଣ ସମାରୋହ, ସ୍ଥାନ: ସିଭିକ୍ ସେଣ୍ଟର ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସମୂହ ଶପଥ ପାଠ, ସ୍ଥାନ: ସମସ୍ତ ସରକାରୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ବମ୍ପରଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରୋଲ ପ୍ଲେ, କ୍ଷୁଦ୍ର ନାଟକ ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ, ସ୍ଥାନ: ଜିଲା ପରିଷଦ ସଭାଗୃହ,ଦେବଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସାଧାରଣ ସଭା, ସ୍ଥାନ: ଜିଲା ପରିଷଦ ସଭାଗୃହ ଦେବଗଡ, ସମୟ: ଅପରାହ୍ନ ୪ଟା।
- କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ, ସ୍ଥାନ: ଜିଲା ପରିଷଦ ସଭାଗୃହ, ଦେବଗଡ, ସମୟ: ଅପରାହ୍ନ ୪ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ ସମାରୋହ, ସ୍ଥାନ: ଜୁନାଗଡ଼ ଏନ୍‌ଏସି, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ସିଡିଏମ୍‌ଓ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୩୦।
- ଏକାଦଶୀ ଉପଲକ୍ଷେ ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସିନାପାଲି, ସମୟ: ପୂର୍ବାହ୍ନ ୧୦ ଟା।
- ଖଡ଼ିଆଳ ଫୁଟବଲ ମହାକୁମ୍ଭ ନବମ ଦିବସ, ସ୍ଥାନ: ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ମହାଲିକପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା , ସମୟ: ପୂର୍ବାହ୍ନ ୧୦ଟା।
- ହରଭଙ୍ଗା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଚାରିଛକ, ହରଭଙ୍ଗା, ସମୟ : ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଆକସ୍ମିକ ଭାବରେ କୌଣସି ସମସ୍ୟା ଭିତରେ ଛନ୍ଦି ହୋଇଯିବାକୁ ପଡ଼ିପାରେ। ପୂର୍ବ କଳହକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଆବଶ୍ୟକତା ପୂରଣ ପାଇଁ ଆପଣ ଧାରକରଜ କରି କାମ ଚଳାଇ ନେବେ। ବ୍ୟବସାୟ, ଶିଳ୍ପ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ବୃଷ** ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଅନୁଭବ କରିବେ। ଆତ୍ମୀୟଙ୍କ ମାଧ୍ୟମରେ ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଅସୁବିଧା ଦୂର ହେବ। ଆବଶ୍ୟକତା ପୂରଣ ସକାଶେ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କର୍ମକ୍ଷେତ୍ରରେ ଦକ୍ଷତା ଓ ସମୟାନୁବର୍ତ୍ତିତା ସକାଶେ ଉପରିସ୍ଥଙ୍କ ଦ୍ୱାରା ପ୍ରଶଂସିତ ହେବେ।

**ମିଥୁନ** କର୍ମକ୍ଷେତ୍ରରେ ଭୁଲ୍‌ବଶତଃ ସ୍ଥଗିତ କାମ ପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ସମାଧାନ ହୋଇପାରେ। ମନ ଅସ୍ଥିର ରହିବା କାରଣରୁ କାମଗୁଡିକ ସମ୍ପୂର୍ଣ୍ଣ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** ଯେତେ ଭଲ କାମ କଲେ ମଧ୍ୟ ଅଶ୍ଳେଷା ନିଜ ଲୋକଙ୍କ ଦ୍ୱାରା ସମାଲୋଚନାର ପାତ୍ର ହେବେ। ପାରିବାରିକ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ପଡିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବ୍ୟବସାୟ, ବାଣିଜ୍ୟ, ଆଲୋଚନା ଏବଂ ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ।

**ସିଂହ** ନିଜର ଲକ୍ଷ୍ୟ ହାସଲ ପରିପ୍ରେକ୍ଷୀରେ ମିଠା କଥା କହି ପରକୁ ଆପଣାର କରିପାରିବେ। ମଘା ନକ୍ଷତ୍ରର କର୍ମକ୍ଷେତ୍ରରେ ଚାପଗ୍ରସ୍ତ କାରଣରୁ ବାକିଆ କାମ ପାଇଁ ଚିନ୍ତା ବଢ଼ିଯିବ। ଅଭାବ ଓ ଅସୁବିଧା ପ୍ରଭୃତିରେ ମନର ଆବେଗିକ କଥାକୁ ସହକର୍ମୀଟି ବୁଝିପାରିବ ନାହିଁ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତ ରହିପାରନ୍ତି।

**କନ୍ୟା** ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ପରିସ୍ଥିତିବଶତଃ କଠିନ ପରିଶ୍ରମ ହେତୁକ ଅବସାଦ ଦେଖାଦେବ। ବ୍ୟବସାୟିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ପ୍ରତ୍ୟେକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହୋଇପାରନ୍ତି।

**ତୁଳା** ରାଜଯୋଗ କାରକ ଶନିଙ୍କ ଯୋଗୁ ପାରସ୍ପରିକ ବୁଝାମଣା ହେତୁ ପରିବାରରେ ସୁଖ ଶାନ୍ତି ରାଜୁତି କରିବ। ବ୍ୟବସାୟରେ ସଫଳତା ହାସଲ କରିବେ, କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ବ୍ୟଥିତ ହେବେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବ। କଳା, ସାହିତ୍ୟ, ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ବିଛା** ଭାଗ୍ୟାଧିପତିଙ୍କ ଦୁର୍ବଳତାଜନିତ ଆଶା ଓ ନିରାଶାର ଦୋଛକିରେ ରହି ମତ ବଦଳାଇବାକୁ ବାଧ୍ୟ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତାଦିରେ ସୁନାମ ଅର୍ଜନ କରିବେ। ଯାନବାହନରେ ଯିବା ସମୟରେ ସତର୍କତା ରକ୍ଷା ନ କଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ** ଷଷ୍ଠାଧିପତି ରାଶିରେ ଥିବାରୁ ପୂର୍ବ ରାଗ ଶୁଝାଇବାକୁ ନିଜ ଲୋକ ପାଖମାଡ଼ିବ ନାହିଁ। ପାରିବାରିକ ସମସ୍ୟା ହେତୁ ମନୋବଳ ହ୍ରାସ ପାଇପାରେ। ଉତ୍ତରାଷାଢ଼ା ନକ୍ଷତ୍ର କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପଡ଼ୋଶୀଙ୍କ ସହାୟତାରେ ପାଇବାକୁ ଥିବା ବକେୟା ଅର୍ଥ ଆଦାୟ କରିପାରନ୍ତି।

**ମକର** ଶୁଭାକାଂକ୍ଷୀଙ୍କ ପରାମର୍ଶରେ ଆଜି ଅଟକି ରହିଥିବା କାର୍ଯ୍ୟ ଆରମ୍ଭ ପାଇଁ ସ୍ଥିର କରିବେ। ଧନିଷ୍ଠା ନକ୍ଷତ୍ରର ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳି ଯାଇପାରେ। ବନ୍ଧୁମାନେ ଠିକ୍ ଖବର ନ ଦେବାରୁ ସମସ୍ୟା ସୃଷ୍ଟି ହୋଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ଯେତେ ଉପାୟ ଅବଲମ୍ବନ କଲେ ମଧ୍ୟ ସୁବିଧାରେ କାମ ହାସଲ କଷ୍ଟକର ହୋଇପଡ଼ିବ। କିନ୍ତୁ ଶ୍ରବଣା ନକ୍ଷତ୍ରକୁ ନିଜର ପାଖ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ ସହ ଆଜିର ଯାତ୍ରା ଓ ଭ୍ରମଣ ପ୍ରୀତିପ୍ରଦ ରହିବ। ଆଜି ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଅବଶ୍ୟ ନିଜ ପରିବାରରେ ବୁଝାମଣା ଠିକ୍ ରହିବ।

**ମୀନ** ପରିସ୍ଥିତିକୁ ଦେଖିଚାହିଁ କାମ ନ କଲେ ଜଟିଳ ପରିସ୍ଥିତି ଉପୁଜିପାରେ। ଉତ୍ତରାଭାଦ୍ର ନକ୍ଷତ୍ରର ଔଷଧ ସେବନରେ ଅବହେଳା ହେତୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ପାଖପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ସନ୍ଦେହ ଓ ଭୁଲ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

ଆଜି ଅକ୍ଟୋବର ୨୮ ତାରିଖ, କାର୍ତ୍ତିକ କୃଷ୍ଣପକ୍ଷ ଗୋବତ୍ସା ଦ୍ୱାଦଶୀ ସୋମବାର, ସ୍ମାର୍ତ୍ତ ସମ୍ମତ ରମା/ଶମ୍ଭୁ ଏକାଦଶୀ ଏବଂ ବୈଷ୍ଣବ ସମ୍ମତ ଉନ୍ମିଳିନୀ ଏକାଦଶୀ ଉପବାସ, ରାଶି ନକ୍ଷତ୍ର–ପୂର୍ବାଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୫।୪୯ ଗତେ, ଘ.୦୭।୧୪ ମଧ୍ୟେ, ଘ.୦୮।୫୧ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୧୪ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ରାସ୍ତା ଖରାପରୁ...

ପରାମର୍ଶ ଦେଇଥିଲେ। ହେଲେ ଆମ୍ବୁଲାନ୍ସ ସୁବିଧା ନ ମିଳିବାରୁ ମମତାଙ୍କୁ ବାପଘର ଲୋକେ ତାଙ୍କ ନିଜ ଗ୍ରାମ ବଡ଼ ନିଲଡ଼ାକୁ ନେଇଯାଇଥିଲେ। ଶୁକ୍ରବାର ପୁଣି ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ମମତାଙ୍କୁ ମୋହନା ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମମତାଙ୍କ ମୃତ୍ୟୁ ଘଟିଥିଲା। ରବିବାର ମୃତଦେହକୁ ଗାଁକୁ ନେବା ପାଇଁ ବ୍ୟବସ୍ଥା କରାଗଲା। ଅଡ଼ବା ଆର୍‌ଡି ମୁଖ୍ୟ ରାସ୍ତାଠାରୁ ୨ କି.ମି. ରାସ୍ତା ନ ଥିବାରୁ ଗ୍ରାମବାସୀ ଭାରକରି ମୃତଦେହକୁ ଗାଁକୁ ନେଇଥିଲେ। ଏସମ୍ପର୍କରେ ମୋହନା ବିଡିଓ ରାଜୀବ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରି ମୃତାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଦିଆଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ରେଡକ୍ରସ ଓ ଅନ୍ୟାନ୍ୟ ସହାୟତା ଯାହା ମିଳିବ ଅତିଶୀଘ୍ର ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ରାସ୍ତା ପାଇଁ ଗ୍ରାମବାସୀ ପୂର୍ବରୁ ବହୁବାର ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏପରିକି, ଗତ ସାଧାରଣ ନିର୍ବାଚନରେ ଗ୍ରାମବାସୀ ରାସ୍ତା ପାଇଁ ଭୋଟ ବର୍ଜନ ମଧ୍ୟ କରିଥିଲେ। ମୋହନା ବିଡିଓ ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିର୍ବାଚନ ସରି ନୂଆ ସରକାର ଆସିଥିଲେ ମଧ୍ୟ ରାସ୍ତା ସମସ୍ୟା ସମାଧାନ ହୋଇପାରିନି। ଏନେଇ ମୋହନା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମା ଶଙ୍କର ମଲ୍ଲିକ କହିଛନ୍ତି, ନିର୍ଲଜ୍ଞୀକିଆ ଗ୍ରାମ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ନାହିଁ। ଏହା ବ୍ଲକ ଦାୟିତ୍ୱରେ ରହିଥିବା ସେ କହିଛନ୍ତି।

## ୨ କି.ମି. ଖଟିଆରେ ...

କୃପାସିନ୍ଧୁ ହରିଜନ, ଭବାନୀଶଙ୍କର ଶବର ଓ ପରିବାର ଲୋକେ ଖଟିଆରେ ବୋହି ଆଣିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ନେଇ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷାରୁ ଜଣାପଡିଲା ଯେ, ବୁଟଲିଙ୍କ ରକ୍ତଚାପ ବେଶି ବଢିଯାଇଛି। ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାରୁ ପରାମର୍ଶ ଦିଆଯାଇଥିଲା।

## ଇସ୍ରାଏଲରେ ଟ୍ରକ୍ ...

ଟ୍ରକ୍ ମାଡ଼ିଯାଇଥିଲା। ଟ୍ରକ୍ ମଡ଼ାଇବାର ଉଦ୍ଦେଶ୍ୟ ସମ୍ପର୍କରେ ପୋଲିସ ତଦନ୍ତ କରୁଛି। ଅକ୍ଟୋବର ୧ରେ ଇରାନ ଇସ୍ରାଏଲ୍ ଉପରେ ୧୮୦ରୁ ଊର୍ଦ୍ଧ୍ୱ ରକେଟ ମାଡ଼ କରିଥିଲା। ଏହାର ଜବାବରେ ଶୁକ୍ରବାର ରାତିରେ ଇସ୍ରାଏଲୀ ସେନା ଇରାନର ସାମରିକ ଘାଟି ଓ ମିଶାଇଲ ଉତ୍ପାଦନ କେନ୍ଦ୍ରକୁ ଟାର୍ଗେଟ କରି ଆକ୍ରମଣ କରିଥିଲା। ଏହାର ଦିନକ ପରେ କେନ୍ଦ୍ରୀୟ ଇସ୍ରାଏଲ୍‌ରେ ହଠାତ୍ ଏକ ଟ୍ରକ୍ ବସ୍‌ଷ୍ଟାଣ୍ଡ ଭିତରକୁ ମାଡ଼ିଯିବା ପଛରେ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ହମାସ୍ ଏବଂ ଇସ୍‌ଲାମିକ୍ ଜିହାଦ ଆତଙ୍କବାଦୀ ଗୋଷ୍ଠୀ ଏହି ଆକ୍ରମଣକୁ ପ୍ରଶଂସା କରିଥିବାବେଳେ ଏଥିପାଇଁ ନିଜକୁ ଦାୟୀ କରିନାହାନ୍ତି। ଗାଜା ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଇସ୍ରାଏଲ୍‌ରେ ଉତ୍ତେଜନା ଲାଗିରହିଛି। ୱେଷ୍ଟ ବ୍ୟାଙ୍କ୍‌ର ଏକ ଚେକ୍‌ପୋଷ୍ଟ ନିକଟରେ ଅନୁରୂପ ଏକ ଆକ୍ରମଣ ହୋଇଛି। ଜଣେ ସନ୍ଦିଗ୍ଧ ସୈନ୍ୟମାନଙ୍କ ଉପରେ ଗାଡ଼ି ମଡ଼ାଇଦେବାକୁ ଉଦ୍ୟମ କରିଥିଲେ। ପରେ ସେ ସେମାନଙ୍କୁ ଛୁରି ଭୁସିବାକୁ ଉଦ୍ୟମ କଲାବେଳେ ସୈନ୍ୟଙ୍କ ଗୁଳିରେ ନିହତ ହୋଇଥିଲେ।

# ୪ ଜିଲା ସ୍ଥିତିର ସମୀକ୍ଷା କଲେ ମନ୍ତ୍ରୀ




**ଭୁବନେଶ୍ୱର, ୨୭।୧୦(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଆକାଶମାର୍ଗରୁ ବୁଲି ଦେଖିବା ପରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ ଓ ମୟୂରଭଞ୍ଜ ଜିଲାରେ ଚାଲିଥିବା ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଏସ୍‌ଆରସି ଦେଓ ରଞ୍ଜନ କୁମାର ସିଂଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ। କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାରୁ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ସଦ୍ୟତମ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ରାଜସ୍ୱ ଜିଲାୱାରୀ ବାତ୍ୟା ପରବର୍ତ୍ତୀ ବିଦ୍ୟୁତ୍ ପୁନଃ ସଂଯୋଗୀକରଣ, ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ବ୍ୟବସ୍ଥା, ଲୋକମାନଙ୍କ ଅବସ୍ଥା ଓ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଛନ୍ତି। ବାତ୍ୟା ପ୍ରଭାବରେ ମୟୂରଭଞ୍ଜ ଜିଲାରେ ଲଗାଣ ବର୍ଷା ଯୋଗୁ ବୁଢ଼ାବଳଙ୍ଗ ଓ ସୋନ ନଦୀରେ ଅଧିକ ଜଳପ୍ରବାହିତ ହେବା ଯୋଗୁ ତଳିଆ ଅଳଞ୍ଚରେ ପାଣି ପଶିବା ହେତୁ ଲୋକେ ପ୍ରଭାବିତ ହୋଇଛନ୍ତି। ରବିବାର ରାତିରୁ ନଦୀଗୁଡିକରେ କ୍ରମାଗତ ଭାବେ ଜଳସ୍ତର କମିବା ଫଳରେ ସ୍ଥିତିରେ ସୁଧାର ଆସିଛି। କେତେଗୁଡିଏ ଜିଲାରେ ଚାଷଜମିରେ ନଇଁପଡିଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକର ପୁନଃସଂସ୍ଥାପନ କାର୍ଯ୍ୟ ଜାରି ରହିଛି। ଭଦ୍ରକ ଜିଲାରେ ୨୧୮ଟି ବିଦ୍ୟୁତ୍ ଖୁଣ୍ଟ ପ୍ରଭାବିତ ହୋଇଥିବା ବେଳେ ସେଥିମଧ୍ୟରୁ ୧୯୧ଟି ପୁନଃବ୍ୟବସ୍ଥିତ ହୋଇସାରିଛି। ଓଡ୍ରାଫ ଏବଂ ଅଗ୍ନିଶମ ସେବା କର୍ମଚାରୀମାନେ ଅନ୍ୟ କେତେକ ସ୍ଥାନରେ ଗଛଡାଳ କାଟି ଅପସାରଣ ଓ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆସନ୍ତା ୨ ତାରିଖ ସୁଦ୍ଧା ବିଭିନ୍ନ ଜିଲାରେ ହୋଇଥିବା ଫସଲ କ୍ଷତି ଏବଂ ବାତ୍ୟା କ୍ଷୟକ୍ଷତି ବିବରଣୀ ଏସ୍‌ଆରସିଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟାର ସଫଳ ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରାକ ପ୍ରସ୍ତୁତି ଓ ପୁନରୁଦ୍ଧାର କାର୍ଯ୍ୟରେ ରାଜ୍ୟସ୍ତରୀୟ ବିଭିନ୍ନ ବିଭାଗର ସଚିବ ଏବଂ ଅଧିକାରୀଙ୍କଠାରୁ ଆରମ୍ଭକରି ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ସହାୟତା କରିବା ପାଇଁ ଜିଲାକୁ ଯାଇଥିବା ଅଭିଜ୍ଞ ଆଇଏଏସ୍ ଅଧିକାରୀ, ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଆରକ୍ଷୀ ଅଧୀକ୍ଷକ, କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଜସ୍ୱ ମନ୍ତ୍ରୀ ପ୍ରଶଂସା କରିଛନ୍ତି। ଆସନ୍ତା ୨୯ରେ ଓସ୍‌ଡମା ତରଫରୁ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯିବାକୁ ଥିବାବେଳେ ଏଥିରେ ୧୯୯୯ ମହାବାତ୍ୟା ସମୟର ଦୁଃଖଦ ସ୍ମୃତିଠାରୁ ଆରମ୍ଭ କରି ଏହା ମଧ୍ୟରେ ବିଭିନ୍ନ ବର୍ଷରେ ଓଡ଼ିଶା ସମ୍ମୁଖୀନ ହୋଇଥିବା ବିଭିନ୍ନ ବାତ୍ୟା ଏବଂ ଘଟିଯାଇଥିବା ବାତ୍ୟାର ସଫଳ ମୁକାବିଲା ପର୍ଯ୍ୟନ୍ତ ଅନୁଭୂତି ଆଲୋଚନା ହେବ। ଆଗାମୀ ଦିନରେ ଆମର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ମନ୍ତ୍ରୀ ପୂଜାରୀ ମତଦେବା ସହ ବିଭିନ୍ନ ପରାମର୍ଶ ଦେଇଛନ୍ତି।

# ଶିମିଳିପାଳରେ ମହାରାଷ୍ଟ୍ର ମହାବଳ ବାଘୁଣୀ

**ବାରିପଦା, ୨୭।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ମହାରାଷ୍ଟ୍ରରୁ ଏକ ମହାବଳ ବାଘୁଣୀ ଆସିଛି। ସ୍ୱତନ୍ତ୍ର ଟିମ୍ ଓ ଗାଡ଼ି ଯୋଗେ ଏହି ବାଘୁଣୀଟି ଶିମିଳିପାଳରେ ପହଞ୍ଚିଥିବା ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ଦେଶରେ ବାଘସଂଖ୍ୟା ବୃଦ୍ଧି ପାଇଁ ଶିମିଳିପାଳ ଅଭୟାରଣ୍ୟ ପ୍ରକୃଷ୍ଟ ସ୍ଥାନ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ ସଂସ୍ଥା (ଏନ୍‌ଟିସିଏ) ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। ଏହିଲକ୍ଷ୍ୟରେ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଅଢ଼େଇ ବର୍ଷର ବାଘୁଣୀକୁ ଅଣାଯାଇଛି। ରବିବାର ରାତିରେ ବାଘୁଣୀକୁ ଶିମିଳିପାଳ ଅଭୟାରଣ୍ୟର ଏକ ରେଞ୍ଜରେ ରଖାଯିବ। ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ପରେ କୋର୍ ଏରିଆରେ ଛଡ଼ାଯିବ। ବାଘୁଣୀ ଦେହରେ ରେଡିଓ କଲର ଲଗାଯାଇଥିବା ବେଳେ ତାର ଗତିବିଧି ଟ୍ରାକିଂ କରାଯିବ ବୋଲି ସୂଚନା ମିଳିଛି। ବାଘୁଣୀକୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ତାଲିମ ଗ୍ରହଣ କରିଥିଲା। ଏକ ସପ୍ତାହ ପୂର୍ବରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଶିମିଳିପାଳରେ ମହାବଳ




ମହାରାଷ୍ଟ୍ରରୁ ମହାବଳ ବାଘୁଣୀକୁ ନେଇ ଆସିଥିବା ସ୍ୱତନ୍ତ୍ର ଗାଡ଼ି।

ବାଘଙ୍କ ରଙ୍ଗ ପରିବର୍ତ୍ତନକୁ ନେଇ ବେଙ୍ଗାଲୁରୁର ନ୍ୟାଶନାଲ ସେଣ୍ଟର ଫର ବାୟୋଲୋଜିକାଲ ସାଇନ୍ସ ବିଭାଗର ଏକ ବିଶେଷଜ୍ଞ ଦଳ ଆସି ପରୀକ୍ଷାନିରୀକ୍ଷା କରିଥିଲେ। ଗୋଟିଏ ଅଣ୍ଡିରା ବାଘରୁ ବଂଶ ବୃଦ୍ଧି ଯୋଗୁ ଏପରି ହୋଇଥାଇପାରେ ବୋଲି ବିଭାଗ ଅନୁମାନ କରିଛି। ତେଣୁ ଅନ୍ୟ ସ୍ଥାନରୁ ମାଇବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକ୍‌ରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିପାରିବ ବୋଲି ବିଭାଗ ଲକ୍ଷ୍ୟ ରଖିଛି। ଏହି ଦୃଷ୍ଟିରୁ ଶିମିଳିପାଳକୁ ଦୁଇ ମହାବଳ ବାଘ ଆସିବା ନେଇ ୨୦୨୪ ଜୁଲାଇ ୨୮ରେ ଏନ୍‌ଟିସିଏ ପକ୍ଷରୁ ଅନୁମତି ମିଳିଥିଲା। ଏହାକୁ ନେଇ ମିଶନ ଆରମ୍ଭ କରାଯାଇ ତଡ଼ବା ଜଙ୍ଗଲରୁ ଗୋଟିଏ ମହାବଳ ବାଘୁଣୀ ଶିମିଳିପାଳ ଅଭୟାରଣ୍ୟରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ୨୦୨୩ରେ ପ୍ରକାଶିତ ବାଘଗଣନା ରିପୋର୍ଟ ଅନୁଯାୟୀ, ଓଡ଼ିଶାର କେବଳ ଶିମିଳିପାଳ ଅଭୟାରଣ୍ୟରେ ୨୭ଟି ପ୍ରାପ୍ତ ବୟସ୍କ ମହାବଳ ବାଘ ରହିଥିବା ବେଳେ ୮ଟି ବାଘଛୁଆ ରହିଛନ୍ତି। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁନଃ ଗଣନା ପ୍ରକ୍ରିୟା ଆରମ୍ଭ କରାଯାଇ ଟ୍ରାପ୍ କ୍ୟାମେରା ସାହାଯ୍ୟରେ ୧୨ଟି ବାଘଛୁଆ ରହିଥିବା ନେଇ ଜଣାପଡ଼ିଥିଲା। ଶିମିଳିପାଳରେ ଅଦ୍ୟାବଧି ମୋଟ ୩୯ଟି ମହାବଳ ବାଘ ରହିଥିବା ବେଳେ ଅଧିକ ସଂଖ୍ୟକ ମିଲେନାଷ୍ଟିକ ପ୍ରଜାତିର ବାଘ ରହିଥିବା ନେଇ ବିଭାଗ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଅନ୍ୟ ରାଜ୍ୟରୁ ମହାବଳ ବାଘ ଆଣି ଶିମିଳିପାଳ ଅଭୟାରଣ୍ୟରେ ରଖିବା ଦ୍ୱାରା ଶିମିଳିପାଳ ବାଘ ଓ ଅନ୍ୟ ଜୀବଜନ୍ତୁଙ୍କ ଉପରେ କ'ଣ ପ୍ରଭାବ ପକାଇବ ସେନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟଙ୍କ ସମେତ ପ୍ରାଣୀପ୍ରେମୀମାନେ ଚିନ୍ତାପ୍ରକଟ କରିଛନ୍ତି। ଶିମିଳିପାଳରେ ବାଘସଂଖ୍ୟା ସହ ବାଘର ଜେନେଟିକ୍ ଡାଇଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଣାଯାଉଥିବା ଦୁଇ ବାଘୁଣୀ ସହାୟ ହେବେ ବୋଲି ବନ ବିଭାଗ ଆଶା ରଖିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶାରେ ପ୍ରଥମ କରି ଅନ୍ୟ ରାଜ୍ୟରୁ ବାଘ ଆଣି ବଂଶ ବୃଦ୍ଧି କରାଇବାର ଯୋଜନା ଫେଲ ମାରିଥିବା ବେଳେ ଏବେ ପୁଣିଥରେ ଏହି ଯୋଜନାରେ ଓଡ଼ିଶାରେ ଏବଂ ବିଶେଷ କରି ଶିମିଳିପାଳରେ ଏହାର ପ୍ରଭାବ କ'ଣ ରହିବ ତାହା ଉପରେ ଜିଲାବାସୀ ନଜର ରଖିଛନ୍ତି। ତେବେ ବନ ବିଭାଗର ଏହି ଯୋଜନା ସଫଳ ହୋଇପାରିଲେ ବାଘ ବଂଶ ବୃଦ୍ଧି ହେବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି।



ଚିଲିକା ନଳବଣ ନିକଟରେ ଖାଦ୍ୟ ସଂଗ୍ରହ କରୁଥିବା କେତେକ ବିଦେଶାଗତ ପକ୍ଷୀ।

# ବିଦେଶାଗତ ପକ୍ଷୀଙ୍କ କଳରବରେ ଚିଲିକା ତଟଦେଶ ମୁଖରିତ

**କୃଷ୍ଣପ୍ରସାଦ, ୨୭।୧୦ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଶୀତଋତୁ ଆସିଲେ ଚଳଚଞ୍ଚଳ ହୋଇଉଠେ ଚିଲିକାର ପରିବେଶ। ରଙ୍ଗବେରଙ୍ଗର ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ହୁଏ ଚିଲିକା ଓ ଏହାର ଉପକୂଳବର୍ତ୍ତୀ ଅଞ୍ଚଳ। ଏହି ବିଦେଶାଗତ ପକ୍ଷୀ ଓ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଏଠାକୁ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟେ। ତେବେ ପ୍ରାକୃତିକ ବୈଷମ୍ୟତା ଯୋଗୁ ଚଳିତ ଅକ୍ଟୋବର ମାସରେ ଲଘୁଚାପଜନିତ ବର୍ଷା ବିଦେଶାଗତ ପକ୍ଷୀଙ୍କ ଆଗମନରେ ବାଧା ସୃଷ୍ଟି କରିଥିଲା। ସମ୍ପ୍ରତି ଧୀରେ ଧୀରେ ଶୀତର ପ୍ରକୋପ ଅନୁଭୂତ ହେଉଥିବାରୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ରଙ୍ଗବେରଙ୍ଗ ପକ୍ଷୀଙ୍କ କଳରବରେ ଚିଲିକାର ତଟଦେଶ ପାରିକୁଦ, ନୂଆପଡ଼ା, ଗୁରୁବାଇ, ସିପିଆ, ତିଛିଣି, ସାତପଡ଼ା, ସୋଲାକୁଦି, ପଣ୍ଡା, ଟିଖିଲି, ଚିତ୍ରକୋଟ, ବନମାଳ, ଖଟିଆକୁଦି ଆଦି ଅଞ୍ଚଳ ମୁଖରିତ ହୋଇଉଠିଛି। ବିଶେଷକରି ଏହି ଅଞ୍ଚଳଗୁଡ଼ିକରେ ଗଡ଼ୱାଲ, ଶୋଭଲର, ପିଣ୍ଟାଲ, ଗଡ଼ଉଇଟ, ସ୍ୟାଣ୍ଡ ପାଇପର, ପେଲିକାନ ଆଦି ପ୍ରଜାତିର ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳୁଛି।

ବିଗତ ବର୍ଷଗୁଡ଼ିକ ଭଳି ଚଳିତବର୍ଷ ମଧ୍ୟ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ ତରଫରୁ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଚିଲିକା ନୂଆପଡ଼ା ରେଞ୍ଜ ଅଫିସ୍ ତରଫରୁ ଗୁରୁବାଇ ଓ ସିପିଆଠାରେ ଦୁଇଟି ପକ୍ଷୀ ଶିବିର କରାଯାଇଥିବାବେଳେ ବନପାଳ ରଶ୍ମିରଞ୍ଜନ ନାୟକ, ବନପାଳ ବିଶ୍ୱନାଥ ଗୁଡ୍ଡୁ, ବନରକ୍ଷୀ ଲକ୍ଷ୍ମଣ ବେହେରା, ଅରୁନ୍ଧତି ପୋତା ଏବଂ ୫ଜଣ ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି। ସେହିଭଳି ପାରିକୁଦ ପକ୍ଷୀ ସୁରକ୍ଷା ଶିବିରରେ ଫରେଷ୍ଟର ଜିତେନ୍ଦ୍ରିୟ ଜେନାଙ୍କ ସମେତ ବନରକ୍ଷୀ ତ୍ରିଲୋଚନ ମହାରଣା ଓ ୬ଜଣ ସୁରକ୍ଷାକର୍ମୀ ନିୟୋଜିତ ଥିବା ଜଣାପଡ଼ିଛି। ବାଲୁଗାଁ ରେଞ୍ଜର ରଶ୍ମିତା ଜେନା ଏବଂ ଚିଲିକା-ନୂଆପଡ଼ା ରେଞ୍ଜର କାଶୀନାଥ ହେମ୍ବ୍ରମ୍ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି। ସାତପଡ଼ା ରେଞ୍ଜ୍ ତରଫରୁ ଗମ୍ଭାରୀ ଓ ବଡ଼ଗୋଠରେ ଦୁଇଟି ପକ୍ଷୀ ସୁରକ୍ଷା ଶିବିର କରାଯାଇଛି। ଆବଶ୍ୟକ ସଂଖ୍ୟକ ସୁରକ୍ଷାକର୍ମୀ ସେଠାରେ ମୁତୟନ କରାଯାଇଥିବାବେଳେ ରେଞ୍ଜର ଶରତ ଜାନୀ ଓ ବନପାଳ ସୁଜିତ କୁମାର ବେହେରା, ଦୁର୍ଗାଚରଣ ଗୁଡ୍ଡୁ, ରଜନୀକାନ୍ତ ଲେଙ୍କା, ଅନିଲ ଲେଙ୍କା ପ୍ରମୁଖ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ଦିଗରେ କଡ଼ା ନଜର ରଖିଛନ୍ତି। ବାଲୁଗାଁସ୍ଥିତ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡୀୟ ଅଧିକାରୀ ଅମ୍ଲାନ୍ କୁମାର ନାୟକ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା କାର୍ଯ୍ୟକ୍ରମକୁ ତଦାରଖ କରୁଥିବା ସୂଚନା ମିଳିଛି।

## ଆଜିଠୁ ଓଡ଼ିଶା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ସାଧୁତାର ଶପଥ ପାଠ କରାଇବେ ମୁଖ୍ୟମନ୍ତ୍ରୀ

**କଟକ, ୨୭।୧୦ (କାର୍ତ୍ତିକ ସାହୁ)**

ଚଳିତବର୍ଷର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଏଥରର ପ୍ରସଙ୍ଗ ରହିଛି ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତିଭୂମି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ହେବାକୁ ଥିବା ଦୁର୍ନୀତି ନିବାରଣ ବିଭାଗର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ ଦ୍ୱାରା ଜାରି ନିର୍ଦ୍ଦେଶନାମା ଅନୁସାରେ ଉକ୍ତ ଦିନ ପୂର୍ବାହ୍ଣ ୧୧ଟାରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ରାଜ୍ୟ ସରକାରୀ ମୁଖ୍ୟ ଓ ମୁଖ୍ୟ କାର୍ଯ୍ୟାଳୟ ସଂସ୍ଥାଗୁଡ଼ିକରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସାଧୁତାର ଶପଥ ପାଠ କରାଇବେ। ଏହି କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ବେତାର ମାଧ୍ୟମରେ ପ୍ରସାରଣ କରାଇବ। ଏହା ମାଧ୍ୟମରେ ଓଡ଼ିଶାର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ଛାତ୍ରୀଛାତ୍ର ଶପଥ ପାଠ କରିପାରିବେ। ସେହିପରି ଭିଡିଓ କନଫରେନ୍ସ ଓସ୍ୱାନ ପ୍ଲାଟ୍‌ଫର୍ମ ମାଧ୍ୟମରେ ଜିଲା ଓ ବ୍ଲକ କାର୍ଯ୍ୟାଳୟରେ ଏହାର ପ୍ରତ୍ୟକ୍ଷ ପ୍ରସାରଣ ଜରିଆରେ କର୍ମଚାରୀମାନେ ଶପଥ ପାଠ କରିବେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେବେ। ଏହି ଅବସରରେ ସର୍ବୋତ୍ତମ ଦୁର୍ନୀତି ନିବାରଣ ଡିଭିଜନ, ୟୁନିଟ୍, ତଦନ୍ତକାରୀ ଅଧିକାରୀ, ମହିଳା ତଦନ୍ତକାରୀ ଅଧିକାରୀ ଏବଂ ପବ୍ଲିକ ପ୍ରସିକ୍ୟୁଟରମାନଙ୍କୁ ପୁରସ୍କୃତ କରାଯିବ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହକୁ ବ୍ୟବସ୍ଥିତ ଢଙ୍ଗରେ ପାଳନ କରିବାକୁ ପଦକ୍ଷେପ ଗ୍ରହଣ କରିଛି। ଏଥିସହ ବହୁଳ ଏସ୍‌ଏମ୍‌ଏସ୍ ଦ୍ୱାରା ଦୁର୍ନୀତି ନିବାରଣ ଟୋଲ୍ ଫ୍ରି ନମ୍ବର ୧୦୬୪କୁ ଦୁର୍ନୀତି ସମ୍ବନ୍ଧୀୟ ଖବର ଜଣାଇବାକୁ ଜନସାଧାରଣଙ୍କୁ ଅବଗତ କରାଯାଉଛି। ଦୁର୍ନୀତି ଭିତ୍ତିକ ଅଭିଯୋଗଗୁଡ଼ିକୁ ଅନ୍‌ଲାଇନ୍ ତାଲିକାଭୁକ୍ତ କରିବା ପାଇଁ ଭିଜିଲାନ୍ସ ୱେବ୍‌ସାଇଟ୍ http://odishavigilance.gov.in ମାଧ୍ୟମ ରହିଥିବା ପ୍ରେସ୍ ଇସ୍ତାହାର ଜରିଆରେ ରବିବାର ସୂଚନା ଦିଆଯାଇଛି।

# ୧୦୦ରୁ ଊର୍ଦ୍ଧ୍ୱ ସତ୍ୟପାଠ ଦାଖଲ, ସମୟସୀମା ବଢ଼ିଲା

**ଭୁବନେଶ୍ୱର, ୨୭।୧୦ (ସତ୍ୟଜିତ୍ ରାଉତ)**

## ଭରତପୁର ଥାନାରେ ନିର୍ଯାତନା ଘଟଣା

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ଏଥିସହ ବିଚାର ବିଭାଗୀୟ ତଦନ୍ତ ଓ ଯାଞ୍ଚ ମଧ୍ୟ ଜାରି ରହିଛି। ତେବେ ଶନିବାର ସତ୍ୟପାଠ ଦାଖଲର ସମୟସୀମା ସରିଥିବାବେଳେ କମିଶନଙ୍କ ପକ୍ଷରୁ ଏଥିରେ ବୃଦ୍ଧି କରିଦିଆଯାଇଛି। ସର୍ବସାଧାରଣଙ୍କ ଅନୁରୋଧକ୍ରମେ ସତ୍ୟପାଠ ଦାଖଲର ସମୟସୀମା ଆଉ ୧୦ ଦିନ ବଢ଼ାଇ ଦିଆଯାଇଥିବା କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି କହିଛନ୍ତି। ଅକ୍ଟୋବର ୫ରୁ ୨୧ ଯାଏ ସତ୍ୟପାଠ ଦାଖଲ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଯାଏ ୧୦୦ରୁ ଊର୍ଦ୍ଧ୍ୱ ସତ୍ୟପାଠ ଗ୍ରହଣ କରାଯାଇଥିବା କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଆର୍ମି ଅଫିସର, ତାଙ୍କ ବାନ୍ଧବୀ, ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର ଏବଂ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସତ୍ୟପାଠ ଦାଖଲ କରିସାରିଲେଣି। ସତ୍ୟପାଠ ଗ୍ରହଣ ପ୍ରକ୍ରିୟା ସରିବା ପରେ କମିଶନଙ୍କ ପକ୍ଷରୁ ପଚରାଉଚରା ଆରମ୍ଭ ହେବ। ସତ୍ୟପାଠଗୁଡ଼ିକୁ ଯାଞ୍ଚ କରାଯାଇ ଦାଖଲକାରୀଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ କମିଶନ ଯେଉଁମାନଙ୍କୁ ଚାହିଁବେ ସେମାନଙ୍କୁ ସମନ୍ କରିବେ। ସେମାନଙ୍କୁ ଘଟଣା ସଂକ୍ରାନ୍ତରେ ପଚରାଉଚରା କରାଯାଇ ସାକ୍ଷ୍ୟ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କିଛିଦିନ ପୂର୍ବରୁ ଏହି ଘଟଣାରେ ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ ୫ ପୋଲିସ ଅଧିକାରୀଙ୍କ ଫରେନ୍‌ସିକ୍ ପରୀକ୍ଷା ସରିଥିବା ବେଳେ କ୍ରାଇମବ୍ରାଞ୍ଚ ଉକ୍ତ ରିପୋର୍ଟକୁ ଅପେକ୍ଷା କରି ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

# ବଦଳିଗଲା ପାଗ, ଠାଏ ଠାଏ ବର୍ଷିଲା

## ଚାନ୍ଦବାଲି ୩୨.୬, ଦାରିଙ୍ଗବାଡ଼ିରେ ୧୮.୫ ଡିଗ୍ରୀ

**ଭୁବନେଶ୍ୱର, ୨୭।୧୦ (ଅନୁରାଧା ମହାରଣା)**

ଉପକୂଳବର୍ତ୍ତୀ ଓଡ଼ିଶା ଉପରେ ଊର୍ଦ୍ଧ୍ୱ ବାୟୁ ଘୂର୍ଣ୍ଣିବଳୟ ପ୍ରବାହ ସମୁଦ୍ର ପତ୍ତନଠାରୁ ୫.୮ କି.ମି. ଉଚ୍ଚରେ ସକ୍ରିୟ ରହିବା ସହିତ ଦକ୍ଷିଣ-ପଶ୍ଚିମ ଦିଗରେ ଅଗ୍ରସର ହେଉଛି। ଫଳରେ ରବିବାର ପାଗରେ ପରିବର୍ତ୍ତନ ହେବା ସହ ଠାଏ ଠାଏ ବର୍ଷା ହୋଇଛି। ଉତ୍ତର ଓଡ଼ିଶାର ଅନେକ ସ୍ଥାନରେ ଏବଂ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହୋଇଛି। ତେବେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ସର୍ବାଧିକ ତାପମାତ୍ରାର ହ୍ରାସ ଘଟିଥିବାବେଳେ ଉତ୍ତର ଉପକୂଳ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶାର କିଛି ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି। ସେହିଭଳି ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ କମ୍ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଉପକୂଳ ଓଡ଼ିଶାର ଆଉକିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରାର ଯଥେଷ୍ଟ ବୃଦ୍ଧି ହୋଇଥିବାବେଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପାଣିପାଗରେ ବିଶେଷ ପରିବର୍ତ୍ତନ ଦେଖିବାକୁ ମିଳିନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ଚାନ୍ଦବାଲିରେ ତାପମାତ୍ରା ସର୍ବାଧିକ ୩୨.୬ ଡିଗ୍ରୀ ଏବଂ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୧୮.୫ ଡିଗ୍ରୀ ରହିଥିଲା। ତେବେ ଚଳିତମାସ ଶେଷ ସୁଦ୍ଧା ପାଣିପାଗରେ ବିଶେଷ ପରିବର୍ତ୍ତନ ନ ଥିବା ଆକଳନ କରାଯାଇଛି।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ଅଦଳବଦଳ ଅଭିଯୋଗ

**ଫୁଲବାଣୀ, ୨୭।୧୦ (ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଶିଶୁ ଅଦଳବଦଳ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚିକିତ୍ସାଳୟ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଅଭିଯୋଗକୁ ଭିତ୍ତି କରି ମେଡିକାଲ ପ୍ରଶାସନ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ, ଗତ ଶୁକ୍ରବାର ରାତିରେ ଫୁଲବାଣୀ କାଚରାସାହିର ଦୀପକ ଖଟୁଆଳଙ୍କ ସ୍ତ୍ରୀ ଲିଜା ଏକ ସନ୍ତାନ ଜନ୍ମ ଦେଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ତାଙ୍କର ପୁଅ ହୋଇଥିବା ପରିବାର ଲୋକଙ୍କୁ କହିଥିଲେ। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାକୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ରବିବାର ସକାଳେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ତାକୁ ବ୍ରହ୍ମପୁର ରେଫର କରିଥିଲେ। ମା'ବାପା ଶିଶୁଟିକୁ ନେଇ ବ୍ରହ୍ମପୁର ବଡମେଡିକାଲ ଯାଇଥିଲେ। ତେବେ ସେଠାରେ ପହଞ୍ଚିବା ପରେ ନେଇଥିବା ଶିଶୁଟି ଝିଅ ବୋଲି ଜଣାପଡ଼ିଥିଲା। ଏ ସମ୍ପର୍କରେ ତାଙ୍କ ପରିବାର ଲୋକେ ଆସି ମେଡ଼ିକାଲରେ ଅଭିଯୋଗ କରିବା ପରେ ଘଟଣାର ଖୋଳତାଡ଼ ଆରମ୍ଭ ହୋଇଥିଲା। ପରେ ସମ୍ପୃକ୍ତ ଝିଅଟି ରାଇକିଆ ବାଲିଗାଡା ଅଞ୍ଚଳର କିରଣ ପ୍ରଧାନ ଓ ଶାମୁକା ପ୍ରଧାନଙ୍କର ବୋଲି ଜଣାପଡିଥିଲା।

ଶାମୁକା ଶୁକ୍ରବାର କ.ନୂଆଗାଁ ମେଡିକାଲରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ତାକୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏକଥା ଜଣାପଡ଼ିବା ପରେ କିରଣ ଓ ଶାମୁକାଙ୍କୁ ନିଜ ଝିଅକୁ ଆଣିବା ପାଇଁ ବ୍ରହ୍ମପୁର ପଠାଯାଇଥିବା ମେଡିକାଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ମଶାଧୂପ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୩ ଅସୁସ୍ଥ

**ତିହିଡ଼ି, ୨୭।୧୦ (ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କାଁପଡ଼ା ପଞ୍ଚାୟତର ଦକ୍ଷିଣପାରି ଗ୍ରାମରେ ମଶାଧୂପ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ମା', ଝିଅଙ୍କ ସମେତ ୩ଜଣ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ସସ୍ମିତା ଦାସ(୩୦), ତାଙ୍କ ଝିଅ ପ୍ରୀତିପ୍ରଭା ଦାସ(୧୦) ଏବଂ ପଡ଼ୋଶୀ ଘରର ଲିଜା ମଲିକ(୧୩)। ଶନିବାର ରାତିରେ ଗୋଟିଏ ଘରେ ମଶାଧୂପ ଲଗାଇ ୩ଜଣ ଶୋଇଥିଲେ। ରବିବାର ସକାଳେ



ତିହିଡ଼ି ଡାକ୍ତରଖାନାରେ ଚିକିତ୍ସାଧୀନ ୨ ବାଳିକା।

ସେମାନେ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ହୋଇଥିଲା। ସେମାନେ ପଞ୍ଚାୟତ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ କୁନ୍ତଳା ମଲିକ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପରେ ଗ୍ରାମବାସୀ ଘରର ଝରକା ଭାଙ୍ଗି ସେମାନଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ୩ଜଣଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସସ୍ମିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

DSPL-156



ଓଡ଼ିଶା ସରକାର



ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଭାରତ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ କେବଳ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟୀକା ଦିଆଯାଉଥିବା ବେଳେ ଏବେ ବୟସ୍କ ଲୋକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ଏହି ଟୀକା ଦିଆଯାଉଅଛି। ଯେଉଁମାନେ ଏହି ଟୀକା ନେବାକୁ ଯୋଗ୍ୟ ସେମାନେ ହେଲେ -

- ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି
- ୧୮ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତି ଯିଏକି -
  - ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ଭାବେ ଚିହ୍ନଟ ଓ ଚିକିତ୍ସିତ ହୋଇଥିବେ,
  - ବିଗତ ୩ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସିଥିବେ,
  - ମଧୁମେହ ରୋଗୀ ହୋଇଥିବେ,
  - ଧୂମପାନ କରୁଥିବେ କିମ୍ବା
  - କୁପୋଷଣର ଶିକାର ହୋଇଥିବେ

ଏହି କାର୍ଯ୍ୟକ୍ରମ ପାଇଁ ଆମ ରାଜ୍ୟର ୧୫ଟି ଜିଲ୍ଲା (ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ରାୟଗଡା ଓ ସୁନ୍ଦରଗଡ) ଚିହ୍ନଟ ହୋଇଛି।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।

ଆସନ୍ତୁ ସମସ୍ତେ ମିଶି ଏହାକୁ ସଫଳ କରିବା, ଦେଶକୁ ଯକ୍ଷ୍ମାମୁକ୍ତ କରିବା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10003/13/0085/2425

# ତଡ଼ା ଖାଉଛନ୍ତି

ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ୫ ନଭେମ୍ବର ୨୦୨୪ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହା ଦୁଇ ସପ୍ତାହରୁ କମ୍ ସମୟ ଥିବା ବେଳେ ସେଠାକାର ହୋମ୍‌ଲାଣ୍ଡ ସିକ୍ୟୁରିଟି ବିଭାଗ (ଡିଏଚ୍‌ଏସ୍) ବେଆଇନ ଭାବେ ରହିଥିବା ୧୪୫ ଦେଶର ପ୍ରାୟ ଲକ୍ଷେ ୬୦ ହଜାର ଲୋକଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦେଇଛି। ସେଥିମଧ୍ୟରେ ଅନେକ ଭାରତୀୟ ରହିଛନ୍ତି। ସଂଖ୍ୟା ବିଷୟରେ କୌଣସି ତଥ୍ୟ ଦିଆଯାଇ ନ ଥିଲେ ମଧ୍ୟ ଭାରତ ସରକାରଙ୍କ ସହ ସମନ୍ୱୟ ରଖାଯାଇ ଏଭଳି ପଦକ୍ଷେପ ନିଆଯାଇଥିବା ଡିଏଚ୍‌ଏସ୍ ପକ୍ଷରୁ କୁହାଯାଇଛି। ଆମେରିକା ସୀମାଶୁଳ୍କ ଓ ସୀମା ସୁରକ୍ଷା ତଥ୍ୟ ଅନୁଯାୟୀ ଗତବର୍ଷ ଅକ୍ଟୋବର ପହିଲାରୁ ଚଳିତବର୍ଷ ସେପ୍ଟେମ୍ବର ୩୦ ମଧ୍ୟରେ ମେକ୍ସିକୋ ଓ କାନାଡା ଦେଇ ଆମେରିକାରେ ବେଆଇନ ପ୍ରବେଶ ଉଦ୍ୟମ ବେଳେ ୨୯ ଲକ୍ଷ ପ୍ରବାସୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଭାରତୀୟଙ୍କ ସଂଖ୍ୟା ୯୦, ୪୧୫ ରହିଥିଲା। ଏଥିରେ କୁହାଯାଇଛି ଯେ, ପ୍ରତି ଘଣ୍ଟାରେ ୧୦ ଭାରତୀୟ ବେଆଇନ ଭାବେ ଆମେରିକା ଯିବା ଲାଗି ଉଦ୍ୟମ କରୁଛନ୍ତି।

ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ ନିକଟରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବା ବେଳେ ଡିଏଚ୍‌ଏସ୍ ଅଚାନକ ଏଭଳି ନିଷ୍ପତ୍ତି ନେବା ପଛରେ କାରଣ କ'ଣ ଥାଇପାରେ। ଏହାର ଉତ୍ତରରେ କୁହାଯାଇପାରେ ଯେ ଆମେରିକାରେ ବେଆଇନ କାର୍ଯ୍ୟ କରୁଥିବା ଲୋକଙ୍କୁ ଧରିବା ଓ ଦଣ୍ଡିତ କରିବା ପାଇଁ ରାଜନୈତିକ ହସ୍ତକ୍ଷେପକୁ ଅପେକ୍ଷା କରାଯାଏ ନାହିଁ। ଏବେ ବି ଅନେକାଂଶରେ ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ନେଇ ଆମେରିକା ସରକାରର ଡିଏଚ୍‌ଏସ୍, ବର୍ଡର ପାଟ୍ରୋଲ ଓ ସ୍ଥାନୀୟ ପୋଲିସ ଭଳି କେତେଗୁଡ଼ିଏ ବିଭାଗ ସର୍ବଦା ନିୟୋଜିତ ଅଛନ୍ତି। ତେବେ ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମଧ୍ୟରେ ଯେଉଁ କେତେଗୁଡ଼ିଏ ପ୍ରସଙ୍ଗ ନିର୍ବାଚନ ବିତର୍କରେ ସ୍ଥାନ ପାଇ ଆସିଛି, ସେଥିରେ ବେଆଇନ ଅନୁପ୍ରବେଶକାରୀ ରହିଛନ୍ତି। ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ବାରମ୍ବାର କହୁଛନ୍ତି ଯେ, ଡେମୋକ୍ରାଟ୍‌ମାନେ ଆମେରିକା ନିର୍ବାଚନରେ ଇଲିଗାଲ ଇମିଗ୍ରାଣ୍ଟ ବା ବେଆଇନ ଅପ୍ରବାସୀମାନେ ଭୋଟ ଦେବା ଚାହାନ୍ତି। ଡେମୋକ୍ରାଟିକ୍ ପ୍ରାର୍ଥୀ କମଳା ହାରିସ୍‌ଙ୍କ ସହ ଏକ ବିତର୍କ ବେଳେ ଡୋନାଲ୍ଡ ଟ୍ରମ୍ପ ଏହି ମତ ରଖିଥିଲେ। ଏପରିକି ରିପବ୍ଲିକାନ୍‌ମାନେ ଦାବି କରିଥିଲେ ଯେ, ବହୁସଂଖ୍ୟକ ବେଆଇନ ଅପ୍ରବାସୀଙ୍କୁ ଡେମୋକ୍ରାଟ୍‌ମାନେ ଭୋଟର ତାଲିକାରେ ପଞ୍ଜୀକୃତ କରିଛନ୍ତି। ଦେଖିବାକୁ ଗଲେ ଏବେ କମଳା ହାରିସ ଆମେରିକାର ଉପରାଷ୍ଟ୍ରପତି ଅଛନ୍ତି। ଯଦି ତାଙ୍କ ଦଳ ବେଆଇନ ଅପ୍ରବାସୀମାନଙ୍କ ଭୋଟ ହାସଲ କରିବାକୁ ଚାହୁଁଥିଲା, ସେଠାକାର ହୋମ୍‌ଲାଣ୍ଡ ସିକ୍ୟୁରିଟି ବିଭାଗ ସେମାନଙ୍କୁ ବିଦା କରିବାକୁ ଚାହିଁ ନ ଥାଆନ୍ତା। କିନ୍ତୁ ବୁଝିବାକୁ ହେବ ଯେ ସେଠାକାର ସରକାରୀ ସଂସ୍ଥାଗୁଡ଼ିକରେ ଭାରତ ଭଳି ରାଜନୈତିକ ହସ୍ତକ୍ଷେପ ନ ଥାଏ। ଯେତେବେଳେ ବେଆଇନ ଅପ୍ରବାସୀଙ୍କ ବିଷୟ ବିତର୍କ ପାଲଟିଛି ସମ୍ଭବତଃ ଡିଏଚ୍‌ଏସ୍ ଏଭଳି ପଦକ୍ଷେପ ନେଇଛି। ଏମିତି ଦେଖିଲେ ଆମେରିକା ନିର୍ବାଚନରେ ଅଣ-ଆମେରିକୀୟ ଭୋଟ ଦେବା ବେଆଇନ ବୋଲି ନୀତି ରହିଛି। ହେଲେ ଡେମୋକାଟ୍ରିକ୍ ପାର୍ଟିର ଉଚ୍ଚପଦସ୍ଥ କର୍ମକର୍ତ୍ତାମାନେ ସେହି ସମସ୍ୟାକୁ ଏଡ଼ାଇବା ପାଇଁ ଅନେକ ଚେଷ୍ଟା କରୁଛନ୍ତି। ଉଦାହରଣସ୍ୱରୂପ ନଭେମ୍ବରରେ ହେବାକୁଥିବା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ କାଲିଫର୍ନିଆ ଗଭର୍ନର ଗାଭିଲ ନ୍ୟୁସମ ନିକଟରେ ଆଇନ ପ୍ରଣୟନ କରିଛନ୍ତି, ଯେଉଁଥିରେ ଭୋଟ ଦେବାକୁ ଯାଇଥିବା ବ୍ୟକ୍ତିଙ୍କୁ ବୁଥ୍‌ରେ (ଭୋଟ ଗ୍ରହଣ କେନ୍ଦ୍ରରେ) ନିଜର କୌଣସି ପରିଚୟପତ୍ର ଦେଖାଇବାକୁ ପଡ଼ିବ ନାହିଁ। ଏହାର ଅର୍ଥ ଯିଏ ନାହିଁ ସିଏ ଭୋଟ ଦେଇପାରିବେ।

ଆମେରିକାରେ ବେଆଇନ ଭାବେ ରହି ଏବଂ ପ୍ରତ୍ୟେକ ଦିନ ପ୍ରବେଶ କରୁଥିବା ଅନେକ ହଜାର ଭାରତୀୟଙ୍କ ବିଷୟରେ କୌଣସି ଗଣମାଧ୍ୟମ ଲେଖୁନାହିଁ କିମ୍ବା ସାଧାରଣରେ ଆଲୋଚନା ହେଉ ନାହିଁ। ଏହାର ଗୁରୁତ୍ୱ ବୁଝିବାକୁ ହେଲେ ଭାରତରେ ରାଜନେତା ଓ ଉଚ୍ଚପଦସ୍ଥ ଅମଲାତନ୍ତ୍ରୀଙ୍କ ଭାଷଣ ଶୁଣିବା ଦରକାର। ସମସ୍ତେ କହୁଛନ୍ତି ଯେ ଭାରତ ବିକଶିତ ହୋଇଗଲାଣି। ପୂର୍ବ ଭଳି ଗରିବ ନାହିଁ। ଏବଂ ଅତି ଶୀଘ୍ର ତାହାର ଅର୍ଥନୀତି ପୃଥିବୀରେ ସର୍ବୋଚ୍ଚ ୩ ଭିତରେ ଚାଲିଆସିବ। ଏହି ବାହୁସ୍ଫୋଟ ଏବଂ ସମ୍ପୂର୍ଣ୍ଣ ଅସତ୍ୟକୁ ଜଣେ ନୁହେଁ, ପ୍ରାୟତଃ ସମସ୍ତେ ବାରମ୍ବାର ଉଚ୍ଚାରଣ କରିବା ଫଳରେ ସାଧାରଣ ନାଗରିକ ମଧ୍ୟ ବିଶ୍ୱାସ କରିବାକୁ ପସନ୍ଦ କରୁଛି। ଜର୍ମାନୀର ଆଡଲ୍ଫ ହିଟଲରଙ୍କ ନାଜି ପାର୍ଟିରେ ଥିବା ପ୍ରସାରଣ ମନ୍ତ୍ରୀ ଯୋସେଫ୍ ଗୋବେଲ୍ସ କହୁଥିଲେ ଯେ, ଗୋଟିଏ ମିଥ୍ୟାକୁ ଯଦି ବାରମ୍ବାର ଦୋହରାଯାଏ, ଶିକ୍ଷିତ ବ୍ୟକ୍ତି ମଧ୍ୟ ତାହାକୁ ବିଶ୍ୱାସ କରିବେ। ହୁଏତ ଗୋବେଲ୍ସଙ୍କ ଚିନ୍ତାଧାରାକୁ ସ୍ୱୀକାର କରି ଆଜି ଭାରତର ବିଭିନ୍ନ ପଦପଦବୀରେ ଥିବା ବ୍ୟକ୍ତିମାନେ ଗୋଟିଏ କଥାକୁ କହି ଚାଲୁଛନ୍ତି। ଭାରତ ବିକଶିତ ହୋଇଗଲାଣି। ଏଠାରେ ଆଉ ଦାରିଦ୍ର୍ୟ ନାହିଁ। କିନ୍ତୁ ବିଦେଶରୁ ବିଶେଷକରି ଆମେରିକାରୁ ପ୍ରତ୍ୟେକ ମାସରେ ଅନେକ ହଜାର ଭାରତୀୟଙ୍କୁ ବାଧ୍ୟତାମୂଳକ ଘରକୁ ଫେରାଇ ଦିଆଯାଉଛି। କାରଣ ସେମାନେ ବେଆଇନ ଭାବେ ପ୍ରବେଶ କରି ଧରାପଡୁଛନ୍ତି। ଓଡ଼ିଆରେ ଗୋଟେ ଢଗ ଅଛି– 'ନେଇଆଣି ଥୋଇ ପାରିଲେ ଚୋରି ବିଦ୍ୟା ଭଲ'। ଏହି ଭାରତୀୟମାନେ ସେତିକି ବି କରିପାରୁ ନାହାନ୍ତି, ଧରାପଡୁଛନ୍ତି। ତାହା ସେମାନଙ୍କ ବୌଦ୍ଧିକ ଶକ୍ତି ସମ୍ପର୍କରେ ସମସ୍ତେ ଜାଣୁଛନ୍ତି। ଖବର ଅନୁଯାୟୀ ବିଦେଶରୁ ତଡ଼ା ଖାଉଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ଗୁଜରାଟରୁ ବୋଲି ଜଣାପଡ଼ିଛି। ଏଥିରୁ ବୁଝିବାକୁ ହେବ ଯେ ଗୁଜରାଟ ମଧ୍ୟ ଏକ ବିକଶିତ ରାଜ୍ୟ ନୁହେଁ। ହୁଏତ ସେଥିପାଇଁ କେନ୍ଦ୍ର ସରକାର ଏବେ ଆଉ ଗୁଜରାଟ ମଡେଲ ବୋଲି କୌଣସି କାର୍ଯ୍ୟକୁ କହୁନାହାନ୍ତି। ଯେତେବେଳେ ଭାରତ ସରକାର ଟାଟା ଓ ଆଦାନୀ ଭଳି ବଡ଼ କମ୍ପାନୀଗୁଡ଼ିକର ମୁଣ୍ଡ ଉପରେ ସୁନା କଳସ ଢାଳିବା ବନ୍ଦ କରି ସାଧାରଣ ନାଗରିକଙ୍କ ଭଲମନ୍ଦ ସମ୍ପର୍କରେ ବୁଝିବାକୁ ଆରମ୍ଭ କରିବେ ସେତେବେଳେ ଏହି ଦେଶରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି ହେବ।

# ଓଡ଼ିଆ ଭାଷା ଓ ତା'ର ସୁରକ୍ଷା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଭାଷା ଏକ ନଦୀ ଭଳି ପ୍ରବହମାନ। ନଦୀରେ କେତେ ନାଳ ଓ ଜଳଧାର ମିଶି ମୂଳ ନଦୀରେ ବିଲୀନ ହୁଏ। ସେହି ନ୍ୟାୟରେ ଓଡ଼ିଆ ଭାଷାରେ ମିଶିଛି ଚାରିପ୍ରକାର ଶବ୍ଦ ଯଥା ତତ୍ସମ, ତଦ୍‌ଭବ, ଦେଶଜ ଓ ଯାବନିକ ବା ବିଦେଶୀ ଶବ୍ଦ । ତତ୍ସମର ମୂଳ ସଂସ୍କୃତ ଓ ଆମ ଭାଷାର ପ୍ରାୟ ଷାଠିଏ ଭାଗ ହେଉଛି ସଂସ୍କୃତ ଶବ୍ଦ । ତତ୍ସମରୁ ଜାତ ହୋଇଛି ତଦ୍‌ଭବ, ଯଥା ଘୋଟକରୁ ଘୋଡ଼ା, ମୁଖରୁ ମୁହଁ, ପୁତ୍ରରୁ ପୁଅ, ଜାମାତାରୁ ଜ୍ୱାଇଁ ଇତ୍ୟାଦି । ଯାହା ଏହି ମାଟିରୁ ସୃଷ୍ଟି, ତାହା ହେଲା ଦେଶଜ ଶବ୍ଦ ଯଥା– ଚାଉଳ, ପେଟ, ଗୋଡ଼, ବାଇଗଣ, କଖାରୁ ଇତ୍ୟାଦି। ଶେଷରେ ବିଦେଶରୁ ଆସିଥିବା ଇଂଲିଶ୍ ଶବ୍ଦ ହେଲା ଟେବୁଲ, ରେଡିଓ, ଟିକଟ୍, ଟେଲିଫୋନ ଇତ୍ୟାଦି । ଏହା ବ୍ୟତୀତ ଆରବିକ୍, ଉର୍ଦ୍ଦୁ, ପାର୍ସି ଆଦି ଶବ୍ଦ ମଧ୍ୟ ଓଡ଼ିଆ ଭାଷାକୁ ସମୃଦ୍ଧ କରିଛି। ରୁଢ଼ିବାଦୀମାନେ ଓଡ଼ିଆ ଭାଷାରେ ବିଦେଶୀ ଶବ୍ଦର ପ୍ରବେଶକୁ ଅପମିଶ୍ରଣ କହି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ମାତ୍ର ବିଶିଷ୍ଟ ସମାଲୋଚକ ବୈଷ୍ଣବ ଚରଣ ମହାନ୍ତି କହନ୍ତି, ''ବିଦେଶୀ ବିଜାତି ଘର ଝିଅଟାକୁ ଆମ ପୁଅ ଯଦି ରାଜିଖୁସିରେ ବାହାହୋଇ ଘରକୁ ଆଣିଲା, ସେ ବୋହୂ ଆମ ଚଳଣିରେ ବର୍ଷ ବର୍ଷ ଚଳି ଘରକରଣା କଲା, ପୁଅ ଝିଅର ମା' ହେଲା, ତହିଁରେ ଆମେ ତାକୁ ଆମ ବୋହୂ ନ କହି ପରଝିଅ କହିବା କାହିଁକି? ସଂସ୍କୃତ ଘରୁ ଆସୁଥିବା ଭାଷାକୁ ସାଧୁଭାଷା ଆଉ ଅନ୍ୟଘରୁ ଆସିଥିବା ଭାଷାକୁ ବୈଦେଶିକ ଭାଷା, ଯବନ ଭାଷା କହି ନାକ ଟେକିବା କାହିଁକି?''

କିଛି ଓଡ଼ିଆ ଭାଷାପ୍ରେମୀ ଇଂଲିଶ୍ ଶବ୍ଦଗୁଡ଼ିକୁ ସିଧାସଳଖ ଗ୍ରହଣ ନ କରି ଓଡ଼ିଆ ଭାଷାରେ ଅନୁବାଦ କରୁଛନ୍ତି; ଯଥା ରେଫ୍ରିଜେରେଟରକୁ ଶୀତଳକ, ମାସ୍କକୁ ବାୟୁଛାଣକ ବା ଭୂତାଣୁ ପ୍ରତିରୋଧକ, ମେସେଜ ବକ୍ସକୁ ବାର୍ତ୍ତା ମଞ୍ଜୁଷା, ଫେସ୍‌ବୁକକୁ ମୁଖପୁସ୍ତିକା, ଇଣ୍ଟରନେଟକୁ ଅନ୍ତର୍ଜାଲ, ଏକ୍ସ-ରେକୁ ଅସ୍ୱଚ୍ଛ ପଦାର୍ଥକୁ ଭେଦ କରିପାରୁଥିବା ଚୁମ୍ବକୀୟ ରଶ୍ମି, ଟେଣ୍ଡର କଲ୍ ନୋଟିସକୁ କୋମଳ ଆହ୍ୱାନ ବିଜ୍ଞାପନ, ଲାପ୍‌ଟପ୍‌କୁ କ୍ରୋଡ଼ ସଂଗଣକ, କଂପ୍ୟୁଟରକୁ ସଂଗଣକ, ସି.ଏକୁ ସନନ୍ଦୀ ଗାଣନିକ, ଇସ୍ୟୁ ସେକ୍ସନ୍‌କୁ ନିର୍ଗମନ ବିଭାଗ ଇତ୍ୟାଦି। ଭାଷା ମାଧ୍ୟମରେ ଆମେ ପରସ୍ପରର ଭାବକୁ ବୁଝିଥାଉ। ଯଦି ଆମ ଉଚ୍ଚାରିତ ଶବ୍ଦରାଶି ଶୁଣି କେହି କିଛି ବୁଝିପାରୁନାହାନ୍ତି, ତାହାଦ୍ୱାରା ଭାଷାର ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଏଣୁ ତାହା ଭାଷା ପଦବାଚ୍ୟ ନୁହେଁ। ପୂର୍ବୋକ୍ତ ଅନ୍ତର୍ଜାଲ, ଶୀତଳକ ଭଳି ଶବ୍ଦ



ସାଧାରଣ ଲୋକେ ବୁଝିପାରିବେ ନାହିଁ। ମାତ୍ର ରେଫ୍ରିଜେରେଟର କହିଲାମାତ୍ରକେ ସେମାନେ ସହଜରେ ବୁଝିପାରିବେ। ପୁନଶ୍ଚ ଯେଉଁସବୁ ଶବ୍ଦ ବିଦେଶ ମାଟିରେ ସୃଷ୍ଟି ହୋଇଛି ବା ଆଧୁନିକ ବିଜ୍ଞାନ ସୃଷ୍ଟି କରିଛି, ସେହିସବୁ ଶବ୍ଦଗୁଡ଼ିକୁ ଓଡ଼ିଆରେ ଅନୁବାଦ କରିବାର କୌଣସି ଯଥାର୍ଥ ନାହିଁ। ଏହି କଥା ଅନେକ ବର୍ଷ ତଳେ ସ୍ୱଭାବ କବି ଗଙ୍ଗାଧର ମେହେର ବୁଝିପାରିଥିଲେ ବୋଲି ସେତେବେଳେ ସେ ଅନେକ ଇଂଲିଶ ଶବ୍ଦକୁ ସିଧାସଳଖ ତାଙ୍କ କାବ୍ୟ କବିତାରେ ବ୍ୟବହାର କରିଥିଲେ। ଫନୋଗାଫ, ଷ୍ଟେଶନ, ଟିକଟ ଭଳି ଅନେକ ଇଂଲିଶ୍ ଶବ୍ଦ ସେ ବ୍ୟବହାର କରିଛନ୍ତି। ତାଙ୍କର ଉତ୍କଳ ଭାରତୀ କହିଛନ୍ତି, ''ନାନାଦେଶୁ ଆଣ ତରୁ ବଲ୍ଲୀମାନ/ ରୋପଣ କର ମୋ ଉଦ୍ୟାନ ଗର୍ଭେ/ ଉଦ୍ୟାନ କରିବ ସୁଫଳ ପ୍ରଦାନ/ ଭୁଞ୍ଜିବ ସୁଖେ ମୋ ନନ୍ଦନ ସର୍ବେ ।'' କବି ଭାଷା ଉଦ୍ୟାନରେ ବିଭିନ୍ନ ଦେଶରୁ ତରୁବଲ୍ଲୀ ଆଣି ରୋପଣ କରିବାକୁ ଆହ୍ୱାନ ଦେଇ ବାସ୍ତବତାବାଦୀ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି। ମାତ୍ର ଏହା ସହ ସେ ସତର୍କ ମଧ୍ୟ କରି ଦେଇଛନ୍ତି, ''ପାଇଥିଲେ ଦିଅ ବିଲାତି ପ୍ରସୂନ, ଥାଏ ଯଦି ତହିଁ କିଛି ସୌରଭ''। ଅର୍ଥାତ୍ ବୈଶିଷ୍ଟ୍ୟ ନ ଥିବା ଶବ୍ଦକୁ ସେ ଭାଷା ଉଦ୍ୟାନରେ ସ୍ଥାନ ଦେବାକୁ ଚାହିଁ ନାହାନ୍ତି।

ବିଭିନ୍ନ ଭାଷାରୁ ଶବ୍ଦ ଆଣି ଆମ ଓଡ଼ିଆ ଭାଷାରେ ମିଶାଯାଇପାରେ। ମାତ୍ର ଏହାର ଅର୍ଥ ନୁହେଁ ଯେ, ୮୦ ପ୍ରତିଶତ ବିଦେଶୀ ଶବ୍ଦ ବ୍ୟବହାର କରିବା, ଯଦିଓ ସେହି ଶବ୍ଦଗୁଡ଼ିକର ସରଳ ଓଡ଼ିଆ ଶବ୍ଦ ରହିଛି। ଉଦାହରଣ ସ୍ୱରୂପ ପ୍ରଧାନ ଶିକ୍ଷକ ଜଣେ ଅଭିଭାବକକୁ କହିଲେ, ''ତମ ପୁଅ ସ୍କୁଲ ଆନୁଆଲ୍ ସ୍ପୋର୍ଟ୍ସରେ ଆଉଟ୍‌ଷ୍ଟାଣ୍ଡିଂ ପରଫର୍ମାନ୍ସ କରିଛି। ଏଭ୍ରି ଇଭେଣ୍ଟରେ ରେକର୍ଡ଼ ବ୍ରେକ୍ କରିଛି । ତା'ର ବ୍ରାଇଟ୍ ଫ୍ୟୁଚର୍। ଏକାଡେମିକ୍ ସାଇଡ୍‌ଟା ଅବଶ୍ୟ ଟିକେ ଉଇକ୍। ଲାଷ୍ଟ ଏକ୍‌ଜାମ୍‌ରେ ମାଥ୍‌ରେ ପର୍ସେଣ୍ଟେଜ୍ କମ୍ ରଖିଛି । ଟିକେ ଲେବର୍ କଲେ ଇମ୍ପ୍ରୁଭ୍ କରିଯିବ। ଏହି ଉଦାହରଣଟି ଦେଇ ସମାଲୋଚକ ବୈଷ୍ଣବ ଚରଣ ମହାନ୍ତି କହିଛନ୍ତି ''ଅନ୍ୟ ଭାଷାରୁ ଶବ୍ଦ ଆହରଣ କଲେ ମାତୃଭାଷା ସମୃଦ୍ଧ ହୁଏ। ଗ୍ରହଣଶୀଳତା ଓ ଆହରଣଶୀଳତା ସ୍ୱାଗତଯୋଗ୍ୟ, କିନ୍ତୁ ଗାଧୋଇବା ଅର୍ଥ ନୁହେଁ ପାଣିରେ ବୁଡ଼ି ମରିବା ।'' ଏବେ ଅନେକ କହୁଛନ୍ତି ''ମୁଁ କଟକକୁ ବିଲଙ୍ଗ୍ କରୁଛି,'' ''ମୁଁ ଷ୍ଟ୍ରଗଲ କରୁଛି,'' ''ମୁଁ ସେଣ୍ଡ କରୁଛି'' ଇତ୍ୟାଦି। ଏମିତି ଏକ ସମୟ ଆସିବ ଲୋକେ କହିବେ ମୁଁ 'ଗୋ' କରୁଛି, 'ସିଟ୍' କରୁଛି, 'ଇଟ୍' କରୁଛି। ଶେଷରେ ଯିବା, ବସିବା, ଖାଇବା ଭଳି ଶବ୍ଦ ଓଡ଼ିଆ ଭାଷାରୁ ଉଭେଇଯିବ।

ପ୍ରଫେସର୍ ନୀଳାଦ୍ରିଭୂଷଣ ହରିଚନ୍ଦନ ତାଙ୍କ ପ୍ରବନ୍ଧ ''ଓଡ଼ିଆ ଶବ୍ଦର ବିଲୋପ ପ୍ରକ୍ରିୟା''ରେ ଓଡ଼ିଆ ଭାଷାରେ ହିନ୍ଦୀ ଭାଷାର ଅନୁପ୍ରବେଶ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି। ଆମ ଓଡ଼ିଆରେ ସୁନ୍ଦର ଶବ୍ଦ ଥାଉ ଥାଉ ଆମେ ବହୁଳ ସଂଖ୍ୟାରେ ହିନ୍ଦୀ ଶବ୍ଦ ବ୍ୟବହାର କରୁଛୁ। ଯଥା ଛାନ୍‌ବିନ୍ (ଅନୁସନ୍ଧାନ), ମୁଦ୍ଦା (ପ୍ରସଙ୍ଗ), ମାହୋଲ୍ (ପରିବେଶ), ନତିଜା (ପରିଣାମ), ଅଧୁରା (ଅସମାପ୍ତ), ଖୁଲାସା (ରହସ୍ୟ ଖୋଲିବା), ମାହିର୍ (ନିପୁଣ), ତାଜୁବ୍ (ଚକିତ), ହଙ୍ଗାମା (ଗଣ୍ଡଗୋଳ) ଇତ୍ୟାଦି ଶହ ଶହ ଶବ୍ଦ। ଏହିଭଳି ବହୁସଂଖ୍ୟକ ଇଂଲିଶ୍ ଓ ହିନ୍ଦୀ ଶବ୍ଦର ବ୍ୟବହାର ଯୋଗୁ ଓଡ଼ିଆ ଶବ୍ଦ ଅବ୍ୟବହୃତ ହୋଇ ଅପମୃତ୍ୟୁର ସମ୍ମୁଖୀନ ହେଉଛି। ଆମ ଓଡ଼ିଆ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ୧,୮୫,୦୦୦ ଶବ୍ଦ ଅଛି । ଓଡ଼ିଆ ଏକ ଦରିଦ୍ର ଭାଷା ନୁହେଁ। ଏଣୁ ଆମ ଭାଷା ଆମର ଭାବପ୍ରକାଶ କରିବା ପାଇଁ ଯଥେଷ୍ଟ । ମାତ୍ର ଆଜିର ଜଗତୀକରଣ ଯୁଗରେ ବିଭିନ୍ନ ଦେଶ ସହ ସମ୍ପର୍କ ସ୍ଥାପନ କଲାବେଳେ ଆମକୁ ଅନ୍ୟ ଦେଶର ଭାଷାରୁ ମଧ୍ୟ ଶବ୍ଦ ଗ୍ରହଣ କରିବାକୁ ପଡ଼ିବ। ଏହାଦ୍ୱାରା ଆମ ଭାଷା ସମୃଦ୍ଧ ହେବ। ମାତ୍ର ଅନ୍ଧଭାବରେ ଶବ୍ଦଗ୍ରହଣ ନ କରି କେବଳ ସେହି ଶବ୍ଦକୁ ଗ୍ରହଣ କରାଯାଉ, ଯେଉଁ ଶବ୍ଦର ବୈଶିଷ୍ଟ୍ୟ ବା ସ୍ୱାତନ୍ତ୍ର୍ୟ ଅଛି ଏବଂ ସେହି ନିର୍ଦ୍ଦିଷ୍ଟ ଭାବପ୍ରକାଶ କରିପାରୁଥିବା ଶବ୍ଦ ଓଡ଼ିଆ ଭାଷାରେ ନାହିଁ। ଅନେକ ଜର୍ମାନ୍, ଫରାସୀ, ଲାଟିନ୍ ଆଦି ଶବ୍ଦକୁ ନେଇ ଗଠିତ ହୋଇଥିବା ଇଂଲିଶ୍ ଏବେ ଅନେକ ହିନ୍ଦୀ ଓ ସଂସ୍କୃତ ଶବ୍ଦକୁ ମଧ୍ୟ ଗ୍ରହଣ କରିନେଲାଣି। ଏହି ଗ୍ରହଣଶୀଳତା ପାଇଁ ଆଜି ଏହା ଏକ ବିଶ୍ୱଭାଷା ହୋଇପାରିଛି। ଖାଣ୍ଟି ସୁନାରେ ଖାଦ ମିଶିଲେ ସୁନ୍ଦର ଅଳଙ୍କାର ଗଢ଼ିହୁଏ । ଠିକ୍ ସେହିପରି ଖାଣ୍ଟି ଓଡ଼ିଆରେ ଅନ୍ୟ ଭାଷାର ଶବ୍ଦ ମିଶିଲେ ଓଡ଼ିଆ ଅଶୁଦ୍ଧ ହେବ ନାହିଁ, ବରଂ ସମୃଦ୍ଧ ହେବ। ଫକୀରମୋହନ ସେନାପତି ଶହେ ବର୍ଷ ତଳେ କହିଥିଲେ, ''ଓଡ଼ିଆ ଏଗାର ପଣି ବାକି ଇଙ୍ଗିରେଜୀ'' ମାତ୍ର ଓଡ଼ିଆକୁ ସମୃଦ୍ଧ କରିବା ନାମରେ ଇଂଲିଶ୍ ଏଗାରପଣି ବାକି ଓଡ଼ିଆ ନ ହେଉ। ତେବେ ଓଡ଼ିଆ ଭାଷା ବଞ୍ଚିବ।

**ପ୍ରାକ୍ତନ ଅଧ୍ୟକ୍ଷ,**
**ଡିଏଭି ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ଯେତେବେଳେ ଯେଉଁ କଥା



ରାଧାଶ୍ୟାମ ରାଉଳ

ପ୍ରାତଃଭ୍ରମଣରୁ ଫେରି ବୈଠକଘରେ ବସି ପତ୍ନୀ ପ୍ରାଣାୟାମ କରିବା ପରେ ମୋତେ କହିଲେ, ବଜାର ଯାଇ କଞ୍ଚାଲଙ୍କା, ଧନିଆପତ୍ର, ସାରୁ, କଖାରୁ, ପୋଟଳ, ଟମାଟୋ, ଲେଉଟିଆ ଶାଗ ଆଣିବ। ମୁଁ ସେତେବେଳେ ଅଧା ଲେଖିଥିବା ଲେଖାଟିକୁ ସମ୍ପୂର୍ଣ୍ଣ କରିବା ସାଧନାରେ ଥିଲି। ପତ୍ନୀ କ'ଣ କ'ଣ ମୋତେ ବରାଦ କଲେ ତାହା ପୂରା ଶୁଣି ନ ପାରି ଖାଲି ହଁ ହାଁ ଉଚ୍ଚାରିବସିଲି। ତରବରିଆ ଭାବରେ ବ୍ୟାଗ ଧରି ବଜାରକୁ ଯାଇ ପତ୍ନୀଙ୍କ ବରାଦ କଥା ମନେପକେଇବାକୁ ଚେଷ୍ଟା କଲି। କିନ୍ତୁ ସହଜରେ ମନେପଡିଲା ନାହିଁ, କିଣିବାକୁ ଥିଲା ଯାହାଯାହା। ଶୀଘ୍ର କିଣିପକେଇ ଘରକୁ ଫେରିଲି। ହେଲେ ବ୍ୟାଗ ଖୋଲି ଦେଖିବାମାତ୍ରେ ପତ୍ନୀଙ୍କ ତୁଣ୍ଡରୁ ଭାସିଆସିଲା–କଞ୍ଚାଲଙ୍କା ଆଣିନାହଁ,ଆଣିଛ କଲରା, ଧନିଆପତ୍ର ଜାଗାରେ ଆଣିଛ ପୋଦିନା! ସାରୁ ନାହିଁ, ଅଛି ଖମ୍ବଆଳୁ! ପତ୍ନୀଙ୍କର ତାଚ୍ଛଲ୍ୟ ଶ୍ରବଣାନ୍ତେ ଅକଲ ପଶିଲା ମୋ ମୁଣ୍ଡରେ! ଓହୋ, ମାତ୍ରାଧିକ ସାହିତ୍ୟ ପ୍ରୀତି ବହୁବାର ମୋତେ ଅକଳରେ ପକେଇଛି,ଏମିତି ଏମିତି! ପତ୍ନୀଙ୍କ ବରାଦକୁ ମନେରଖି ପରିବା କିଣି ଘରକୁ ଫେରିଥିଲେ,ଏତେ ସରି କିଆଁ ମୋ ହାଲତ ହୋଇଥାନ୍ତା ସତରେ? ତେଣୁ ଯେତେବେଳେ ଯେଉଁ କଥା, ସେତେବେଳେ ସେ କଥାକୁ ଉପଯୁକ୍ତ ମାନ୍ୟତା ଦେବା ନିହାତି ଦରକାର। ସମୟ ଆମକୁ ଯେତେବେଳେ ଅକଳରେ ପକାଏ, ସେତେବେଳେ ଧୈର୍ଯ୍ୟ,ସାହସ, ଆତ୍ମବିଶ୍ୱାସକୁ ନେଇ ନୀରବରେ ଆଗକୁ ବଢିବା ଦରକାର। ସମୟ ବଡ଼ ବଳବାନ୍। ଯେଉଁ ସମୟ ଆମ ପାଇଁ ସମସ୍ୟା ସୃଷ୍ଟି କରୁଛି,ସେଇ ସମୟ ପୁଣି ଆମ ପାଇଁ ସମାଧାନର ସୂତ୍ର ନିରୂପଣ କରୁଛି। କେତେବେଳେ ଜୀବନରେ ଭଲ ସମୟ ଆସେ ତ ପୁଣି କେତେବେଳେ ଆସେ ଖରାପ ସମୟ! ସେଇଥିପାଇଁ ତ ଯେତେବେଳେ ଯେଉଁ କଥା ସୂତ୍ରରେ ସୃଷ୍ଟ ସମସ୍ୟା ବା ଆସନ୍ନ ବିପଦକୁ ମୁକାବିଲା କରିବା ନିହାତି ଦରକାର।

ଅଫିସରେ ଏକଦା ଜଣେ ସହକର୍ମୀ ବନ୍ଧୁଙ୍କର ଚକ୍ରାନ୍ତ ଯୋଗୁ ମୁଁ କିଛିଦିନ ମୋର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କର କ୍ରୋଧର ଶିକାର ହୋଇ ହଇରାଣ ହେବାକୁ ବାଧ ହୋଇଥିଲି। ଅସହିଷ୍ଣୁ ସହକର୍ମୀ ବନ୍ଧୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ପାଖରେ ମୋ ବିରୋଧରେ ବେଜାଏ ଚୁଗୁଲି କଲେ, ମିଥ୍ୟା ଅଭିଯୋଗ ଆଣିଲେ। ଯଦ୍ୱାରା ଅକାରଣେ ଉଚ୍ଚପଦସ୍ଥ ଅଧିକାରୀ ମହାଶୟ ମୋ ଉପରେ ରକ୍ତଚାଉଳ ଚୋବେଇଲେ। ତାଙ୍କର ଔଦ୍ଧତ୍ୟ ଓ ଅହଙ୍କାର ପ୍ରଦର୍ଶନକୁ ମୁଁ ନୀରବରେ ବରଦାସ୍ତ କରୁଥିଲି ସତ, ମାତ୍ର ତାଙ୍କ ଧମକଚମକରେ ହତୋତ୍ସାହିତ ହୋଇ ମୁଁ ମୋ ମାନସିକ ଭାରସାମ୍ୟ ହରେଇ ନ ଥିଲି। ଅଧିକନ୍ତୁ ଅତ୍ୟନ୍ତ ନିଷ୍ଠାର ସହ ମୁଁ ମୋ କର୍ତ୍ତବ୍ୟ ସମ୍ପାଦନ କରିଚାଲିଥିଲି। ଦିନକର କଥା। ସେ ହେଙ୍କଡ଼, ହାମ୍ବଡା ଅଧିକାରୀଙ୍କୁ ସାମ୍ନା କରିବାର ସୁଯୋଗ ଦୈବାତ ମୋତେ ମିଳିଗଲା। ତାଙ୍କ ପାଖକୁ ଯାଇ ସିଧାସଳଖ ତାଙ୍କୁ ପ୍ରଶ୍ନ କଲି, ସାର୍, ବିନା କାରଣରେ ମୋ ଉପରେ କାହିଁକି ରାଗି ଏତେ ଧମକଚମକ ଦେଉଛନ୍ତି ? ଅଧିକାରୀ ଜଣକ ମୋ ମୁହଁକୁ ବଲବଲ ଅନେଇ ରହିଲେ ଓ କହିଲେ, ''ଆରେ ଆରେ କମ୍ ବହପ ନୁହଁ ତୋର ? ହେଃ ମୋତେ ଚିହ୍ନିନୁ, ମୁଁ କିଏ, କେତେ ପାରିବାର ?'' ହେଲେ କିଛି କ୍ଷଣ ପରେ ସେ ମୋତେ ପୁଣି କହିଲେ, ହଁ ବୁଝିପାରିଲି ତୁମ କଥା। ତେବେ ଅସଲ ସମସ୍ୟା ହେଲା, ତୁମ ସହକର୍ମୀ ଯାହାକୁ ତୁମେ ତୁମର ବିଶ୍ୱସ୍ତ



ଓ ଦରଦୀ ବନ୍ଧୁ ଭାବୁଛ,ସେ ତୁମ ବିରୋଧରେ ଏଣୁତେଣୁ ଗୁଡ଼ାଏ ମୋ ପାଖରେ ଅଭିଯୋଗ କରି ମୋତେ ଅନୁରୋଧ କରି କହିଲା, ସାର୍, ଭଲକିନା ହାଇଡୋଜ ଦେବେଟି ତାକୁ। ସବୁ ନାଟର ଗୋବର୍ଦ୍ଧନ ସେଇ ତୁମ ବନ୍ଧୁ! ସେ କହିବାରୁ ମୁଁ ତୁମ ଉପରେ ମିଛଟାରେ ରାଗୁଥିଲି ! ଛାଡ଼ ସେ କଥା। ମୁଁ କହିଲି,''ହେଲେ ସାର୍,ମୋ ଉପରେ ଅକାରଣେ ଆଉ ରାଗିବେ ନାହିଁ ପ୍ଲିଜ୍! ଯଦି ରାଗିବାର କାରଣ ଥିବ,ମୋତେ ଜଣେଇଲେ,ମୁଁ ସେ କାରଣକୁ ସମ୍ମାନ ଦେଇ ନିଜକୁ ସଂଶୋଧନ କରିଦେବି।'' କହିବା ବାହୁଲ୍ୟ,ତା'ପରଠାରୁ ଅତି ଆଶ୍ଚର୍ଯ୍ୟ ଭାବରେ ସେ ମହାଶୟଙ୍କ ସହ ମୋର ଭଲ ସମ୍ପର୍କ ଗଢିଉଠିଲା!

ଏମିତିଏମିତିଅନେକସମ୍ବାଦ, ବିସମ୍ବାଦ, ଘଟଣା, ଅଘଟଣ ଆମ ଜୀବନରେ ଘଟେ ବା ଆସେ, ଯାହାର ଅବଧି କିଛି କ୍ଷଣ, କିଛି ମୁହୂର୍ତ୍ତ, କିଛି ଦିନ, କିଛି ମାସ, କିଛି ବର୍ଷ। ତେବେ ମୁହୂର୍ତ୍ତକୁ ମୁକାବିଲା କରିପାରିଲେ, ପରକ୍ଷଣରେ ଆମକୁ ପଶ୍ଚାତ୍ତାପ,ମନସ୍ତାପ, ଅନୁଶୋଚନା,ଅବସୋସ କି ଅସାମର୍ଥ୍ୟକୁ ନେଇ ଧନ୍ଦିହେବାକୁ ଆଦୌ ପଡିବ ନାହିଁ। ଆଉ ମୁହୂର୍ତ୍ତକୁ ମୁକାବିଲା କରି ନ ପାରିଲେ ଅର୍ଥାତ୍ ସୃଷ୍ଟ ସମସ୍ୟା ବା ପରିସ୍ଥିତି ପ୍ରତି ଉଦାସୀନ, ବୀତସ୍ପୃହ, ଅନିୟମିତ, ଅଳସୁଆ, ଅକର୍ମା ରହିଲେ, ସମସ୍ୟା କାୟା ବିସ୍ତାର କରିବ,ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଥୟ!

ବେଳେବେଳେ ଅବଶ୍ୟ ପରିସ୍ଥିତି ଭିନ୍ନ ମୋଡ଼ ଧରେ! ସକଳ ସୂତ୍ର, ନିୟମ, ପ୍ରଣାଳୀ, ପ୍ରୟୋଗ, ପଦ୍ଧତି, ପ୍ରୟାସ ଫସର ଫାଟେ! ଯାହାହେବାକୁ ଥିବ,ତାହା ଅବଶ୍ୟ ହୋଇବ! କୌଣସି ଉପାୟରେ ମିଳିବନାହିଁ ସମସ୍ୟା ସମାଧାନର ସୂତ୍ର। ଗୋଟିଏ ସମସ୍ୟା ସହ ଯୋଡି ହୋଇଯାଉଥିବ,ଗୋଟିକ ପରେ ଗୋଟିଏ କ୍ରମରେ ଆଉ କିଛି ସମସ୍ୟା! ଲାଗୁଥିବ,ସମସ୍ୟାର ଚକ୍ରବ୍ୟୂହ ଭେଦି ବାହାରକୁ ଆସିବା ଅସମ୍ଭବ ବ୍ୟାପାର!

ଏମିତି ଦେଖିବାକୁ ଗଲେ, ସମସ୍ୟା, ସଙ୍କଟ ଆମ ଜୀବନଚର୍ଯ୍ୟା ସହିତ ଓତପ୍ରୋତ ଭାବେ ଜଡିତ। ସମସ୍ୟା ତ ପ୍ରତିବନ୍ଧକ! ପ୍ରତିବନ୍ଧକ ପାରିହୋଇ ଆଗକୁ ବଢିପାରିଲେ ଦକ୍ଷତା, କ୍ଷମତା, ପାରଦର୍ଶିତା,ସଫଳତାର ଅଧିକାରୀ ହୋଇପାରିବା! ସମସ୍ୟାର କୋପ, ପ୍ରକୋପ, ଥାଟ, କୁହାଟରେ ଡରିଗଲେ ତ କଥା ସରିଗଲା! ସମସ୍ୟାର ତ୍ରାସ ଓ ଧାସରେ ଦୃଷ୍ଟିଶକ୍ତି କ୍ଷୀଣ ହୋଇଯାଇପାରେ, ତା'ର ପ୍ରଭାବରେ ଚଉଦିଗ ଜାଲଜାଲିଆ କି ଅନ୍ଧାର ଦେଖାଯାଇପାରେ! ଅନ୍ଧାର ଭିତରେ ସମାଧାନର ରାସ୍ତା ନିରୂପଣ କରିବା ଦୁରୂହ ହୋଇପାରେ! ତା'ସତ୍ତ୍ୱେ ବି ଉଦ୍ୟମରୁ ବିରତ କିମ୍ବା ବିଚ୍ୟୁତ ହେବା ଅନୁଚିତ। ସୁଯୋଗ, ସଂଯୋଗର ମିଳିତ ଆନୁକୂଲ୍ୟରେ କେଉଁଠି ନା କେଉଁଠି ସମାଧାନର ବାଟ ଫିଟିଯିବ, ଗାଣିତିକ ସୂତ୍ର; 'ସମସ୍ୟା ଅଛି ତ ତା'ର ସମାଧାନ ନିଶ୍ଚିତ ଅଛି' ନ୍ୟାୟରେ। ସବୁଠୁ ବଡ଼ କଥା ହେଲା, ଆମକୁ ପ୍ରତ୍ୟେକ କ୍ଷେତ୍ରରେ ହାତେ ମାପି ତା'ଖଣ୍ଡେ ଚାଲିବା ଦରକାର। ଆଗତ ଭବିଷ୍ୟତ କଥା ବା ଘଟଣା ଆମ ଅକ୍ତିଆର କି ଆୟତ୍ତ ବାହାରେ। ବିତିଯାଇଥିବା ଅତୀତ ବି ନାହିଁ ଆମ ହାତ ପାଆନ୍ତାରେ, କୁଆଡ଼େ ନା କୁଆଡ଼େ ଉଡ଼ିଯାଇଛି ଦୂରେ, ବହୁଦୂରେ! ତେଣୁ ବର୍ତ୍ତମାନକୁ ନେଇ ଯେତେସବୁ ବ୍ୟବସ୍ଥା! ସାମ୍ନାକୁ ଆସୁଥିବା ସମସ୍ୟାକୁ ତତ୍କାଳେ ସମାଧାନ କରିବାର ଦକ୍ଷତା ଆମ ଭିତରେ ମହଜୁଦ ଥିବା ନିହାତି ଦରକାର। ସେଥିପାଇଁ ବନ୍ଧୁଗଣ, ମୋର କହିବାର କଥା, ଆଜ୍ଞା,ଯେତେବେଳେ ଯେଉଁ କଥା!

**ମର୍କତନଗର, କଟକ**
**ମୋ: ୯୪୩୭୦୯୦୯୮୫**

## ଏଇ ଭାରତରେ

ପିଲାଙ୍କ ଖୁସି ପାଇଁ ମା' ବାପା ନିଜ ଜୀବନ ଦେବାକୁ ବି ପଛାନ୍ତି ନାହିଁ। କିନ୍ତୁ କେହି କେବେ ନିଜ ସନ୍ତାନକୁ ଜୀବନରୁ ମାରିଦେବା ପାଇଁ ଚେଷ୍ଟା କରିପାରେ ଏକଥାକୁ ସହଜରେ ବିଶ୍ୱାସ କରିହେବନି। ହେଲେ ଏମିତି ଏକ ଅଜବ ଘଟଣା ଘଟିଛି ମଧ୍ୟପ୍ରଦେଶ ଗ୍ୱାଲିୟରର ଛାବନୀ ଥାନା ଅଞ୍ଚଳରେ। ଏଠାରେ ହସନ ଖାନ୍ ନାମକ ଜଣେ ବ୍ୟକ୍ତି ନିଜ ପୁତ୍ର ଇରଫାନ୍ ଖାନ୍‌କୁ ସୁପାରି ଦେଇ ହତ୍ୟା କରିଛନ୍ତି। ପୋଲିସର ସୂଚନା ଅନୁସାରେ ଇରଫାନ୍ ସବୁବେଳେ ନିଶାରେ ରହୁଥିଲେ ଓ ବାପା ହସନ ସହିତ ପରିବାର ଲୋକଙ୍କୁ ନିର୍ଯାତନା ଦେଉଥିଲେ। ପୁଅଠାରୁ ସବୁବେଳେ ମାଡଗାଳି ଖାଇ ବହୁ କଷ୍ଟରେ ରହୁଥିଲେ ହସନ। ପ୍ରତିବାଦ କଲେ କୌଣସି ଫଳ ହେଉ ନ ଥିଲା ବରଂ ସେ ହିଂସ୍ର ପାଲଟି ଯାଉଥିଲେ। ପରିବାର ଲୋକଙ୍କୁ ମଧ୍ୟ ସେ ପ୍ରତିଦିନ ମାରପିଟ କରୁଥିଲେ। ଏକ ଭୟଙ୍କର ନିଶାଡି ଭଳି ମାରପିଟ କରି ଘରୁ ଟଙ୍କା ନେଇ ନିଶା ଖାଉଥିଲେ ଓ ଜୁଆ ଖେଳୁଥିଲେ। ବିଭିନ୍ନ ସ୍ଥାନରେ ମହିଳାଙ୍କୁ ଖରାପ ବ୍ୟବହାର ବି କରୁଥିଲେ। ଏଥିପାଇଁ ସବୁଦିନ ଘରେ ତାଙ୍କ ପାଇଁ ଅଶାନ୍ତି ସୃଷ୍ଟି ହେଉଥିଲା। ତେଣୁ ପୁଅର ବ୍ୟବହାରରେ ଅତିଷ୍ଠ ହୋଇ ତାକୁ ମାରିଦେବା ପାଇଁ ଚିନ୍ତା କରିଥିଲେ ହସନ। ଶେଷରେ ସେ ସୁପାରିକିଲର ମାଧ୍ୟମରେ ୫୦ହଜାର ଟଙ୍କା ଦେଇ ଇରଫାନ୍‌ଙ୍କ ହତ୍ୟା ହରାଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଅକ୍ଟୋବର ୧୯୭୫

- ଭାରତ ସରକାର ଏବଂ ବର୍ମା ଅଏଲ କମ୍ପାନୀର ମିଳିତ ଉଦ୍ୟୋଗରେ ଅରୁଣାଚଳ ପ୍ରଦେଶର ଖାରସାଂଘଠାରେ ଖନନ କରାଯାଇଥିବା କୂପରୁ ତୈଳ ଖଣିର ସନ୍ଧାନ ମିଳିଛି।
- ସୌରାଷ୍ଟ୍ର ବିଦ୍ୟାଳୟଠାରେ ମାଗଣା ଲୁଗାପଟା ବଣ୍ଟନ ପାଇଁ ଟୋକନ ଦିଆଯାଉଥିବା ବେଳେ ପ୍ରବଳ ଭିଡ଼ ଯୋଗୁ ଦଳାଚକଟାରେ ୧୮ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ବ୍ରିଟେନ ଫିଲ୍ମ ସୋସାଇଟି ମୁଭ୍‌ମେଣ୍ଟର ସୁବର୍ଣ୍ଣଜୟନ୍ତୀ ଉତ୍ସବରେ ଜନପ୍ରିୟ ଶ୍ରେଷ୍ଠ ବିଦେଶୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ଭାବେ ଭାରତର ସତ୍ୟଜିତ୍ ରାୟ ସମ୍ମାନିତ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 3 | | | | | 4 | | | 1 |
| | | | | | | 3 | 6 | |
| 6 | 5 | | | | | | | |
| 1 | | | | | 2 | | | |
| | 7 | | | | | 5 | 8 | |
| | | 8 | | | | | | 2 |
| | 3 | | | 9 | | | | 4 |
| | 8 | | | | | | 2 | |
| 5 | | 4 | | 2 | 3 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 3 | 4 | 7 | 5 | 6 | 1 | 2 |
| 6 | 5 | 2 | 9 | 1 | 8 | 3 | 7 | 4 |
| 4 | 7 | 1 | 6 | 3 | 2 | 5 | 8 | 9 |
| 7 | 2 | 9 | 8 | 6 | 3 | 4 | 5 | 1 |
| 1 | 6 | 5 | 2 | 4 | 7 | 9 | 3 | 8 |
| 3 | 4 | 8 | 5 | 9 | 1 | 7 | 2 | 6 |
| 5 | 1 | 4 | 3 | 2 | 9 | 8 | 6 | 7 |
| 2 | 3 | 6 | 7 | 8 | 4 | 1 | 9 | 5 |
| 9 | 8 | 7 | 1 | 5 | 6 | 2 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଗ୍ରସ୍ତ ଜନପ୍ରତିନିଧିଙ୍କ ପଦ ରଦ୍ଦ କରାଯାଉ

ମହାଶୟ,

ବର୍ତ୍ତମାନ ଆମ ଦେଶରେ ଅନେକ ଦୁର୍ନୀତିଖୋର ତଥା ଅପାରଗ ନିର୍ବାଚିତ ନେତା ଅଛନ୍ତି। ଏମାନେ ଲୋକମାନଙ୍କ ସମସ୍ୟା ସମାଧାନ କରିବାକୁ ଆଦୌ ଇଚ୍ଛୁକ ନୁହନ୍ତି। ଏମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ପ୍ରାପ୍ତ ରାଜନୈତିକ ଓ ସାମ୍ବିଧାନିକ କ୍ଷମତା ବଳରେ କୋଟି କୋଟି ଟଙ୍କାର କଳାଧନ ସଂଗ୍ରହ କରିବା ଓ ବିଳାସବ୍ୟସନପୂର୍ଣ୍ଣ ଜୀବନଯାପନ କରିବା। ଏମାନେ ହେଉଛନ୍ତି ପେସାଦାର ରାଜନୈତିକ ବ୍ୟବସାୟୀ। ମୋଟା ଅଙ୍କର ଦରମା, ବିଭିନ୍ନ ପ୍ରକାରର ଭତ୍ତା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସରକାରୀ ସୁବିଧାସୁଯୋଗ ଉପଭୋଗ କରୁଛନ୍ତି। ଦେଶର ନାଗରିକମାନଙ୍କ ପ୍ରଦତ୍ତ ଟିକସ ଅର୍ଥରେ ସପରିବାର ଜୀବନକୁ ଉପଭୋଗ କରିଚାଲିଛନ୍ତି। ଦୁଃଖର ବିଷୟ, ଏମାନେ ଜନସାଧାରଣଙ୍କୁ ସରକାରୀ ଯୋଜନାର ସୁଫଳ ପାଇବାରେ ଆବଶ୍ୟକ ସାହାଯ୍ୟ ଓ ସହଯୋଗ କରୁନାହାନ୍ତି। ଗୋଟିଏ ରାଜନୈତିକ ଦଳରୁ ନିର୍ବାଚିତ ପ୍ରତିନିଧି ଅନ୍ୟ ଦଳର ଲୋକଙ୍କୁ ଉପେକ୍ଷା କରୁଥିବା ଲକ୍ଷ୍ୟ କରାଯାଉଛି। ଏଭଳି ଦୁର୍ନୀତିଗ୍ରସ୍ତ ନିର୍ବାଚିତ ପ୍ରତିନିଧିଙ୍କ ପଦ ରଦ୍ଦ କରାଯିବା ସହିତ ଏମାନଙ୍କ ଆୟ ବହିର୍ଭୂତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଉ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବେଗ ଆସେ ବେଢ଼ି ଛାୟା
ଏହି ପଥେ ରହେ ଆହା
ସବୁ ଶୋଭା ନିମେଷରେ ଗୁପତ
ରୂପତୃଷା ନୋହେ କାହିଁ ତୃପତ !
–(ଶରତ-ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜ୍ୟପାଳ ପଦ ଉଚ୍ଛେଦ ହେବ: ବିଜୟ

**ପ୍ରଥମ ରାଲିରେ ପ୍ରତିଶ୍ରୁତି**

**କୋର୍ଟରେ ତାମିଲ ଭାଷା ପ୍ରଚଳନ କରାଯିବ**

ଚେନ୍ନାଇ,୨୭।୧୦



ତାମିଲ ଚଳଚ୍ଚିତ୍ର ଅଭିନେତା ବିଜୟ ରାଜନୈତିକ ଦଳ ଗଢ଼ିବା ପରେ ରବିବାର ତାମିଲନାଡୁର ଭେଲୁପୁରମ୍‌ଠାରେ ପ୍ରଥମ ରାଲି କରିଥିଲେ। ଏହି ଅବସରରେ ସେ ତାଙ୍କ ଦଳ ତାମିଲାଗା ଭେଟ୍ରି କାଝାଗାମ୍ (ଟିଭିକେ)ର ଆଭିମୁଖ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇଛନ୍ତି। ଦଳର ଲକ୍ଷ୍ୟ ଓ ବିଚାରଧାରା ମଧ୍ୟରେ ରହିଛି ଅଦାଲତଗୁଡ଼ିକରେ ତାମିଲକୁ ପ୍ରଶାସନିକ ଭାଷା ଭାବେ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟପାଳ ପଦବୀ ଉଚ୍ଛେଦ କରିବା। କୋର୍ଟ ଏବଂ ମନ୍ଦିରଗୁଡ଼ିକରେ ତାମିଲ ଭାଷାର ପ୍ରସାର କରାଇବା ଏବଂ ଆଞ୍ଚଳିକ ଐତିହ୍ୟର ସମ୍ମାନ ତଥା ସାଂସ୍କୃତିକ ପୁନର୍ଜାଗରଣ ଉପରେ ବିଜୟ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ବିଜୟ ଟିଭିକେର ପତାକା ଉତ୍ତୋଳନ କଲାବେଳେ ସମର୍ଥକମାନେ ତାଳିମାରି ପ୍ରୋତ୍ସାହିତ କରିଥିଲେ। ସେ ଲୋକମାନଙ୍କ ଗହଣକୁ ଆସି ମିଶିବା ବେଳେ ପ୍ରଚ୍ଛଦରେ ରଜ୍ୟ ସଙ୍ଗୀତ 'ତାମିଲ ଥାଇ ଭାଝଥୁ' ଗାନ କରାଯାଇଥିଲା। ତାମିଲନାଡୁ ସାମାଜିକ ଆନ୍ଦୋଳନର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ପେରିୟାରଙ୍କ ଦର୍ଶନକୁ ତାଙ୍କ ଦଳ ଆଦର୍ଶ ଭାବେ ଗ୍ରହଣ କରିଥିବା ବିଜୟ କହିଛନ୍ତି। ଏହା ବ୍ୟତୀତ ନାରୀଶିକ୍ଷା, ମହିଳା ସଶକ୍ତୀକରଣ ଏବଂ ସାମାଜିକ ନ୍ୟାୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ରାଲିରେ ଅନେକ ହଜାର କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ନିର୍ବାଚନୀ ରାଜନୀତିରେ ପ୍ରବେଶ କରିବେ ବୋଲି ୫୦ ବର୍ଷୀୟ ଅଭିନେତା ୮ ମାସ ପୂର୍ବରୁ ଘୋଷଣା କରିଥିଲେ।

# ଦେଶର ସ୍ୱତନ୍ତ୍ରତାକୁ ସାମ୍ନାକୁ ଆଣିଛନ୍ତି ପ୍ରଧାନମନ୍ତ୍ରୀ: ଭାଜପା

ଭୁବନେଶ୍ୱର, ୨୭।୧୦(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ସଂସ୍କୃତି, ପରମ୍ପରା, ଐତିହ୍ୟ, କଳା, ଭାଷା ଆଦି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରି ପ୍ରତ୍ୟେକ ଭାରତୀୟଙ୍କୁ ଗୌରାବାନ୍ୱିତ କରିଛନ୍ତି। ଭଗବାନ ବିର୍ସା ମୁଣ୍ଡା, ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀକୁ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇ ଦେଶର ସ୍ୱତନ୍ତ୍ରତାକୁ ପୁଣିଥରେ ସାମ୍ନାକୁ ଆଣିଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୧୫ ତମ ସଂସ୍କରଣକୁ ମଧ୍ୟ ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୯ ନମ୍ବର ୱାର୍ଡରେ ମନମୋହନ ଶୁଣିଛନ୍ତି। ଆସନ୍ତା ୩୧ ତାରିଖ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ହେବାକୁ ଥିବା 'ରନ୍ ଫର୍ ୟୁନିଟ'ରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଜି-୨୦ ଶିଖର ସମ୍ମିଳନୀରେ ବିଶ୍ୱ ନେତୃତ୍ୱକୁ କୋଣାର୍କ ଚକ୍ର ତଳେ ଏକାଠି କରିଥିବା ପ୍ରଧାନମନ୍ତ୍ରୀ ବର୍ତ୍ତମାନର ଡିଜିଟାଲ ଯୁଗରେ ଆନିମେଶନ ଜରିଆରେ ବିଶ୍ୱର କୋଣ ଅନୁକୋଣକୁ କୋଣାର୍କ ଓ ଓଡିଶୀ ନୃତ୍ୟକୁ ପହଞ୍ଚାଇବାର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ବିକଶିତ ଓଡିଶା ଗଠନ ପାଇଁ ମୋଦି ସରକାର ବଦ୍ଧପରିକର ବୋଲି ସେ କହିଛନ୍ତି।

# ପ୍ରକାଶ ସେଠୀଙ୍କ ନାଁରେ ୩ ଏତଲା

**କଟକ ସଦର ବିଧାୟକଙ୍କ ଇଙ୍ଗିତରେ ଚନ୍ଦ୍ରସାରଥିଙ୍କ ଭାଜପାରେ ଯୋଗଦାନ ମେସେଜ୍ ଭାଇରାଲ ଅଭିଯୋଗ**

କଟକ ସଦର,୨୭।୧୦
(ସୁଶାନ୍ତ କୁମାର ଜେନା)

କଟକ ସଦରର ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା ବିଜେଡି ଛାଡ଼ି ଭାଜପାର ସଦସ୍ୟତା ଗ୍ରହଣ କରିଥିବା ନେଇ ଏକ ହ୍ୱାଟ୍ସଆପ୍ ମେସେଜ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ହେଲେ ଏହା ନକଲି ମେସେଜ୍ ହୋଇଥିବାରୁ ଏନେଇ କନ୍ଦରପୁର, କିଶନନଗର ଓ ୪୨ ମୌଜା ଥାନାରେ ବିଜେଡି ପକ୍ଷରୁ ରବିବାର ଏତଲା ଦିଆଯାଇଛି। ଦଳୀୟ କର୍ମକର୍ତ୍ତାମାନେ ୩ ଥାନା ଅଧିକାରୀଙ୍କୁ ଭେଟି ଏହି ମେସେଜ୍ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଇଙ୍ଗିତରେ କରାଯାଇଛି ବୋଲି ଅଭିଯୋଗ କରିଥିଲେ। କନ୍ଦରପୁର ଥାନାରେ ବିଜୁ ଯୁବ ଜନତା ଦଳର କଟକ ସଦର ବ୍ଲକ ସଭାପତି ହିମାଂଶୁ ଦାସ, ସମର ବେହେରା, ରଜନୀକାନ୍ତ ସାହୁ, ସାରଦା ପ୍ରସାଦ ସ୍ୱାଇଁ, ଭିକାରି ବେହେରା, ଉମାକାନ୍ତ ଭୂୟାଁ, ପ୍ରମୋଦ ରାଉତ, କାଳନ୍ଦୀ ସ୍ୱାଇଁ, ନୀତୀନ ଶେଖର ରାଉତ ପ୍ରମୁଖ ଏତଲା ଦେଇଛନ୍ତି। ସେହିପରି ୪୨ ମୌଜା ଥାନାରେ ଅଜୟ ଦଳେଇ, ବୀରବର ଲେଙ୍କା, ପ୍ରଦ୍ୟୁମ୍ନ ମହାନ୍ତି, ପଦ୍ମନାଭ ଗୋଚ୍ଛାୟତ ଏତଲା ଦେଇଛନ୍ତି। କିଶନନଗର ଥାନାରେ ଚିତ୍ତରଞ୍ଜନ ବେହେରା, ପବିତ୍ର ବିଶୋଇ, ମିଳନ ରଞ୍ଜନ ଦାସ, କମଳାକାନ୍ତ ଖୁଣ୍ଟିଆ ପ୍ରମୁଖ ଏତଲା ଦେଇଛନ୍ତି।

ଏ ସମ୍ପର୍କରେ ପୂର୍ବତନ ବିଧାୟକ ବେହେରା କହିଛନ୍ତି, ବିଜେଡି ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। ଅପରପକ୍ଷରେ ବିଧାୟକ ସେଠୀ କହିଛନ୍ତି, ଏଭଳି ଅଭିଯୋଗ ଭିତ୍ତିହୀନ। ସେହିପରି କନ୍ଦରପୁର ଥାନା ଅଧିକାରୀ ରାଧାକାନ୍ତ ସାହୁ, ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଓ କିଶନ ନଗର ଥାନା ଅଧିକାରୀ ସୁମନ୍ତ କିଶାନ କହିଛନ୍ତି, ତଦନ୍ତବେଳେ ସାଇବର ଥାନାର ସହଯୋଗ ନିଆଯିବ।



କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ନାମରେ କନ୍ଦରପୁର ଥାନାରେ ବିଜେଡି କର୍ମୀ ଏତଲା ଦେଉଛନ୍ତି।

# ଅଧ୍ୟକ୍ଷଙ୍କ ଅନାସ୍ଥା ପ୍ରସ୍ତାବକୁ ନେଇ ବିଜେଡିରେ ଗୋଷ୍ଠୀ କନ୍ଦଳ

**କୋରୁକୋଣ୍ଡା ବ୍ଲକ**

ମାଲକାନଗିରି,୨୭।୧୦(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ (ବିଜେଡି ସମର୍ଥିତ)ଙ୍କ ବିରୋଧରେ କିଛି ଦିନ ପୂର୍ବେ କଂଗ୍ରେସ ସମର୍ଥିତ ସମିତି ସଭ୍ୟା ସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏଥିରେ ବିଜେଡି କର୍ମକର୍ତ୍ତା ମଦନ ଖୋସ୍‌ଲା ଓ ସୋମନାଥ ବାର୍ସେ କଂଗ୍ରେସକୁ ଉସ୍‌କାଇଥିବା ଅଡିଓ କ୍ଲିପ୍‌କୁ ଆଧାରକରି କୋରୁକୋଣ୍ଡା ବ୍ଲକ ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ ଜିଲା ସଭାପତି ମାନସ ମାଡକାମୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାନସ ସପ୍ତାହେ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଉତ୍ତର ଦେବାପାଇଁ ଉଭୟଙ୍କୁ ନୋଟିସ କରିଛନ୍ତି। ୭ ଦିନ ମଧ୍ୟରେ ଉତ୍ତର ନ ଦେଲେ ଦଳ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଉଲ୍ଲେଖ କରିଛନ୍ତି। ଫଳରେ ବିଜେଡିରେ କନ୍ଦଳ ଆରମ୍ଭ ହୋଇଛି। ଗତ ୨୩ରେ ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ରିଟର୍ନିଂ ଅଧିକାରୀ ଭାବେ ଚିତ୍ରକୋଣ୍ଡା ତହସିଲଦାର ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ଥାଇ ଦୀର୍ଘ ସମୟଧରି ଅପେକ୍ଷା କରିବା ପରେ ଅନାସ୍ଥା ପ୍ରସ୍ତାବ ଆଣିଥିବା କଂଗ୍ରେସ ସମର୍ଥିତ ସମିତି ସଭ୍ୟାସଭ୍ୟମାନେ ଅନୁପସ୍ଥିତ ଥିବାରୁ ଅନାସ୍ଥା ପ୍ରସ୍ତାବ ରଦ୍ଦ ହୋଇଥିଲା।

# ବାତ୍ୟା ମୁକାବିଲା ନେଇ ସରକାରଙ୍କୁ ଧନ୍ୟବାଦ ଦେଲେ ମନମୋହନ

ଭୁବନେଶ୍ୱର, ୨୭।୧୦(ସୁନିତ୍ ମିଶ୍ର)

ବାତ୍ୟା 'ଦାନା'ର ମୁକାବିଲା ରାଜ୍ୟ ସରକାର ଯେଉଁଭଳି ମିଳିତ ପ୍ରୟାସରେ କରିଛନ୍ତି ତାହା ପ୍ରଶଂସନୀୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟବୃନ୍ଦ, ସରକାରୀ ଅଧିକାରୀ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ, ଅଗ୍ନିଶମ ବିଭାଗ, ଉଦ୍ଧାରକାରୀ ଦଳ, ବିଭିନ୍ନ ସାମାଜିକ ସଙ୍ଗଠନ ମିଳିମିଶି ବାତ୍ୟାର ମୁକାବିଲା ଏବଂ ପରିଚାଳନା କରିଛନ୍ତି। ଭାଜପା କାର୍ଯ୍ୟକର୍ତ୍ତାମାନେ ମଧ୍ୟ ନିଜ ଅଞ୍ଚଳରେ ରହି ପ୍ରଶାସନ ଏବଂ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଓଡ଼ିଶା ସରକାର ଯେଉଁଭଳି ବିଭିନ୍ନ ଜିଲାରେ ବାତ୍ୟା ପରିଚାଳନା କଲେ ତାହା ବିଶ୍ୱସ୍ତରୀୟ। ଏଭଳି ବାତ୍ୟା ପରିଚାଳନା ସମଗ୍ର ବିଶ୍ୱରେ ସର୍ବୋତ୍କୃଷ୍ଟ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ପ୍ରେସ୍ ବିବୃତି ଜରିଆରେ ମନମୋହନ କହିଛନ୍ତି, ବାତ୍ୟା ପୂର୍ବରୁ ଆଗୁଆ ଯୋଜନା ପ୍ରସ୍ତୁତ କରାଯାଇ ତାହାକୁ ଠିକ କାର୍ଯ୍ୟକାରୀ କରାଗଲା। ପ୍ରତ୍ୟେକ ଜୀବନର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। 'ଜିରୋ କାଜୁଆଲ୍‌ଟି' ଉପରେ ଗୁରୁତ୍ୱ ଦିଆଯାଇ ତଳିଆ ଓ ଅସୁରକ୍ଷିତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଗଲା। ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟ ପରିବେଷଣକୁ ପ୍ରାଧାନ୍ୟ ଦିଆଯିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଭାଜପା ସରକାର ବାତ୍ୟାଜନିତ କ୍ଷୟକ୍ଷତି ଭରଣା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଦେଇଛନ୍ତି। ରାସ୍ତାଘାଟ ସଫା କରି ଯୋଗାଯୋଗ ପୁନଃକ୍ଷମ କରିବା, ବିଜୁଳି ଓ ପାନୀୟ ଜଳକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି। ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ କରିବା ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରଖିଛନ୍ତି। ଏହି ବାତ୍ୟାରେ ଅଧିକାଂଶ ସ୍ଥାନରେ ବହୁ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି। ଏସବୁର ଆକଳନ କରି କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ଲୋକଙ୍କ ଆର୍ଥିକ ସ୍ଥିତି ଯେପରି ପ୍ରଭାବିତ ନ ହେବ, ସେସବୁ ଉପରେ ରାଜ୍ୟରେ ଭାଜପା ସରକାର ଗୁରୁତ୍ୱ ଦେଉଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ପୂରା ଟିମ୍‌କୁ ମନମୋହନ ଧନ୍ୟବାଦ ଦେଇଛନ୍ତି।

# 'ଦାନା' ମାଡ଼ ଅଞ୍ଚଳରେ ପହଞ୍ଚିନି ରିଲିଫ୍ : ଧ୍ରୁବ ସାହୁ

**ମୃତକଙ୍କ ପରିବାରକୁ ନ ଭେଟି ଉପମୁଖ୍ୟମନ୍ତ୍ରୀ, ଏମ୍‌ପି ଫେରିଗଲେ**

ରାଜନଗର, ୨୭।୧୦(ଭାସ୍କର ରାଉତରାୟ)

ବାତ୍ୟା 'ଦାନା' କେନ୍ଦ୍ରାପଡ଼ା ଜିଲା ରାଜନଗରର ହବାଲିଖଟି ନିକଟରେ ମାଡ଼ ହେବା ଯୋଗୁ ବ୍ଲକରେ ବହୁ କ୍ଷତି ଘଟିଛି। ଇତିମଧ୍ୟରେ ୩ଦିନ ବିତିଯାଇଥିଲେ ମଧ୍ୟ ସରକାର ତତ୍ପର ହୋଇନାହାନ୍ତି ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ରବିବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଖବରଦାତା ସମ୍ମିଳନୀ କରି ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସରକାର ରାଜନଗରକୁ ବାତ୍ୟା କ୍ଷୟକ୍ଷତି ଅଞ୍ଚଳ ଘୋଷଣା କରିଥିଲେ ମଧ୍ୟ ରବିବାର ଯାଏ ଲୋକଙ୍କ ପାଖରେ ରିଲିଫ୍ ପହଞ୍ଚି ପାରିଲା ନାହିଁ। ୩ ମୃତ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରାଗଲା ନାହିଁ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଗୋରୁଙ୍କ ପାଇଁ ମୁଠାଏ ଦାନା ପହଞ୍ଚି ପାରିନାହିଁ। ବିପନ୍ନ ଲୋକଙ୍କୁ ପଲିଥିନ୍ ଦିଆଯାଇ ନ ଥିବା ବେଳେ ଏବେ ବି ଅନେକ ଗାଁ ଅନ୍ଧାରରେ ରହିଛି। ଜିରୋ କାଜୁଆଲିଟିର ବାହାବା ନେବା ପାଇଁ ପ୍ରାଣହାନି ଘଟିଥିବା ଲୋକଙ୍କ ତଥ୍ୟକୁ ଲୁଚାଇ ଦେବାକୁ ସରକାର ବସିଛନ୍ତି। ସେ କହିଛନ୍ତି, ଉପମୁଖ୍ୟମନ୍ତ୍ରୀ ତାଳଚୁଆ ଗଲେ ସତ, କିନ୍ତୁ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ପଙ୍କାପାରିଆ, ପ୍ରଭାତି, ଖାସମୁଣ୍ଡା ଅଞ୍ଚଳକୁ ଗଲେ ନାହିଁ। ଡାଙ୍ଗମାଳ, ତାଳଚୁଆରେ ଗାଡ଼ିରୁ ନ ଓହ୍ଲାଇ ଟୁରିଷ୍ଟ ଭଳି ଯାଇ ଫେରି ଆସିଲେ। ସ୍ଥାନୀୟ ଏମ୍‌ପି ମଧ୍ୟ ଟୁରିଷ୍ଟ ଭଳି ବୁଲି ଫେରିଗଲେ। ବାତ୍ୟା ମୁକାବିଲା ପାଇଁ ଏମାନଙ୍କର ଆନ୍ତରିକତା ଏଥିରୁ ଜଣାପଡୁଛି ବୋଲି ସାହୁ କହିଛନ୍ତି।

ସରକାର ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା, ପ୍ରଭାବିତ ଅଞ୍ଚଳରେ ୧୫ଦିନ ପାଇଁ ରିଲିଫ, ଗୃହପାଳିତ ପ୍ରାଣୀଙ୍କ ପାଇଁ ଗୋଖାଦ୍ୟ, କୃଷକମାନଙ୍କୁ ଉଚିତ କ୍ଷତିପୂରଣ ସହିତ ଋଣ ଛାଡ଼, କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଜାଲ, ଡଙ୍ଗାର କ୍ଷତିପୂରଣ, ଘରଭଙ୍ଗା ସହାୟତା ସହ ତୁରନ୍ତ ପଲିଥିନ ଯୋଗାଣ ପାଇଁ ବିଧାୟକ ସାହୁ ଦାବି କରିଛନ୍ତି। ତୁରନ୍ତ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସରକାର କ୍ଷତିପୂରଣ ଓ ରିଲିଫ୍ ପ୍ରଦାନ ନ କଲେ ବାଧ୍ୟ ହୋଇ ରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

ଏହି ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ନାୟକ, ସୁବାସ ଚନ୍ଦ୍ର ଦାସ, ଦିଲୀପ କୁମାର ପାତ୍ର, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଜିଲା ଯୁବ ବିଜେଡି ସମ୍ପାଦକ ସରୋଜ କୁମାର ରାଉତ, ଯୁବନେତା ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।


DSPL



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

ODISHA STATE SCHOLARSHIP PORTAL

ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅନଲାଇନ୍ ରେ ନୂତନ ପାଠ୍ୟକ୍ରମ ନିମନ୍ତେ ପଞ୍ଜୀକରଣ ଏବଂ ନବୀକରଣ (ପୂର୍ବରୁ ପଞ୍ଜୀକୃତ) ପାଇଁ ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ ମାଧ୍ୟମରେ (ODISHA STATE SCHOLARSHIP PORTAL) ଦରଖାସ୍ତ ଆହ୍ୱାନ କରାଯାଉଛି । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ଦିଆଯାଇଥିବା URL http://www.scholarship.odisha.gov.in ରେ ପରିଦର୍ଶନ କରି ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନୂତନ ପଞ୍ଜୀକରଣ ଏବଂ ନବୀକରଣ ନିମନ୍ତେ ଆବେଦନ କରିପାରିବେ ।

**ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:**

- ଆବେଦନକାରୀ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ
- ସେ ସରକାରୀ/ ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।
- ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।
- ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପୂର୍ବ ପରୀକ୍ଷାରେ ଅତି କମରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ।

ନୂତନ ପଞ୍ଜୀକରଣ ନବୀକରଣ କରିବାର ସମୟ ସାରଣୀ

| କ୍ର.ନଂ | କାର୍ଯ୍ୟ କ୍ରମ | ତାରିଖ |
|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୨୮.୧୦.୨୦୨୪ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୧୫.୧୨.୨୦୨୪ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୩୧.୧୨.୨୦୨୪ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୧୫.୦୧.୨୦୨୫ |

OIPR-26001/13/0008/2425

**ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ :**

- ଛାତ୍ରଛାତ୍ରୀମାନେ ପଞ୍ଜୀକରଣର ସମ୍ପୂର୍ଣ ପ୍ରକ୍ରିୟା ODISHA STATE SCHOLARSHIP PORTAL ରେ "HOW TO APPLY" ବିଭାଗରେ ଜାଣିପାରିବେ।
- OTP ମାଧ୍ୟମରେ ଆଧାର ପ୍ରାମାଣିକରଣ ହୋଇ ID ସୃଷ୍ଟି ହେବ, ତେଣୁ ଛାତ୍ରଛାତ୍ରୀମାନେ OTP ପାଇବା ପାଇଁ ସେମାନଙ୍କ ଆଧାର ନିଜର ସକ୍ରିୟ ଥିବା ମୋବାଇଲ୍ ନମ୍ବର ସହିତ ସଂଯୁକ୍ତ ହୋଇଥିବା ଆବଶ୍ୟକ ।
- ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ,ଏହି ଯୋଜନା ଅଧୀନରେ ଚଳିତ ବର୍ଷରୁ ଛାତ୍ରବୃତ୍ତି ପାଇବା ପାଇଁ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ (ନୂତନ ଏବଂ ନବୀକରଣ) "ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ"ରେ (ODISHA STATE SCHOLARSHIP PORTAL) ନିଜର ବାୟୋ-ମେଟ୍ରିକ ପ୍ରାମାଣିକରଣ କରିବେ । ପୋର୍ଟାଲ ରେ ଆବେଦନକାରୀଙ୍କ ନିଜର ଲଗ-ଇନ ପେଜରେ ଏହି ବ୍ୟବସ୍ଥା ପ୍ରଦାନ କରାଯାଇଛି। ଏହାର ସବିଶେଷ ବିବରଣୀ OSSP ର ମୁଖ୍ୟ ପେଜ ରେ ଦିଆଯାଇଛି।
- ଆବେଦନକାରୀର ସମ୍ପୂର୍ଣ ସୂଚନା ଯଥା ନାମ, ଲିଙ୍ଗ, ଜନ୍ମତାରିଖ (DOB) , AADHAAR ରୁ ଅଣାଯିବ ଏବଂ ଏହା ଅପରିବର୍ତ୍ତିତ ରହିବ | ଆବେଦନ କରିବା ପୂର୍ବରୁ, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର AADHAAR ରେ (ନାମ ଏବଂ ଉପନାମ ବନାନ ଅନ୍ତର୍ଭୁକ୍ତକରି) ସଠିକ ନିଶ୍ଚିତ କରିବେ ।
- ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ, ଜନଜାତି ନାମ ଏବଂParticularly Vulnerable Tribal Group (PVTG) ସମ୍ପର୍କୀୟ ଅତିରିକ୍ତ ସୂଚନା ପ୍ରଦାନ କରନ୍ତୁ।ଆବେଦନ କରିବା ସମୟରେ ବେସିକ ପ୍ରୋଫାଇଲ ପେଜରେ ଡ୍ରପ ଡାଉନ ତାଲିକାରେ ଦିଆଯାଇଥିବା ୧୩ଟି ଗୋଷ୍ଠୀ ତାଲିକା ମଧ୍ୟରୁ ସଠିକ ବିକଳ୍ପ ଚୟନ କରନ୍ତୁ ଏବଂ ଏ ସୂଚନାକୁ ନେଇ କିଛି ଦ୍ୱନ୍ଦ ଥିଲେ ଦୟାକରି ଆପଣଙ୍କର ଜାତି ପ୍ରମାଣପତ୍ରକୁ ଅନୁସରଣ କରନ୍ତୁ। ଯଦି ଛାତ୍ରଛାତ୍ରୀ ନିଜର ଗୋଷ୍ଠୀ ବିଷୟରେ ଅବଗତ ନାହାନ୍ତି ସେମାନେ ନିଜର ପିତାମାତାଙ୍କ ଠାରୁ ଆବଶ୍ୟକୀୟ ତଥ୍ୟ ଗ୍ରହଣ କରି ଏହା ପୂରଣ କରି ପାରିବେ । ଯଦି ଆପଣ PVTG ଗୋଷ୍ଠୀ ଅନ୍ତର୍ଭୁକ୍ତ ନାହାନ୍ତି, ତେବେ "NO" ଚୟନ କରନ୍ତୁ।
- ଛାତ୍ରଛାତ୍ରୀମାନଙ୍କୁ ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଗୁଡିକର ହାର୍ଡକପି ଦାଖଲ ନକରିବାକୁ ପରାମର୍ଶ ଦିଆଯାଇଛି। ତେଣୁ ଆବେଦନକାରୀ ମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମେଟ୍ରିକ, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି ସମ୍ବନ୍ଧୀୟ ତଥ୍ୟ ସତର୍କତାର ସହିତ ପୋର୍ଟାଲରେ ପୂରଣ କରିବେ | ତଥାପି, ଯଦି ଆବଶ୍ୟକତା ଥାଏ ତେବେ DWO ଆବେଦନକାରୀଙ୍କ ଠାରୁ ହାର୍ଡ-କପି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମାଗି ପରିବେ | ଶିକ୍ଷାନୁଷ୍ଠାନ / DWO ସ୍ତରରେ ଯାଞ୍ଚ ପ୍ରକ୍ରିୟା ସମୟରେ ଯଦି କିଛି ଅସଙ୍ଗତି ମିଳେ ତେବେ, ସମ୍ପୃକ୍ତ ଛାତ୍ରବୃତ୍ତି ପ୍ରତ୍ୟାଖ୍ୟାନ କରାଯାଇପାରେ |
- ପ୍ରଥମ ଥର ପାଇଁ ଆବେଦନ କରୁଥିବା କିମ୍ବା ନୂତନ ପାଠ୍ୟକ୍ରମରେ ନବୀକରଣ କରୁଥିବା ଛାତ୍ରଛାତ୍ରୀମାନେ ଓଡ଼ିଶାର ଇ-ଜିଲ୍ଲା ପୋର୍ଟାଲରୁ ଜାତି ଏବଂ ନୂତନ ଆୟ ପ୍ରମାଣପତ୍ର ପ୍ରାପ୍ତ କରି ତାହାକୁ ପୋର୍ଟାଲ ରେ upload କରିବେ ।
- ନୂତନ ପଞ୍ଜୀକରଣ କରୁଥିବା ଛାତ୍ରଛାତ୍ରୀମାନେ ମାଟ୍ରିକ୍ ଠାରୁ ଆରମ୍ଭ କରି ଏଯାବତ ପ୍ରାପ୍ତ କରିଥିବା ସମସ୍ତ ଶିକ୍ଷାଗତ ଯୋଗ୍ୟତାର ବିବରଣୀ ଏବଂ ପ୍ରମାଣପତ୍ର / ମାର୍କ-ସିଟ୍ ପୋର୍ଟାଲର ସମ୍ପୃକ୍ତ ବିଭାଗରେ ଅପଲୋଡ୍ କରିବେ | ନୂତନ ପାଠ୍ୟକ୍ରମରେ ନବୀକରଣ କରୁଥିବା ଛାତ୍ରଛାତ୍ରୀମାନେ ପୂର୍ବ ପରୀକ୍ଷାର ମାର୍କ୍ସ Academic Details ବିଭାଗରେ ପ୍ରଦାନ କରିବେ ।
- ଆବେଦନ ସ୍ଥିତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବା ପାଇଁ ଛାତ୍ରଛାତ୍ରୀମାନେ ଏକ ସକ୍ରିୟ ମୋବାଇଲ ନମ୍ବର (ବିଶେଷତଃ whatsapp ନମ୍ବର) ପୋର୍ଟାଲରେ ପ୍ରଦାନ କରିବା ଆବଶ୍ୟକ | ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୋଟିଏ ମୋବାଇଲ ନମ୍ବର କେବଳ ଗୋଟିଏ ଆବେଦନରେ ହିଁ ବ୍ୟବହାର କରାଯାଇପାରିବ।
- ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ID ଏବଂ password ଗୋପନୀୟ ରଖିବାକୁ ଅନୁରୋଧ | ଯଦି ଆବେଦନକାରୀ ନିଜର ID କିମ୍ବା password ଅନ୍ୟକୁ ଜଣାଇଲେ କିମ୍ବା ହସ୍ତାନ୍ତର କଲେ, ଯଦି ବୃତ୍ତି ରାଶିରେ କୌଣସି ଭୁଲ ପଇଠ ହୁଏ ବା କୌଣସି ପ୍ରକାରର କାରସାଦି ହୁଏ ସେଥିପାଇଁ ସମ୍ପୃକ୍ତ ଆବେଦନକାରୀ ଦାୟୀ ରହିବେ ।

**ଶିକ୍ଷାନୁଷ୍ଠାନଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ :**

- ଭାରତ ସରକାରଙ୍କ ସର୍ତ୍ତାବଳୀ ଅନୁଯାୟୀ, ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ (HoI) ଏବଂ ସ୍କଲାରସିପ୍ ନୋଡାଲ୍ ଅଫିସର (INO) ମାନେ ୨୦୨୪-୨୦୨୫ରୁ ରାଜ୍ୟ ସ୍କଲାରସିପ୍ ପୋର୍ଟାଲରେ ବାୟୋମେଟ୍ରିକ୍ ଇ-କେଇସି ପ୍ରାମାଣିକରଣ କରିବା ଅନିର୍ବାଯ୍ୟ ଅଟେ | ପୋର୍ଟାଲରେ ଯେଉଁ ଶିକ୍ଷାନୁଷ୍ଠାନମାନଙ୍କ ବାୟୋମେଟ୍ରିକ୍ ଇ-କେଇସି ପ୍ରାମାଣିକରଣ ହୋଇଛି , କେବଳ ସେମାନେ ହିଁ ଆବେଦନ ଗୁଡିକୁ ଆଗକୁ ପ୍ରକ୍ରିୟାକରଣ କରିପାରିବେ। ପୋର୍ଟାଲ ରେ ଶିକ୍ଷାନୁଷ୍ଠାନ ଗୁଡିକର ନିଜର ଲଗ-ଇନ ପେଜରେ ବାୟୋମେଟ୍ରିକ୍ ଇ-କେଇସି ପ୍ରାମାଣିକରଣର ବ୍ୟବସ୍ଥା ରହିଛି।
- ଅନୁଷ୍ଠାନ / DWO ମାନେ ଶେଷ ତାରିଖକୁ ଅପେକ୍ଷା ନକରି ଆବେଦନ ପାଇବାର ୭ ଦିନ ମଧ୍ୟରେ ନିଜର ପରବର୍ତ୍ତୀ ସ୍ତରକୁ ଆବେଦନ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି।
- ଯଦି ଆବଶ୍ୟକତା ଥାଏ, DWO ଅନୁଷ୍ଠାନ ଦ୍ୱାରା ଅନୁମୋଦିତ ଆବେଦନ ତାଲିକାରେ ତାଙ୍କ ମୁଖ୍ୟଙ୍କ ଦସ୍ତଖତ ହୋଇଥିବା ହାର୍ଡ-କପି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମାଗି ପରିବେ। ଅନୁମୋଦିତ ହୋଇଥିବା ଆବେଦନର ତାଲିକା / ସାରାଂଶ ତାଲିକା ସେମାନଙ୍କ ଲଗ-ଇନ ପେଜରେ ପ୍ରିଣ୍ଟ କରିବା ପାଇଁ ଦିଆଯାଇଛି ।

ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

# ଧାନଫସଲ ନଷ୍ଟ କରୁଛନ୍ତି ହାତୀ: କ୍ଷତି ସହୁଛନ୍ତି ଚାଷୀ

ପଲମ, ୨୭।୧୦(ଭିକାରୀ ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭାନପୁର ପଞ୍ଚାୟତସ୍ଥିତ କରମେ ଗାଁରେ ହାତୀ କରୁଛନ୍ତି ଚାଷ ନଷ୍ଟ। ଚଳିତବର୍ଷ ୩୦ଟିକିଆ ହାତୀ ରହି ଅନେକ ଧାନ ଚାଷ ଓ କପା ଚାଷ ନଷ୍ଟ କରୁଛନ୍ତି। ଗତ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ପ୍ରାୟ ୧୦ ଜଣ ଚାଷୀଙ୍କ ୧୫ ରୁ ୨୦ ଏକର ଜମିର ଧାନଫସଲ ନଷ୍ଟ କରିବା ସହ ଦଳିଚକଟି ମାଡି ଦେଉଛନ୍ତି। ଚାଷୀ ଜୀବନକୁ ବାଜି ଲଗାଇ ଘଉଡ଼ାଇଲେ ମଧ୍ୟ ହାତୀ ଯାଉନାହାନ୍ତି। ଏହି ହାତୀପଲ ସନ୍ଧ୍ୟା ୭ରୁ ସକାଳ ପର୍ଯ୍ୟନ୍ତ ଚାଷ ଜମିରେ ରହୁଛନ୍ତି। ସେହି କାରଣରୁ ବିଦ୍ୟୁତ୍ ମଧ୍ୟ କାଟି ଦିଆଯାଉଛି। ଏହି ବାବଦ ନେଇ ନର୍ଲା ବନବିଭାଗ, ଆର୍ଆଇ ତହସିଲଦାର ଏବଂ ଜିଲାପାଳଙ୍କୁ ଜଣାଇଲେ ମଧ୍ୟ କୌଣସି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ନର୍ଲା ବନ ବିଭାଗ ଫରେଷ୍ଟର ଭବାନୀ ଶଙ୍କର ନାଏକଙ୍କୁ ପଚାରିବାରେ ସେ କହନ୍ତି, ହାତୀ ଘଉଡ଼ାଇ ଆମେ ମଧ୍ୟ ହତାଶ ହୋଇଗଲୁଣି। ଚାଷଙ୍କ କ୍ଷତି ଦେଖିହେଉନାହିଁ। ହାତୀପଲକୁ ଘଉଡ଼ାଇବାକୁ ଚେଷ୍ଟା ଜାରି ରହିଛି।

# ୨.୯୭ କୋଟିରେ ନିର୍ମାଣ ହେବ ଦୈନିକ ବଜାର

ଭବାନୀପାଟଣା ପୌରପାଳିକା

■ଉପକୃତ ହେବେ ୫ ଶହରୁ ଅଧିକ ବ୍ୟବସାୟୀ

ଭବାନୀପାଟଣା, ୨୭।୧୦
(ଉତ୍ତମ କୁମାର ଦାଶ)

ଭବାନୀପାଟଣା ପୌରପାଳିକା ପକ୍ଷରୁ ସହରବାସୀଙ୍କ ପାଇଁ ସ୍ୱତନ୍ତ୍ର ବଜାର ପ୍ରତିଷ୍ଠା ପାଇଁ ଡିପିଆର ପ୍ରସ୍ତୁତ ହୋଇ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ପାଖାପାଖି ୨.୯୭ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ପ୍ରାୟ ୫୦୦ରୁ ଅଧିକ ବ୍ୟବସାୟୀ ଉପକୃତ ହେବ ବୋଲି ଜଣାପଡ଼ିଛି। କେବଳ ସେତିକି ନୁହଁ, ୬୭ଲକ୍ଷରେ ସ୍ୱତନ୍ତ୍ର ଫୁଡ ପାର୍କ ମଧ୍ୟ ନିର୍ମାଣ ହେବାକୁ ଯାଉଛି। ଭବାନୀପାଟଣା ସହରରେ ପ୍ରତିଦିନ ସକାଳୁଆ ଦୈନିକ ବଜାର ସହର ମଧ୍ୟଭାଗରେ ଷ୍ଟେଟରୁ ଛକରୁ ଆରମ୍ଭ ହୋଇ ଷ୍ଟାଡିଅମ ଛକର ଚତୁଃପାର୍ଶ୍ୱ, ବଜାର ଗଳି, ଗାନ୍ଧି ପାର୍କ ନିକଟରେ ଚାଲୁଛି। ଏଥିସହ ସାପ୍ତାହିକ ଶନିବାର ଓ ମଙ୍ଗଳବାର ସପ୍ତାହିକ ବଜାର ମଧ୍ୟ ଏହି ଅଞ୍ଚଳରେ ବସୁଛି। ମାତ୍ର ବଜାରଟି ଅସ୍ୱାସ୍ଥ୍ୟକର ପରିବେଶରେ ଚାଲୁଥିବା ଅଭିଯୋଗ ହେଉଛି। ସବୁଠାରୁ ବଡ଼କଥା ହେଉଛି, ଅନେକ ବ୍ୟବସାୟୀ ରାସ୍ତା ଉପରେ ବସି ବିକ୍ରି କରୁଛନ୍ତି। ଫଳରେ ରାସ୍ତାଗୁଡ଼ିକ ସଙ୍କୁଚିତ ହେଉଛି। ଏହି ବଜାର ବ୍ୟତୀତ ସହରର ଅନ୍ୟ କେତେକ ସ୍ଥାନରେ ମଧ୍ୟ ବ୍ୟବସାୟୀମାନେ ଉଠା ଦୋକାନ କରି ବିକ୍ରି କରୁଛନ୍ତି। ଗୋଟିଏ ପଟେ ଅସ୍ୱାସ୍ଥ୍ୟକର ପରିବେଶରେ ପରିବା, ଫଳମୂଳ ଓ ଆମିଷ ବିକ୍ରି ହେଉଥିବାବେଳେ ଅନ୍ୟପଟେ ରାସ୍ତା ଉପର ବଜାର ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଉପରୋକ୍ତ ସ୍ଥାନରେ ଅସମ୍ଭାଳ ଭିଡ଼ ହେଉଛି। ସେହିପରି ଆମିଷ ବିକ୍ରୟ ସ୍ଥାନରେ ବର୍ଜ୍ୟ ସାମଗ୍ରୀ, ପାଣି ପଡ଼ି ଦୁର୍ଗନ୍ଧ କରୁଛି। ଏହିସବୁ ଅସୁବିଧାକୁ ହୃଦୟଙ୍ଗମ କରି ଭବାନୀପାଟଣା ପୌରପାଳିକା ନୂତନ ବଜାର ପ୍ରକଳ୍ପ ହାତକୁ ନେଇଛି। ପୂର୍ବରୁ ଥିବା ଜାଗାରେ ଏକ ସ୍ୱତନ୍ତ୍ର ବଜାର ପ୍ରତିଷ୍ଠା ପାଇଁ ଆର୍ଥିକ ଅନୁମୋଦନ ପରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଡିପିଆର ପ୍ରସ୍ତୁତ କରି ଆର୍କିଟେକ ଦ୍ୱାରା ଡିଜାଇନ ପ୍ରସ୍ତୁତ ସରିଛି। ୯ ହଜାର ୩୨୬ ବର୍ଗଫୁଟ ଅଞ୍ଚଳରେ ୨ କୋଟି ୯୭ଲକ୍ଷ ବ୍ୟୟରେ ଦୈନିକ ବଜାର କରାଯିବ। ଏଥିରେ ମୋଟ ୨୫୦ଟି ଦୋକାନ ଘର ନିର୍ମାଣ ହେବ। ୩୦ଫୁଟ ପ୍ରଶସ୍ତ ରାସ୍ତା କରାଯିବ। ପନିପରିବା, ଆମିଷ ଓ ଫଳମୂଳ ପାଇଁ ସ୍ୱତନ୍ତ୍ର ଭାବେ ସ୍ଥାନ, ଦୋକାନ ଓ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ରହିଥିବାବେଳେ ଛୋଟ ବେପାରୀଙ୍କ ପାଇଁ ପିଣ୍ଡି ବ୍ୟବସ୍ଥା ରହିଛି। କେବଳ ମାର୍କେଟ ନୁହେଁ, ମାର୍କେଟରୁ ବାହାରୁଥିବା ବର୍ଜ୍ୟ ସାମଗ୍ରୀ ଓ ବର୍ଜ୍ୟ ପାଣିର ପରିଚାଳନା ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ରାଣ୍ଟ ଏବଂ ମାର୍କେଟ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ତଥା ଗ୍ରାହକଙ୍କ ସୁବିଧା ପାଇଁ ପାର୍କିଂ, ଟୟଲେଟର ସୁବିଧା ରହିବ। ଚତୁଃପାର୍ଶରେ ପାଚେରୀ ତିଆରି ହେବ। ଏହା ପ୍ରତିଷ୍ଠା ହେଲେ ୫୦୦ରୁ ଅଧିକ ବ୍ୟବସାୟୀ ଉପକୃତ ହେବେ। ସହରବାସୀ ସ୍ୱଚ୍ଛ ପରିବେଶରେ କିଣାକିଣି କରିପାରିବେ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ଡ.ସତ୍ୟ ସମ୍ପୂର୍ଣ୍ଣ ରାଉତ କହିଛନ୍ତି। ସେହିପରି ସ୍ଥାନୀୟ ବୟନିକା ନିକଟରେ ୧୨ ହଜାର୪୦୦ ବର୍ଗଫୁଟ ଅଞ୍ଚଳରେ ଏକ ଫୁଡ ପାର୍କ ବ୍ୟବସ୍ଥା କରାଯାଇଛି। ଏଥିରେ ୧୯ଟି ଫୁଡ ଷ୍ଟଲ ସମେତ ୫୦-୨୦ ସେଲିବ୍ରେସନ ସ୍ଥାନ, ୨୨୦୦ ବର୍ଗଫୁଟ ଲନ ରହିବ। ଏହା ୬୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ ବୋଲି ପୌରପାଳିକା କନିଷ୍ଠ ଯନ୍ତ୍ରୀ ଏଫ.ମାରାଣ୍ଡିଙ୍କଠାରୁ ଜଣାପଡିଛି।


ଭବାନୀପାଟଣାରେ ବର୍ତ୍ତମାନର ଦୈନିକ ବଜାର।

# ବିକାଶ ଏଣ୍ଟରପ୍ରିନିୟରଶିପ କ୍ଲବ୍ ଉଦ୍‌ଘାଟିତ


ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିବା ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଉଛି।

ଭବାନୀପାଟଣା,୨୭।୧୦
(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ବିକାଶ ୱାଇସଡମ ପାର୍କ ପରିସରରେ ରବିବାରଠାରୁ ବିକାଶ ଏଣ୍ଟରପ୍ରିନିୟରଶିପ କ୍ଲବ ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ଲବରେ ୧୬ଜଣ ସଦସ୍ୟ ରହିଛନ୍ତି। ଆଲୋକରପର୍ବ ଦୀପାବଳି ଅବସରରେ କୁମ୍ଭକାରଙ୍କ ଠାରୁ ମାଟି ଦୀପ କିଣି ତାକୁ ବିଭିନ୍ନ ଶୈଳୀରେ ସଜ୍ଜିତ କରି ବିଦ୍ୟାଳୟ ପରିସରରେ ଚାରୋଟି ଷ୍ଟଲ ଖୋଲି ଏହାକୁ ବିକ୍ରୀ କରିଛନ୍ତି। ଏହା ଦ୍ୱାରା ବିଦ୍ୟାଳୟର ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ବ୍ୟବସାୟିକ ମଡେଲ ଉପସ୍ଥାପନ କରିବା ସହ ନିଜ ବୁଦ୍ଧିମତ୍ତାର ପ୍ରୟୋଗ କରିବାର ଏକ ଅଭିନବ ପ୍ରୟାସ। ଏତଦ୍‌ବ୍ୟତୀତ ଛାତ୍ରୀ ଛାତ୍ରଙ୍କ ଉଦ୍ୟୋଗପତି ଭାବନାର ଉନ୍ମେଷ ଘଟିବାସହ ଆଗାମୀ ଦିନରେ ବୃହତ୍ତ ବ୍ୟବସାୟ ପ୍ରତିଷ୍ଠାନ ନିମନ୍ତେ ନିଜକୁ ପ୍ରସ୍ତୁତ କରିବାର ସୁଯୋଗ ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ପବିତ୍ର ମୋହନ ସାହୁ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଶିକ୍ଷା ପ୍ରଭାରୀ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର , ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ସାହୁ ମାଟିଦୀପ କିଣି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିକାଶ ଛାତ୍ରୀଛାତ୍ରଙ୍କ ଏହି ଅଭିନବ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ଭବିଷ୍ୟତରେ ଜଣେ ଜଣେ ଭଲ ଉଦ୍ୟୋଗପତି ହେବା ଓ ସମାଜର ଉନ୍ନତିରେ ଭାଗୀଦାର ହେବାକୁ ପ୍ରୋତ୍ସାହିତ କରିଥିଲେ। ଏହି ଅର୍ଥ ରାଶିକୁ ସମାଜର ଆର୍ଥିକ ଅନଗ୍ରସର ବର୍ଗଙ୍କୁ ସାହାଯ୍ୟ କରି ତାଙ୍କ ସହ ଦୀପାବଳି ଉତ୍ସବ ପାଳନ ପୂର୍ବକ ତାଙ୍କ ମୁହଁରେ ହସ ଫୁଟାଇବା ପ୍ରୟାସ ରହିଛି। ଉଦଘାଟନୀ ସମାରୋହରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ

କୋକସରା/ବେହେରା,୨୭।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ/ ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ବିଜୁ ଏକ୍ସପ୍ରେସ ୱେ ପେଟ୍ରୋଲ ପମ୍ପ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟ ଘଟିଛି। ମୃତ ଯୁବକ ଜଣକ ଟେଣ୍ଟାପାଲି ପଞ୍ଚାୟତ ଛତାଗୋହିରା ଗାଁର ଛବିଲାଲ ନାଗ(୪୫)। ରବିବାର ଭୋର ସମୟରେ ଛବିଲାଲ ବିଜୁ ଏକ୍ସପ୍ରେସ ୱେ ବେହେରା ପେଟ୍ରୋଲ ପମ୍ପ ଦେଇ ରାସ୍ତା ପାର ହେଉଥିଲେ। ଏହି ସମୟରେ ଏକ ଗାଡ଼ି ଆସି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ କୋକସରା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ତେବେ ଏହି ଘଟଣାରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇଥିଲେ। କ୍ଷତିପୂରଣ ଦାବିରେ ଧର୍ମଗଡ-ନବରଙ୍ଗପୁର ବିଜୁ ଏକ୍ସପ୍ରେସୱେ ବେହେରା ପେଟ୍ରୋଲ ପମ୍ପ ନିକଟରେ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ପରେ ଘଟଣାସ୍ଥଳରେ ଧର୍ମଗଡ ଅତିରିକ୍ତ ତହସିଲଦାର ପହଞ୍ଚି ରେଡ଼କ୍ରସ ସହ ହରିଶ୍ଚନ୍ଦ୍ର ଯୋଜନା ଓ ସରକାରୀ ନିୟମ ଅନୁସାରେ ଯାହା ଦୁର୍ଘଟଣା ଜନିତ କ୍ଷତିପୂରଣ ରହିଛି ତାହା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ଅଣାଯାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ହସ୍ତାନ୍ତର କରି ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଛି।


ବେହେରା ପେଟ୍ରୋଲ ପମ୍ପ ନିକଟରେ ଲୋକେ ରାସ୍ତାରୋକୋ କରିଛନ୍ତି।

# ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଓସିଏସ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



ଓସିଏସ୍ ପରୀକ୍ଷାରେ ସଫଳ ହୋଇଥିବା ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭବାନୀପାଟଣା, ୨୭।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ)ରେ ସଫଳ ହୋଇଥିବା ଅନୁସୂଚିତ ଜାତି ଓ ଜନଜାତି ପରୀକ୍ଷାର୍ଥୀମାନଙ୍କୁ ରବିବାର ଭବାନୀପାଟଣାସ୍ଥିତ ଟାଉନହଲଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ଅତିଥି ଭାବେ ପୂର୍ବତନ ବିଧାୟକ ଅନାମ ନାଏକ, ଅବସରପ୍ରାପ୍ତ ଅବକାରୀ ଆୟୁକ୍ତ ଗଙ୍ଗାଧର ମାଝୀ, କୋଟଗଡ଼ ତହସିଲଦାର ଉପେନ୍ଦ୍ର ଲୁହା, ଅବସରପ୍ରାପ୍ତ ପ୍ରଶାସକ ମହେଶ୍ୱର ମାଝୀ, ଅବସରପ୍ରାପ୍ତ ଅଡିଟର ନବକିଶୋର ମାଝୀ, ବଙ୍ଗୋମୁଣ୍ଡା ବନାଞ୍ଚଳ ଅଧିକାରୀ ପଦ୍ମନାଭ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଦଳିତ ଆଦିବାସୀ ମହାସଂଘର ସଭାପତି ପରମାନନ୍ଦ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାସଂଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁସୁଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗରୁ ଚଳିତବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜିଲାର ୧୨ଜଣ ପ୍ରତିଭାଙ୍କୁ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘର ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ମହେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ମହାସଂଘର ମହାସଚିବ ଦେବୀ ସିନ୍ଧୁର, ଉପସଭାପତି ଋଷିସୂଦନ ଛତ୍ରପାଲ, ଚୂଡ଼ାମଣି ମାଝୀ, ସାଧାରଣ ସମ୍ପାଦକ ହରିଶଙ୍କର ମାଝୀ, ରାଜେନ୍ଦ୍ର ନାଏକ, ଲାଲ ବାହାଦୁର ଜାନୀ, ଦୀନେଶ ମଳିକ, ନଗର ସଭାପତି ଚକ୍ରଧର ସେଠୀ, ଜିଲା କାର୍ଯ୍ୟକାରୀ ସଭ୍ୟ ନନ୍ଦ ନାଏକ, ପ୍ରକାଶ ସାଗର, ମଦନ ମାଝୀଙ୍କ ସମେତ ମହାସଂଘର ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ବୁଦ୍ଧିଜୀବୀ, ନାଗରିକ ସଙ୍ଗଠନ ଓ ବହୁସଂଖ୍ୟାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: କଳାହାଣ୍ଡି ଚାମ୍ପିୟନ

କୋମନା,୨୭।୧୦(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ବୁଢ଼ି କୋମନା ମା' ବସ୍ତ୍ରାଣି ଖେଳ ପଡ଼ିଆରେ ସ୍ପୋର୍ଟସ କ୍ଲବ ବୁଢ଼ି କୋମନା ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କଳାହାଣ୍ଡି ଓ ବଲାଙ୍ଗୀର(ଜରାସିଂହା) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଟି ଟିମ ୦୧-୦୧ଗୋଲରେ ଡ୍ର ହୋଇ ଥିଲେ। ପେନାଲ୍ଟି ସୁଟରେ କଳାହାଣ୍ଡି ବିଜୟୀ ଲାଭ କରିଥିଲା। ପାଣ୍ଡବ ବିଶି, ରିଙ୍କୁ ବିଶି, ପ୍ରତାପ ଭୁକ୍ତା, ଦେବେଶ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିବାବେଳେ ରାମକୃଷ୍ଣ ବାଗ ବିବରଣୀ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଭାପତି ସୁରେଶ ଶବର, ସମ୍ପାଦକ ଭାବଗ୍ରାହୀ ପଣ୍ଡାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟରେ ସକ୍ରିୟ ସହଯୋଗ କରିଥିଲେ। ବିଜେତା ଦଳ ଓ ରନର୍ସ ଅଫ ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଥିଲା। ରବିବାର ଏହି ଫାଇନାଲ ଖେଳରେ ସାଂସଦ ନିରଞ୍ଜନ ବିଶି, ନୂଆପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଆଦିବାସୀ ନେତା ବାଳକୃଷ୍ଣ ଶବର, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂହ ମାଝୀ, ସମାଜ ସେବୀ ଗୋପମଣି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ ଓ ପୁରସ୍କାର ପ୍ରଦାନ କରିଥିଲେ।


ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଜୁନାଗଡ଼,୨୭।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଜ୍ଞାନ ମିଶନ ପକ୍ଷରୁ ରବିବାର ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୃତୀୟରୁ ଦ୍ୱାଦଶ ଶ୍ରେଣୀର ମୋଟ ୩୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା ସଂଯୋଜକ ସନ୍ତୋଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ଲକ ସଂଯୋଜକ ଉଦିତ ନାରାୟଣ ବେହେରାଙ୍କ ସଂଯୋଜନା ଓ ହେମନ୍ତ କୁମାର ମୁଣ୍ଡ, ଦିବସ କୁମାର ମୁଣ୍ଡ, ଶ୍ରବଣ କୁମାର ସାହୁ ସହଯୋଗ କରିଥିଲେ। ବିଚାରକ ଭାବେ ବିଦ୍ୟାଧର ପଣ୍ଡା, ଗୋପାଳ କୃଷ୍ଣ ଅଗସ୍ତି, ସୁନୀଲ କୁମାର ପଣ୍ଡା, ଯଶୋବନ୍ତ ବେହେରା, ଭିଷ୍ମ ଓ ସୁନୀଲ ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ।

# ରସାୟନ ବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ

ଖଡ଼ିଆଳ,୨୭।୧୦
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ତରଫରୁ ପ୍ରଥମ ବର୍ଷ ସମ୍ମାନ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଡ. ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ଶୈକ୍ଷିକ ଅଧିକାରୀ ଡ. ରଣବୀର ସିଂହ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଲିପସା ବାରିକ ଏବଂ ଅଧ୍ୟାପକ ସମୀର ଦାସ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ବିପିନି ବିଶିଙ୍କ ମଞ୍ଚ ପରିଚାଳନାରେ ସମସ୍ତ ଅତିଥିଙ୍କ ସହ ଅଧ୍ୟାପକ ଅଧ୍ୟାପିକା ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଉଦ୍‌ବୋଧନ ଦେଇଥିଲେ। ଶେଷ ବର୍ଷ ଛାତ୍ର ଭେଙ୍କଟେ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଜେଡି ଜନସମ୍ପର୍କ ପଦଯାତ୍ରା

କର୍ଲାମୁଣ୍ଡା,୨୭।୧୦
(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର 'କ' ଯୋନ ଜିଲା ପରିଷଦ ଅଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ବିଜେଡି କର୍ମୀମାନେ ଗଜବାହାଲ ଜଗନ୍ନାଥ ମନ୍ଦିର ଠାରୁ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବଡଡୁଙ୍ଗରିଗୁଡା, ସିରାବାହାଲ, ପୌରକେଲା, ରିଷିଡା, ତେରେସିଙ୍ଗା, ପୁଟିଗାଁ, ସ.ମାଲପଡା, ବାଗବୁରେଇ, ଡୁକେରମାଲ ଦେଇ କର୍ଲାମୁଣ୍ଡା ବସ୍ତିଠାରେ ପଦଯାତ୍ରା ଉଦ୍‌ଯାପିତ ହୋଇଥିଲା। ପଦଯାତ୍ରାରେ ସାମିଲହୋଇ ବିଧାୟିକା ଗତ ସରକାର ଅର୍ଥାତ ନବୀନ ସରକାରଙ୍କ ଜନକଲ୍ୟାଣ ଯୋଜନା ଓ ବର୍ତ୍ତମାନର ମୋହନ ସରକାରଙ୍କ ଅପାରଗତା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନର୍ଲା ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କର୍ଲାମୁଣ୍ଡା ବ୍ଲକ ଅଧକ୍ଷା କୁନି ସାହୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ସାହୁ, ରାଜ୍ୟ ମହିଳା ବିଜେଡି ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ସେବତୀ ରଣା, ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ନର୍ଲା ନିର୍ବାଚନମଣ୍ଡଳୀ ଛାତ୍ର ବିଜେଡି ସଂଯୋଜକ ଦେବେନ୍ଦ୍ର କୁମାର, ଛାତ୍ର ବିଜେଡି ବ୍ଲକ ସଭାପତି ସଲିମ ଶେଖର ରଣା, ମହିଳା ବ୍ଲକ ବିଜେଡି ସଭାପତି ରତ୍ନରାଣୀ ନାଗ, ଯୁବ ବିଜେଡି ଡିଜିଟାଲ ସଂଯୋଜକ ତ୍ରିସଙ୍କ ରଣା, ବରିଷ୍ଠ ବିଜେଡି ନେତା ଶିବଲଲ କେଡ଼ିଆ, ନାରାୟଣ ରଣା, ମନ୍ଦିରା ନାଏକଙ୍କ ସମେତ ଶହଶହ କର୍ମୀ ସାମିଲ ହୋଇଥିଲେ।


ପଦଯାତ୍ରାରେ ସାମିଲ ହୋଇଛନ୍ତି ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ଅନ୍ୟମାନେ।

# ଧାନଫସଲରେ ବିପିଏଚ୍ ଆତଙ୍କ, ଚିନ୍ତାରେ ଚାଷୀ

ବେହେରା,୨୭।୧୦
(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳରେ ଅଧିକାଂଶ ଜମି ଧାନ ଚାଷରେ ବିପିଏଚ ଭଳି ରୋଗ ପୋକ ଲାଗି ଯାଇଥିବାରୁ ଚିନ୍ତାରେ ଚାଷୀମାନେ ରହିଛନ୍ତି। ଏହି ଅଞ୍ଚଳର ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ଛୋଟ କିସମର ଧାନ ଏବେ ଅମଳକ୍ଷମ ଅବସ୍ଥାରେ ରହିଥିବାବେଳେ ବଡ଼ କିସମର ଧାନ କ୍ଷୀର ଭରିବା ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏହି ସମୟରେ ଧାନଫସଲରେ ବିପିଏଚ ରୋଗପୋକର ପ୍ରାଦୁର୍ଭାବ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ବିଭିନ୍ନ କିସମର କୀଟନାଶକ ପ୍ରୟୋଗ କଲେ ମଧ୍ୟ ରୋଗ ନିୟନ୍ତ୍ରଣ ହୋଇ ପାରୁ ନ ଥିବା ଚାଷୀ ମାନେ ପ୍ରକାଶ କରିଛନ୍ତି। ବିପିଏଚ ରୋଗପୋକ କିଛି ସମୟ ମଧ୍ୟରେ ଧାନ ବିଲକୁ ଚରି ଯାଉଥିବା ବେଳେ ଧାନକୁ ଅଗାଡି କରିଦେଉଛି। କଷ୍ଟ ଉପାର୍ଜିତ ସୁନାର ଫସଲ ନିମିଷକ ମଧ୍ୟରେ ନଷ୍ଟ ହୋଇଯାଉଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, କୃଷି ସମବାୟ, ଫାଇନାନ୍ସ କମ୍ପାନୀ, ମହାଜନୀ ଋଣ ନେଇ ଚାଷ କାର୍ଯ୍ୟରେ ବିନିଯୋଗ କରିଥିବା ବେଳେ ବିପିଏଚ ରୋଗପୋକ ସେମାନଙ୍କ ପାଇଁ କାଳ ସାଜିଛି। ବେହେରା ଗ୍ରାମ ପଞ୍ଚାୟତ ସମେତ ଟେଣ୍ଟାପାଲି, ଛଞ୍ଚାଣ ବାହାଲି,ବେହେରା ଗୁଡ଼ା, ଧଅଁରପୁର, କଦଳିମୁଣ୍ଡା, ଜୟନ୍ତପୁର, ପର୍ଲା ଆଦି ପଞ୍ଚାୟତର ସମସ୍ତ ଗ୍ରାମରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଯାଇଛି। ଦଳସର୍ଗି ଗ୍ରାମର ପ୍ରେମକାଣ୍ଡ,ସଙ୍କୀର୍ତ୍ତନ ହଂସ, ଦୁର୍ଯ୍ୟୋଧନ ହଂସ ଅକ୍ଷ ହଂସ ସମେତ ଅନ୍ୟ ୧୫ଜଣ, ବେହେରା ଗ୍ରାମର ବେହେରା ରେ ଅଭିରାମ ବିଶି, ମନ୍ଧର ବିଶି, କୋଦଣ୍ଡ ବିଶି, କେଶବ ବିଶି, ମଣି ସାହୁ, ଶରତ ସାହୁ, ବାଙ୍କିମୁଣ୍ଡାର ଧନପତି ପୁଝାରୀ, ଭାଗିରଥି ଗୋପାଳ, ଓଷା ଗୋପାଳ ସମେତ ଅନେକ ଚାଷୀଙ୍କ ବ୍ୟାପକ ଭାବରେ ରୋଗ ପୋକରେ ହେକ୍ଟର ହେକ୍ଟର ଚାଷ ଜମିରେ ଚାଷ ନଷ୍ଟ ହୋଇ ଥିବା ସେମାନେ ପ୍ରକାଶ କରିଛନ୍ତି। ଏ ନେଇ ବେହେରା ଭିଏଡବ୍ଲ୍ୟୁ ସରୋଜିନୀ ମେହେରଙ୍କୁ ପଚାରିବାରୁ ବ୍ଲକ କୃଷି ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲୁ। ପୁଣି ଥରେ କ୍ଷେତ୍ର ପରିଦର୍ଶନ କରି ପ୍ରଭାବିତ ଚାଷ ଜମିରେ ରୋଗ ପୋକ ନିୟନ୍ତ୍ରଣର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ ।


ଚାଷ ଜମିରେ ରୋଗପୋକ।

## ସଂକ୍ଷେପରେ

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ଅମରପାଲି,୨୭।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବିଜେଡିର ନିର୍ବାଚନ ମଣ୍ଡଳୀସ୍ତରୀୟ ଜନ ସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। କମିରା ଛକଠାରୁ ଆରମ୍ଭ ହୋଇଥିଲା ଏହି ପଦଯାତ୍ରା। ଏକ ବିରାଟ ଶୋଭାଯାତ୍ରାରେ ସହସ୍ରାଧିକ ବିଜେଡି କର୍ମୀ ଓ ସମର୍ଥକ ଆମ୍ବସରଭଟା, ଟେଭାପଦର ଦେଇ ପିତାମହୁଲ ଖେଳ ପଡିଆରେ ପହଞ୍ଚିଥିଲେ। ସେଠାରେ ଏକ ସଭା ବୀରମହାରାଜପୁର ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲା ବିଜେଡ଼ି ସଭାପତି ସରୋଜ କମ୍ପ, ଜିଲା ପରିଷଦ ଅଧ୍ୟକ୍ଷା ସୁପର ଠେଲା, ଜିଲା ଯୁବ ବିଜେଡ଼ି ସଭାପତି ଅଶୋକ ନନ୍ଦ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ସୁଲୋଚନା ହୋତା, ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଜୀବନ ବିନ୍ଦୁ ଜିଲା ସଂଯୋଜକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ଜିଲା ବିଜେଡ଼ି ଉପସଭାପତି କିଶୋର ହୋତା, ପୂର୍ବତନ ଆମ୍ବା ଅଧ୍ୟକ୍ଷ ବିବସ୍ୱତି ପଣ୍ଡା, ଧୀରେନ୍ଦ୍ର ପଣ୍ଡା, କୃତିବାସ ମିଶ୍ର, ଶେଷଦେବ ବାରିକ, ଚମ୍ପାମାଲ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ଲଳିତ ମୋହନ ପାତ୍ର, ଶ୍ରୀକାନ୍ତ କର୍ମୀ ମତବ୍ୟକ୍ତ କରିଥିଲେ। ବିଜେଡିକୁ ପୁନର୍ବାର ସଙ୍ଗଠିତ କରି ଦଳକୁ ସଦୃଢ଼ କରିବାକୁ ମତ ପ୍ରକାଶ ପାଇଥିଲା। ଲୋକଙ୍କ ମନରେ ଏବେ ବି ନବୀନ ପଟ୍ଟନାୟକ ଅଛନ୍ତି ବୋଲି ଉପସ୍ଥିତ କର୍ମୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ସଂଯୋଜନା କରିଥିଲେ। ମଧୁସୂଦନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆବସରରେ ଅନେକ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, କର୍ମକର୍ତ୍ତା ଯୋଗଦେଇଥିଲେ।

### ବ୍ଲକସ୍ତରୀୟ ସୁରଭିରେ କୋସଲ ନାରା

**ଅମରପାଲି,୨୭।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରକାରୀ ବାଳକ ହାଇସ୍କୁଲରେ ରବିବାର ହେଉଥିବା ବ୍ଲକସ୍ତରୀୟ ସୁରଭିର ମଞ୍ଚରେ ଶୁଭିଲା କୋସଲ ନାରା। ମଞ୍ଚରେ କୋସଲ ସୁନ୍ଦରୀ ତଥା କୋସଲ ସମର୍ଥକ ଚୁମକି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସେ ନିଜର ମତବ୍ୟକ୍ତ କରିଥିଲେ। ବକ୍ତବ୍ୟ ଶେଷରେ ସେ କୋସଲ ନାରା ଦେଇଥିଲେ। ତାଙ୍କ ଏହି ନାରାରେ ଉପସ୍ଥିତ ଛାତ୍ରୀଛାତ୍ର ମଧ୍ୟ କୋସଳ ନାରା ଦେଇଥିଲେ। ଏହି ସମୟରେ ମଞ୍ଚରେ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ଓ ମଞ୍ଚ ସମ୍ମୁଖରେ ଅନେକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ବ୍ଲକ ସ୍ତରୀୟ ସୁରଭି ଓ ଲୋକ କଳା ଉତ୍ସବରେ ହେଉଥିବା ନୃତ୍ୟ ପ୍ରତିଯୋଗିତାରେ ସେ ଜଣେ ବିଚାରକଭାବେ ମୂଲ୍ୟାଙ୍କନ କରୁଥିଲେ।

# ସାହିତ୍ୟ, ସଂସ୍କୃତିର ମାଟି ସୁବର୍ଣ୍ଣପୁର

**ସୋନପୁର,୨୭।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଜିଲା ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାହିତ୍ୟ ସଂସଦର ସଭାପତି ଶ୍ୟାମାଓଁ ପ୍ରସାଦ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର କଳା, ସାହିତ୍ୟ ଓ ସଂସ୍କୃତିର ମାଟି। ଏଠାକାର କଳା, ସଂସ୍କୃତି ଓ ପରାମ୍ପରା ବହୁ ପ୍ରାଚୀନ। ଲୋକେ ନିଜ ପରମ୍ପରାକୁ ନେଇ ବେଶ୍ ସଚେତନ ବୋଲି କହିଥିଲେ।

ସମ୍ମାନୀତ ଅତିଥିଭାବେ ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ଏବଂ ଓଡିଆ ଓ ହିନ୍ଦି ପତ୍ରିକା ବିଶ୍ୱମୁକ୍ତିର ସମ୍ପାଦକ ପ୍ରାଧାପକ ଡ. ଶଶାଙ୍କ ଚୂଡାମଣି ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଭାଷା, ସଂସ୍କୃତି ଓ ପରମ୍ପରା ଅଞ୍ଚଳର ପରିଚୟ ବୋଲି କହିଥିଲେ। ଏହି ଅବସରରେ ମହାନଦୀ ସାହିତ୍ୟ ସମ୍ମାନରେ ଯୋଗୀନ୍ଦ୍ର ପଣ୍ଡା, ମହାନଦୀ ନାଟ୍ୟ ସମ୍ମାନରେ ପରୀକ୍ଷିତ ପୁରୋହିତ, ମହାନଦୀ ସଙ୍ଗୀତ ସମ୍ମାନରେ ବୀର ମହାନ୍ତି ଓ ମହାନଦୀ ଯୁବ ସମ୍ମାନରେ କବି ଆଶିଷ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟ ସଂସଦର ମୁଖପତ୍ର ଓଜସ୍‌କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନେ ଉନ୍ମୋଚନ କରିଥିଲେ। ସାହିତ୍ୟ ସଂସଦର ଉପସଭାପତି ଡ. ପୁରୁଷୋତ୍ତମ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ସୌରଭ ରଞ୍ଜନ ଖମାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପୂର୍ବରୁ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ପୌରାଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ ଯୋଗଦାନ କରିଥିଲେ। ସାହିତ୍ୟିକ ଆର୍ତ୍ତତ୍ରାଣ ବାବୁ ସଭାରେ ଅଧ୍ୟକ୍ଷତା କରିଥିଲେ। କବୟିତ୍ରୀ ରଞ୍ଜିତା ପଣ୍ଡା ଓ କବି ଲକ୍ଷ୍ମୀନାରାୟଣ ସାହୁ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ଏଥିରେ ଦେବାଶିଷ ପାଣ୍ଡିଆ, ଅନିରୁଦ୍ଧ କୁରୁକୁରିଆ, ମକୁନ୍ଦ ଧରୁଆ, ସ୍ୱର୍ଣ୍ଣପ୍ରଭା ମହାପାତ୍ର, କ୍ଷୀରୋଦ ବିହାରୀ ବିଶ୍ୱାଳ, ଇତିଶ୍ରୀ ଦାସ, ସରୋଜ ପ୍ରଧାନ, ରାଜ କିଶୋର ସାହୁ, ସୁରେନ୍ଦ୍ର ମିଶ୍ର, ବ୍ରତାନନ୍ଦ ଭୋଇ, ଅଦିତ କୁମାର ମଲ୍ଲିକ, ମନୋଜ କୁମାର ସାହୁ, ନୀଳଲୋହିତ ମହାପାତ୍ର, ଅବକାଶ ପଧାନ, ପ୍ରଭୁଦତ୍ତ ରଥ, ସୁଦାମ ନାଏକ, ଦିଲ୍ଲିପ କୁମାର ମହାନ୍ତି, ସୁନନ୍ଦା ସାହୁ, ହରିହର ପଧାନ, ସସ୍ମିତା ମେହେର, ବିଘ୍ନରାଜ ପଣ୍ଡା, ରାଧେଶ୍ୟାମ ମିଶ୍ର, ରୁବି ବେହେରା ଓ ଯୁଧୀଷ୍ଠିର ନାଏକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ବନମାଳୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାନଦୀ ସାହିତ୍ୟ ସଂସଦ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



କବି ଯୋଗୀନ୍ଦ୍ର ପଣ୍ଡାଙ୍କୁ ମହାନଦୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

**ମହାନଦୀ ଉତ୍ସବ-୨୦୨୪**

■ ଯୋଗୀନ୍ଦ୍ର, ପରୀକ୍ଷିତ, ବୀର ଓ ଆଶିଷଙ୍କୁ ମହାନଦୀ ସମ୍ମାନ



ବ୍ଲକସ୍ତରୀୟ ସୁରଭିରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ସମସ୍ୟା ନେଇ ଲୋକଙ୍କ ସହ କଲେ ଆଲୋଚନା

**ଉପାନ୍ତ ଅଞ୍ଚଳରେ ଜିଲାପାଳ**

**ବୌଦ୍ଧ,୨୭।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡା ରବିବାର ଅପରାହ୍ନରେ ବୌଦ୍ଧ ବ୍ଲକର ଉପାନ୍ତ ଟିକରପଡା ଓ ବଘିଆପଡା ଗ୍ରାମ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ପ୍ରଥମେ ଜିଲାପାଳ ଟିକରପଡା ପଞ୍ଚାୟତର ପ୍ରସ୍ତାବିତ ମେଗା ପ୍ରକଳ୍ପ ଗୁରୁଜୀମୁଣ୍ଡାଠାରେ ପହଞ୍ଚି ସ୍ଥିତି ପରଖିବା ସହ ପ୍ରକଳ୍ପ ନେଇ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ଜିଲାପାଳ ପଣ୍ଡା ଟିକରପଡା ଗ୍ରାମରେ ଥିବା ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଥିବା ଆଦିବାସୀ ଛାତ୍ରୀ ନିବାସରେ ପହଞ୍ଚି ଛାତ୍ରୀମାନଙ୍କ ସହ ସୁବିଧା ଓ ଅସୁବିଧା ନେଇ ଆଲୋଚନା କରିଥିଲେ । ବଘିଆପଡାସ୍ଥିତ ମେଣ୍ଡମାଳ ସରକାରୀ ବିଦ୍ୟାଳୟ ଯାଇ ଛାତ୍ରାବାସ ଓ ଛାତ୍ରୀ ନିବାସରେ ପହଞ୍ଚି ସୁବିଧା ଓ ଅସୁବିଧା ନେଇ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ଏହାଛଡା ବଘିଆପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ବିଡିଓ ଯୁଧିଷ୍ଠିର ମେହେର, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନରେଶ ବାରିକ, ତସସିଲଦାର ଲଗ୍ନଜିତ ବେହେରା ପ୍ରମୁଖ ସାମିଲ ଥିଲେ।



ଜିଲାପାଳ ପ୍ରସ୍ତାବିତ ଗୁରୁଜୀମୁଣ୍ଡା ପ୍ରକଳ୍ପ ଅନୁଧ୍ୟାନ କରୁଛନ୍ତି।

# ଏଲିମେଣ୍ଟାରି ଶିକ୍ଷକ ସଂଘର ବୈଠକ

**ହରଭଙ୍ଗା,୨୭।୧୦(ନରେନ୍ଦ୍ର କୁମାର ସାହୁ)**

ଅଲ ଓଡିଶା ଏଲିମେଣ୍ଟାରି ଶିକ୍ଷକ ସଂଘର ବୈଠକ ରବିବାର ଦିନ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଭୈରବୀ ଡିଗ୍ରୀ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂଘ ସଭାପତି ଶ୍ରୀବସ୍ତ ମାଣ୍ଡୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ସଂଘର ଆଭିମୁଖ୍ୟ ଓ ଶିକ୍ଷକଙ୍କ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ବୌଦ୍ଧ ଜିଲାରେ ସଂଘର ନୂତନ ଶାଖା ଗଠନ କରାଯାଇଥିଲା। ବୌଦ୍ଧ ଶାଖାର ସଭାପତି ଭାବେ ଶ୍ରୀନିବାସ କହଁର , ଉପସଭାପତି ଭାବେ ସଚଳା ସାହୁ ଓ ହରପ୍ରିୟା ତ୍ରିପାଠୀ, ସାଧାରଣ ସଂପାଦକ ବନବିହାରୀ ଭୋଇ, ଯୁଗ୍ମ ସଂପାଦକ ଭକ୍ତି ସିଦ୍ଧାନ୍ତ ଭୋଇ, ସାଙ୍ଗଠନିକ ସଂପାଦକ ସଚ୍ଚିଦାନନ୍ଦ ନାଏକ ଓ ମହେଶ ପଣ୍ଡା, କୋଷାଧ୍ୟକ୍ଷ ଭି. ଦେହୁରୀଙ୍କୁ ମନୋନୀତ କରାଯାଇଥିଲା। ପ୍ରତାପ ସାହୁ ଓ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ସଂଘର ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ସଂଘ ତରଫରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିବନ୍ଧୁ ସିଂ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏ. ଥନାପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

**ମସିଣାପାଲିରେ କୈବର୍ତ୍ତ ସମାଜର ବୈଠକ**

**ଅମରପାଲି,୨୭।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମସିଣାପାଲିରେ କୈବର୍ତ୍ତ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମା' ମାଣିକେଶରୀଙ୍କ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ବୈଠକରେ କୈବର୍ତ୍ତ ସମାଜ ସୋନପୁରର ଉପସଭାପତି ଦୁତିଆ ନାଏକ, ସମ୍ପାଦକ ଗିରିଧାରୀ ତରିଆ, ନିଆଳି କୈବର୍ତ୍ତ ସମାଜ ଫୁଲଚରା, ନୂଆଁଗଡ ସଭାପତି ବିଶିକେଶନ ସେଠୀ, ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ପରେ ନିଆଳି କୈବର୍ତ୍ତ ସମାଜ ମସିଣାପାଲି ନାମକ ଏକ କେନ୍ଦ୍ର ଗଠନ କରାଯାଇଥିଲା। ଉକ୍ତ କେନ୍ଦ୍ରର ସଭାପତି ଭାବେ କାର୍ତ୍ତିକ ଝାଙ୍କର, ଉପସଭାପତି ସନ୍ୟାସୀ ବାଘ, ବାବୁଲୁ ବେହେରାଙ୍କୁ ସମ୍ପାଦକ, ବିଶ୍ୱାମିତ୍ର ସେଠୀଙ୍କୁ ସହ ସମ୍ପାଦକ ଓ ପ୍ରହ୍ଲାଦ ନାଏକଙ୍କୁ କୋଷାଧ୍ୟକ୍ଷ ମନୋନୀତ କରାଯାଇଥିଲା। ସମସ୍ତ ଗ୍ରାମରେ ଗୋଟିଏ ହାଣ୍ଡି ବର୍ଗିଆ ରଖିବା ପାଇଁ ପ୍ରସ୍ତାବ ରଖାଯାଇଛି। ଏହି ସଭାରେ ଦୁର୍ଜନତୈଲା ଓ ବହଲପଦର ପଞ୍ଚାୟତ କୈବର୍ତ୍ତ ସମାଜର ସଭ୍ୟ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

# ସିଦ୍ଧାର୍ଥ ମହାବିଦ୍ୟାଳୟରେ ରେଡକ୍ରସ ତାଲିମ ଶିବିର

**ବିନିକା, ୨୭।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଭାରତୀୟ ରେଡ଼କ୍ରସ ସୋସାଇଟି ଓଡିଶା ଶାଖା ତରଫରୁ ୩ ଦିନ ହେବାକୁ ଥିବା ତାଲିମ ଶିବିରକୁ ରବିବାର ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରେଖା ପଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତାଭାବେ ରାଜ୍ୟ ରେଡ଼କ୍ରସ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର, ସମ୍ମାନୀତ ଅତିଥିମ୍ଭାବେ ଜିଲା ସଂଯୋଜକ ଉମାକାନ୍ତ ନାଗ, ଅଧ୍ୟାପକ ବିଶ୍ୱନାଥ ମିଶ୍ର, ଅଧ୍ୟାପକ ସପ୍ତସାଗର ପଧାନ, ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଧୀରେନ୍ଦ୍ର ପଧାନ ଯୋଗଦେଇ ରେଡ଼କ୍ରସର ଉପକାରିତା ଓ ଉଦେଶ୍ୟ ବିଷୟରେ କହିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନରେ ୩୮ଟି ବିଭିନ୍ନ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା, ଅଧ୍ୟାପକ ସପ୍ତସାଗର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରୋହିତ ଧରୁଆ, ଆଶୀର୍ବାଦ ପଧାନ, ମନୀଷ ଆଚାର୍ଯ୍ୟ, ନୀଳମାଧ ଛତ୍ର, ଝସକେତନ ମେହେର, ଗରିବ ସାଲମାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ରେଡ୍‌କ୍ରସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୧୧୫ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

**ବ୍ଲକସ୍ତରୀୟ ସୁରଭି, ଲୋକକଳା ଉତ୍ସବ**

**ଅମରପାଲି,୨୭।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲରେ ବ୍ଲକସ୍ତରୀୟ ସୁରଭି ଓ ଲୋକକଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ସୁଧାର କରି ଛାତ୍ରୀଛାତ୍ରଙ୍କ ମାନସିକ ଓ ବୌଦ୍ଧିକ ବିକାଶ କରିବା ପାଇଁ ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଲୋକପ୍ରିୟ ସମ୍ବଲପୁରୀ ସଙ୍ଗୀତ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଏବଂ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ଜୁନିୟର ଓ ସିନିୟର ବିଭାଗରେ ବକ୍ତୃତା, ସଂହିତା, ଚିତ୍ରାଙ୍କନ, ସୃଜନ ଲିଖନ, କୁଇଜ, ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ଲକ ବିଭିନ୍ନ ସ୍କୁଲରୁ ପ୍ରାୟ ୪ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ପ୍ରତି ପ୍ରତିଯୋଗିତାରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭିକୁ ଚୟନ କରାଯାଇଥିଲା। ବ୍ଲକରୁ ପ୍ରାୟ ୧୧୫ ଜଣ ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସିଆରସିସି ଓ ଶିକ୍ଷୟିତ୍ରିଶିକ୍ଷକ ସହଯୋଗ କରିଥିଲେ।

### ଫୁଟ୍‌ବଲ: ତରଭା ରିଜୁଲ ମର୍ନିଂ କ୍ଲବ ଚାମ୍ପିୟନ

**ତରଭା,୨୭।୧୦ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବାଳକ ହାଇସ୍କୁଲ ଖେଳ ପଡିଆରେ ରିଜୁଲ ମର୍ନିଂ କ୍ଲବ ଆନୁକୂଲ୍ୟରେ ୧୭ ବୟସରୁ କମ୍ ବୟସ ଖେଳାଳିଙ୍କୁ ନେଇ ରବିବାର ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ତରଭା ରିଜୁଲ ମର୍ନିଂକ୍ଲବ ଓ ବଲାଙ୍ଗୀର ଲିଫୁନ ବ୍ରଦର୍ସ ମଧ୍ୟରେ ହୋଇଥିଲା। ତରଭା ମର୍ନିଂକ୍ଲବ ୨–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ତରଭା, କମସରା, ଜାମକାନି ଓ ବଲାଙ୍ଗୀର ଅଂଶଗ୍ରହଣ କରିଥିଲେ। କ୍ଲବ ସଭାପତି ଜନାର୍ଦ୍ଦନ ଥାନାପତି ମୁଖ୍ୟ ଅତିଥି, ବିଘ୍ନରାଜ ନାଏକ, ରାଜସ୍ୱ ନିରୀକ୍ଷକ ପ୍ରକାଶ କୁମାର ସମ୍ମାନୀତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନରେଶ ମହାଣା, ସ୍ୱତନ୍ତ୍ର ଅତିଥି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ରାଉତ, ଓକିଲ ସତ୍ୟ ନାରାୟଣ ନାଏକ, ଅନ୍ତର୍ଯ୍ୟାମୀ ସାହୁ, ରଶ୍ମିରଞ୍ଜନ ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବ ପକ୍ଷରୁ ଅବସରପ୍ରାପ୍ତ ଜିଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତଙ୍କୁ କ୍ଲବ ପକ୍ଷରୁ ଶ୍ରେଷ୍ଠ କ୍ରୀଡା ଗୁରୁ ଭାବେ ସମ୍ମାନୀତ କରାଯାଇଥିଲା। ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଲକ୍ଷ୍ମୀପ୍ରସାଦ ଡ୍ରାଇଭର ସଂଘର ବୈଠକ

**ନୂତନ କର୍ମକର୍ତ୍ତା ଚୟନ**

**ବାଉଁଶୁଣୀ,୨୭।୧୦(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଡ୍ରାଇଭର ସଂଘର ଏକ ବୈଠକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତୀସ୍ଥିତ ହନୁମାନ ମନ୍ଦିର ପାନ୍ଥଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିପିନ ବିହାରୀ ବ୍ରହ୍ମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ବିଭିନ୍ନ ବିଷୟ ନେଇ ଆଲୋଚନା ହୋଇଥିଲା। କେନ୍ଦୁଝର ଜିଲାରେ ଡ୍ରାଇଭରଙ୍କ ଉପରେ ହୋଇଥିବା ଆକ୍ରମଣକୁ ଦୃଢ ନିନ୍ଦା କରାଯାଇଥିଲା। ଜିଲା ପ୍ରଶାସନ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ୩୦ ଜିଲାର ଡ୍ରାଇଭର ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ ପୂର୍ବତନ ସଭାପତି ସୋମନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଲକ୍ଷ୍ମୀପ୍ରସାଦ ଡ୍ରାଇଭର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସଂଘର ସଭାପତି ଭାବେ ପଦ୍ମଲୋଚନ ମହଲା, ସମ୍ପାଦକ ଶେଷଦେବ ମହାକୁଡ, ବ୍ଲକ ଆଡମିନ୍ ଅସିତ ସାହୁ, ଉପସଭାପତି ସୋମନାଥ ବେହେରା, ସହ ସମ୍ପାଦକ ଚିନ୍ମୟ ସାହୁ ଓ ଉପଦେଷ୍ଟା ଭାବେ ସୀତାରାମ ହୋତାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଶେଷରେ ଦୁର୍ଗା ଚରଣ ବଡ଼ମାଳି ଧନ୍ୟବାଦ ଦେଇଥିଲେ। ବୈଠକରେ ଶତାଧିକ ଡ୍ରାଇଭର ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଡ୍ରାଇଭର।

# ମଦ ବିରୋଧରେ ଅଣ୍ଟାଭିଡ଼ିଲେ ୬ ଗାଁର ମହିଳା

**ଅମରପାଲି,୨୭।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଅବାଧରେ ଦେଶୀ ବିଦେଶୀ ମଦ ବିକ୍ରି ଚାଲିଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏନେଇ ଅଞ୍ଚଳର ମହିଳାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ମଦ ବିକ୍ରି ବନ୍ଦ କରିବାକୁ ଏବେ ସେମାନେ ଅଣ୍ଟା ଭିଡିଛନ୍ତି। ବହଲପଦର ପଞ୍ଚାୟତ ଅଧୀନ ଗୌଡଗାଡ ଗ୍ରାମରେ ମହିଳାମାନେ ଏକତ୍ରିତ ହୋଇ ଗ୍ରାମରେ ମଦ ବିକ୍ରି ବନ୍ଦ କରିଛନ୍ତି। ଗ୍ରାମରେ ମଦ ପିଇ ଗାଳିଗୁଲଜ କଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହାକୁ ଦେଖି ଦୁର୍ଜନତୈଲା ପଞ୍ଚାୟତର ମାଳିଦାଦର, ଦାଦରପାଲି ଓ ବହଲପଦର ପଞ୍ଚାୟତର କେନ୍ଦୁପାଲି ଓ କୁହିଦାଦରର ମହିଳାମାନେ ଗ୍ରାମରେ ମଦ ବିକ୍ରି ବନ୍ଦ କରିଛନ୍ତି।

ଆଦିବାସୀ ବହୁଳ ଦୁର୍ଜନତୈଲା ପଞ୍ଚାୟତ ଅଞ୍ଚଳରେ ଦୀର୍ଘ ଦିନ ହେଲା ଦେଶୀ ବିଦେଶୀ ମଦ ବିକ୍ରି ହେଉଥିଲା। ଏହା ସହିତ ଏହି ଅଞ୍ଚଳରେ ବେଆଇନଭାବେ ବିଦେଶୀ ଓ ଦେଶୀ ମଦ ପ୍ରସ୍ତୁତି ହେଉଥିଲା। ଏହି ମଦ ପିଇ ଅନେକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ମଦ ଯୋଗୁ ଅନେକ ପରିବାର ବେସହରା ହୋଇ ପଡିଛନ୍ତି। ଗ୍ରାମରେ ଗଣ୍ଡଗୋଳମାନ ଘଟିଛି। ଏଣୁ ମଦ ବନ୍ଦ କରିବା ପାଇଁ ମହିଳାମାନେ ଏକତ୍ରିତ ହୋଇଛନ୍ତି। ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାପାଲି, ବରଘାଟ, ମସିଣାପାଲି, ବ୍ରାହ୍ମଣପାଲି, ଠେଙ୍ଗୋଡ୍ୟାମ, ସାଗଯୋରୀ ଆଦି ଗ୍ରାମରେ ମଦ ବନ୍ଦ କରିବା ପାଇଁ ମହିଳାମାନେ ଉଦ୍ୟମ କରିଛନ୍ତି। ଏ ନେଇ ରବିବାର ମହିଳାମାନେ ବୀରମହାରାଜପୁର ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସବୁ ଗ୍ରାମର ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀର ମହିଳା ସଦସ୍ୟ ମଦ ବିକ୍ରି ବନ୍ଦ କରିବା ପାଇଁ ବୈଠକ କରିଛନ୍ତି। ମଦ ବିକ୍ରି ଓ ପ୍ରସ୍ତୁତିକୁ କୌଣସି ମତେ ବରଦାସ୍ତ କରାଯିବ ନାହିଁ ବୋଲି ଏସ୍‌ଏଚ୍‌ଜି ଗ୍ରୁପ ସଭାପତି ରୀନା ଭୋଇ ପ୍ରକାଶ କରିଛନ୍ତି। ରୀନା ଭୋଇ, ବିଶାଖା ପଧାନ, ଗୀତାଞ୍ଜଳି ପଧାନ, ଫଗୁନି ନାଏକ, ସୌଦାମିନୀ ବେହେରାମାଳି, ବାସନ୍ତି ଭୋଇଙ୍କ ନେତୃତ୍ୱରେ ଶତାଧିକ ମହିଳା ମଦ ବନ୍ଦ ଉଦ୍ୟମ କରୁଛନ୍ତି। ଏନେଇ ସୁବର୍ଣ୍ଣପୁର ଜିଲା ଅବକାରୀ ଅଧିକ୍ଷକ ପ୍ରବୀର ସାମଲଙ୍କୁ ପଚାରିବାରୁ ଆମେ ନିୟମିତ ଚଢ଼ାଉ କରୁଛୁ। ମହିଳାଙ୍କ ଏହି ଉଦ୍ୟମ ଓ ସହଯୋଗ ବଳରେ ଆମେ ଅଞ୍ଚଳରେ ମଦ ବନ୍ଦ କରିବାରେ ସମର୍ଥ ହେବୁ ବୋଲି ସେ କହିଛନ୍ତି।

**ହାତ ବାନ୍ଧି ବସିଛି ଅବକାରୀ ବିଭାଗ**



କୁଞ୍ଜାପାଲିରେ ମଦ ବନ୍ଦ ପାଇଁ ଏକାଠି ହୋଇଥିବା ୬ ଗ୍ରାମର ମହିଳା।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ରାଉରକେଲା ଗସ୍ତ ନେଇ ପ୍ରସ୍ତୁତି

ରାଉରକେଲା,୨୭।୧୦(ସଙ୍ଗୀତା ଜେନା)

ନଭେମ୍ବର ୧୫ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ ରାଉରକେଲା ଗସ୍ତରେ ଆସୁଛନ୍ତି। ମୋଦୀ ବିର୍ସା ମୁଣ୍ଡା ଷ୍ଟାଡ଼ିୟମରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ଏ ନେଇ ପ୍ରଶାସନ ପକ୍ଷର ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନରେ ଜିଲାପାଳ ସତ୍ୟବାନ ମହାଜନ, ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କ ସମେତ ଟିପିଡ଼ବ୍ଲ୍ୟୁଓଡିଏଲ୍‌ର ଉଚ୍ଚ ଅଧିକାରୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ସେକ୍ଟର-୧୩ ବିମାନବନ୍ଦର ପଡ଼ିଆରେ ଏକତ୍ରିତ ହୋଇ ଆଲୋଚନା କରିଥିଲେ। ଉକ୍ତ ପଡ଼ିଆକୁ ସମାନ ଓ ବ୍ୟବସ୍ଥିତ କରାଯାଇଥିଲା।

### ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

ରାଉରକେଲା,୨୭।୧୦(ସଙ୍ଗୀତା ଜେନା)

ବିଶ୍ରା ଥାନା ଅନ୍ତର୍ଗତ ରେଳବାଇ ଷ୍ଟେଶନ ନିକଟରେ ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଉକ୍ତ ଚଢ଼ାଉରେ ୮ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବାଇକ, ନଗଦ ସାଢ଼େ ୩ ହଜାର ଟଙ୍କା, ମୋବାଇଲ ଫୋନ୍ ଆଦି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

# ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା

## ଆର୍‌ଜିଏଚ୍‌ରେ ଭିତ୍ତିଭୂମି ଅଭାବ

ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଭିତ୍ତିଭୂମି ଅଭାବ ଯୋଗୁ ରୋଗୀମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ।

ରାଉରକେଲା ସରକାରୀ ଡାକ୍ତରଖାନା ଉପରେ ରାଉରକେଲା ନୁହଁ ସୁନ୍ଦରଗଡ଼ ସମେତ ପଡୋଶୀ ଝାଡ଼ଖଣ୍ଡର ରୋଗୀ ମଧ୍ୟ ନିର୍ଭର କରିଥାନ୍ତି। ଏଠାରେ ସୁନ୍ଦରଗଡ଼ର ୭୦ଭାଗ ରୋଗୀ ଆଡ୍‌ମିଟ ହେଉଥିବା ବେଳେ ଝାଡ଼ଖଣ୍ଡର ୩୦ଭାଗ ରୋଗୀ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଆର୍‌ଜିଏଚ୍‌ରେ ଶଯ୍ୟା ସଂଖ୍ୟା ବୃଦ୍ଧି ହେଉ ନ ଥିବାରୁ ରୋଗୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଆର୍‌ଜିଏଚ୍‌ର ମୁଖ୍ୟଫାଟକ ଘରୋଇ ଆମ୍ବୁଲାନ୍ସଗୁଡିକ ପାଇଁ ଷ୍ଟାଣ୍ଡ ପାଲଟିଛି। ଆର୍‌ଜିଏଚ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ନେଇ ରଘୁନାଥପଲ୍ଲୀ ଥାନାରେ ଅଭିଯୋଗ ହେଉଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଏଥିସହ ସହରରେ ମାନସିକ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ସେମାନଙ୍କ ପାଇଁ ଶଯ୍ୟା ସୁବିଧା ଏଯାଏଁ ଉପଲବ୍ଧ ହୋଇପାରିନାହିଁ। ମାନସିକ ବିଭାଗରେ ୧୦ଟି ଶଯ୍ୟା ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲେ ହେଁ ଏହା ହେଉନାହିଁ। ଏହାବ୍ୟତୀତ ନୂଆ ସିକ୍ୟୁରିଟି ଏଜେନ୍ସି ଦିଆଯାଇନାହିଁ। ଫଳରେ ଡାକ୍ତରଖାନାର ସୁରକ୍ଷା ବ୍ୟବସ୍ଥା ସୁଦୃଢ ହୋଇପାରୁନାହିଁ। ଆରଜିଏଚକୁ ଆସୁଥିବା ରୋଗୀମାନଙ୍କ ବନ୍ଧୁ ପରିଜନ ବସିବା ପାଇଁ ଆବଶ୍ୟକ ସେଡ ବ୍ୟବସ୍ଥା ମଧ୍ୟ ହେଉନି।



ରାଉରକେଲା ସରକାରୀ ହସ୍ପିଟାଲ।

ପ୍ରସୂତୀ ବିଭାଗର ଶଯ୍ୟା ସଂଖ୍ୟା ବୃଦ୍ଧି ପାଇଁ ବାରମ୍ବାର ଡାକ୍ତରଖାନା ତରଫରୁ ସରକାରଙ୍କୁ ପତ୍ର ଲେଖାଯାଉଥିଲେ ମଧ୍ୟ ଶଯ୍ୟା ସଂଖ୍ୟା ବୃଦ୍ଧି ହେଉନାହିଁ। ଫଳରେ ପ୍ରସୂତୀ ମା' ଏବଂ ଶିଶୁମାନେ ଚଟାଣରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଆରଜିଏଚ୍‌ର ଜରୁରୀ କାମ ପାଇଁ ପିଡବ୍ଲୁଡି ବିଭାଗକୁ ୨ମାସ ହେଲା ଆରଜିଏଚ୍ କର୍ତ୍ତୃପକ୍ଷ ଚିଠି କରିଥିବା ବେଳେ ବିଭାଗ ପକ୍ଷରୁ ଏଯାଏ ଏଷ୍ଟିମେଟ୍ ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ଆରଜିଏଚ୍‌ର ନିରାମୟ କେନ୍ଦ୍ରରେ ବର୍ତ୍ତମାନ ୬୬୯ପ୍ରକାର ଔଷଧ ଥିବାବେଳେ ଆହୁରି ଅନେକ ଔଷଧ ଉପଲବ୍ଧ ହେଉନାହିଁ। ଫଳରେ ରୋଗୀମାନେ ନିରାମୟ କେନ୍ଦ୍ର ପରିବର୍ତ୍ତେ ଡାକ୍ତରଖାନା ପରିସରସ୍ଥ ଔଷଧ ଦୋକାନରୁ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ତେବେ ଆଗକୁ ନିରାମୟ କେନ୍ଦ୍ରରେ ୧୦୨୪ପ୍ରକାର ଔଷଧ ଉପଲବ୍ଧ ରହିବ। ରୋଗୀମାନଙ୍କୁ ବାହାରୁ ଔଷଧ କିଣିବାକୁ ପଡିବ ନାହିଁ ବୋଲି ଆରଜିଏଚ୍ କର୍ତ୍ତୃପକ୍ଷ କହିଛନ୍ତି।

ହସ୍ପିଟାଲରେ ୪୫୪ ପଦବୀ ସ୍ଥାନରେ ୨୭୬ ଡାକ୍ତର, ନର୍ସ ଓ ପାରା ମେଡିକାଲ ଟିମ୍ ଦ୍ୱାରା ରୋଗୀସେବା ଚାଲିଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଖାଲି ପଦବୀ ପୂରଣ ହେଉନାହିଁ। ଏଠାରେ ୫ଶହ ଏମ୍‌ଏ କ୍ଷମତାସମ୍ପନ୍ନ ଏକ୍ସ-ରେ ମେସିନର ଆବଶ୍ୟକତା ଥିବାବେଳେ ତାହା ମଧ୍ୟ ହେଉନାହିଁ। ଏଥିସହ ରୋଗୀ ଓ ସମ୍ପର୍କୀୟମାନଙ୍କ ଭୋଜନ ଲାଗି ମେଡିକାଲ ପକ୍ଷରୁ କ୍ୟାଣ୍ଟିନ ବ୍ୟବସ୍ଥା ନାହିଁ। ତେଣୁ ରୋଗୀ ଓ ସେମାନଙ୍କ ପରିଜନ ଏକମାତ୍ର ଆହାର କେନ୍ଦ୍ରକୁ ଭରସା କରୁଛନ୍ତି। ଏ ନେଇ ଆର୍‌ଜିଏଚ୍ ନିର୍ଦ୍ଦେଶକ ଡ. ମନୋଜ ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଲେ, ଖୁବ୍‌ଶୀଘ୍ର ଆରଜିଏଚ୍‌ର ଅତି ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥାଗୁଡିକର ସୁଦୃଢ଼ୀକରଣ ହେବ। ଏ ନେଇ ସରକାରଙ୍କ ସ୍ୱାସ୍ଥ୍ୟ ସଚିବଙ୍କ ସହିତ ବିଚାରବିମର୍ଶ ହୋଇଛି। ସରକାରୀ ଡାକ୍ତରଖାନା ନିରାମୟ କେନ୍ଦ୍ରରେ ୧୦୨୪ ପ୍ରକାର ଔଷଧ ସହିତ ସେଡ୍ ନିର୍ମାଣ, କାଫେ, ଶଯ୍ୟା ବୃଦ୍ଧି ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେବ ବୋଲି ଉପାଧ୍ୟାୟ କହିଥିଲେ।

# ଅନ୍ତର୍ଜାତୀୟ କନ୍‌ଫରେନ୍ସରେ ହ୍ରିତାଂକ୍ଷୀଙ୍କ କୃତିତ୍ୱ

ରାଉରକେଲା,୨୭।୧୦(ଦିନେଶ ମିଶ୍ର)

ବନାରସ ହିନ୍ଦୁ ୟୁନିଭର୍ସିଟିଠାରେ ଆୟୋଜିତ ୨ଦିନିଆ ଅନ୍ତର୍ଜାତୀୟ କନଫରେନ୍ସରେ ଅଂଶଗ୍ରହଣ କରି ରାଉରକେଲାର ହ୍ରିତାଂକ୍ଷୀ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଜିଲା ତଥା ସହର ପାଇଁ କୃତିତ୍ୱ ଆଣିଛନ୍ତି। ଏହି କନଫରେନ୍ସରେ ରାଉରକେଲା ଏନ୍‌ଆଇଟିର ହ୍ରିତାଂକ୍ଷୀ ୧୭୦ ଜଣ ଗବେଷକଙ୍କ ଭିତରେ ସେ ପ୍ରଥମ ସ୍ଥାନ ହାସଲ କରିଥିଲେ। ମଟର ଚୋପା ଦ୍ୱାରା ଜଳ ବିଶୁଦ୍ଧ କରିବାର ଏକ ନୂତନ ସୂତ୍ର ବାହାର କରିଥିବାରୁ କନଫରେନ୍ସରେ ଯୋଗ ଦେଇଥିବା ବରିଷ୍ଠ ବୈଜ୍ଞାନିକ ଓ ପ୍ରଫେସର ତାଙ୍କୁ ପ୍ରଶଂସା କରିଥିଲେ। ଏଥିରେ ଦେଶବିଦେଶ ବିଶ୍ୱବିଦ୍ୟାଳୟର ଏନ୍‌ଆଇଟି ଓ ଆଇଆଇଟିରେ ଅଧ୍ୟୟନରତ ଗବେଷକମାନେ ଅଂଶଗ୍ରହଣ କରିଥିଲେ। ସମାଜସେବୀ ଦେବାନନ୍ଦ ତ୍ରିପାଠୀ ଓ ପୂର୍ବତନ ପୌରପାଳିକା ଅଧ୍ୟକ୍ଷା ରଶ୍ମିବାଳା ମିଶ୍ରଙ୍କ କନ୍ୟା ହ୍ରିତାଂକ୍ଷୀଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।


ହ୍ରିତାଂକ୍ଷୀ ତ୍ରିପାଠୀ

# ୮୦ ୟୁନିଟ୍ ରକ୍ତ ସଂଗ୍ରହ, ଶରୀର ଦାନ ପାଇଁ ୮ ପଞ୍ଜୀକରଣ



ଶିବିରରେ ଜଣେ ରକ୍ତଦାନ କରୁଛନ୍ତି।

ରାଉରକେଲା,୨୭।୧୦(ଦିନେଶ ମିଶ୍ର)

ବାସନ୍ତୀ କଲୋନି ସ୍ଥିତ ବିହାର ସାଂସ୍କୃତିକ ଭବନ ପରିସରରେ ସମାଜ ସୁଧାରକ ସନ୍ଥ ରାମପାଲଜୀ ମହାରାଜଙ୍କ ସାନ୍ନିଧ୍ୟରେ ମୁନୀନ୍ଦ୍ର ଧର୍ମାର୍ଥ ଟ୍ରଷ୍ଟ ଓଡ଼ିଶା ଶାଖା ପକ୍ଷରୁ ଏକ ରକ୍ତଦାନ ଓ ଶରୀର ଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଛତିଶଗଡ ରାଜ୍ୟ ସମେତ ଝାରସୁଗୁଡା, ସମ୍ବଲପୁର, ବରଗଡ, ଦେବଗଡ, ସୁନ୍ଦରଗଡ, ବୌଦ୍ଧ ଆଦି ଜିଲାରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ରକ୍ତଦାନ କରିଥିଲେ। ଆର୍‌ଜିଏଚ୍ ରକ୍ତ ଭଣ୍ଡାରର ଡାକ୍ତର ମାଇଶା ସୋରେନ୍ ଓ ଟେକ୍ନିସିଆନମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ୍ ୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ୮ ଜଣ ଶରୀର ଦାନ ପାଇଁ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ପଞ୍ଜୀକରଣ କରିଥିଲେ। ମୁନୀନ୍ଦ୍ର ଧର୍ମାର୍ଥ ଟ୍ରଷ୍ଟ ସଂଯୋଜକ ଡାକ୍ତର ଅକ୍ଷୟ କୁମାର ନାଏକ, ଛତିଶଗଡର ପଙ୍କଜ ଦାସ, ସୁନ୍ଦରଗଡର ରଙ୍କଧର ଭଇଁସାଲ, ବାଣେଶ୍ୱର ସିଂ, ସନାତନ ଜୟପୁରିଆ, ପବିତ୍ର ପ୍ରଧାନ, ରମେଶ ଚନ୍ଦ୍ର, ଅର୍ଜୁନ ବାଗ, କ୍ଷୀରୋଦ ପ୍ରଧାନ, ନିରଞ୍ଜନ ମାଝୀ, ସୁରେଶ ମହାନନ୍ଦିଆଙ୍କ ସମେତ ସମାଜର କର୍ମକର୍ତ୍ତା ସହଯୋଗ କରିଥିଲେ। ଡାକ୍ତର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଡିଆର୍‌ଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ

## ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ହଟାଇବାକୁ ଦାବି

ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଡେଲି ମାର୍କେଟ ଅଞ୍ଚଳରେ ଦକ୍ଷିଣ-ପୂର୍ବ ରେଳବାଇର ଉଚ୍ଚତା କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ହଟାଇବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଚକ୍ରଧରପୁର ଦକ୍ଷିଣ-ପୂର୍ବ ରେଳପଥର ଏଡିଆର୍‌ଏମ୍‌ଙ୍କୁ ଶନିବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ଅନୁସାରେ, ରାଉରକେଲା ଡେଲି ମାର୍କେଟର ରିଲାଏନ୍ସ ଟ୍ରେଣ୍ଡ୍ସ ସମ୍ମୁଖ ମାଷ୍ଟର ଅଟାଚକି ଗଳିରେ ରେଳବାଇର ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଲମ୍ବିଥିବାରୁ ସ୍ଥାନୀୟ ଜନବସତିର ୨୫୦ପରିବାରର କ୍ଷତି ଘଟୁଛି। ଏହା ସଂସ୍ପର୍ଶରେ ଆସି ୨ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣ ଯିବା ସହ ବହୁ ଲୋକ ଆହତ ବି ହେଲେଣି। ଏହି ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଯୋଗୁ ଯାତାୟତରେ ମଧ୍ୟ ସମସ୍ୟା ଉପୁଜିବା ସହ ପିଲାମାନଙ୍କ ଖେଳକୁଦରେ ମଧ୍ୟ ସମସ୍ୟା ହେଉଛି। ସେହିପରି ଗୃହନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସ୍ଥାନୀୟ ଅଞ୍ଚଳର ସତ୍ୟାନନ୍ଦ ମହାନ୍ତି, କାଳିନ୍ଦୀ ବଡଜେନା, ରଞ୍ଜିତ ନାୟକ, ଦେବାନନ୍ଦ ଶ୍ରୀଚନ୍ଦନ, ସଂଗ୍ରାମ କିଶୋର ମହାନ୍ତି ଏବଂ ଅମିତାଭ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏ ନେଇ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚକ୍ରଧରପୁର ଡିଭିଜନ ଏଡିଆର୍‌ଏମ୍ ସୂଚନା ଦେଇଥିଲେ।


ଏଡିଆର୍‌ଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଶିବିରରେ ୨୪୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ସ୍ୱାସ୍ଥ୍ୟ ଶିବିରରେ ଆଇଜିଏଚ୍ ଡାକ୍ତରୀ ଦଳ।

ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପକ୍ଷରୁ ବିଶ୍ରା ବ୍ଲକ ଡୁମେର୍ତ୍ତା ହାଇସ୍କୁଲରେ ଏକ ନିଃଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଡକ୍ଟର ଆର୍. ଆର୍. ମହାନ୍ତି, ସିଏସ୍‌ଆର ବିଭାଗ ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ୍ ବିଭାବସୁ ମଲ୍ଲିକ, ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଡୁମେର୍ତ୍ତା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶ୍ରୀ ଏମର୍ସିଆ କେର୍କେଟାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଆଇଜିଏଚ୍‌ର ଏକ ଡାକ୍ତରୀ ଦଳ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୪୦ରୋଗୀ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲେ। ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ମେଡିସିନ ବିଶେଷଜ୍ଞ ଡାକ୍ତର ନୀଳକଣ୍ଠ ସାହୁ, ଶିଶୁରୋଗ ବିଭାଗର ଡାକ୍ତର ଭାରତୀ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ପ୍ରିୟା, ଚକ୍ଷୁ ବିଭାଗ ଡାକ୍ତର ଅନିନ୍ଦିତା ଦେବତା ଓ ଡାକ୍ତର ସତ୍ୟ ଭାରତୀ, ଶଲ୍ୟ ବିଭାଗ ଡାକ୍ତର ମନୋଜ କୁମାର ପ୍ରଧାନ, ଇଏନ୍‌ଟି ଡାକ୍ତର ଜିତେନ୍ଦ୍ର କୁମାର, ଚର୍ମରୋଗ ବିଭାଗ ଡାକ୍ତର ସତ୍ୟଜିତ ସାହୁ ଓ ଡାକ୍ତର ରତୁପର୍ଣ୍ଣା ସରକାର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ଫାର୍ମାସିଷ୍ଟ ଲିଙ୍ଗରାଜ ପ୍ରଧାନ, ବିରଜା ପ୍ରସାଦ ଲେଙ୍କାଙ୍କ ସମେତ ସିଏସ୍‌ଆର ସଂଯୋଜକ ବି. କେ. ମହାପାତ୍ର ସହଯୋଗ କରିଥିଲେ। ଆଇଜିଏଚ୍‌ରେ ବିଭିନ୍ନ ସିଏସ୍‌ଆର ଯୋଜନା ଅଧୀନରେ ୩୯ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ମାଗଣା ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପ୍ରକଳ୍ପ ସୁନୟନା, ଶବ୍ଦ ବାଧିତ ରୋଗୀଙ୍କ ପାଇଁ ପ୍ରକଳ୍ପ ସୁଶ୍ରୁତି, ମାଗଣା ସର୍ଜିକାଲ ପାଇଁ ପ୍ରକଳ୍ପ ଚରକ, ସ୍ତ୍ରୀ ରୋଗ ଚିକିତ୍ସା ପାଇଁ ପ୍ରକଳ୍ପ ସୁରଭି, ଯକ୍ଷ୍ମା ଚିକିତ୍ସା ପାଇଁ ପ୍ରକଳ୍ପ ଅକ୍ଷୟ ଅଧୀନରେ ସେମାନଙ୍କ ଚିକିତ୍ସା କରାଯିବା।

# ଗରିବଙ୍କ ପାଇଁ ମାଗଣା ହାଟ



ହାଟରୁ ଗରିବ ଲୋକେ ବିଭିନ୍ନ ସାମଗ୍ରୀ ନେଉଛନ୍ତି।

ରାଉରକେଲା,୨୭।୧୦(ଦିନେଶ ମିଶ୍ର)

ରାଉରକେଲାର ଅନ୍ୱେଷା ଅନୁଷ୍ଠାନ ପକ୍ଷରୁ ଝିରପାଣି ସ୍ଥିତ ଡମଟୋଲା ବସ୍ତିରେ ୧୦୬ତମ ମାଗଣା ହାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ହାଟରେ ବସ୍ତିର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଲୋକ ସେମାନଙ୍କ ଆବଶ୍ୟକ କପଡା ଓ ଅନ୍ୟାନ୍ୟ ସାମଗ୍ରୀ ମାଗଣାରେ ନେଇଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରାୟ ୫ହଜାର ନୂଆ ପୁରୁଣା କପଡା ଏହି ହାଟରେ ପ୍ରଦର୍ଶିତ ହୋଇଥିଲା। ଆଗକୁ ଶୀତଦିନ ଆସୁଥିବାରୁ ବିଶେଷ କରି ବସ୍ତିବାସୀ କମ୍ବଳ, ବିଭିନ୍ନ ଶୀତବସ୍ତ୍ର ଓ ଶାଢ଼ିକୁ ପସନ୍ଦ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଦିବାକର ଦାସ, ସଦସ୍ୟ ଅଜୟ ନାୟକ, ବରଖା ଅଗ୍ରୱାଲ, ସନ୍ଦୀପ ଅଗ୍ରୱାଲ, ରଞ୍ଜନ ସାହୁ ଓ ଅଙ୍ଗନୱାଡି ସହାୟିକା ବାଲବତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ହବିଷ ବ୍ରତଧାରୀଙ୍କୁ ସ୍ୱାସ୍ଥ୍ୟସେବା

ରାଉରକେଲା,୨୭।୧୦(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ହବିଷ ବ୍ରତ ପାଳନ କରୁଥିବା ବୟସ୍କା ମହିଳାମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରାଉରକେଲା ସହରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ମହିଳା ସମିତି ପରାମର୍ଶଦାତା ଡାକ୍ତର ଗୋକୁଳନନ୍ଦ ସାହୁ, ଡାକ୍ତର ଶଶିଭୂଷଣ ନେପାକ ଓ ଡାକ୍ତର ମହେଶ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ରହି ହବିଷ୍ୟାଳିଙ୍କ ସହ ଶତାଧିକ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବିତରଣ କରିଥିଲେ। ଟେକ୍ନିସିଆନ ଆଇଲିନ ଟିଗା, ନିରଞ୍ଜନ ଜେନା ଓ ସାହିଲ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମହିଳା ସମିତି ସଭାନେତ୍ରୀ ସବିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁପ୍ରିୟା ମହାନ୍ତି, ଇନ୍ଦିରା ମହାନ୍ତି, ଜ୍ୟୋତି ମହାପାତ୍ର, ସ୍ନିଗ୍ଧା ସାମନ୍ତରାୟ, ଗୀତା ସେନାପତି, ମଞ୍ଜୁବାଳା ମହାପାତ୍ର, ନନ୍ଦିତା ପାତ୍ର, ରଶ୍ମିତା ସାହୁ, ସୁଜାତା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଟ୍ରଷ୍ଟି ଗିରିଜା ଶଙ୍କର ଦ୍ୱିବେଦୀ, ପାଣ୍ଡବ ସ୍ୱାଇଁ, ତ୍ରିନାଥ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୭୧ ବିଦ୍ୟୁତ୍ ଉପଭୋକ୍ତା ପୁରସ୍କୃତ

ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବିଦ୍ୟୁତ୍ ମଣ୍ଡଳ ଅଧୀନ ସୁନ୍ଦରଗଡ ଜିଲାର ୩୯ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପେ ଆଣ୍ଡ ଉଇନ-ଖୁଲ ଜା ସିମ୍ ସିମ୍ କାର୍ଯ୍ୟକ୍ରମ ଅଧୀନରେ ପୁରସ୍କୃତ କରାଯାଇଛି। ଶୂନ୍ୟ ବକେୟା ଥିବା ଉପଭୋକ୍ତାମାନଙ୍କୁ ଏହି ଲକି ଡ୍ର କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ବେଳେ ରାଉରକେଲା ବିଦ୍ୟୁତ୍ ମଣ୍ଡଳ ଅଧୀନ ୧୩ଟି ସବ୍‌ଡିଭିଜନର ଉକ୍ତ ୩୯ଜଣ ଉପଭୋକ୍ତା ପୁରସ୍କାର ବିଜେତା ହୋଇଥିଲେ। ପ୍ରତି ସବ୍‌ଡିଭିଜନରୁ ୩ ବିଜେତାଙ୍କୁ ଏକ ସଂଖ୍ୟା ଭିତ୍ତିକ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇଥିଲା। ପ୍ରଥମ ବିଜେତାଙ୍କୁ ସ୍ମାର୍ଟ ଫୋନ, ଦ୍ୱିତୀୟ ବିଜେତାଙ୍କୁ ମ୍ୟୁଜିକ ପ୍ଲେୟାର ଏବଂ ତୃତୀୟ ବିଜେତାଙ୍କୁ ସୋଲାର ଲ୍ୟାମ୍ପ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ମଧ୍ୟରେ ବିଦ୍ୟୁତ ଅପଚୟକୁ ରୋକିବା ଏବଂ ଏକ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ଭାବେ ନିୟମିତ ବିଦ୍ୟୁତ ବିଲ୍ ପୈଠ କରିବା ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ମୋଟ ୧୭୧ଜଣ ଉପଭୋକ୍ତାଙ୍କୁ ଟିପିଡବ୍ଲ୍ୟୁଓଡିଏଲ ତରଫରୁ ପୁରସ୍କୃତ କରାଯାଇଛି। ଆଗାମୀ ଦିନରେ ପ୍ରତି ମାସ ନିୟମିତ ଶୂନ୍ୟ ବେକେୟା ଥିବା ଭାଗ୍ୟଶାଳୀ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ପୁରସ୍କୃତ କରାଯିବାକୁ ଧାର୍ଯ୍ୟ କରାଯାଇଛି।



ଜଣେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ସହଜ ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା,୨୭।୧୦(ଦିନେଶ ମିଶ୍ର)

ସେକ୍ଟର-୧୮ ସ୍ଥିତ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ ପରିସରରେ ୯ମ ଓଡ଼ିଶା ବାଟାଲିୟନ ଏନ୍‌ସିସି ରାଉରକେଲା ପକ୍ଷରୁ ଆୟୋଜିତ ୨ ଦିନିଆ ସହଜ ଯୋଗ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୯ମ ଓଡ଼ିଶା ବାଟାଲିୟନ ଏନ୍‌ସିସିର କର୍ଣ୍ଣେଲ ଏ. ସି. କୁଲକର୍ଣ୍ଣୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସହଜ ଯୋଗ ପ୍ରଶିକ୍ଷଣ ଦେଇଥବଲେ। ଏହି ଶିବିରରେ ବିଭିନ୍ନ ସ୍କୁଲରୁ ୨୩୦ ଜଣ ଶିବିରାର୍ଥୀ ଯୋଗଦେଇ ଯୋଗ ପ୍ରଶିକ୍ଷଣ ନେଇଥିଲେ। ରାଉରକେଲା ସହଜ ଯୋଗ ପରିବାର ପକ୍ଷରୁ ନିର୍ମଳ କୁମାର ଦାସ, ଏନ୍‌ସିସିର ଶିକ୍ଷକ ମେଜର ଅଙ୍ଗଦ ମାହାତୋ, ଟ୍ରେନିଂ ଅଫିସର ବୀର ସିଂହ, ଏକ୍ସ ଆର୍ମି ଅଫିସର ଚକ୍ରାନ୍ତ ଜେନା, ମୋନାଲିସା ପରିଜା, ଅଭି ତନ୍ତୀ, ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଆଜି ଶ୍ରମିକ ସଙ୍ଗଠନର ଧର୍ମଘଟ

## ୧୮ ଦଫା ଦାବି

ରାଉରକେଲା,୨୭।୧୦
(ସଙ୍ଗୀତା ଜେନା)

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେଲ୍ ଓ ଆର୍‌ଆଇଏନ୍‌ଏଲ୍‌ରେ କାର୍ଯ୍ୟରତ ଇସ୍ପାତ କର୍ମଚାରୀ ଓ ଠିକା ଶ୍ରମିକଙ୍କ ମଜୁରୀ ବୃଦ୍ଧି ସହ ସମସ୍ତ ଦାବିର ଆପୋସ ସମାଧାନ, ତୁରନ୍ତ ମଜୁରୀ ଚୁକ୍ତିନାମା, ୩୦ ମାସର ଏରିୟର ପ୍ରଦାନ, ଗ୍ରାଚ୍ୟୁଇଟି ସିଲିଂ ଉଚ୍ଛେଦ, ଏପିଏଲ୍‌ଏସ୍‌ଆଇ ସ୍କିମ୍‌କୁ ତୁରନ୍ତ ପ୍ରତ୍ୟାହାର କରି ୨୦୨୩ ଓ ୨୦୨୪ ବର୍ଷ ପାଇଁ ୪୦ହଜାର ୫ ଶହ ଟଙ୍କାରୁ ଊର୍ଦ୍ଧ୍ୱ ବୋନସ ପ୍ରଦାନ, ଠିକା ଶ୍ରମିକଙ୍କ ଏଡବ୍ଲୁଏ ରାଶିକୁ ମୂଳବେତନ ସହ ସଂଯୋଗ, ପୂର୍ବପରି ୨୫ ଟଙ୍କା ସ୍ୱତନ୍ତ୍ର ଭତ୍ତା ସମେତ ୧୮ଦଫା ଦାବିକୁ ନେଇ ଜାତୀୟ ଶ୍ରମ ସଙ୍ଗଠନ ଓ ସମସ୍ତ ଆଞ୍ଚଳିକ ଶ୍ରମ ସଙ୍ଗଠନର ଆହ୍ୱାନକ୍ରମେ ସୋମବାର ଦେଶବ୍ୟାପୀ ଏକ ଦିବସୀୟ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ସଫଳ କରିବାକୁ ରବିବାର ପୂର୍ବାହ୍ନରେ ରାଉରକେଲା ଇସ୍ପାତ କାରଖାନାରେ ସକ୍ରିୟ ଶ୍ରମ ସଙ୍ଗଠନ ପକ୍ଷରୁ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ସୋମବାର ହେବାକୁ ଥିବା ଧର୍ମଘଟ ସମ୍ପର୍କରେ ସେଲ୍‌ର ସମସ୍ତ କେନ୍ଦ୍ରୀୟ ଓ ସ୍ଥାନୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ରବିବାର ସେକ୍ଟର-୧୮ ଆଇଏନ୍‌ଟିୟୁସି ରାଉରକେଲା ଶ୍ରମିକ ସଂଘ (ଆରଏସ୍‌ଏସ୍) କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଅଧ୍ୟକ୍ଷତା କରି କହିଥିଲେ, ସୋମବାର ସକାଳ ୬ଟାରୁ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ଏହି ଧର୍ମଘଟ କରାଯିବ। କାରଖାନାର ବିଭିନ୍ନ ଫାଟକ ନିକଟରେ ଧାରଣା ପ୍ରଦର୍ଶନ କରାଯିବ। ଏଥିରେ କାରଖାନା, ଖଣିଖାଦାନର ସ୍ଥାୟୀ ଓ ଠିକା କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ସାମିଲ ହେବେ ବୋଲି ବେହେରା କହିଥିଲେ। ସେହିପରି ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଉକ୍ତ ଦାବି ପୂରଣ ପାଇଁ ଶ୍ରମିକ ଏକତା ନିହାତି ଆବଶ୍ୟକ। ଏହାର କୌଣସି ବିକଳ୍ପ ନାହିଁ ବୋଲି କହିଥିଲେ। ସିଟୁର ବିମାନ ମାଇତି, ବସନ୍ତ ନାୟକ, ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ନିହାର ଦାସ, ବୀରକିଶୋର ଶେଖରଦେଓ, ସତ୍ୟ ସାହୁ, ଆର୍‌ଆଇକେକେଏସ୍ ପକ୍ଷରୁ ସୁରେନ୍ଦ୍ର କଂସାରୀ, ଯୋଗେନ୍ଦ୍ର ମହାନ୍ତ, ଆର୍‌ଏମ୍‌ଏସ୍ ପକ୍ଷରୁ ଶଶଧର ନାୟକ, କଳାକାର ସାହୁ, ଜିଏମ୍‌ଏମ୍‌ର ଗୋପାଳ ଦାସ, ଏଆଇଟିୟୁସିର ରମେଶ ସେଠୀ, କୈଳାସ ନାୟକ, ସିଅରର ହେମନ୍ତ ବେହୁରା, ଆରଡବ୍ଲ୍ୟୁୟୁର ଅଜିତ ନାୟକ, ଆଇଏଲୟୁର ସନ୍ତୋଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ବିଭିନ୍ନ ଶ୍ରମ ସଙ୍ଗଠନର ନେତୃବୃନ୍ଦ।

## ସଂକ୍ଷେପରେ

### କ୍ରୀଡା ଉତ୍ସବ, କୃତୀ ପ୍ରତିଯୋଗୀ ପୁରସ୍କୃତ

ସମ୍ବଲପୁର,୨୭।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଝୁଯୋମୁରା ବ୍ଲକ ଘେନୁପାଲି ପଞ୍ଚାୟତରେ ରବିବାର ପତଙ୍ଗ ଅନୁଷ୍ଠାନ ଓ ଗୁଣ୍ଡୁଚିମୂଷା ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ଏକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘେନୁପାଲି ସରପଞ୍ଚ ଜଗଦିଶ୍ୱର ମିର୍ଦ୍ଧା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ପଞ୍ଚାୟତର ଘେନୁପାଲି, ଖଜୁରପାଲି, ବୁରୋମାଲ ଓ ପାବପାଲି ଗ୍ରାମର ଯୁବତୀଯୁବକଙ୍କୁ ନେଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପତଙ୍ଗ କାର୍ଯ୍ୟକର୍ତ୍ତା ବଷ୍ଟି ଧରୁଆ, ରଶ୍ମିତା କାଲୋ, ପ୍ରୀତି ଭୋଇ, ଲୋକେଶ ପ୍ରଧାନ, ସତ୍ୟସ୍ୱରୂପ ମହାକୁର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ଶିବିରରେ ୩୦ ଆପଦ ମିତ୍ର ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ

ସମ୍ବଲପୁର,୨୭।୧୦(ଭବାନୀ ଶଙ୍କର ଭୋଇ)

ଆପଦ ମିତ୍ର ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଁ ଏକ ପ୍ରତିଯୋଗିତା ରବିବାର ସମ୍ବଲପୁର ଜିଲା ଝୁଯୋମୁରା ବ୍ଲକ ନୀଳଡୁଙ୍ଗୁରିସ୍ଥିତ ଉଦ୍ୟାନ କୃଷି ବିଭାଗ ପ୍ରଶିକ୍ଷଣ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଆୟୋଜିତ ଏହି ଶିବିରରେ ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡା ଓ କଳାହାଣ୍ଡି ଆଦି ଜିଲାର ୩୦ଜଣ ଆପଦ ମିତ୍ର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଆୟୋଜିତ ଶିବିରରେ ସମସ୍ତ ପ୍ରତିଯୋଗୀମାନଙ୍କ ମଧ୍ୟରେ ଦଳଗତ ଭାବେ ପ୍ରାଥମିକ ଚିକିତ୍ସା ଓ ଆପଦକାଳୀନ ସେବା ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲା ବିପର୍ଯ୍ୟୟ ପ୍ରବନ୍ଧନ ଅଧିକାରୀ ଗୀତାଞ୍ଜଳି ସାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟ ମେଡ଼ିସିନ ମୁଖ୍ୟ ଡା. ଲଳିତ କୁମାର ପ୍ରଧାନ, ବୁର୍ଲା ଭୀମସାରର ଅସ୍ଥି ଓ ଶୈଳ ବିଶେଷଜ୍ଞ ଡା.ବିକାଶ ଦୁବେ, ପ୍ରାଥମିକ ଚିକିତ୍ସା ତାଲିମଦାତା ଡା. ରାଜାରାମ ଷଡ଼ଙ୍ଗୀ, ରେଡ଼କ୍ରସ ସଂଯୋଜିକା ପ୍ରମିଳା ବେହେରା, ସମ୍ବଲପୁର ସହାୟକ ଅଗ୍ନିଶମ ଅଧିକାରୀ ସୁଧାନ ଚରଣ କିସ୍କୋ ଓ ଲକ୍ଷ୍ମୀକାନ୍ତ ଥପା ବିଚାରକଭାବେ ଯୋଗ ଦେଇଥିଲେ। ଆୟୋଜିତ ସଭାରେ ଜିଲା ଜରୁରୀକାଳୀନ ଅଧିକାରୀ ରମ୍ଭା କୁମାରୀ ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସା, ସନ୍ଧାନ ଓ ଉଦ୍ଧାର ଭଳି ଜୀବନ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଦଳଗତଭାବେ ବଲାଙ୍ଗୀର ଜିଲାକୁ ବିଜେତା ଘୋଷଣା କରାଯାଇଥିଲା। ଆସନ୍ତା ୨୯ ତାରିଖ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ବିପର୍ଯ୍ୟୟ ପ୍ରସ୍ତୁତି ଓ ବିପର୍ଯ୍ୟୟ ପ୍ରଶମନ ଦିବସ ପାଇଁ ସମ୍ବଲପୁର ଜିଲାର ୧୨ଜଣିଆ ଦଳକୁ ଚୟନ କରାଯାଇଥିଲା। ସେମାନେ ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ପ୍ରତିନିଧିତ୍ୱ କରିବେ ବୋଲି ଜିଲା ବିପର୍ଯ୍ୟୟ ପ୍ରବନ୍ଧନ ଅଧିକାରୀ ଗୀତାଞ୍ଜଳି ସା ସୂଚନା ଦେଇଛନ୍ତି।

# ୪୨ଶହ ଟଙ୍କା ଗ୍ରେଡ ପେ ଦିଅ

ସମ୍ବଲପୁର,୨୭।୧୦(ଭବାନୀ ଶଙ୍କର ଭୋଇ)



ପଶ୍ଚିମାଞ୍ଚଳ ପ୍ରାଥମିକ ଶିକ୍ଷକ ଫୋରମର ଖବରଦାତା ସମ୍ମିଳନୀରେ ଫୋରମର ନେତୃବର୍ଗ।

ପଶ୍ଚିମାଞ୍ଚଳ ପ୍ରାଥମିକ ଶିକ୍ଷକ ଫୋରମ ପକ୍ଷରୁ ରବିବାର ସମ୍ବଲପୁର ପ୍ରେସ କ୍ଲବଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫୋରମର ସଂଯୋଜକ ସୁରେଶ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ୪୨ଶହ ଟଙ୍କା ଗ୍ରେଡ ପେ ସହ ଶିକ୍ଷକତା ଆରମ୍ଭଠାରୁ ୬ ବର୍ଷ ଗଣନା କରାଯିବାକୁ ଦାବି କରାଯାଇଥିଲା। ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଶିକ୍ଷାମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବା ନେଇ ବୈଠକରେ ସ୍ଥିର କରାଯାଇଥିଲା। ପ୍ରତି ଜିଲାରେ ବ୍ଲକସ୍ତରରୁ ପ୍ରାଥମିକ ଶିକ୍ଷକମାନଙ୍କୁ ସଙ୍ଗଠିତ କରାଯିବା ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆସନ୍ତା ନଭେମ୍ବର ୧୭ରେ ବରଗଡରେ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ୧୫ଜିଲାର ପ୍ରାଥମିକ ଶିକ୍ଷକ ଏକଜୁଟ ହୋଇ ନୂତନ ଏକ ସଙ୍ଗଠନ ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା

### ପ୍ରାଥମିକ ଶିକ୍ଷକମାନଙ୍କ ବୈଠକରେ ଦାବି

ନେଇ ଖବରଦାତା ସମ୍ମିଳନୀରେ ଫୋରମ ପକ୍ଷରୁ ସୂଚନା ଦିଆଯାଇଛି।

ଖବରଦାତା ସମ୍ମିଳନୀରେ ଫୋରମ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, କେତେକ ସ୍ୱାର୍ଥାନ୍ୱେଷୀ ନେତାଙ୍କ ଯୋଗୁ ରାଜ୍ୟ ସଙ୍ଗଠନ ସ୍ଥାଣୁ ହୋଇଯାଇଛି। ସେଥିପାଇଁ ରାଜ୍ୟର ମୁଖ୍ୟ ଶାସନ ସଚିବ ଲିଖିତ ପ୍ରତିଶ୍ରୁତି ଦେବା ପରେବି କୋଣସି ଦାବୀ ପୂରଣ ହୋଇପାରି ନାହିଁ। ତେଣୁ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡିଶାର ଜିଲାଗୁଡିକ ସ୍ୱତନ୍ତ୍ର ଭାବେ ସଙ୍ଗଠିତ ହୋଇ ଲଢେଇ କରିବାକୁ ଏକଜୁଟ ହୋଇଥିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବୈଠକରେ କୋରାପୁଟ ସମେତ ଅନ୍ୟ ତିନୋଟି ଜିଲା ଫୋରମ ସହ ସାମିଲ ହେବାକୁ ସହମତି ଜଣାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ବୈଠକକୁ ଅନ୍ୟତମ ସଂଯୋଜକ ଶ୍ରୀକାନ୍ତ ବାରିକ ପରିଚାଳନା କରିଥିଲେ। ସଭାରେ ବଲାଙ୍ଗୀର ଜିଲା ସଭାପତି ଶିତୋଷ ପାଣିଗ୍ରାହୀ, ସମ୍ପାଦକ ଚକାନନ୍ଦ କର୍ମ, ସୁନ୍ଦରଗଡ ସଂଯୋଜକ ରାମଲାଲ ପଟେଲ, ବୌଦ୍ଧ ଜିଲା ସଭାପତି ଶିଶିର ଖଟୁଆ ଟିମ, ରାଇଗଡା ସଭାପତି ସୋମନାଥ ଗରଡ଼, ସୋନପୁର ଜିଲା ସଭାପତି ଦାମୋଦର ପଣ୍ଡା, ଝାରସୁଗୁଡା ଜିଲା କାର୍ଯକାରୀ ସଭାପତି ଚୋଳଦେବ ସା. ଦେବଗଡ଼ ସଭାପତି ତ୍ରିନାଥ ଖୁଣ୍ଟିଆ,ସମ୍ବଲପୁର ଜିଲା ସଦର ସଭାପତି ଚେରୁ ପାତ୍ରଙ୍କ ସହ ସମସ୍ତ ଜିଲାର ବ୍ଲକ ସଭାପତିମାନେ ବୈଠକରେ ସାମିଲ ହୋଇଥିଲେ।

# ମନ୍ତ୍ରୀମୁଣ୍ଡା କପ ଫୁଟବଲ: ସେମିରେ ଅରୁଣ ଏକାଦଶ

କୁଚିଣ୍ଡା,୨୭।୧୦(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ମନ୍ତ୍ରୀମୁଣ୍ଡା ୟୁଥ କ୍ଲବ ପକ୍ଷରୁ ଆୟୋଜିତ ୧୧ତମ ମନ୍ତ୍ରୀମୁଣ୍ଡା କପ ଫୁଟବଲ ମହାକୁମ୍ଭ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମହାକୁମ୍ଭରେ ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡ ଜିଲାର ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଝାରସୁଗୁଡ଼ା ଶାନ୍ତିନଗର ଓ ସମ୍ବଲପୁର ଜୁନିୟର ଏଫସି ମଧ୍ୟରେ ହୋଇଥିଲା। ଝାରସୁଗୁଡା ଶାନ୍ତି ନଗର ୨–୦ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ଼ ଏବି ଏଫସି ଏବଂ ସମ୍ବଲପୁର ଅରୁଣ ଏକାଦଶ ମଧ୍ୟରେ ହୋଇଥିଲା। ୧–୦ଗୋଲରେ ସମ୍ବଲପୁର ଅରୁଣ ଏକାଦଶ ବିଜେତା ହୋଇଥିଲା। ତୃତୀୟ ଅର୍ଥାତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଝାରସୁଗୁଡା ଶାନ୍ତିନଗର ସହ ସମ୍ବଲପୁର ଅରୁଣ ଏକାଦଶ ମଧ୍ୟରେ ହୋଇଥିଲା। ୧–୦ଗୋଲରେ ସମ୍ବଲପୁର ଅରୁଣ ଏକାଦଶ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରୀ ଭାବେ କିଷନ ଦାଶ, ରାଜେଶ ଜୟପୁରିଆ, ରାଜେଶ ପଟେଲ, ରମଣୀ ମାଝି, ରାଜକୁମାର ମଣ୍ଡଳ, ସାଗର ନାଏକ, ବାପି ବାଘ ପରିଚାଳନା କରିଥିଲେ।

ଉଦ୍‌ଘାଟନୀ ଅବସରରେ ଦିବ୍ୟରାଜ କିଷାନ ମୁଖ୍ୟଅତିଥି, ଭାଜପା ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ଶୁଶିଳ କର ଓ ସମାଜସେବୀ ସଞ୍ଜୟ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ମନ୍ତ୍ରୀମୁଣ୍ଡା ୟୁଥ କ୍ଲବ ଉପଦେଷ୍ଟା ପ୍ରଣବ ମିଶ୍ର, ସଭାପତି ତାପସ ନାଏକ, ସମ୍ପାଦକ ଅକ୍ଷୟ କିଷାନ, କୋଷାଧ୍ୟକ୍ଷ ଭବାନୀ କିଷାନଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ପାଞ୍ଚଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟ ୩୧ତାରିଖରେ ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ଦିବସରେ ଝାରସୁଗୁଡା ଏନଓ୍ୱାଇଏସ ଓ କେନ୍ଦୁଝର ଜେଏସଡବ୍ଲ୍ୟୁ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ଖେଳାଯିବା କାର୍ଯ୍ୟକ୍ରମ ରହିଛି।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ସାଙ୍ଗଠନିକ ଅଭିବୃଦ୍ଧିରେ ସମସ୍ୟା ସମାଧାନ ହେବ


ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

କୁଚିଣ୍ଡା,୨୭।୧୦(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଚନ୍ଦନିମାଲ ହୀରାଧର ଯୁବକ ସଂଘ ହାଇସ୍କୁଲରେ ରବିବାର ଓଷ୍ଟାର କୁଚିଣ୍ଡା ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା କୁଚିଣ୍ଡା ବ୍ଲକ ସଭାପତି ସୁଧୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ସଭାପତି କୁଳଧର ପ୍ରଧାନ ମୁଖ୍ୟଅତିଥି, ସମ୍ପାଦକ ହରି ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ସେମାନେ କହିଥିଲେ ଯେ, ଓଷ୍ଟା ଓଡ଼ିଶାର ସର୍ବବୃହତ୍ ଶିକ୍ଷକ ସଙ୍ଗଠନ। ଏହି ସଙ୍ଗଠନ ଶିକ୍ଷକ ଓ କର୍ମଚାରୀଙ୍କ ଜୀବନ ଜୀବିକା ଲଢେଇ ସହ ପିଲାଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶ, ମେଧା ଅନ୍ୱେଷଣ, ଶିଶୁ ଉତ୍ସବ ଭଳି କାର୍ଯ୍ୟ କରୁଛି। ଏହାଛଡା ସାଙ୍ଗଠନିକ ଅଭିବୃଦ୍ଧି ଦ୍ୱାରା ସମସ୍ତ

### ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ରଖିଥିଲେ। ଜିଲା ଯୁଗ୍ମ ସମ୍ପାଦକ ବିଶ୍ୱାମିତ୍ର ଦୀପ, ଶିକ୍ଷକ ପ୍ରମୋଦ କୁମାର ପଟେଲ, ଚନ୍ଦନିମାଲ ହାଇସ୍କୁଲ ପ୍ରତିଷ୍ଠାତା ଜଗତରାମ ପଟେଲ, ହାଇସ୍କୁଲ ପରିଚାଳନା କମିଟି ସଭାପତି ଉଷତରାମ ପଟେଲ, ଜମନକିରା ବ୍ଲକ ସଭାପତି ଶଶୀନାଥ ନାୟକ, ବ୍ଲକ ସମ୍ପାଦକ ରତନଲାଲ ସିଂ, ଧନକଉଡା ବ୍ଲକ ସଭାପତି ଆନନ୍ଦ ଦଣ୍ଡସେନା, ରାଜ୍ୟ କମିଟି ସଦସ୍ୟ କେଶବ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁଶୀଳ ମହାକୁଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚନ୍ଦନିମାଲ ହୀରାଧର ଯୁବକ ସଂଘ ହାଇସ୍କୁଲ ପ୍ରଧାନ ଶିକ୍ଷକ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଆଗାମୀ ତିନି ବର୍ଷ ପାଇଁ ଓଷ୍ଟା କୁଚିଣ୍ଡା ବ୍ଲକ କର୍ମକର୍ତ୍ତା ନିର୍ବାଚନ ମନୋନୟନ ପଦ୍ଧତିରେ ହୋଇଥିଲା। ପ୍ରମୋଦ କୁମାର ଖର୍ସେଲ ସଭାପତି, ବେଦବ୍ୟାସ ପଟେଲ କାର୍ଯ୍ୟକାରୀ ସଭାପତି, ଭୈରବ କୁମାର ସାହୁ ଓ ରଶ୍ମିରେଖା ପଟେଲ ଉପସଭାପତି, କମଳଲୋଚନ ବେହେରା ସମ୍ପାଦକ, ସୁଶୀଳ କୁମାର ମହାକୁଲ, ଚନ୍ଦ୍ରହାସ କର୍ଣ୍ଣ ଓ ପାର୍ବତୀ ପଟେଲ ଯୁଗ୍ମସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଭାବେ ସୁଶୀଳ ତ୍ରିପାଠୀ ଓ ସୁଗତ ପଟେଲ, ଜିଲା କମିଟି ସଭ୍ୟ ଭାବେ ଦୁର୍ଗାପ୍ରସନ୍ନ ଦାସ, ରଶ୍ମିରଞ୍ଜନ ମାଝି, ଅନିଲ ଖମାରୀ ଓ ବ୍ରଜମୋହନ ରଣା ମନୋନୀତ ହୋଇଛନ୍ତି। ମନୋନୀତ ସମସ୍ତ କର୍ମକର୍ତ୍ତାଙ୍କୁ ମୁଖ୍ୟଅତିଥି ପ୍ରଧାନ ଶପଥପାଠ କରାଇଥିଲେ। ବେଦବ୍ୟାସ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୨୭।୧୦(ଭବାନୀ ଶଙ୍କର ଭୋଇ)

ଅବିଭକ୍ତ ସମ୍ବଲପୁର ଜିଲା ମୁରା/ଅମାଭୋନା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନଙ୍କ ସ୍ମୃତିରେ ରବିବାର ରାମଚଣ୍ଡୀ ସେବା ସଦନ ଦାନିପାଲିଠାରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଡ. ଗୌରୀଦାସ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଉମେଶ ଚନ୍ଦ୍ର ନାୟକ, ସମାଜସେବୀ ଗୋବିନ୍ଦ ଅଗ୍ରୱାଲ, ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନ, ଶଙ୍କର ପାତ୍ର, ଲକ୍ଷ୍ମଣ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, କୃପାସିନ୍ଧୁ ଖମାରୀ, ଦୀନବନ୍ଧୁ ସାହୁ, ଲିଙ୍ଗରାଜ ପ୍ରଧାନ, ଶରତ ପ୍ରଧାନ, ବ୍ରଜେଶ କୁମାର ସାହୁ, ଅଜିତ ସାହୁ, ଟଙ୍କ ବାରିକ, ସୁକାନ୍ତି ଗର୍ତିଆ, ଭବାନୀ ପ୍ରଧାନ, ଜଟା ଭୂଷଣ ସାହୁ, ସରୋଜ ସାହୁ ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ୧୯୫୨ ପ୍ରଥମ ସାଧାରଣ ନିର୍ବାଚନରେ ମୁରା–ଅମାଭୋନା ନିର୍ବାଚନ ମଣ୍ଡଳୀରୁ ସୋସାଲିଷ୍ଟ ଦଳରୁ ପଶ୍ଚିମ ଓଡ଼ିଶାର ଏକମାତ୍ର ବିଧାୟକ ଭାବେ ସ୍ୱର୍ଗତ ପ୍ରଧାନ ନିର୍ବାଚିତ ହୋଇଥିଲେ। ସ୍ୱର୍ଗତ ପ୍ରଧାନଙ୍କ ରାଜନୈତିକ ବ୍ୟକ୍ତିତ୍ୱର ପରାକାଷ୍ଠା, ସାଙ୍ଗଠନିକ ଦକ୍ଷତା, ଅନନ୍ୟ ଓ ଅନୁସରଣୀୟ ବୋଲି ବକ୍ତାଗଣ ମତପ୍ରକାଶ କରିଥିଲେ। ଦିବଙ୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା।

### କବରିସ୍ଥାନ ପରିଚାଳନା କମିଟି କର୍ମକର୍ତ୍ତା ଚୟନ

ସମ୍ବଲପୁର,୨୭।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କବରିସ୍ଥାନ ପରିଚାଳନା କମିଟିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ମହମ୍ମଦ ୟୁସୁଫଙ୍କୁ କମିଟି ନୂତନ ସଭାପତି, ମହମ୍ମଦ ଇର୍ସାଦ ସମ୍ପାଦକ, ଏସ.କେ. ଅଜିଜ୍ ଉପସଭାପତି, ଏମଡି ତସଲିମ୍ କୋଷାଧ୍ୟକ୍ଷ, ଏମ୍‌ଡି ଆସିଫ ଯୁଗ୍ମ କୋଷାଧ୍ୟକ୍ଷ ତଥା ମହମ୍ମଦ ଅଜିମ୍ ଅଞ୍ଜୁଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ବୈଠକରେ କବରିସ୍ଥାନରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି, ଆୟ ବୃଦ୍ଧି, ଆଲୋକୀକରଣର ସୁବ୍ୟବସ୍ଥା, ନୂଆ ଦୋକାନ ଗୃହ ନିର୍ମାଣ, ଫୁଲବଗିଚା ନିର୍ମାଣ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହିସବୁ ପ୍ରସ୍ତାବକୁ ନେଇ ସମ୍ବଲପୁର ଜିଲାପାଳଙ୍କୁ ସାକ୍ଷାତ କରି ଏହାର ଉନ୍ନତି ପାଇଁ ପଦକ୍ଷେପ ନେବାକୁ ଦାବି କରାଯିବା ନେଇ ବୈଠକରେ ସ୍ଥିର କରାଯାଇଥିଲା।

# କ୍ରିକେଟ ଟୁର୍ନାମେଣ୍ଟ: ଏଫସିସି ଟେଣ୍ଡରା ଚାମ୍ପିୟନ

କୁଚିଣ୍ଡା,୨୭।୧୦(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ୨୩ରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। କୁଚିଣ୍ଡା କିଲର କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସୁନ୍ଦରଗଡ ଏଫସିସି ଟେଣ୍ଡରା ଓ କୁଚିଣ୍ଡା କିଲର କ୍ଲବ ମଧ୍ୟରେ ହୋଇଥିଲା। ୮ଓଭର ବିଶିଷ୍ଟ ମ୍ୟାଚରେ ଟସ୍ ଜିଣି କିଲର କ୍ଲବ ପ୍ରଥମେ ବ୍ୟାଟିଂ କରି ୩୪ ରନ ସଂଗ୍ରହ କରିଥିଲା। ଜବାବରେ ସୁନ୍ଦରଗଡ ଏଫସିସି ଟେଣ୍ଡରା ୩.୪ଓଭରରେ ବିନା ଉଇକେଟ ହରାଇ ୩୫ରନ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ସେମି ଫାଇନାଲ ମ୍ୟାଚରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଅତିଥି ଭାବେ ଯୋଗଦେଇ ଥିଲେ। ପୁରସ୍କାର ବେଳେ ବିତରଣ ଉତ୍ସବରେ ଏସଡିପିଓ ଅମିତାଭ ପଣ୍ଡା, ପୂର୍ବତନ କାଉନସିଲର ଶୁଶିଳ କୁମାର କର, ପୂର୍ବତନ ଓସିଏ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଶୈଳେନ୍ଦ୍ର ନାୟକ, ସୁରେନ୍ଦ୍ର ମହାନ୍ତି, ସୁବ୍ରତ ଶର୍ମା, ସଞ୍ଜୟ ମହାନନ୍ଦ, ରଶ୍ମିକାନ୍ତ ସାମଲ ଅତିଥିଭାବେ ଯୋଗଦେଇ ଥିଲେ। ଅତିଥିଗଣ ସୁନ୍ଦରଗଡ ଏଫସିସି ଟେଣ୍ଡରାକୁ ଚାମ୍ପିୟନ ଟ୍ରଫିସହ ନଗଦ ୩୦ହଜାର ଓ କୁଚିଣ୍ଡା କିଲର କ୍ଲବକୁ ରନର ଅପ ଟ୍ରଫିସହ ନଗଦ ୨୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ପୂର୍ବତନ ଖେଳାଳିଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ହୋଇଥିଲା।



ବିଜୟୀ ଦଳ ଅତିଥିଙ୍କଠାରୁ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

# ସମ୍ବଲପୁର ମିସ୍ ଟିନ ଓ ମିଷ୍ଟର ଟିନ୍ ପ୍ରତିଭା ଅନ୍ୱେଷଣ

ସମ୍ବଲପୁର,୨୭।୧୦(ବି.ଶଙ୍କର)

ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ମିସ୍ ଟିନ୍ ଏବଂ ମିଷ୍ଟର ଟିନା–୨୦୨୪ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ କଲୋନୀସ୍ଥିତ ଅନୁଷ୍ଠାନ ସଭାକକ୍ଷରେ ପ୍ରତିଯୋଗୀତାକୁ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ଏବଂ ନିର୍ଦ୍ଦେଶକ ନନ୍ଦକିଶୋର ସାହୁ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ମୀମାଂସା ରଥ ସଂଯୋଜନା କରିଥିଲେ। ବିଚାରକଭାବେ ଯୁବ ଉଦ୍ୟୋଗପତି ମନୀଷା ପଣ୍ଡା, ମଡେଲ ପ୍ରଶିକ୍ଷିକା ରାନୀ ଦାସ, ନୃତ୍ୟଗୁରୁ ଅସୀମ ପ୍ରଧାନ ଏବଂ ସମ୍ବଲପୁର ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଶିକ୍ଷକ ଆଜାଦ ଶେଖର ପ୍ରଧାନ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସମ୍ବଲପୁର ହୀରାକୁଦ ଓ ବୁର୍ଲା ଅଞ୍ଚଳରୁ ପରିଚାଳନାରେ ପାୟଲ ଭୋଇ, ଉମେଶ ମାଝୀ, ସୋମନାଥ ଜାଲ, ଧରଣୀ ନାଥ, ସୀମା ଷଣ୍ଢ, ନିରେନ ନାଏକ, ରାଜୀବ ମେହେର, ନୁପୂର ଭୋଇ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଡିସେମ୍ବର ପ୍ରଥମ ସପ୍ତାହରେ ଶ୍ରୀମତୀ ସମ୍ବଲପୁର–୨୦୨୪, ଲିଟିଲ ମିସ୍, ଲିଟିଲ ମାଷ୍ଟର, ମିସ୍ ଟିନ, ମିଷ୍ଟର ଟିନ୍ ରାଉଣ୍ଡ ଅନୁଷ୍ଠିତ ହେବ। ୨୧ରୁ ୫୫ବର୍ଷ ପର୍ଯ୍ୟନ୍ତ ମହିଳା, ୧୨ରୁ ୧୭ବର୍ଷର ଯୁବତୀଯୁବକ ଏବଂ ୬ବର୍ଷରୁ ୧୨ବର୍ଷର ବାଳିକା ବାଳକଙ୍କ ବୟସ ସୀମା ରହିଛି । ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର ମନୋନୀତ ପ୍ରତିଯୋଗୀମାନେ ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରି ପାରିବେ ବୋଲି ନିର୍ଦ୍ଦେଶକ ନନ୍ଦକିଶୋର ସୂଚିତ କରିଛନ୍ତି ।


ସମ୍ବଲପୁର ଜଗନ୍ନାଥ କଲୋନୀଠାରେ ରବିବାର ସମ୍ବଲପୁର ମିସ୍ ଟିନ ଏବଂ ମିଷ୍ଟର ଟିନ୍ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର ପ୍ରତିଯୋଗୀମାନେ।

# ସେମିରେ ଟିପିଲିମା, ମୁଣ୍ଡେନପାଲି ସ୍କୁଲ

ସମ୍ବଲପୁର,୨୭।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ଟିପିଲିମା ହାଇସ୍କୁଲ ଏବଂ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ବିଦ୍ୟାଳୟ ବିଜୟୀ ହୋଇ ସେମିଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ କାଇଁଶିର ଖେଳ ପଡିଆରେ ପ୍ରଥମ ମ୍ୟାଚ ଟିପିଲିମା ହାଇସ୍କୁଲ ବନାମ ବିକାଶ କନସେପ୍ଟ ସ୍କୁଲ ମଧ୍ୟରେ ହୋଇଥିଲା। ଶେଷରେ ଟିପିଲିମା ହାଇସ୍କୁଲ ଜିଲା ସ୍କୁଲ ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚର ୨୬ତମ ମିନିଟରେ ଦଳର ଖେଳାଳି ଶୁଭମ ମୁଣ୍ଡା ଗୋଟିଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ବିଦ୍ୟାଳୟ ବନାମ ବୁର୍ଲା ସରକାରୀ ହାଇସ୍କୁଲ ମଧ୍ୟରେ ହୋଇଥିଲା । ଏଥିରେ ମୁଣ୍ଡେନପାଲି ୪–୦ ଗୋଲରେ ବିଜୟୀ ହୋଇଥିଲା।



ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ।

### ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟ

ମ୍ୟାଚର ୨୬, ୩୭ ଓ ୩୬ତମ ମିନିଟରେ ମୁଣ୍ଡେନପାଲିର କୃଷ୍ଣ ଓରାମ ୩ଟି ଏବଂ ପ୍ରକାଶ ବଗିଆ ଗୋଟିଏ ଗୋଲ ସ୍କୋର କରିଥିଲେ। ରେଫରୀ ମନୋଜ ଭୋଇ, ମଥୁରା ଓରାମ, ଶାନ୍ତା ରଣବିଡା, ଜଲେନ୍ଦ୍ର ଓରାମ, ଗଜେନ୍ଦ ଓରାମ, ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡା ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ଖେଳ ଶିକ୍ଷକ ସାହେବ ଖମାରୀ ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ଫୁଟବଲ ଖେଳାଳି ଜନ ଖାଲଖୋ, ପୂର୍ବତନ କ୍ରିକେଟ ଖେଳାଳି ବିଜୟ ଦେହୁରୀ, ସୂର୍ଯ୍ୟପ୍ରକାଶ ବେହେରା ଓ କୃଷ୍ଣଚନ୍ଦ୍ର ଶତପଥି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସଂଘ ସଭାପତି ଗୋକୁଳ ଚନ୍ଦ୍ର ଦର୍ଜି ଅତିଥି ସ୍ୱାଗତ କରିଥିଲେ ।

## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ଚଢ଼ାଉ, ୧୧ ଗିରଫ

ଟିଟିଲାଗଡ଼, ୨୭।୧୦(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପୋଲିସ ଶନିବାର ବିଳମ୍ବିତ ରାତିରେ ସହର ଉପକଣ୍ଠସ୍ଥ କୁମୁଡା ପାହାଡ଼ ଶୈବ ପୀଠ ପଛପଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୧ ଜଣଙ୍କୁ ଗିରଫ କରିଛି । ଏନେଇ ରବିବାର ଅପରାହ୍ନରେ ଟିଟିଲାଗଡ଼ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାର ଏବଂ ଆଇଆଇସି ବିଶ୍ୱଜିତ ମନବୋଧ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଶିବ ମନ୍ଦିର ପଛପଟରେ ଜୁଆ ଖେଳ ଚାଲିଥିବା ଖବର ପାଇ ଆଇଆଇସିଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର କିରଣ ଜାନୀ, ଦେବାଶିଷ ଶତପଥୀ, ଏଚ ଖାଲକୋ, ଏଏସଆଇ ଏମକେ ବିଶି, ଏ ସୁନାନୀ, ଡ଼ି ମାଝୀ, ଓଏପିଏଫ କେ ଭଲ୍ଲା ପ୍ରମୁଖ ଅଚାନକ ଚଢ଼ାଉ କରିଥିଲେ। ସେଠାରେ ଜୁଆ ଖେଳୁଥିବା ବେଳେ ଟିଟିଲାଗଡ଼ ସହର ତଥା ସନ୍ନିକଟ ଗ୍ରାମର ରୋହିତ ବାଗ, ହିମାଂଶୁ ନାଏକ, କ୍ଷୀରସିନ୍ଧୁ ନାଗ, ଚନ୍ଦ୍ରକାନ୍ତ ତାଣ୍ଡି, ସୁରୁବାବୁ ସୁନା, ସେରସନ ଛତ୍ରିଆ, ଲୋକ ନାଥ କୁମ୍ଭାର, ଡାଇମଣ୍ଡ ନାଗ, ପୁରନ୍ଦର ଛତର, ପର୍ଶୁମାଝୀ ଓ ଦୁର୍ବ ରଣାଙ୍କୁ ପୋଲିସ ଗିରଫ କରିଥିଲା। ସେଠାରୁ ନଗଦ ୩୨ ହଜାର ୭୭୦ ଟଙ୍କା, ୬ ମୋବାଇଲ ଫୋନ, ୪ ବାଇକ୍, ୨୨ଟି ସାଇକେଲ, ୧୦ ପକେଟ ତାସ, ତାର୍ପୋଲିନ ଆଦି ପୋଲିସ ଜବତ କରିଥିଲା। ପୂର୍ବରୁ ମଧ୍ୟ ଅଭିଯୁକ୍ତମାନେ ଜୁଆ ଖେଳିବା ଅଭିଯୋଗରେ ଗିରଫ ହୋଇଥିବା ପୋଲିସ କହିଛି। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

### ମଦ ଜବତ, ଜଣେ ଗିରଫ

ଲୋଇସିଂହା, ୨୭।୧୦(ସୁଶାନ୍ତ ବାରିକ)

ଆଗଲପୁର ଥାନା ଅନ୍ତର୍ଗତ ରେଙ୍ଗାଲିସ୍ଥିତ ଏକ ହୋଟେଲରେ ଆଗଲପୁର ପୋଲିସ ଚଢାଉ କରି ୧୦୮ ପାଉଚ ମଦ ଜବତ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁଧାଂଶୁ ଗହିର। ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। କିଛି ଦିନ ପୂର୍ବରୁ ଗ୍ରାମର ଏସଏଚଜି ମହିଳାମାନେ ଗ୍ରାମରେ ମଦ କାରବାର ବନ୍ଦ କରିବାକୁ ଆନ୍ଦୋଳନ କରିଥିଲେ। ସେତେବେଳେ ଧରପଗଡ କରିବାକୁ ଏସଏଚଜି ମହିଳାଙ୍କୁ ପୋଲିସ କଥା ଦେଇଥିଲା । ଏ ନେଇ ଥାନାରେ ନଂ ୧୭୯।୨୪ରେ ଏକ ମାମଲା ରୁଜୁ ହୋଇଛି।

### ଡାକ୍ତରଖାନାରୁ ଫେରିବା ବାଟରେ ଚମତ୍କାରିତା

**ଲୋଇସିଂହା ଡାକ୍ତରଖାନାରେ ଚାଲିଛି ମହିଳାଙ୍କ ଚିକିତ୍ସା**

ଲୋଇସିଂହା, ୨୭।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଝାରବନ୍ଧଲି ଗ୍ରାମର ଜଣେ ମହିଳା କୋମାରେ ଥିବାରୁ ଚିକିତ୍ସା ଆଉ ସମ୍ଭବ ହେବନାହିଁ କହି ରାୟପୁରସ୍ଥିତ ଏକ ଡାକ୍ତରଖାନା କର୍ତ୍ତୃପକ୍ଷ ଫେରାଇ ଦେଇଥିବା ବେଳେ ବାଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିବାରୁ ଏବେ ତାଙ୍କୁ ଲୋଇସିଂହା ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ମହିଳା ଜଣକ ଆଉ ଜୀବନ ଫେରି ପାଇବେନି ବୋଲି ପରିବାର ଲୋକେ ଭାବି ନେଇଥିବା ବେଳେ ଏଭଳି ଚମତ୍କାରିତା ନେଇ ଆଶ୍ୱସ୍ତ ହୋଇଛନ୍ତି। ପ୍ରକାଶ ଯେ, ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ଝାରବନ୍ଧଲି ଗ୍ରାମର କ୍ଷୀର ରାଉତ ଗତ ଶୁକ୍ରବାର ତାଙ୍କର ଜଣେ ସମ୍ପର୍କୀୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାରୁ ସାଲେଭାଟ ଯାଇଥିଲେ। ସେଠାରେ କ୍ଷୀର ମଧ୍ୟ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ପଡ଼ିଥିଲେ। ଏହାପରେ ତାଙ୍କୁ ଘରକୁ ଅଣାଯାଇଥିଲା । କିନ୍ତୁ ସେ ଚେତାଶୂନ୍ୟ ହୋଇପଡିବାରୁ ପରିବାର ଲୋକେ ବରଗଡ଼ସ୍ଥିତ ଏକ ଘରୋଇ ହସ୍ପିଟାଲ ନେଇଥିଲେ। ସେଠାକାର ଡାକ୍ତର ବୁର୍ଲା ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ରାୟପୁର ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଶନିବାର ରାୟପୁରର ଏକ ଡାକ୍ତରଖାନାରେ କ୍ଷୀରଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚେତା ନ ଫେରିବାରୁ ଡାକ୍ତର ନେଇଯିବାକୁ କହିଥିଲେ । ଏହାପରେ ପରିବାର ଲୋକେ ମୃତ୍ୟୁ ଘଟିଥିବା ସନ୍ଦେହ କରି ଗାଁ ଲୋକଙ୍କୁ ଜଣାଇ ଥିଲେ। କିନ୍ତୁ ସେହି ରାତିରେ ଫେରିବା ବେଳେ ମହଦା ନିକଟରେ କ୍ଷୀରଙ୍କ ନିଶ୍ୱାସପ୍ରଶ୍ୱାସ ଯାଉଥିବା ସାଙ୍ଗରେ ଥିବା ବ୍ୟକ୍ତିମାନେ ଜାଣିବାକୁ ପାଇଥିଲେ। ଏହାପରେ ସମ୍ପୃକ୍ତ ମହିଳାଙ୍କୁ ଲୋଇସିଂହା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ୩ ଟି ସାଲାଇନ ଦିଆଯିବା ସହ ଅକ୍ସିଜେନ ଦିଆଯାଉଛି। ସୋମବାର ବରଗଡ ଡାକ୍ତରଖାନା ସ୍ଥାନାନ୍ତର କରାଯିବ ବୋଲି ତାଙ୍କ ପୁଅ କହିଛନ୍ତି।

# ହତ୍ୟା ରହସ୍ୟ ଉନ୍ମୋଚନ ପାଇଁ ଝାଡ଼ଖଣ୍ଡରେ ତନାଘନା

**ଜଙ୍ଗଲରୁ ଯୁବତୀ, ଯୁବକଙ୍କ ଗଳାକଟା ମୃତଦେହ ଜବତ ଘଟଣା**

■ ରାଜ୍ୟ ବାହାରର ଦୁଇଜଣଙ୍କୁ ହତ୍ୟାକରି ଫିଙ୍ଗିବା ଅପରାଧର ନୂଆ ଦିଗ

ବଲାଙ୍ଗୀର, ୨୭।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ତଣ୍ଡାମୁଣ୍ଡା ଗାଁ ନିକଟ ରାସ୍ତାକଡ଼ ପତ୍ରା ଜଙ୍ଗଲରୁ ଗତ ୨୪ ତାରିଖ ଦିନ ଦୁଇଜଣ ଅପରିଚିତ ଯୁବତୀ ଓ ଯୁବକଙ୍କ ଗଳାକଟା ମୃତଦେହ ପୋଲିସ ଜବତ କରିଥିଲା। ପ୍ରାରମ୍ଭିକ ତଦନ୍ତରୁ ପୋଲିସ ମୃତକଙ୍କ ପରିଚୟ ପାଇଥିଲା। ମୃତ ଦୁଇଜଣ ଝାଡ଼ଖଣ୍ଡର ଏବଂ ଡ୍ରଗ୍ସ କାରବାରରୁ ଏହି ଡବଲ ମର୍ଡର ହୋଇଥିବା ପୋଲିସ ସ୍ପଷ୍ଟ କରିଛି। ଶନିବାର ରାତିରେ ମୃତକଙ୍କ ପରିବାର ଲୋକେ ବଲାଙ୍ଗୀର ଆସି ଦୁଇ ମୃତଦେହ ନେଇ ଝାଡ଼ଖଣ୍ଡ ଫେରିଛନ୍ତି। ମୃତ ଯୁବକ ଜାଭେଦ୍ ଏବଂ ମୃତା ଯୁବତୀ ପଲକ ମିଶ୍ର ବୋଲି ଜଣାପଡ଼ିଛି। ସେମାନେ କିଭଳି ବଲାଙ୍ଗୀର ଆସିଲେ ଏବଂ କେଉଁ କାରଣରୁ ଉଭୟଙ୍କୁ ଗଳା କାଟି କିଏ ହତ୍ୟା କଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ହତ୍ୟାର ସବୁ ରହସ୍ୟ ଝାଡ଼ଖଣ୍ଡରେ କେନ୍ଦ୍ରୀଭୂତ ହୋଇଥିବା ଜଣାପଡ଼ିଛି। ବଲାଙ୍ଗୀର ପୋଲିସ ଟିମ୍ ରହସ୍ୟ ଭେଦ କରିବାକୁ ଜୋର୍‌ଦାର ପ୍ରୟାସ ଚଳାଇଥିବା ଜଣାପଡ଼ିଛି।

ଦୁଇ ମୃତଦେହ ମିଳିବା ପରେ ଏହା ଅନରକିଲିଂ ବା ପ୍ରେମଜନିତ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ଚର୍ଚ୍ଚା ହୋଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ବଲାଙ୍ଗୀର ସହର ଏବଂ ଆଖପାଖରୁ କେତେଜଣ ଲୋକଙ୍କୁ ପଚରାଉଚରା ପାଇଁ ଡାକିବାରୁ ସେକ୍ସ କାରବାର କାରଣରୁ ହତ୍ୟା ହୋଇଥାଇପାରେ ବୋଲି ଆଲୋଚନା ହୋଇଥିଲା। ତେବେ ଶନିବାର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଏଭଳି ପ୍ରଚାରକୁ ଖଣ୍ଡନ କରି ଡ୍ରଗ୍ସ କାରବାରରୁ ଏହି ଘଟଣା ଘଟିଥିବା ସୂଚନା ଦେବା ପରେ ହତ୍ୟାକୁ ନେଇ ଭିନ୍ନ ଚର୍ଚ୍ଚା ଜୋର୍ ଧରିଥିଲା। ଝାଡ଼ଖଣ୍ଡରୁ ସମ୍ପୃକ୍ତ ଯୁବତୀ ଓ ଯୁବକ କାହିଁକି ବଲାଙ୍ଗୀର ଆସିଥିଲେ ଏବଂ କାହିଁକି ଓ କିଏ ସେମାନଙ୍କୁ ହତ୍ୟାକରି ତଣ୍ଡାମୁଣ୍ଡା ଜଙ୍ଗଲରେ ଫିଙ୍ଗିଦେଇ ଫେରାର ମାରିଲେ ସେନେଇ ପୋଲିସ କିଛି କହିନାହିଁ। ଘଟଣାକୁ ଇତିମଧ୍ୟରେ ୪ ଦିନ ବିତିଗଲାଣି। ପୋଲିସର ଦୁଇଟି ଟିମ୍ ରାଜ୍ୟ ବାହାରେ ତଦନ୍ତ କରୁଥିବା କୁହାଯାଉଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ହତ୍ୟାର ରହସ୍ୟ ଏବଂ ହତ୍ୟାକାରୀ ରାଜ୍ୟ ବାହାରେ ରହିଥିବା ଜଣାପଡ଼ିଛି। ୨୪ ତାରିଖ ସକାଳେ ଦୁଇ ଅପରିଚିତ ମୃତଦେହ ମିଳିବା ପରେ ପୋଲିସ ପାଇଁ ଏହା ଏକ ବ୍ଲାଇଣ୍ଡ କେସ୍ ଥିଲା। ତେବେ ଏସ୍‌ପି ଋଷିକେଶ ଖିଲାରୀଙ୍କ ନେତୃତ୍ୱରେ ପୋଲିସ ସ୍ଥାନୀୟ ଗୋଇନ୍ଦା, ସିସିଟିଭି ଫୁଟେଜ୍ ଏବଂ ସାଇବର ଇନ୍‌ପୁଟ୍‌କୁ ଆଧାରକରି ଗୁରୁତ୍ୱପୂର୍ଣ୍ଣ ସୂଚନା ହାସଲ କରିଥିଲା। ଘଟଣା ଜଣାପଡ଼ିବାର କିଛି ଘଣ୍ଟା ପରେ ପୋଲିସ ଗୁରୁତ୍ୱପୂର୍ଣ୍ଣ ସୁରାକ୍ ହାସଲ କରି ମୃତ ଦୁଇଜଣ ଝାଡ଼ଖଣ୍ଡର ବୋଲି ସ୍ପଷ୍ଟ କରିବା ସହ ଏହି ଘଟଣାରେ ବ୍ୟବହୃତ ଏକ କାର୍‌କୁ ଜବତ କରିବାରେ ସଫଳ ହୋଇଥିଲା। ଶନିବାର ମୃତକଙ୍କ ସମ୍ପର୍କୀୟମାନେ ମୃତଦେହ ନେବାକୁ ବଲାଙ୍ଗୀର ଆସି ଗଣମାଧ୍ୟମକୁ କିଛି ସୂଚନା ଦେଇଛନ୍ତି। ସେମାନଙ୍କ କହିବା ହେଲା, ମୃତ ଯୁବକ ଜାଭେଦ୍ ବୋକାରୋଠାରେ ଜମି ବ୍ୟବସାୟରେ ସମ୍ପୃକ୍ତ ଥିଲେ ଏବଂ ବଲାଙ୍ଗୀରକୁ ଅନେକଥର ଆସୁଥିଲେ। ତେବେ ଜାଭେଦ୍ ବଲାଙ୍ଗୀରକୁ କେଉଁ କାମ ପାଇଁ ବାରମ୍ବାର ଆସୁଥିଲେ ଏବଂ କାହା ସହ ଏଠାରେ ସମ୍ପର୍କ ରଖିଥିଲେ ସେନେଇ ପୋଲିସ କିଛି କହିନାହିଁ। ଅନ୍ୟପକ୍ଷେ ମୃତାଙ୍କ ସମ୍ପର୍କୀୟମାନେ ଯୁବତୀଙ୍କ ମୃତ୍ୟୁକୁ ନେଇ କିଛି କହିବାକୁ ମନା କରିଦେଇଥିଲେ। କିଭଳି ପରିସ୍ଥିତିରେ ବଲାଙ୍ଗୀର ଆସିଲେ ଏବଂ ମୃତ ଜାଭେଦ୍ ସହ ତାଙ୍କର କ'ଣ ସମ୍ପର୍କ ରହିଥିଲା ସେନେଇ କିଛି ବି ସୂଚନା ଦେଇନାହାନ୍ତି। ଡ୍ରଗ୍ସ କାରବାରରୁ ଯଦି ଯୁବତୀ ଓ ଯୁବକଙ୍କୁ ହତ୍ୟା କରାଯାଇଛି ବୋଲି ପୋଲିସ କହୁଛି ତେବେ ବଲାଙ୍ଗୀର ବା ଓଡ଼ିଶାର କେଉଁମାନଙ୍କ ସହ ସେମାନେ ଆସି ଡ୍ରଗ୍ସ କାରବାର କରୁଥିଲେ ସେନେଇ ପୋଲିସ ମୁହଁ ଖୋଲୁନାହିଁ। ବଲାଙ୍ଗୀର ସହରରେ ଡ୍ରଗ୍ସ, କଫ୍ ସିରପ୍, ନିଶା ବେପାର ଜୋର୍‌ସୋର୍ ଚାଲିଛି। ବିଭିନ୍ନ ସମୟରେ ଡ୍ରଗ୍ସ, ଗଞ୍ଜେଇ, ନିଶାର ଆନ୍ତଃରାଜ୍ୟ ସମ୍ପର୍କ ଖିଅଏଠାରୁ ଲମ୍ବିଥିବା ସ୍ପଷ୍ଟ ହୋଇଛି। ତେବେ କୌଣସି ବେଆଇନ ବେପାରକୁ ନେଇ ରାଜ୍ୟ ବାହାରର ଦୁଇଜଣଙ୍କୁ ବଲାଙ୍ଗୀରରେ ହତ୍ୟାକରି ମୃତଦେହ ଫିଙ୍ଗି ଦେଇ ଫେରାର ମାରିବା ଘଟଣା ଅପରାଧର ନୂଆ ଦିଗକୁ ଦର୍ଶାଉଛି।

## ରାଏପାଲିରେ ୧୩ ଟିକିଆ ହାତୀପଲ, ଚିନ୍ତାରେ ଚାଷୀ



ବଡବନ୍ଧରେ ଚାଷୀଙ୍କ ଧାନ ଚାଷକୁ ହାତୀପଲ ନଷ୍ଟ କରି ଦେଇଛନ୍ତି ।

ଦେଓଗାଁ, ୨୭।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ରେଞ୍ଜ ଅନ୍ତର୍ଗତ ରାଏପାଲି ଜଙ୍ଗଲରେ ଗତ ୩ ଦିନ ହେଲା ୧୩ ଟିକିଆ ହାତୀପଲ ରହିଥିବାରୁ ଅଞ୍ଚଳର ଚାଷୀମାନେ ଚିନ୍ତାରେ ଅଛନ୍ତି। ପ୍ରକାଶ ଯେ, ନିକଟରେ ହାତୀପଲ ସଇଁତଲା ରେଞ୍ଜ ଅନ୍ତର୍ଗତ ଗୋଏଲପିଟା ପତ୍ରା ଜଙ୍ଗଲ ଦେଇ ବଡବନ୍ଧ ଗାଁ ନିକଟରୁ ଶୁଶିଳ କୁମାର ଚାନ୍ଦଙ୍କ ଚାଷଜମି ଭିତରେ ପଶି ନାଳ ପାର ହୋଇ ଅର୍ଡା ଜଙ୍ଗଲ ଦେଇ ୨୬ନଂ ରାଜପଥ ପାର ହୋଇଥିଲେ। ପରେ ହାତୀପଲ ରତନପୁର ନିକଟ ଏକ ହୋଟେଲ ପାଖ ଦେଇ ରେଳଧାରଣା ପାର ହୋଇ ବର୍ତ୍ତମାନ ରାଏପାଲି ଜଙ୍ଗଲ ମଧ୍ୟରେ ଘୁରି ବୁଲୁଛନ୍ତି । ଦେଓଗାଁ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନେତୃତ୍ୱରେ ତଥା ଫରେଷ୍ଟର ବ୍ୟାସଦେବ ସାହୁଙ୍କ ତତ୍ତ୍ୱାବଧାନରେ ଗଜସାଥୀମାନଙ୍କୁ ନେଇ ତିନୋଟି ଟିମ୍ ଗଠନ କରି ଦିନରାତି ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା ବିଭାଗ ସୂଚନା ଦେଇଛି । ହାତୀପଲ ଗତବର୍ଷ ମଧ୍ୟ ଖରିଫ ଚାଷ ସମୟରେ ଅଞ୍ଚଳରେ ପଶି ବ୍ୟାପକ ଧାନଚାଷ ନଷ୍ଟ କରିଥିଲେ । ଏବେ ହାତୀଙ୍କ ଉପସ୍ଥିତି ଚାଷୀଙ୍କ ଚିନ୍ତା ବଢାଇଛି । ଅନ୍ୟପକ୍ଷରେ ହାତୀଙ୍କ ପାଇଁ ବିଦ୍ୟୁତ କାଟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ହାତୀପଲକୁ ଘଉଡାଇବା ଦିଗରେ ବନବିଭାଗ ଉଦ୍ୟମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ବଲାଙ୍ଗୀର, ୨୭।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଦିନ୍ ଉତ୍ସବ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରଥମେ ବଲାଙ୍ଗୀର ପିପି ଏକାଡେମୀ ଠାରେ ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପକ୍ଷରୁ ଉଦ୍‌ଘୋଷକ/ ଉଦ୍‌ଘୋଷିକା ଚୟନ କରାଯାଇଥିଲା। ନୂତନ ସେନ୍ଦ୍ରିଆ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ନାଟ୍ୟକାର ପ୍ରଶାନ୍ତ ଖମାରୀ, ଅଭିନେତା ହିମାଂଶୁ ଖମାରୀ, ନିରୁପମା ଉଦ୍‌ଗାତା ଓ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। ଆର୍ଟ ଏଣ୍ଡ କ୍ରାପ୍ଟ ପ୍ରତିଯୋଗିତା ତକ୍ଷକ ପକ୍ଷରୁ ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜନ କରାଯାଇଥିଲା। ଏହାକୁ ରଘୁନନ୍ଦନ ସିଂ ପରିଚାଳନା କରିଥିଲେ। ବିଚାରକ ଭାବେ ଚିତ୍ରଶିଳ୍ପୀ ବାସୁଦେବ ମେହେର, ଦିଲୀପ କୁମାର ସିଂଦେଓ ଓ ହିମାନୀ ତ୍ରିପାଠୀ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ମହନୀ ନୃତ୍ୟ କଳା ଓ ଗବେଷଣା କେନ୍ଦ୍ର ପକ୍ଷରୁ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବୀରେନ୍ଦ୍ର ପାଣ୍ଡେ ଓ ମାନସୀ ସାହୁ ପରିଚାଳନା କରିଥିଲେ। ବିଚାରକ ଭାବେ ଡା. ଅର୍ଚ୍ଚନା ପାଢୀ, ଗୀତିକାର ଶାନ୍ତନୁ ପୁରୋହିତ ଓ ବନଶ୍ରୀ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବଲାଙ୍ଗୀର ଦିନ୍ ଆୟୋଜକ କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ, ବିଧୁଭୂଷଣ ତ୍ରିପାଠୀ, ପ୍ରତାପ ରଥ, ସଞ୍ଜୀବ ସାହୁ, ବିନୋଦ କାଲସାଏ, ସୌଦାମିନୀ ମିଶ୍ର, ପୂଜା ସାହୁ, ନୂତନ ଦାସ, ସୁରେଶ ଡାଙ୍ଗ, ମୌସୁମୀ ବାନାର୍ଜୀ, ଜ୍ୟୋତିର୍ମୟୀ ସାହୁ, ସଙ୍ଗୀତା ଦାସ, ଶ୍ରାବଣୀ ମେହେର, ରୋଜି ହୋତା, ସନ୍ତୋଷ ହୋତା, ରାମ ଦାସ, ଥବୀର କର୍ମୀ, ସୋମନାଥ ମିଶ୍ର, ବିକାଶ ସା ପରିଚାଳନା କରିଥିଲେ ।




ଗୀତ ପ୍ରତିଯୋଗିତାରେ ମଞ୍ଚାସୀନ ଆୟୋଜକ କମିଟି ଅଧ୍ୟକ୍ଷ ଓ ବିଚାରକ ମଣ୍ଡଳୀ ସଦସ୍ୟ।

## ବେଧଡ଼କ ଚାଲିଛି ବନ୍ୟଜନ୍ତୁ ଶିକାର

■ କୁଟୁରା ମାଂସ ଜବତ: ଜଣେ କୋର୍ଟ ଚାଲାଣ

■ ୧କେଜି ୩୦୦ ଗ୍ରାମ ମାଂସ ଜବତ

ଲାଠୋର, ୨୭।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ ଅଧୀନ ବେନ୍ଦେର ସେକ୍ସନ ଅଞ୍ଚଳରେ ଦୀର୍ଘ ଦିନ ହେଲା ବେଧଡ଼କ ଭାବେ ବନ୍ୟଜନ୍ତୁ ଶିକାର ଚାଲିଛି । ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ଶିକାରୀମାନେ ଶିକାର କରି ଆସୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଫଳରେ ଧୀରେ ଧୀରେ ବେନ୍ଦର ଜଙ୍ଗଲରୁ ବନ୍ୟଜନ୍ତୁ ହ୍ରାସ ପାଇବାରେ ଲାଗିଛି। ଗତ ୨୫ ତାରିଖ ଦିନ ବେନ୍ଦେର ସଂରକ୍ଷିତ ଜଙ୍ଗଲରୁ ଏକ କୁଟୁରା ଶିକାର କରାଯାଇଥିଲା। ଏହି କୁଟୁରା ଶିକାର କରିବା ଅଭିଯୋଗରେ ଭାଲୁଟୁଆଁ ଗ୍ରାମର ସେବକ ବରିହା(୩୫)ଙ୍କୁ ଗିରଫ କରାଯାଇ ରବିବାର ପାଟଣାଗଡ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଏବେ ବି ଫେରାର ଅଛନ୍ତି । ପ୍ରକାଶ ଯେ, ଭାଲୁଟୁଆଁ ଗ୍ରାମର ସେବକ ତାଙ୍କର ଜଣେ ବନ୍ଧୁଙ୍କ ସହ କୁଟୁରା ମାଂସ ଧରି ଜଙ୍ଗଲ ନିକଟସ୍ଥ ବେନ୍ଦର ଗ୍ରାମ ଦେଇ ଯାଉଥିବା ଖବର ବନ ବିଭାଗ ପାଇଥିଲା। ଫଳରେ ସେକ୍ସନ ଫରେଷ୍ଟର ସନ୍ଧ୍ୟାରାଣୀ ସେଠ ଏବଂ ପାରା ଷ୍ଟାଫ ପ୍ରତାପ ଚନ୍ଦ୍ର ସାହୁ ବେନ୍ଦେର ଗ୍ରାମରେ ପହଞ୍ଚି ସଂପୃକ୍ତ ଯୁବକଙ୍କୁ କାବୁ କରି ଲାଠୋର ବନ କାର୍ଯ୍ୟାଳୟ ନେବା ସହ ମାଂସ ଜବତ କରିଥିଲେ। ଏ ନେଇ ରେଞ୍ଜର ଉପରସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ଏସିଏଫ ମାନସ ରଞ୍ଜନ ବେହେରା ଲାଠୋର ବନ କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ପରେ ଜଣାପଡ଼ିଛି ଯେ, ୪ରୁ ୬ ଜଣ ଯୁବକ ବେନ୍ଦେର ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ଦିନ ଏକ କୁଟୁରା ଶିକାର କରି ମାଂସ ଭାଗ ବଣ୍ଟା କରିଥିଲେ। ଯିଏ ଯାହାର ଭାଗ ନେଇ ନିଜ ନିଜ ଘରକୁ ଚାଲି ଯାଇଥିଲେ। କିନ୍ତୁ ସେବକ ଘରକୁ ନ ଯାଇ ଅନ୍ୟ ଗ୍ରାମରୁ ଆସିଥିବା ତାଙ୍କ ବନ୍ଧୁଙ୍କ ସହ ୧ କେଜି ୩ ଶହ ଗ୍ରାମ କୁଟୁରା ମାଂସ ଧରି ଯାଉଥିଲେ। ଖୁଲମଖୁଲା ମାଂସ ଧରି ଯାଉଥିବା ବେଳେ ବନ ବିଭାଗ କର୍ମଚାରୀଙ୍କ ହାତରେ ଧରା ପଡ଼ିଥିଲେ। ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଲାଠୋର ବନାଞ୍ଚଳ କେସ ନଂ ୨୦୯/୨୪ରେ ଏକ ମାମଲା ରୁଜୁହୋଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ରେଞ୍ଜର ଶୈଳେଶ କୁମାର ବିଶି ସୂଚନା ଦେଇଛନ୍ତି।

## ଦୁଇ ନାବାଳକଙ୍କ ସହ ୪ ଗିରଫ, ଚୋରି ସାମଗ୍ରୀ ଜବତ

ଗୁଡଭେଲା, ୨୭।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ପଞ୍ଚାୟତ ନୋଡାଲ ହାଇସ୍କୁଲରୁ ଚୋରି କରିବା ଅଭିଯୋଗରେ ପୋଲିସ ଦୁଇ ନାବାଳକଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଏହାଛଡା ଚୋରି ସାମଗ୍ରୀ ଜବତ କରାଯାଇଛି। ଗତ ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ସ୍କୁଲରୁ କମ୍ପ୍ୟୁଟର, ସିସି ଟିଭି କ୍ୟାମେରା ଓ ପାଣି ମୋଟର ଚୋରି ହୋଇଥିବା ନେଇ ସ୍କୁଲର ପ୍ରଧାନ ଶିକ୍ଷକ ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ତୁଷୁରା ଥାନାରେ ନଂ. ୩୦୬ରେ ଏକ ମାମଲା ରୁଜୁ କରାଯାଇଥିଲା। ତୁଷୁରା ଥାନାଧିକାରୀ ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଏହି ସମୟରେ ଦୁଇ ନାବାଳକଙ୍କ ସହ ତୁଷୁରା ଥାନା ତେନ୍ତୁଲିଖୁଣ୍ଟି ଗ୍ରାମର ଚିନ୍ମୟ ଭୋଇ ଓ ସୁଜିତ ପ୍ରସାଦ ନାଏକଙ୍କୁ ସନ୍ଦେହରେ ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରା ବେଳେ ସେମାନେ ଚୋରି ସାମଗ୍ରୀ ସିସି ଟିଭି କ୍ୟାମେରା, ଏକାଧିକ କମ୍ପ୍ୟୁଟର ମନିଟର, କି ବୋର୍ଡ, ପାଣି ମୋଟର ଆଦି ସ୍କୁଲ ସମ୍ମୁଖରେ ଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପଛପଟେ ଲୁଚାଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୋଲିସ ଉକ୍ତ ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ରବିବାର ଗିରଫ କରିଥିବା ଜଣାଯାଇଛି।

## ଲୁଥୁରବନ୍ଧରେ ଝାଡ଼ାବାନ୍ତି ବ୍ୟାପିଲା, ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଟିଟିଲାଗଡ଼, ୨୭।୧୦(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଲୁଥୁରବନ୍ଧ ଗ୍ରାମରେ ଗତ ଦୁଇ ଦିନ ହେଲା ଝାଡାବାନ୍ତି ରୋଗ ବ୍ୟାପିବାରେ ଲାଗିଛି। ଏହାମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହୋଇ ଟିଟିଲାଗଡ଼ ଏବଂ କେସିଙ୍ଗା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଦୂଷିତ ଜଳ ପାନ ଯୋଗୁ ଝାଡାବାନ୍ତି ବ୍ୟାପୁଥିବା କୁହାଯାଉଛି । ଗ୍ରାମର ଜ୍ୟୋସ୍ନା ହେର୍ଣ୍ଣା, ନିଖୁ ହେର୍ଣ୍ଣା, ଛୋଟୁ ହେର୍ଣ୍ଣା, ବେଣୁ ହେର୍ଣ୍ଣା, ମଦନ ମାଝୀ, ବୁଦ୍ଧୁ ସାହୁଙ୍କ ସମେତ ପ୍ରାୟ ୨୦ରୁ ଅଧିକ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ରବିବାର ସକାଳୁ ଦୁଇ ଜଣ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯାଇଛି। କୂଅ ବିଶୋଧନ ପାଇଁ ଅଦ୍ୟାବଧି କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି।

## ଜିଲା ବିଦ୍ୟାଳୟସ୍ତରୀୟ ଅସି ଚାଳନା ପ୍ରତିଯୋଗିତା

ବଲାଙ୍ଗୀର, ୨୭।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଜିଲା ବିଦ୍ୟାଳୟସ୍ତରୀୟ ଅସିଚାଳନା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ୫ଟି ବ୍ଲକ ବଲାଙ୍ଗୀର, ପୁଇଁତଲା, ଲୋଇସିଂହା, ଦେଓଗାଁ ଓ ସଇଁତଲା ବ୍ଲକର ୬୦ ଜଣ ଖେଳାଳି ଯୋଗ ଦେଇଥିଲେ। ଏଥିରୁ ବାଳକ ବିଭାଗରେ ୧୨ ଏବଂ ବାଳିକା ବିଭାଗରେ ୧୨ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଜଣାପଡିଛି। ଆସନ୍ତା ନଭେମ୍ବର ୨ରୁ ୪ ତାରିଖ ଯାଏ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ରାଜ୍ୟସ୍ତରୀୟ ବିଦ୍ୟାଳୟସ୍ତରୀୟ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର ଏହି ଅସିଚାଳନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଅସିଚାଳନା ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, କୋଚ କରିସ୍ମା ରାଉତ, ଜ୍ୟୋତି ଠାକୁର, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ରୋଶନ ସାହୁ, ଏ. ରାଉତ, କ୍ରୀଡା ଶିକ୍ଷକ, ବୁଦ୍ଧିରାଜ ବିଶ୍ୱାଳ, ଦେବୀ ପ୍ରସାଦ ରାଉତ, ଏନଏସ ନାଇଡୁ, ସୁଦର୍ଶନ ସେଠ, କ୍ଷୀତେଶ୍ୱର ବିଶ୍ୱାଳ, ରଞ୍ଜିତ ବେହେରା, ପୁରେନ୍ଦ୍ର ସେଠ, ସତ୍ୟ ନାରାୟଣ ପଟେଲ, ଶୁଭେନ୍ଦୁ ମହାନ୍ତି, ସସ୍ମିତା ଗଡ଼ତିଆ, ସ୍ୱପ୍ନା ସେଠୀ, ବୀରେନ୍ଦ୍ର ସୁନା, ରଞ୍ଜିତା ମିଶ୍ର, ବିଭୂତି ସ୍ୱାଇଁ ଯୋଗ ଦେଇଥିଲେ।




ଅସିଚାଳନା ପ୍ରତିଯୋଗିତାରେ ଅତିଥିଙ୍କ ସହ ପ୍ରତିଯୋଗୀ।

## ୧୦ ଦାଦନ ଶ୍ରମିକ ଉଦ୍ଧାର, ଦଲାଲ ଗିରଫ

**ଖପ୍ରାଖୋଲ ପୋଲିସର ଚଢ଼ାଉ**

ଖପ୍ରାଖୋଲ, ୨୭।୧୦(ଅଭୟ ତ୍ରିପାଠୀ)

ରବିବାର ମଧ୍ୟାହ୍ନରେ ଖପ୍ରାଖୋଲ ପୋଲିସ ଲାଠୋରର ହରିଶଙ୍କର ଛକ ନିକଟରେ ଚଢାଉ କରି ୧୦ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୪ଜଣ ପୁରୁଷ ଓ ୬ ଜଣ ମହିଳା ଅଛନ୍ତି। ଏହାଛଡ଼ା ୬ ଜଣ ଶିଶୁଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଅପରପକ୍ଷରେ ବେଆଇନ ଭାବେ ଦାଦନ ଶ୍ରମିକ ଚାଲାଣ ଅଭିଯୋଗରେ ପୋଲିସ ଜଣେ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦଲାଲ ଜଣକ ବରଗଡ଼ ଜିଲା ବୁଢେନ ଥାନା ଦହିତା ପଞ୍ଚାୟତ ସର୍ଗିପାଲି ଗାଁର ରଞ୍ଜିତ ଓରଫ ବୁଢ଼ା ଜାଲ (୪୦) ବୋଲି ଜଣାଯାଇଛି। ସୂଚନା ଅନୁଯାୟୀ, ପଦ୍ମପୁର ପଟୁ ଏକ ଯାତ୍ରୀବାହୀ ଗାଡ଼ିରେ କେତେଜଣ ଶ୍ରମିକ ଲାଠୋର୍ ଷ୍ଟେଶନକୁ ଆସୁଥିଲେ। ସେମାନଙ୍କୁ ହାଇଦ୍ରାବାଦ ଚାଲାଣ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନା ଏସଆଇ ଲିଙ୍ଗରାଜ କିସାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ହରିଶଙ୍କର ଛକଠାରେ ସନ୍ଦେହରେ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବେଆଇନ ଭାବରେ ଶ୍ରମିକ ଚାଲାଣ ହେଉଥିବା ଜାଣି ସେମାନଙ୍କୁ ଉଦ୍ଧାର କରି ନିଜ ଗାଁକୁ ପଠାଇ ଦେଇଥିବା ପୋଲିସ ସୂଚନା ଦେଇଛି। ଏନେଇ ଖପ୍ରାଖୋଲ ଥାନାରେ ନଂ ୨୫୪/୨୪ରେ ଏକ ମାମଲା ରୁଜୁ କରାଯାଇଛି । ସମ୍ପୃକ୍ତ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।



ଉଦ୍ଧାର ହୋଇଥିବା ଶ୍ରମିକ ।


**OFFICE OF THE EXECUTIVE ENGINEER, P.H. DIVISION, ANGUL**

Ph. (06764) 296431, Email-eephangul@yahoo.in

**GOVERNMENT OF ODISHA**

Bid Identification No. SE PH Division Angul-15/2024-25 dt. 22.10.2024

No.C-827

| | | | |
|---|---|---|---|
| 1 | Name of the work | : | 01 (one) no. of P.H. Work |
| 2 | Type of Bid | : | Double bid system |
| 3 | Estimated Cost | : | Rs. 83.57 lakhs |
| 4 | Period of completion | : | 03 (three) months |
| 5 | Date & time of availability of bid document in the portal | : | From 11.00 A.M. of 29.10.2024 to 5.00 P.M. of 12.11.2024 |
| 6 | Last date / time of receipt of bids in the portal | : | 5.00 P.M. of 12.11.2024 |
| 7 | Date & time of opening of technical bids | : | 11.00 A.M. of 13.11.2024 |
| 8 | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd./- (Er.Prasanta Behera
Superintending Engineer
P.H. Division, Angul)

OIPR-13056/11/0007/2425



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK**

E-mail ID : exengr.mnd@gmail.com

No.A-480

**'e' Procurement Notice No. - MND-10/2024-25**

The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e-procurement portal www.tendersorissa.gov.in. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO. - 9100 DATED 17.07.2020**

| | | | |
|---|---|---|---|
| 1 | Nature of Work | : | Work in Canal & River Embankment |
| 2 | Total No. of Works | : | 63 (Sixty Three) works |
| 3 | Bid Identification No. | : | MND-10/2024-25 |
| 4 | Tender Cost | : | Rs. 8.00 Lakhs to Rs. 49.5 Lakhs (Approx.) |
| 5 | Class of Contractor | : | "D, C & B" Class |
| 6 | Period of completion | : | 6 (Six) months |
| 7 | Other Details | : | As noted below |
| a) | Procurement Officer | : | Superintending Engineer, Mahanadi North Division-I, Jagtpur email : exengr.mnd@gmail.com Ph. : 0671-2491546 |
| b) | Availability of Tender On-line for bidding | : | 10.00 Hours of 01.11.2024 to 17.30 Hours of 11.11.2024 |
| c) | Last date & time of Submission of bid document | : | 17.30 Hours of 11.11.2024 |
| d) | Last date & time of seeking Clarification | : | 17.30 Hours of 07.11.2024 |
| e) | Date, time & place of Opening of Bid | : | 12.11.2024 at 11.30 Hours in the O/o the Superintending Engineer, Mahanandi North Division-I, Jagatpur |
| f) | Date of Lottery (if required) | : | Will be intimated Later on |

Further details can be seen from the Govt. website "https://tendersodisha.gov.in"

Sd./- Superintending Engineer
Mahanadi North Division-I
Jagatpur

OIPR-32003/11/0010/2425

## ସଂକ୍ଷେପରେ

### ଏକକୁଣ୍ଡୀୟ ଗାୟତ୍ରୀ ଯଜ୍ଞ

ପାଇକମାଳ,୨୭।୧୦(ବଡ଼ ଶତପଥୀ)

ପାଇକମାଳ ବ୍ଲକ ମୁନିକେଲ ଗ୍ରାମରେ ରବିବାର ଏକକୁଣ୍ଡୀୟ ଗାୟତ୍ରୀ ଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ଯଜ୍ଞରେ କାନ୍ତା ପ୍ରସାଦ ପଟେଲ କର୍ତ୍ତା ଭାବେ ହୋମ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପୁଂସବନ ସଂସ୍କାର କରାଯାଇଥିଲା। ଛତିଶଗଡ଼ ବସନା ଗାୟତ୍ରୀ ଶକ୍ତିପୀଠର ଟୋଲି ଏଥିରେ ସହଯୋଗ କରିଥିଲେ। ଶ୍ରୀଦେବ ଚରଣ ନାୟକ, ପ୍ରମୋଦ ଭୋଇ, ଗୁଣସାଗର ରଣା, ନନ୍ଦକୁମାର ପଟେଲ ଓ ସହକର୍ମୀ ପ୍ରବଚନ, ଆଶୀର୍ବଚନ ପ୍ରଦାନ କରିଥିଲେ।

### ବସ୍ ମାଲିକ ସଂଘ ପୂର୍ବତନ ସଭାପତିଙ୍କ ଦେହାନ୍ତ

ବରଗଡ଼, ୨୭।୧୦(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଘରୋଇ ବସ୍ ମାଲିକ ସଂଘର ପୂର୍ବତନ ସଭାପତି ତଥା ପୌର ପରିଷଦର ପୂର୍ବତନ କାଉନସିଲର ଭୀଷ୍ମଦେବ ଦୋରାଙ୍କ ଦେହାନ୍ତ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ବରଗଡ଼ରେ ଗଭୀର ଶୋକ ପ୍ରକାଶ ପାଇଛି। ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସମେତ ପୂର୍ବତନ ବିଧାୟକ ସାଧୁ ନେପାକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### କଂଗ୍ରେସ ନେତାଙ୍କ ମାତୃ ବିୟୋଗ

ପାଇକମାଳ,୨୭।୧୦(ବଡ଼ ଶତପଥୀ)

ପାଇକମାଳ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି,ପିସିସି ସଦସ୍ୟ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗଜରାଜ ସିଂ ପୁଟାଙ୍କ ମା' ଫୁଲ କୁଅଁର ପୁଟାଙ୍କ ଶନିବାର ବିଳମ୍ବିତ ରାତ୍ରିରେ ଖପୁରୀଡ଼ିହି ସ୍ଥିତ ବାସ ଭବନରେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୧୦୩ ବୟସ ବର୍ଷ ହୋଇଥିଲା। ସ୍ୱର୍ଗତ ଫୁଲକୁଅଁର ଦେବୀ ଜଣେ ଧର୍ମ ପରାୟଣା ତଥା ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ଗଜରାଜ ସିଂ ପୁଟା ମୁଖାଗ୍ନି ଦେଇଥିଲେ।

# ୭୦ ହେକ୍ଟର ଜମିକୁ ଜଳସେଚନ

## ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

ସୋହେଲା,୨୭।୧୦(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଘେଁସ ପଞ୍ଚାୟତର ତିଳେଇମାଳଠାରେ ବହୁ ପ୍ରତିକ୍ଷିତ ଉଠା ଜଳସେଚନ ପ୍ରକଳ୍ପକୁ ଅତିରିକ୍ତ ଜିଲାପାଳ ଚବନ କୁନାଲ ମୋତିରାମ ଏବଂ ପଦ୍ମପୁର ଉପ ଜିଲାପାଳ ସ୍ନେହା ଅରୁଗୁଲା, ଉଠାଜଳସେଚନ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ତ୍ରିପାଠୀ ମିଳିତ ଭାବେ ଲୋକାର୍ପଣ କରିଛନ୍ତି। ପ୍ରକାଶ ଥାଉକି ବହୁଦିନ ତଳେ ଉକ୍ତ ସ୍ଥାନରେ ସରକାରଙ୍କ ତରଫରୁ ଏକ ଉଠାଜଳସେଚନ ପ୍ରକଳ୍ପ କରାଯାଇଥିଲା। ବିଭିନ୍ନ କାରଣରୁ ଉକ୍ତ ପ୍ରକଳ୍ପ ବନ୍ଦ ହୋଇ ପଡିରହିଥିଲା। ଶହୀଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ପ୍ରୟାସ କ୍ରମେ ୨୬ ଲକ୍ଷ ଟଙ୍କା ମଞ୍ଜୁର ହେବା ପରେ ଉକ୍ତ ପ୍ରକଳ୍ପରେ ମୋଟର ଗୃହ, ନୂତନ ମୋଟର ସହ ପାଇପ ଲାଇନ ଏବଂ ପାଣିଟାଙ୍କି ନିର୍ମାଣ ହୋଇଛି।



ଉଠା ଜଳସେଚନ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଉଛି।

ଏହାଦ୍ୱାରା ୭୦ ହେକ୍ଟର ଜମିରେ ଜଳସେଚନ ହେବା ସମ୍ଭାବନା ଅଛି। ନିକଟରେ ଏକ ଚେକ୍‌ଡ୍ୟାମ୍ କରି ଆଉ ୩୦୦ ମିଟର ପାଇପ ବୃଦ୍ଧି କରାଗଲେ ଆହୁରି ୫୦ ହେକ୍ଟର ଜମି ଜଳସେଚନ ହୋଇପାରିବ ବୋଲି କୁହାଯାଉଛି। ପ୍ରକଳ୍ପ ଉଦ୍‌ଘାଟନ ସମୟରେ ସମ୍ମାନୀତ ଅତିଥି ଭାବେ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ସଦସ୍ୟ ରମେଶ ମହାପାତ୍ର, ଅଜିତ ଶତପଥି ଯୋଗ ଦେଇଥିଲେ। ଘେଁସ ସରପଞ୍ଚ ଗୋକୁଳ ଚନ୍ଦ୍ର ଦାଶଙ୍କ ସମେତ ମାଧୋ ସିଂ କୃଷକ ସଙ୍ଗଠନର ସଦସ୍ୟ, ଗ୍ରାମବାସୀ ଏବଂ ମିଶନ ଶକ୍ତିର ଭବାନୀ, ଶିବାନୀ, ଲକ୍ଷ୍ମୀ, ସମଲେଶ୍ୱରୀ, ବିନ୍ଧ୍ୟବାସିନୀ, ମାଧବ ଗ୍ରୁପ୍‌ର ମହିଳାମାନେ ଉପସ୍ଥିତ ଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଜିତେନ୍ଦ୍ରିୟ ସାହୁ, ମହେନ୍ଦ୍ର ନାଗ, ପିଙ୍କୁ ପଣ୍ଡା, ଗୌରୀଶଙ୍କର ସାହୁ, ସନ୍ତୋଷ ସାହୁ, ଡୋଲାମଣି ଗହୀର, ରବି ଗରିଆ, ଈଶ୍ୱର ମଟାରୀ, ସଞ୍ଜୀବ ପଧାନ, ପ୍ରେମରାଜ ସାହୁ, ସୁବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଦେବଦେବୀଙ୍କ ଫଟୋ ଥିବା ବାଣ ବିକ୍ରି ବନ୍ଦ ଦାବି



ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ସରଣ୍ଡା, ୨୭।୧୦(ଯୁଧିଷ୍ଠିର ମହାପାତ୍ର)

ଦେବଦେବୀଙ୍କ ଫଟୋ ଥିବା ବାଣ ବିକ୍ରି ଉପରେ ରୋକ୍ ଲଗାଇବା ଦାବି ନେଇ ରବିବାର ବରଗଡ଼ ଜିଲା ଅତାବିରା ବିଶ୍ୱ ହିନ୍ଦୁ ପରିଷଦ ଅତାବିରା ପ୍ରଖଣ୍ଡ ପକ୍ଷରୁ ଅତାବିରା ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଆସନ୍ତା ଦୀପାବଳିରେ ଅତାବିରା ବ୍ଲକ ଅଞ୍ଚଳରେ ହିନ୍ଦୁ ଦେବଦେବୀଙ୍କ ଫଟୋ ଚିତ୍ର ଲାଗିଥିବା ବାଣ ବିକ୍ରି ଉପରେ ରୋକ ଲଗାଯାଉ। କାରଣ ଏହା ହିନ୍ଦୁ ଧର୍ମ ପ୍ରତି କୁଠାରଘାତ ସହିତ ଭାରତୀୟ ସମ୍ବିଧାନ ୨୯୫ ଏ ଆଇନର ମଧ୍ୟ ଖୁଲମଖୁଲା ଉଲ୍ଲଂଘନ ହେଉଛି। ଦେବଦେବୀଙ୍କ ଫଟୋ ଚିତ୍ର ଲାଗିଥିବା ବାଣ ବିକ୍ରି କଲେ ବିକ୍ରେତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଅତାବିରା ପ୍ରଖଣ୍ଡ ସଭାପତି ମନୀଷ ଶର୍ମାଙ୍କ ନେତୃତ୍ୱରେ ଦାବିପତ୍ର ଦେବା ସମୟରେ ଅଶ୍ୱିନୀ ମେହେର, ଅଜୟ କୁମାର ମହାପାତ୍ର, ଛନ୍ଦା ଚରଣ ମେହେର, ମାନସ ରଞ୍ଜନ ସାହୁ, ବିଶ୍ୱଜିତ ଭୋଇ, ଭରତ ସେଟ ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡ଼ରେ ସଙ୍ଗୀତ ଆସର, ସମ୍ବର୍ଦ୍ଧନା ପର୍ବ

ବରଗଡ଼, ୨୭।୧୦(ପ୍ରେମାନନ୍ଦ ଖମାରୀ)

ବରଗଡରେ ରବିବାର ସଙ୍ଗୀତ ଆସର ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଇଳା-ବଂଶୀଧର ଚାରିଟେବଲ ଟ୍ରଷ୍ଟର ଉଦ୍ୟୋକ୍ତା ସ୍ୱର୍ଗତା ଇଲା ପଣ୍ଡାଙ୍କ ୯୪ତମ ଜୟନ୍ତୀ ଅବସରରେ କୋଶଳ ଟାଇମ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡଃ ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଇଲା ପଣ୍ଡାଙ୍କ ବହୁମୁଖୀ ପ୍ରତିଭାର ଅବତାରଣା ସହ କଟାପାଲି ଗ୍ରାମର କଳା ଓ ଶିକ୍ଷା ତଥା ସଂସ୍କୃତିର ଉନ୍ନତି ପଛରେ ତାଙ୍କର ଜନ୍ମମାଟି ପ୍ରତି ପ୍ରେମ ଓ କର୍ତ୍ତବ୍ୟନିଷ୍ଠା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତରଣୀସେନ ବୁଧିଆ ଯୋଗଦେଇ ବରଗଡ ଜିଲାର ଶିକ୍ଷା ଓ କଳାର ଉନ୍ନତି ପାଇଁ ଇଲା ପଣ୍ଡାଙ୍କ ପ୍ରତିବଦ୍ଧ ଉଦ୍ୟମ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସୁସାହିତ୍ୟିକ ମନୋରଞ୍ଜନ



ସଙ୍ଗୀତ ଆସର କାର୍ଯ୍ୟକ୍ରମରେ କଳାକାରବୃନ୍ଦ।

ମେହେର ଇଲା ପଣ୍ଡାଙ୍କ ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡା ଓ ସମାଜସେବା ପ୍ରତି ଅନୁରାଗ ଏବଂ ଅବଦାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୋଶଳ ଟାଇମର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଶ୍ରଦ୍ଧା ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଦଧିବାମନ ଶତପଥୀ, ସଞ୍ଚାର କଳାକାର ଅଲେଖ ସାହୁ, କଳାକାର ପ୍ରଦୀପ ପଧାନ, ବଂଶୀବାଦକ ମୀନକେତନ ଭୋଇ, ପାଲା କଳାକାର ନାରାୟଣ ପଟେଲଙ୍କୁ ଇଲା ପଣ୍ଡା ସ୍ମାରକୀ କଳାସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଡଃ ଗୋବର୍ଦ୍ଧନ ସାହୁ, ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ପାଣ୍ଡବ ବେହେରା, ସମାଜସେବୀ ଶିବାନନ୍ଦ ମଟାରୀ, ଲୁଲୁ ରବିନ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣ୍ଡ ସମାଜ ବୈଠକ

ପାଇକମାଳ,୨୭।୧୦(ବଡ଼ ଶତପଥୀ)

ପାଇକମାଳ ବ୍ଲକ ଝିଟିକି ପଞ୍ଚାୟତ ଧାନମଣ୍ଡିଠାରେ ରବିବାର ଝିଟିକି ସର୍କଲର ବଜାରୁ ଧରୁଆଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଝିଟିକି ସର୍କଲର ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ରଞ୍ଜନ ମାଝୀ, ଉପ ସଭାପତି ନବୀନ ଧରୁଆ, ସମ୍ପାଦକ ବିନୋଦ ଧରୁଆ, ସହ ସମ୍ପାଦକ ଖଗେଶ୍ୱର ମାଝୀ, କୋଷାଧ୍ୟକ୍ଷ କ୍ଷିତରାଜ ଗଏଁତା, ସହ କୋଷାଧ୍ୟକ୍ଷ ହରି ଧରୁଆକୁ ମନୋନୀତ କରାଯାଇଛି। ସଭାରେ ପୂର୍ଣ୍ଣମୀ ଧରୁଆ, ଗମତି ଧରୁଆ, ଦୋଳମତୀ ଧରୁଆ, ଫୁନେ ଧରୁଆ, ଗୁଲ ଧରୁଆ, ପ୍ରଦୀପ ମାଝୀ, ବିରଞ୍ଚି ଧରୁଆ, ନାରାୟଣ ଧରୁଆ, ହରି ମାଝୀ, ଶିବରାଜ ଗଏଁତା, ଗନ୍ଧର୍ବ ମାଝୀ, ଶୁଦ୍ରସିଂ ଧରୁଆ, ଦେବାର୍ଚ୍ଚନ ଧରୁଆ, ଜେପାଳ ଧରୁଆ, ରତ୍ନାକର ଧରୁଆ, ବୁଡୁ ମାଝୀ, ଅମର ଧରୁଆ, ଜୟ ଧରୁଆ, ଲାଲଚନ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ଷିତରାଜ ଗଏଁତା ଧନ୍ୟବାଦ ଦେଇଥିଲେ।

# ଡଭା କଲେଜରେ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଝାରବନ୍ଧ,୨୭।୧୦(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଡଭା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତ ସଚେତନତା ଓ ଡିଜିଟାଲ ଆଡିକ୍‌ଶନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ୍ ଓ ଈଶ୍ୱରୀୟ ବ୍ରହ୍ମକୁମାରୀ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଥପା ସଭାପତିତ୍ୱ କରିଥିଲେ। ଏଥିରେ ବ୍ରହ୍ମକୁମାରୀ ସୁଜାତା ମୁଖ୍ୟଅତିଥି, ବ୍ରହ୍ମକୁମାର ହିମାଂଶୁ ମୁଖ୍ୟବକ୍ତା, ମୀରା ଭଉଣୀ, ସୂର୍ଯ୍ୟକାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ନିଶାମୁକ୍ତ ଭାରତ ଗଢିବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ସୁଧୀର କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଧ୍ୟାପକ ଦିଲୀପ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରେଡକ୍ରସ୍ ସଂଯୋଜକ ସଞ୍ଜୀବ କୁମାର ସାହୁ, ସୁରେଶ ସାହୁ, ମଳୟ ପ୍ରଧାନ, ମଦନ ଡନସନା, ଗିରିଶ ଡନସନା ସହଯୋଗ କରିଥିଲେ। ଅଧ୍ୟାପକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ମାହେଶ୍ୱରୀ ସେନା ପକ୍ଷରୁ ସମ୍ବର୍ଦ୍ଧନା



ଓଏଏସ୍ ପାଇଥିବା ଅଭୟ ମହାକୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସରଣ୍ଡା, ୨୭।୧୦(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ପୋଡ଼ବାଡି ସ୍ଥିତ ମା' ମାହେଶ୍ୱରୀ ମନ୍ଦିରରେ ରବିବାର କୁବେର ମହାକୁରଙ୍କ ସଭାପତିତ୍ୱରେ ମା' ମାହେଶ୍ୱରୀ ସେନା ତରଫରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମାହେଶ୍ୱରୀ ମନ୍ଦିରରେ ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା କରି ବୈଠକ ଆରମ୍ଭ ହୋଇଥିଲା। ପ୍ରଫୁଲ୍ଲ କୁମାର କର୍ଣ୍ଣ ସ୍ୱାଗତ ଭାଷଣ ଦେବା ସହ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚଳିତ ଓପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପୋଡ଼ବାଡି ଗାଁର ଡୁମାଲ ଜାତିର ଅଭୟ କୁମାର ମହାକୁରଙ୍କୁ ମାଁ ମାହେଶ୍ୱରୀ ସେନା ତରଫରୁ ପ୍ରଶଂସାପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌନ୍ତିଆ ଶାଖା କୁମାର ମିଶ୍ର, ଶାକ୍ତ କବି ପଦ୍ମନ କର୍ଣ୍ଣ, କୃଷ୍ଣଚନ୍ଦ୍ର ମହାକୁର, ଲୋକନାଥ କ୍ଷେତି, ଜୀବର୍ଦ୍ଧନ କ୍ଷେତି, ମନ୍ଦିର ସେବାୟତ, ଗମ୍ଭାରୀପାଲି କେନ୍ଦ୍ର ସଭାପତି ପ୍ରେମରାଜ କମ୍ପ, ସନ୍ତୋଷ ମହାକୁର, ମାହେଶ୍ୱରୀ ସେନା ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଘନଶ୍ୟାମ କମ୍ପ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବିରରେ ୫୫ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼, ୨୭।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ ବ୍ଲକ ଅନ୍ତର୍ଗତ ତାଲଶ୍ରୀଗିଡା ଗ୍ରାମରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୀବନ ସଂଯୋଗ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏହି ଶିବିର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହୋଇଥିଲା। ପଣ୍ଡିତ ଦଧିବାବନ ମିଶ୍ର ମୁଖ୍ୟ ଅତିଥି, ସରପଞ୍ଚ ରିକନ ସାହୁ ଓ ସମିତିସଭ୍ୟ ରାଧେଶ୍ୟାମ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୮ଦମ୍ପତିଙ୍କ ସମେତ ୫୫ଜଣ ରକ୍ତଦାନ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିର ଆୟୋଜନ ପାଇଁ ଜୀବନ ସଂଯୋଗ ଅନୁଷ୍ଠାନକୁ ନିଷ୍ଠା ପରିବାର ତରଫରୁ



ଶିବିରରେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ସମ୍ବର୍ଦ୍ଧିତ କରାଯାଇଥିଲା। ନିୟମିତ ରକ୍ତଦାତା ପଣ୍ଡିତ ଦଧିବାବନ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରକୁ ରାଜକିଶୋର ମଲ୍ଲିକ, ସୁଦାମ ମିଶ୍ର, ଜୟନ୍ତ ବେହେରା, ଶେଷ ସାହୁ, ପ୍ରଫୁଲ୍ଲ ସାହୁ, ଶ୍ରୀପତି ସାହୁ, ଈଶ୍ୱର ସାହୁ, ଉପେନ୍ଦ୍ର ବେହେରା ଏବଂ ଜୀବନ ସଂଯୋଗର ସଦସ୍ୟ, ନିଷ୍ଠା ପରିବାରର ସଦସ୍ୟ ଏବଂ ଗ୍ରାମବାସୀ ପରିଚାଳନା କରିଥିଲେ।

# ଆନ୍ତଃ ମହାବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବରଗଡ଼ ଜିଲା ତୋରା ସ୍ନାତକ ମହାବିଦ୍ୟାଳୟରେ ରବିବାର ଆନ୍ତଃ ମହାବିଦ୍ୟାଳୟ ଗ୍ରୁପ୍-ଏର ଫୁଟ୍‌ବଲ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଭାତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ରମ୍ଭେଲା ଡିଗ୍ରୀ ମହାବିଦ୍ୟାଳୟ ଏବଂ ସୁନ୍ଦରଗଡ଼ ଜିଲା ଡୁଡୁକା ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରବିବାର ୬ଟି ମ୍ୟାଚ୍ ହୋଇଥିଲା। ଏହି ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।




ଉଦ୍‌ଘାଟନୀ ମ୍ୟାଚ୍‌ରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜିଲା ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ



ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଇମ୍ପେରିଏଲ ମହାବିଦ୍ୟାଳୟରେ ଶନିବାର ଜିଲା ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲା ଚେସ୍ ଆସୋସିଏଶନ ସଭାପତି ଅରୁଣ କୁମାର ମହାନ୍ତିଙ୍କ ସଭାପତିତ୍ୱ ଓ ସମ୍ପାଦକ ଅଧ୍ୟାପକ କେଶ ରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବରଗଡ ଜିଲାରେ ପ୍ରତିଭାର ଅଭାବ ନାହାନ୍ତି । କେବଳ ସେମାନଙ୍କୁ ଉପଯୁକ୍ତ ପ୍ଲାଟଫର୍ମ ମିଳିବା କଥା। ଯାହାକି ଜିଲାର କ୍ରୀଡା ସଂସଦଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ରୀଡା ସଙ୍ଗଠନ ନିଜର ପ୍ରୟାସ ବଳରେ ସେମାନଙ୍କୁ ସୁଯୋଗ ଦେଉଛନ୍ତି ଏବଂ ଆମ ଜିଲାର ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ସଫଳତାର ସହ କୃତିତ୍ୱ ହାସଲ କରିଆସିଛନ୍ତି । ଜିଲା ଚେସ୍ ଆସୋସିଏଶନର କର୍ମକର୍ତ୍ତାମାନଙ୍କୁ ସେହି ଧାରାରେ ଅନନ୍ୟ ପ୍ରୟାସ ପାଇଁ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଚେସ ଭଳି ଏକ ଖେଳକୁ ବରଗଡ ଜିଲାରେ ପ୍ରଚାର ପ୍ରସାର କରିବା ଯୋଗୁ ଆଜି ଜିଲାର ଜଣେ ଯୁବ ପ୍ରତିଭା ରାଜ୍ୟ ସ୍ତରରେ ପ୍ରଥମ ହୋଇ ଚାମ୍ପିୟନ ହେବା ବରଗଡ ପାଇଁ ଗୌରବର ବିଷୟ ବୋଲି ସେ କହିଥିଲେ। ଏହି ଅବସରରେ ୧୧ ବର୍ଷରୁ କମ୍ ବୟସ ବର୍ଗରେ ଚାମ୍ପିୟନ ହୋଇଥିବା ନୈନିକା ସାହୁଙ୍କୁ ଆଚାର୍ଯ୍ୟ ଶୁଭେଚ୍ଛା ଜଣାଇଥିଲେ। ଆର୍ବିଟର ବିଧୂଭୂଷଣ ମିଶ୍ର ଖେଳର ନିୟମ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ। ଆୟୋଜନ କମିଟିର ଭେନ୍ୟୁ ମୁଖ୍ୟ ତଥା ଇମ୍ପେରିଅଲ ମହାବିଦ୍ୟାଳୟର ଚେୟାରମ୍ୟାନ ଦୀପକ ଗୋୟଲ, ଅନ୍ୟତମ ଆର୍ବିଟର ବିଘ୍ନେଶ୍ୱର ଯୋଷୀ ମଞ୍ଚାସୀନ ଥିଲେ। ଶେଷରେ ସମ୍ପାଦକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂଘର ସଦସ୍ୟ ସୁରେଶ ପରିଡ଼ା, ଅନ୍ତର୍ଯାମୀ ପରିଡ଼ା, ଶିବ ସାହୁ, ରବି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ୧୦୮ ଜଣ ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଭାଗ ନେଇଛନ୍ତି। ଫିଡେ ନିୟମ ଅନୁସାରେ ତଥା ସିସ୍ ପଦ୍ଧତିରେ ଖେଳା ଯାଉଥିବା ଏହି ପ୍ରତିଯୋଗିତାରେ କେବଳ ବରଗଡ ଜିଲାର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଏଥିରେ ସଫଳ ପ୍ରଥମ ୧୦ ଜଣ ଖେଳାଳି ତଥା ବିଭିନ୍ନ ବୟସ ବର୍ଗର କୃତୀ ପ୍ରତିଯୋଗୀମାନଙ୍କୁ ୧୨ହଜାର ଟଙ୍କାର ପୁରସ୍କାର ରାଶି ତଥା ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।


**OFFICE OF THE EXECUTIVE ENGINEER, P.H. DIVISION, ANGUL**

Ph. (06764) 296431, Email-eephangul@yahoo.in

**GOVERNMENT OF ODISHA**

Bid Identification No. SE PH Division Angul-15/2024-25 dt. 22.10.2024

No.C-827

| | | | |
|---|---|---|---|
| 1 | Name of the work | : | 01 (one) no. of P.H. Work |
| 2 | Type of Bid | : | Double bid system |
| 3 | Estimated Cost | : | Rs. 83.57 lakhs |
| 4 | Period of completion | : | 03 (three) months |
| 5 | Date & time of availability of bid document in the portal | : | From 11.00 A.M. of 29.10.2024 to 5.00 P.M. of 12.11.2024 |
| 6 | Last date / time of receipt of bids in the portal | : | 5.00 P.M. of 12.11.2024 |
| 7 | Date & time of opening of technical bids | : | 11.00 A.M. of 13.11.2024 |
| 8 | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd./- (Er.Prasanta Behera
Superintending Engineer
P.H. Division, Angul)

OIPR-13056/11/0007/2425

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK**

E-mail ID : exengr.mnd@gmail.com

No.A-480

'e' Procurement Notice No. - MND-10/2024-25

The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e-procurement portal www.tendersorissa.gov.in. The tender submission process will be completely online.

BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO. - 9100 DATED 17.07.2020

| | | | |
|---|---|---|---|
| 1 | Nature of Work | : | Work in Canal & River Embankment |
| 2 | Total No. of Works | : | 63 (Sixty Three) works |
| 3 | Bid Identification No. | : | MND-10/2024-25 |
| 4 | Tender Cost | : | Rs. 8.00 Lakhs to Rs. 49.5 Lakhs (Approx.) |
| 5 | Class of Contractor | : | "D, C & B" Class |
| 6 | Period of completion | : | 6 (Six) months |
| 7 | Other Details | : | As noted below |
| a) | Procurement Officer | : | Superintending Engineer, Mahanadi North Division-I, Jagtpur email : exengr.mnd@gmail.com Ph. : 0671-2491546 |
| b) | Availability of Tender On-line for bidding | : | 10.00 Hours of 01.11.2024 to 17.30 Hours of 11.11.2024 |
| c) | Last date & time of Submission of bid document | : | 17.30 Hours of 11.11.2024 |
| d) | Last date & time of seeking Clarification | : | 17.30 Hours of 07.11.2024 |
| e) | Date, time & place of Opening of Bid | : | 12.11.2024 at 11.30 Hours in the O/o the Superintending Engineer, Mahanandi North Division-I, Jagatpur |
| f) | Date of Lottery (if required) | : | Will be intimated Later on |

Further details can be seen from the Govt. website "https://tendersodisha.gov.in"

Sd./- Superintending Engineer
Mahanadi North Division-I
Jagatpur

OIPR-32003/11/0010/2425

# ମନ୍ଥର ଗତିରେ ଚାଲିଛି କାମ

**କୁଚିଣ୍ଡା,୨୭।୧୦(ବିରଞ୍ଚି ଦର୍ଭା)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଅଧୀନ ଜମନକିରା ମେଗା ପାନୀୟଜଳ ଯୋଗାଣ କାମ ଅତି ମନ୍ଥର ଗତିରେ ଚାଲଛି। କାର୍ଯ୍ୟର ଅଗ୍ରଗତି ପ୍ରାୟ ୫୦ପ୍ରତିଶତ ହୋଇଛି। ଠିକାସଂସ୍ଥାର ଅବହେଳା କାରଣରୁ କାର୍ଯ୍ୟ ସମାପ୍ତ ଅବଧି ବର୍ଷକରୁ କମ୍ ସମୟ ଥିବାରୁ ଅବଶିଷ୍ଟ ୫୦ ପ୍ରତିଶତ କାମ କିଭଳି ସମ୍ପୂର୍ଣ୍ଣ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବାରମ୍ବାର କୁହାଯାଉଥିଲେ ହେଁ ଠିକାସଂସ୍ଥା ଆଦୌ ଖାତିର କରୁ ନ ଥିବା କୁହାଯାଉଛି। ପ୍ରତି ଘରକୁ ପିଇବା ପାଣି ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଜଳଜୀବନ ମିଶନ ଯୋଜନା କାର୍ଯ୍ୟକାରିତା ଏଠାରେ ବିଳମ୍ବିତ ହେଉଥିବା କୁହାଯାଉଛି।

ସମ୍ବଲପୁର ଜିଲା ଜମନକିରା ବ୍ଲକର ୧୭, କୁଚିଣ୍ଡା ବ୍ଲକର ୪ ଓ ରେଙ୍ଗାଲି ବ୍ଲକର ୩ଟି ଏଭଳି ୨୪ ପଞ୍ଚାୟତର ୧ଲକ୍ଷ ୪୫ ହଜାର ୨୮୧ ପରିବାରକୁ ପାନୀୟ ଜଳ ଯୋଗାଣ ପାଇଁ କ୍ରିଷ୍ଣା କୋରପ୍ଲାଣ୍ଟିଆ ପ୍ରାଇଭେଟ ଲିଃ ଏବଂ ୟୁଏମ୍‌ଏସ୍‌ଏଲ୍ ଲିଃ ଟେଣ୍ଡର ନେଇଛି। ପ୍ରକଳ୍ପର ବ୍ୟୟ ଅଟକଳ ୧୨୭କୋଟି ୧୯ଲକ୍ଷ ଟଙ୍କା ରହିଛି। ୨୦୨୨ଜୁନ ୨୭ରେ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୪ ଜୁନ୍ ୨୬ରେ ଶେଷ କରିବା ପାଇଁ ଠିକାସଂସ୍ଥା ଚୁକ୍ତିନାମା କରିଥିଲା। ପରବର୍ତ୍ତୀ ସମୟରେ ସମୟ ଅବଧିକୁ ୨୦୨୫ ଜୁନ୍ ୨୬କୁ ବୃଦ୍ଧି କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଅନୁଗୋଳ ଜିଲା ରେଙ୍ଗାଲି ଡ୍ୟାମ୍‌ରୁ ପାଇପରେ ଜଳ ଯୋଗାଣ ହୋଇ ଦେବଗଡ ଜିଲା ତିଲେଇବଣିଠାରେ ସଂରକ୍ଷଣ ହେବ। ସେଠାରୁ ଜମନକିରା ବ୍ଲକର ସର୍ଡା ସଂରକ୍ଷଣ ଟାଙ୍କିରୁ ୨୦ ପଞ୍ଚାୟତ ଓ କୁଚିଣ୍ଡା ବ୍ଲକର ବକ୍ସମା ଟାଙ୍କିରୁ ୪ଟି ପଞ୍ଚାୟତକୁ ଜଳ ସଂଯୋଗ ପାଇଁ ଯୋଜନା ରହିଛି। ଏଥିନିମନ୍ତେ ୨୪ଟି ପଞ୍ଚାୟତରେ ସୁଉଚ୍ଚ ଜଳ ସଂରକ୍ଷଣ ଟାଙ୍କି ମାଧ୍ୟମରେ ପ୍ରତି ଘରକୁ ପାଣି ଯୋଗାଇ ଦେବା ପାଇଁ ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଛି। ଠିକାସଂସ୍ଥାର ଚୁକ୍ତି ମୁତାବକ ମୋଟ ୧୪୩୪ କି.ମି.ରୁ ମାତ୍ର ୭୨୨ କି.ମି. ପାଇପ ଲାଇନ କାମକରି ଅଧାପନ୍ତରିଆ ଭାବେ ପକାଇ ରଖାଯାଇଛି। ମୋଟ ୨୪ ପଞ୍ଚାୟତରୁ ସର୍ଡା, ଗୁଣ୍ଡୁରୁଟୁଆଁ ଓ ଭୋଜପୁର ଏଭଳି ୩ଟି ପଞ୍ଚାୟତରେ ଟାଙ୍କି କାମ ଆରମ୍ଭ ହୋଇନାହିଁ। ମହଦା, କେନାଢିପା ଓ ବକ୍ସମା ପଞ୍ଚାୟତରେ ମାତ୍ର ୨୦ ପ୍ରତିଶତ କାମ ହୋଇଛି । ସେହିପରି ୮ଟି ପଞ୍ଚାୟତରେ ପ୍ରାୟ ୨୦ରୁ ୩୦ପ୍ରତିଶତ ଓ ୪ଟି ପଞ୍ଚାୟତରେ ୫୦ପ୍ରତିଶତ କାମ ହୋଇଥିବା ଦେଖିବାକୁ ମିଳିଛି। ମାତ୍ର ଚନ୍ଦନିମାଲ ଓ ବଡରମା ପଞ୍ଚାୟତର ଟାଙ୍କି କାମ ପ୍ରାୟ ୮୦ପ୍ରତିଶତ ହୋଇଛି। ବକ୍ସମା ପାଇଁ ସିଡବ୍ଲ୍ୟୁଆର ମଞ୍ଜୁରୀ ହୋଇଥିବା ସତ୍ତ୍ୱେ ମାତ୍ର ୨୦ପ୍ରତିଶତ କାମ କରି ବନ୍ଦ ରଖାଯାଇଛି। କାର୍ଯ୍ୟ ସମାପ୍ତ ଅବଧି ଆଉମାତ୍ର ୯ ମାସ ମଧ୍ୟରେ ପ୍ରକଳ୍ପ କାମ କିଭଳି ସମ୍ପୂର୍ଣ୍ଣ ହେବ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଠିକାସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ଚନ୍ଦନ କୁମାର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ କରୁ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ନେଇ କୁଚିଣ୍ଡା ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ଶତପଥୀଙ୍କୁ ପଚାରିବାରୁ ଠିକାସଂସ୍ଥା ସରକାରୀ ନିୟମର ଅନୁପାଳନ କରୁନାହିଁ। ଏତେବେଳକୁ ସବୁ କାମ ସରିବା କଥା। ହେଲେ ଠିକାସଂସ୍ଥାର ଅବହେଳା ଯୋଗୁ ଆମକୁ ଉତ୍ତରଦାୟୀ ହେବାକୁ ପଡୁଥିବା ସେ କହିଛନ୍ତି।



ଜମନକିରା ବ୍ଲକ ସୁବର୍ଣ୍ଣପାଲିରେ ନିର୍ମାଣାଧୀନ ପାଣିଟାଙ୍କି।



କୁଚିଣ୍ଡା ବ୍ଲକ ବକ୍ସମାରେ ନିର୍ମାଣାଧୀନ ପାଣିଟାଙ୍କି।

**ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ**

**■ ଧାର୍ଯ୍ୟ ସମୟରେ କାମ ସରିବା ଆଶଙ୍କା**

# ତିଲେଇବଣିରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ,୨୭।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସଦର ମହକୁମାରେ ରବିବାର ଦେବଗଡ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିରି ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅନୁପସ୍ଥିରେ ଏହି ଶିବିରକୁ ଦେବଗଡ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ ପରିଚାଳନା କରିବା ସହ ଜନସାଧାରଣଙ୍କ ନିକଟରୁ ୧୭ ଗୋଟି ଅଭିଯୋଗ ଗ୍ରହଣ କରିବା ସହ ଏଗୁଡିକର ସମାଧାନ ପାଇଁ ବିଧାୟକ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଶେଷ ଭାବେ ମୁଖ୍ୟରାସ୍ତାରୁ ଗାଁକୁ ସଂଯୋଗ କରୁଥିବା ଅନେକ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ବିଭିନ୍ନ ଗ୍ରାମର ଗ୍ରାମବାସୀ ଦୁଃଖ ଜଣାଇବା ସହିତ ଏଗୁଡିକର ତୁରନ୍ତ ସମାଧାନ ପାଇଁ ନିବେଦନ କରିଥିଲେ। ଏଥିସହ ସ୍ୱାସ୍ଥ୍ୟ, ପାନୀୟଜଳ, ସ୍କୁଲରେ ଶିକ୍ଷକ ନିଯୁକ୍ତି ଆଦି ଦାବିରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଧାନଙ୍କ ସମେତ ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳୀ ସାମଲ, ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ ଓ ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# କତ୍ରାପାଲି ଫୁଟବଲ କ୍ଲବ ଚାମ୍ପିୟନ



ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

**ଦେବଗଡ଼,୨୭।୧୦(ଶଶାଙ୍କ ଶେଖର ଝାଙ୍କର)**

**ବିକାଶ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୁରୁସଙ୍ଗ ଗ୍ରାମପଞ୍ଚାୟତ ସଦର ମହକୁମାରେ ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତ୍ରି ଦିବସୀୟ ବିକାଶ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଠିଆନାଳ ଫୁଟବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି କତ୍ରାପାଲି ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ସିପୁନ ସାହୁ, ରାକେଶ ଦାସ ଓ ଲିଟୁ ବେହେରା ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜକ ରାଧାକୃଷ୍ଣ କ୍ଲବର ସଭାପତି ରଞ୍ଜନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା କ୍ରିକେଟ ସଂଘ ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ, ଗୁରୁସଙ୍ଗ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ପ୍ରଶାନ୍ତ କୁମାର ପ୍ରଧାନ ଓ ବିନୋଦ ବିହାରୀ ପ୍ରଧାନ ଯୋଗଦେଇ ଚାମ୍ପିୟନ କତ୍ରାପାଲି ଫୁଟବଲ କ୍ଲବ ଓ ରନର୍ସ ଅପ୍ ଠିଆନାଳ ଫୁଟବଲ କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ।

# ଚାଲିଛି ବେଆଇନ କୁକୁଡ଼ା ଲଢ଼େଇ, ଜୁଆଖେଳ

**ଦେବଗଡ଼,୨୭।୧୦(ଶଶାଙ୍କଶେଖର ଝାଙ୍କର)**

ଦେବଗଡ଼ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଧଡକ ଚାଲିଛି ବେଆଇନ କୁକୁଡା ଲଢେଇ ଏବଂ ଘୁଡୁଘୁଡି ପଟି ଜୁଆଖେଳ। ଏଥି ସହିତ ଜମୁଛି ମଦ ଓ ଗଞ୍ଜେଇ ଭଳି ବେଆଇନ ମାଦକ ଦ୍ରବ୍ୟର ପସରା । ସେହିପରି ବିଭିନ୍ନ ସମୟରେ ଅପ୍ରତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ହେଲେ ସବୁ ଜାଣି ମଧ୍ୟ କିଛି ନ ଜାଣିଲା ଭଳି ଅଭିନୟ କରୁଛି ଦେବଗଡ ଥାନା ପୋଲିସ । ଫଳରେ ଶହଶହ ଗରିବ ଲୋକ ସର୍ବସ୍ୱାନ୍ତ ହେବା ସହ ପୋଲିସର ଏତାଦୃଶ ନିରବତା ଏବଂ ସାଧୁତା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ହେଉଛି। ସୂଚନା ଅନୁଯାୟୀ ଦେବଗଡ଼ ଥାନାଠାରୁ ମାତ୍ର ୪ କି.ମି ଦୂରତ୍ୱରେ ସାମନ୍ତରାପାଲି ନିକଟସ୍ଥ ଚିରଗୁଣିକୁଦର ମୌଜା ସମେତ ଦେବଗଡ ଥାନାଞ୍ଚଳର ରୁଗୁଡ ଓ ଗୋପାଳପାଲି ଗ୍ରାମ ନିକଟସ୍ଥ ନିର୍ଜନ ସ୍ଥାନରେ ଏଭଳି ବେଆଇନ କୁକୁଡା ଲଢେଇ ଓ ଘୁଡୁଘୁଡି ପଟି ଜୁଆଖେଳ ଚାଲିଛି। ଗତ କିଛି ସପ୍ତାହ ହେଲା ପ୍ରତ୍ୟେକ ବୁଧବାର ଦେବଗଡ଼ ଥାନା ତଥା ବାରକୋଟ ବ୍ଲକ ଅନ୍ତର୍ଗତ ରୁଗୁଡ ଓ ଶନିବାର ଗୋପାଳପାଲି ଗ୍ରାମ ନିକଟସ୍ଥ ନିର୍ଜନ ସ୍ଥାନରେ ଖୋଲମଖୋଲା ଭାବେ ଏଭଳି ବେଆଇନ କାର୍ଯ୍ୟ ଚାଲୁଛି। ଅନୁରୂପ ଭାବେ ଦେବଗଡ଼ ଥାନାଠାରୁ ମାତ୍ର ପ୍ରାୟ ୪ କି.ମି ଦୂରତ୍ୱରେ ସାମନ୍ତରାପାଲି ନିକଟସ୍ଥ ଚିରଗୁଣିକୁଦର ନିକଟରେ ରବିବାର ଏଭଳି ବେଆଇନ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି । ଏହି କ୍ରମରେ ରବିବାର ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରେ ଶହଶହ ଲୋକଙ୍କ ବେଆଇନ କୁକୁଡା ଲଢେଇ ଏବଂ ଘୁଡୁଘୁଡି ପଟି ଜୁଆଖେଳ ସମେତ ଦେଶୀ ମଦର ପସରା ଦେଖିବାକୁ ମିଳିଥିଲା। ସେହିପରି ଆଗାମୀ ଦୀପାବଳି ତିଥିରେ ଉପରୋକ୍ତ ନିତୋଟି ଯାକ ସ୍ଥାନରେ ବଡଧରଣର କୁକୁଡା ଲଢେଇ ଏବଂ ଘୁଡୁଘୁଡି ପଟି ଜୁଆଖେଳ ଆୟୋଜନ ନିମନ୍ତେ ବ୍ୟାପକ ପ୍ରସ୍ତୁତି ସହ ପ୍ରଚାର ପ୍ରସାର ଚାଲିଛି। ତେବେ ସେ ଯାହା ହେଉନା କାହିଁକି ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାସହ ଆଗାମୀ ଦିନରେ ଏଭଳି ବେଆଇନ କାର୍ଯ୍ୟ ରୋକିବାକୁ ସାଧାରଣରେ ଦାବି ହେଉଛି ।

# ଗୋଲାପ ଚାରା ରୋପଣର ଶୁଭାରମ୍ଭ

**ସମ୍ବଲପୁର,୨୭।୧୦(ବି.ଶଙ୍କର)**

ସାହିତ୍ୟ ଅନୁଷ୍ଠାନ କଲମ ପରିବାର ପକ୍ଷରୁ ସମ୍ବଲପୁର ପୁରୁଣା ଆର୍‌ଟିଓ ଅଫିସ ସମ୍ମୁଖ ଗୋଲାପ ଉଦ୍ୟାନରେ ରବିବାର ଗୋଲାପ ଚାରା ରୋପଣର ଶୁଭାରମ୍ଭ ହୋଇଛି। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଲାପ ଚାରା ରୋପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି ଅବସରରେ ବକ୍ତବ୍ୟ ରଖି ସେ କହିଥିଲେ ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ପାର୍କଗୁଡିକୁ ପର୍ଯ୍ୟାୟ କ୍ରମେ ରୂପାନ୍ତରିତ କରାଯିବ । ଏଥିସହ ପାର୍କ ନିକଟସ୍ଥ ମନ୍ଦିର କମିଟି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯିବାକୁ ଚିନ୍ତା କରାଯାଇଛି। ଯଦ୍ଦ୍ୱାରା ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପାର୍କଗୁଡିକ ସହରବାସୀଙ୍କୁ ବିନୋଦନ ଯୋଗାଇପାରିବ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଚନ୍ଦ୍ର ପାଣିଗ୍ରାହୀ, କଲମ ଟ୍ରଷ୍ଟ ଉପସଭାପତି ଜୟକୃଷ୍ଣ ବେହେରା, ସମ୍ପାଦକ କ୍ଷେତ୍ରମଣି ବିଭାର, ସଙ୍ଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀ, କବୟିତ୍ରୀ ପଙ୍କଜିନୀ ନାୟକ, ନାଟ୍ୟ ନିର୍ଦ୍ଦେଶକ ତଥା ମଞ୍ଚ ଅଭିନେତା ସୂର୍ଯ୍ୟ ପାଣିଗ୍ରାହୀ, ପ୍ରଭଞ୍ଜନ ପୁରୋହିତ, ଅନୁଷ୍ଠାନର ସଭ୍ୟମାନଙ୍କ ସମେତ ସହରର ବିଭିନ୍ନ ଅଞ୍ଚଳରୁ କବିମାନେ ଗୋଲାପ ଚାରା ରୋପଣ କରିଥିଲେ।

ସମ୍ବଲପୁର ସହରରେ ଗୋଲାପ ଉଦ୍ୟାନ ନାହିଁ । ତେଣୁ କଲମ ଅନୁଷ୍ଠାନ କର୍ମକର୍ତ୍ତାମାନେ ଗୋଲାପ ଉଦ୍ୟାନ ସକାଶେ ଆଗ୍ରହ ପ୍ରକାଶ କରି ଏକ ସୁନ୍ଦର ଓ ଆକର୍ଷଣୀୟ ଗୋଲାପ ଉଦ୍ୟାନ କରିବାକୁ ସ୍ଥିର କରିଥିଲେ। ବିଭିନ୍ନ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ମଧ୍ୟରେ ଚାରାରୋପଣ ଓ ପାରିପାର୍ଶ୍ୱିକ ଉନ୍ନୟନ ସହ ଗୋଲାପ ଉଦ୍ୟାନର ପରିକଳ୍ପନା କରାଯାଇଥିଲା। କିଛି ମାସ ତଳେ ପୁରଣା ଆର୍‌ଟିଓ ଅଫିସ ସମ୍ମୁଖ ପାର୍କକୁ ଗୋଲାପ ଉଦ୍ୟାନ(ବଗିଚା)ରେ ରୂପାନ୍ତରିତ କରିବା ପାଇଁ ପାର୍କକୁ କଲମ ଟ୍ରଷ୍ଟକୁ ପ୍ରଦାନ କରିବାକୁ ମହାନଗର ନିଗମ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ନେଇ ମହାନଗର ନିଗମ ପକ୍ଷରୁ ଉକ୍ତ ପାର୍କରେ ଗୋଲାପ ଚାରା ଲଗାଇବା ସହ ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ କଲମ ଟ୍ରଷ୍ଟକୁ ପ୍ରଦାନ କରାଯାଇଛି। ତେଣୁ ଆସନ୍ତା ୧ ମାସ ମଧ୍ୟରେ ଉକ୍ତ ପାର୍କରେ ୨୦୦ରୁ ଅଧିକ ବିଭିନ୍ନ ରଙ୍ଗର ଆକର୍ଷଣୀୟ ଗୋଲାପ ଚାରା ରୋପଣ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି କଲମ ପରିବାର ପକ୍ଷରୁ ସୂଚିତ କରାଯାଇଛି।



ରବିବାର ସମ୍ବଲପୁର ଗୋଲାପ ଉଦ୍ୟାନରେ ଗୋଲାପ ଚାରା ରୋପଣ କରାଯାଉଛି।

**ପର୍ଯ୍ୟାୟ କ୍ରମେ ସମସ୍ତ ପାର୍କ ରୂପାନ୍ତରିତ ହେବ**

# ଜିଲ୍ଲା କୃଷକ ସଂଘ ସାମ୍ବିଧାନିକ ନିର୍ବାଚନ



କୃଷକ ସଂଘର ସାମ୍ବିଧାନିକ ନିର୍ବାଚନରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

**ଦେବଗଡ଼,୨୭।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କୃଷକ ସଂଘର ସାମ୍ବିଧାନିକ ନିର୍ବାଚନ ସ୍ଥାନୀୟ ଅଗ୍ରେସନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ନ୍ୟାୟିକ ପରାମର୍ଶଦାତା ବିଭୂତି ଗଙ୍ଗଦେବ ବିବରଣୀ ପାଠ କରିବା ସହ ଜିଲା କର୍ମକର୍ତ୍ତାଙ୍କ ନିର୍ବାଚନ ପ୍ରସ୍ତାବ ଦେଇଥିଲେ। ସ୍ଥାୟୀ ସଭାପତି ପ୍ରମୋଦ କୁମାର ଝାଙ୍କରଙ୍କୁ ସଭା କାର୍ଯ୍ୟ ସଞ୍ଚାଳନ କରିବାକୁ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ କୃଷକ ସମାଜ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତଥା ଜଳାଭାବରୁ ମରୁଡ଼ି, ରୋଗ ପୋକ ସମସ୍ୟା, ଜିଲାରେ ଭୁଲ ହାଇଟେକ ସର୍ଭେକୁ ରଦ୍ଦ କରିବା ଏବଂ ଆଗାମୀ ଦିନରେ ଧାନକିଣା ଠିକ୍ ଭାବେ ହୋଇ କଟନୀଛଟନୀ ରୋକିବା ସହ ଯେଉଁ ସମସ୍ୟା ଉପୁଜୁଛି ତାହାର ସମାଧାନ କରିବା ଦିଗରେ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ପୁନର୍ବାର ପ୍ରମୋଦ କୁମାର ଝାଙ୍କର ନିର୍ଦ୍ୱନ୍ଦରେ ସଭାପତି ପଦ ପାଇଁ ମନୋନୀତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ସୁରେଶ ଚନ୍ଦ୍ର ଦେହୁରୀ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ସାହୁ, ମିଡ଼ିଆ ସଂଯୋଜନା ସମ୍ପାଦକ ଭାବେ ଭୁପେନ୍ଦ୍ର ପ୍ରସାଦ ନାୟକ, ଉପଦେଷ୍ଟା ଭାବେ ସନ୍ତୋଷ କୁମାର ସାହୁ, ଅରୁଣ କୁମାର ସାହୁ, ଯଯାତି ବିଶ୍ୱାଳ, ଅଶୋକ ନନ୍ଦ, ଉମାଶଙ୍କର ସାହୁ, ଚିତ୍ତରଞ୍ଜନ ପ୍ରଧାନ, ଅମରେନ୍ଦ୍ର ଗଙ୍ଗଦେ, ଉପସଭାପତି ଭାବେ ନିରଞ୍ଜନ ବେହେରା, ଅଚ୍ୟୁତ ନାୟକ, ଗୁରୁଚରଣ ସାହୁ, ବିଜୟ ପ୍ରଧାନ ଓ ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ୩ ବ୍ଲକ ଓ ପୌରାଞ୍ଚଳରୁ ସୀମାଞ୍ଚଳ ଦ୍ୱିବେଦୀ, ଶିଶିର ବେହେରା, ଶୁଶୀଲ ନାୟକ,ପବିତ୍ର ନାୟକ, ଜନାର୍ଦ୍ଦନ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ପବିତ୍ର ପ୍ରଧାନ, ସଚ୍ଚିଦାନନ୍ଦ ପଟ୍ଟନାୟକ, ବିଜୟ ଦ୍ୱିବେଦୀ, ଧରଣୀଧର ପ୍ରଧାନ, ଗଣେଶ ମହାନାୟକ, ଲୁଇସ ଟୋପୋ, ଝସକେତନ ପ୍ରଧାନ, ସୋନ୍ତୋସ ପ୍ରଧାନ ସର୍ବସମ୍ମତି କ୍ରମେ ମୋନୋନିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ତିନି ବ୍ଲକର କର୍ମକର୍ତ୍ତା ଓ ପୌରାଞ୍ଚଳର ବହୁ ଚାଷୀ ଯୋଗଦାନ କରିଥିଲେ।

# ତହସିଲଦାର ଖାଉଟି ଅଦାଲତରେ ଦଣ୍ଡିତ

**ସମ୍ବଲପୁର,୨୭।୧୦(ପ୍ରମୋଦ ବହିଦାର)**

**୧ ମାସ ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ ନିର୍ଦ୍ଦେଶ**

ତହସିଲଦାରଙ୍କ ଅବହେଳା ଯୋଗୁ ଏକ ଜମି ବାରମ୍ବାର ବିକ୍ରି ହୋଇଥିବା ଅଭିଯୋଗରେ ବିଚାର କରି ସମ୍ବଲପୁର ଖାଉଟି ଅଦାଲତ ରାୟ ଶୁଣାଇଛନ୍ତି। ଅଦାଲତ ଉକ୍ତ ମାମଲାର ଶୁଣାଣି କରି ନିଜ କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଇ ସମ୍ବଲପୁର ସଦର ତହସିଲଦାରଙ୍କୁ ଆସନ୍ତା ୧ ମାସ ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ ସହିତ ଆବେଦନକାରୀଙ୍କୁ କ୍ଷତିପୂରଣ ବାବଦକୁ ୫ ହଜାର ଓ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ୫ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ସଦର ତହସିଲ ହୀରାକୁଦ ଥାନା ଅନ୍ତର୍ଗତ ଲରପଙ୍କ ମୌଜାର ଏକ ଜମି ବେଆଇନଭାବେ ବାରମ୍ବାର ବିକ୍ରି ହୋଇଥିବା ଅଭିଯୋଗ ହୋଇଥିଲା। ଏସମ୍ପର୍କିତ ସବିଶେଷ ତଥ୍ୟ ପାଇଁ ହୀରାକୁଦ ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ସୁରେନ୍ଦ୍ର ଚୌବେ ଦେଢ଼ବର୍ଷ ହେଲା ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ତଥ୍ୟ ପାଇଁ ଆବେଦନ କରିଥିଲେ। ମାତ୍ର ଉକ୍ତ ତଥ୍ୟ ମିଳିଲା ନାହିଁ। ତେଣୁ ସେ ବାଧ ହୋଇ ସମ୍ବଲପୁର ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସୂଚନା ଅନୁସାରେ ଲରପଙ୍କ ମୌଜାରେ ଭରତ ଚନ୍ଦ୍ର ନାଏକ ଓ ସଞ୍ଜୀବ କୁମାରଙ୍କ ନାମରେ ରେକର୍ଡଭୁକ୍ତ ଏକ ଜମିକୁ ବାରମ୍ବାର ବିକ୍ରୟ କରାଯାଇଛି। ଭରତଙ୍କ ପରଲୋକ ହୋଇସାରଛି। ଜମିବିକ୍ରି ସମୟରେ ସମସ୍ତ ସାବାଳକ ଉତ୍ତରାଧିକାରୀଙ୍କ ଦସ୍ତଖତ ଆବଶ୍ୟକ ହୋଇଥାଏ। ମାତ୍ର ଉକ୍ତ ଜମି ବିକ୍ରୟ ପ୍ରକ୍ରିୟାରେ ଭରତଙ୍କ ଝିଅ ଓ ତାଙ୍କ ବଂଶର ଜଣେ ନାତି ଶାନ୍ତନୁ ପୂଜାରୀ ଉକ୍ତ ଇଜିମାଲି ଜମିରୁ କିଛି ଅଂଶକୁ ହୀରାକୁଦର ସଂଯୁକ୍ତା ସ୍ୱାଇଁଙ୍କୁ ବିକ୍ରି କରି ଦେଇଛନ୍ତି। ସଂଯୁକ୍ତା ପୁନର୍ବାର ଉକ୍ତ ଜମିକୁ କ୍ଷେତରାଜପୁରର ରାଜେଶ କୁମାର ଅଗ୍ରୱାଲଙ୍କୁ ବିକ୍ରି କରିଥିଲେ। ଅଗ୍ରୱାଲ ଉକ୍ତ ଜମିର କିଛିଅଂଶକୁ ପୁଣିଥରେ ଗାନ୍ଧୀନଗରର ନିରାକାର ମିଶ୍ର ଓ ହୀରାକୁଦର ଲୋକନାଥ ପରିଡ଼ାଙ୍କୁ ବିକ୍ରୟ କରି ଦେଇଛନ୍ତି। ଉତ୍ତରାଧିକାରୀଙ୍କ ବିନା ଦସ୍ତଖତରେ ଉକ୍ତ ଜମି ବାରମ୍ବାର ବିକ୍ରୟ ହୋଇଥିବା ବେଳେ ତହସିଲଦାରଙ୍କ ଜାଣତରେ ସବୁ ହୋଇଥିବା ଚୌବେ ଅଭିଯୋଗ କରିଛନ୍ତି। ତେଣୁ ଆର୍‌ଟିଆଇ ଆଧାରରେ ଜୁନ୍ ୨୦୨୩ରେ ସେ ସଦର ତହସିଲଦାରଙ୍କୁ ତଥ୍ୟ ମାଗିଥିଲେ। କିନ୍ତୁ କୌଣସି ତଥ୍ୟ ନ ମିଳିବାରୁ ଜୁଲାଇ ୭ରେ ତହସିଲ କାର୍ଯ୍ୟାଳୟରେ ପ୍ରଥମ ଅପିଲ୍ କରିଥିଲେ। ଫଳରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଆର୍‌ଟିଆଇ ବଦଳରେ ସାର୍ଟିଫାଏଡ୍ କପି ପାଇଁ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା। ତେଣୁ ଚୌବେ ୨୦୨୩ ସେପ୍ଟେମ୍ବର ୨୫ରେ ସାର୍ଟିଫାଏଡ୍ କପି ପାଇଁ ଆବେଦନ କରିଥିଲେ। ହେଲେ ଏକ ବର୍ଷ ପରେ ମଧ୍ୟ ତାଙ୍କୁ ସାର୍ଟିଫାଏଡ କପି ବା ଆର୍‌ଟିଆଇ ତଥ୍ୟ ମିଳି ନ ଥିଲା। ଫଳରେ ସେ ବାଧ ହୋଇ ଗତ ଗତ ମାର୍ଚ୍ଚରେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସମ୍ବଲପୁର ଖାଉଟି ଅଦାଲତ ଅଧ୍ୟକ୍ଷ ଡ. ରମାକାନ୍ତ ଶତପଥୀ ମାମଲାର ଶୁଣାଣି କରି ତହସିଲଦାରଙ୍କ କାର୍ଯ୍ୟରେ ଅବହେଳା ପ୍ରମାଣିତ ହୋଇଥିବା ଦର୍ଶାଇ ଉକ୍ତ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଏକ ମାସ ମଧ୍ୟରେ ଚୌବେଙ୍କ ପକ୍ଷରୁ ଆବେଦନ କରାଯାଇଥିବା ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖାଉଟି ଅଦାଲତ।


**OFFICE OF THE EXECUTIVE ENGINEER, P.H. DIVISION, ANGUL**

Ph. (06764) 296431, Email-eephangul@yahoo.in

**GOVERNMENT OF ODISHA**

Bid Identification No. SE PH Division Angul-15/2024-25 dt. 22.10.2024

No.C-827

| | | | |
|---|---|---|---|
| 1 | Name of the work | : | 01 (one) no. of P.H. Work |
| 2 | Type of Bid | : | Double bid system |
| 3 | Estimated Cost | : | Rs. 83.57 lakhs |
| 4 | Period of completion | : | 03 (three) months |
| 5 | Date & time of availability of bid document in the portal | : | From 11.00 A.M. of 29.10.2024 to 5.00 P.M. of 12.11.2024 |
| 6 | Last date / time of receipt of bids in the portal | : | 5.00 P.M. of 12.11.2024 |
| 7 | Date & time of opening of technical bids | : | 11.00 A.M. of 13.11.2024 |
| 8 | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd./- (Er.Prasanta Behera
Superintending Engineer
P.H. Division, Angul)

OIPR-13056/11/0007/2425



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK**

No.A-480

E-mail ID : exengr.mnd@gmail.com

**'e' Procurement Notice No. - MND-10/2024-25**

The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e-procurement portal www.tendersorissa.gov.in. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO. - 9100 DATED 17.07.2020**

| | | | |
|---|---|---|---|
| 1 | Nature of Work | : | Work in Canal & River Embankment |
| 2 | Total No. of Works | : | 63 (Sixty Three) works |
| 3 | Bid Identification No. | : | MND-10/2024-25 |
| 4 | Tender Cost | : | Rs. 8.00 Lakhs to Rs. 49.5 Lakhs (Approx.) |
| 5 | Class of Contractor | : | "D, C & B" Class |
| 6 | Period of completion | : | 6 (Six) months |
| 7 | Other Details | : | As noted below |
| a) | Procurement Officer | : | Superintending Engineer, Mahanadi North Division-I, Jagtpur email : exengr.mnd@gmail.com Ph. : 0671-2491546 |
| b) | Availability of Tender On-line for bidding | : | 10.00 Hours of 01.11.2024 to 17.30 Hours of 11.11.2024 |
| c) | Last date & time of Submission of bid document | : | 17.30 Hours of 11.11.2024 |
| d) | Last date & time of seeking Clarification | : | 17.30 Hours of 07.11.2024 |
| e) | Date, time & place of Opening of Bid | : | 12.11.2024 at 11.30 Hours in the O/o the Superintending Engineer, Mahanandi North Division-I, Jagatpur |
| f) | Date of Lottery (if required) | : | Will be intimated Later on |

Further details can be seen from the Govt. website **"https://tendersodisha.gov.in"**

Sd./- Superintending Engineer
Mahanadi North Division-I
Jagatpur

OIPR-32003/11/0010/2425

## ସଂକ୍ଷେପରେ

### ୧୩୨ ଲିଟର ମଦ ଜବତ: ଜଣେ ଗିରଫ

ଟେନ୍ସା,୨୭।୧୦ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ସାନିନ୍ଦପୁର ଗ୍ରାମରେ ଥିବା ଏକ ଅସ୍ଥାୟୀ ହୋଟେଲରେ ବିଦେଶୀ ମଦ ବିକ୍ରି ହେଉଥିଲା। କୌଣସିମତେ ସୂଚନା ପାଇ କୋଇଡା ଥାନା ସବ୍‌ଇନ୍ସପେକ୍ଟର ଦେବାଶିଷ ସେନାପତି ଓ ଅନ୍ୟ କର୍ମଚାରୀ ଉକ୍ତ ହୋଟେଲରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଝାଡଖଣ୍ଡ ପଶ୍ଚିମସିଂହଭୂମର ଟକଲୋ ଅଞ୍ଚଳର ଲମ୍ଭୁ ମୁଣ୍ଡା (୫୭)। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ତାଙ୍କ ନିକଟରୁ ୧୩୨ ଲିଟର ମଦ ଜବତ କରି ଏକ ମାମଲା (ନଂ.୧୪୦/୨୪) ରୁଜୁ କରିଛି। ଉଲ୍ଲେଖଯୋଗ୍ୟ, ଲମ୍ଭୁ ବିନା ଲାଇସେନ୍ସରେ ମଦ ବିକ୍ରି କରି ଆସୁଥିଲେ।

### ବେଆଇନ ବାଣ ଜବତ



ରାଜଗାଙ୍ଗପୁର,୨୭।୧୦(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୋଲିସ ବେଆଇନ ବାଣ ବିକ୍ରି କରୁଥିବା ଅଭିଯୋଗରେ ସହରର ସୁବାସଛକ ଠାରେ ଥିବା ଏକ ଦୋକାନରେ ଚଢାଉ କରିଥିଲା। ଚଢ଼ାଉ ସମୟରେ ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହିତ ବିକ୍ରେତା ରବି ପାଲଙ୍କୁ ପୋଲିସ ଗିରଫ କରିଛି। ରାଜଗାଙ୍ଗପୁର ଥାନାର ଦମୟନ୍ତୀ ମହନ୍ତ, ହେମନ୍ତ ଧାରୁଆ, ପ୍ରଶାନ୍ତ ସେନାପତି, ଝରଣା ସ୍ୱାଇଁ ପ୍ରମୁଖ ପୋଲିସ ଅଧିକାରୀ ଏହି ଚଢାଉରେ ସାମିଲ ହୋଇଥିଲେ।

### ଡିସେମ୍ବର ୨୦ରୁ ଝରଝରା ଲୋକ ମହୋତ୍ସବ

ରାଜଗାଙ୍ଗପୁର,୨୭।୧୦(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଲୋକ ମହୋତ୍ସବ ଝରଝରା ଡିସେମ୍ବର ୨୦ରୁ ଅନୁଷ୍ଠିତ ହେବ। ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରବିବାର ସନ୍ଧ୍ୟାରେ ଝରଝରା କମିଟି ସଭାପତି ଆନନ୍ଦ ଅଗ୍ରୱାଲ (ପପୁ ବାବୁ) ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଞ୍ଚଳବାସୀ ଏଥିରେ ସହଯୋଗ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ଆସଫାକ ଗୁଲ୍ଜା, ସମ୍ପାଦକ ଅଶୋକ ଦାସ, କୋଷାଧ୍ୟକ୍ଷ ପୱନ ଅଗ୍ରୱାଲଙ୍କ ସହିତ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ମହୋତ୍ସବ ଡିସେମ୍ବରରେ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଥିଲେ ମଧ୍ୟ ତାରିଖ ନିର୍ଦ୍ଧାରିତ ହୋଇ ନ ଥିଲା।

### ଦେବଦେବୀଙ୍କ ଫଟୋ ଥିବା ବାଣ ବିକ୍ରି ବନ୍ଦ ଦାବି

ସରଣ୍ଡା, ୨୭।୧୦(ଯୁଧିଷ୍ଠିର ମହାପାତ୍ର)

ଦେବଦେବୀଙ୍କ ଫଟୋ ଥିବା ବାଣ ବିକ୍ରି ଉପରେ ରୋକ୍ ଲଗାଇବା ଦାବି ନେଇ ରବିବାର ବରଗଡ଼ ଜିଲା ଅତାବିରା ବିଶ୍ୱ ହିନ୍ଦୁ ପରିଷଦ ଅତାବିରା ପ୍ରଖଣ୍ଡ ପକ୍ଷରୁ ଅତାବିରା ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଆସନ୍ତା ଦୀପାବଳିରେ ଅତାବିରା ବ୍ଲକ ଅଞ୍ଚଳରେ ହିନ୍ଦୁ ଦେବଦେବୀଙ୍କ ଫଟୋ ଚିତ୍ର ଲାଗିଥିବା ବାଣ ବିକ୍ରି ଉପରେ ରୋକ ଲଗାଯାଉ। କାରଣ ଏହା ହିନ୍ଦୁ ଧର୍ମ ପ୍ରତି କୁଠାରଘାତ ସହିତ ଭାରତୀୟ ସମ୍ବିଧାନ ୨୯୫ ଏ ଆଇନର ମଧ୍ୟ ଖୁଲମଖୁଲା ଉଲ୍ଲଂଘନ ହେଉଛି । ଦେବଦେବୀଙ୍କ ଫଟୋ ଚିତ୍ର ଲାଗିଥିବା ବାଣ ବିକ୍ରି କଲେ ବିକ୍ରେତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଅତାବିରା ପ୍ରଖଣ୍ଡ ସଭାପତି ମନୀଷ ଶର୍ମାଙ୍କ ନେତୃତ୍ୱରେ ଦାବିପତ୍ର ଦେବା ସମୟରେ ଅଶ୍ୱିନୀ ମେହେର, ଅଜୟ କୁମାର ମହାପାତ୍ର, ଛନ୍ଦା ଚରଣ ମେହେର, ମାନସ ରଞ୍ଜନ ସାହୁ, ବିଶ୍ୱଜିତ ଭୋଇ, ଭରତ ସେଟ ପ୍ରମୁଖ ଉପସ୍ଥିତ ଥିଲେ।

# କଣ୍ଟିଆମୁରା ଫୁଟ୍‌ବଲ ଟୁର୍ନାମେଣ୍ଟ:ଗିରିପଡ଼ା ଚାମ୍ପିୟନ

ବଡ଼ଗାଁ.୨୭।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ କଣ୍ଟିଆମୁରା ଗ୍ରାମର ଖେଳ ପଡିଆଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଟିମ ଅଂଶଗ୍ରହଣ କରିଥିବା ଏହି ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଗିରୀପଡା ଟିମ ଗରଗଡବାହାଲ ଟିମକୁ ୧-୦ ଗୋଲରେ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ କିଞ୍ଜିରକେଲା ଟିମକୁ ୩-୦ ଗୋଲରେ ହରାଇ ଲିଟିପଡା ଟିମ ଫାଇନାଲକୁ ପ୍ରବେଶ କରିଥିଲା। ସଂଘର୍ଷ ପୂର୍ଣ୍ଣ ଫାଇନାଲ ମ୍ୟାଚରେ ଗିରୀପଡା ଟିମ ପେନାଲଟି କିକ ଜରିଆରେ ଲିଟିପଡା ଟିମକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଫୁଲବାରୀ ସରପଞ୍ଚ ଯୋଗିନ୍ଦ୍ର କିସାନ, ତୁଡାଲଗା ସରପଞ୍ଚ ସୁଦୀପ ବାଡା, ପୂର୍ବତନ ସରପଞ୍ଚ ଗୟା କିସାନ, ବସନ୍ତ ଡନସନା, ବିକ୍ରମ ଟପ୍ପୋ, ପୂର୍ବତନ ସମିତି ସଭ୍ୟ ସୁରେନ ବାଗେ, ପୂର୍ବତନ ଭାଇସ ଚେୟାରମେନ ରତ୍ନାକର ସା, ଅବସରପ୍ରାପ୍ତ ଡାକ ବିଭାଗ କର୍ମଚାରୀ କପିଳେଶ୍ୱର ମାଝୀ, ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡ଼ଙ୍ଗୀ, ଶିକ୍ଷକ ଏଫ୍ରେମ ଜନ ଟପ୍ପୋ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଗିରୀପଡା ଟିମ ଓ ରନର୍ସ ଲିଟିପଡା ଟିମକୁ ଖାସି ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲାବେଳେ ତୃତୀୟ ସ୍ଥାନ ପାଇଥିବା ଗରଗଡବାହାଲ ଟିମ ଓ ଚତୁର୍ଥ ସ୍ଥାନ ପାଇଥିବା କିଞ୍ଜିରକେଲା ଟିମକୁ ୨ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ମେନ ଅଫ ଦି ମ୍ୟାଚ ହୋଇଥିବା ଗିରୀପଡା ଟିମର ବିକାଶ କିସାନ, ବେଷ୍ଟ ଡିଫେନଡର ଭାବେ ଶ୍ୟାମ ଲାକ୍ରା, ବେଷ୍ଟ ଗୋଲ କିପର ଭାବେ ଲିଟିପଡା ଟିମର ଦୀପକ ବାଗେ ଓ ବେଷ୍ଟ ଭଲେନଟିୟର ଭାବେ ବୁନୁ କିସାନ ଓ ଛବିଲ କିସାନଙ୍କୁ ପୁରସ୍କୃତ କରାଯାଇଥିଲା। ରାଜେଶ ଛତ୍ରିଆ, ନରେଶ ବାଗ ଓ ସରୋଜ ବାଗ ଖେଳ ପରିଚାଳନା କରିଥିଲାବେଳେ ଆୟୋଜକ କମିଟିର ସଦସ୍ୟ ବାବଲୁ ଖଡିଆ, ଖତୁ କିସାନ, ବାବଲା କିସାନ, ଜୟ କେତନ କିସାନ, ଆଲୋକ କୁମାର ମାଝି, ରାଜା ସା, ଛୁନୁ କିସାନ, ବୁବୁନ କିସାନ, ରୋସନ ଖଡିଆ, ଚିନ୍ମୟ ସା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଶିକ୍ଷକ ଦିବ୍ୟ ଲୋଚନ ସା ଖେଳ ଧାରା ବିବରଣୀ ଦେଇଥିଲେ।



ଖେଳାଳିଙ୍କୁ ସାକ୍ଷାତ କରିବାକୁ ଯାଉଛନ୍ତି ଅତିଥି।

# ଅନୁସୂଚିତ ଜାତି, ଜନଜାତି ଏକତା ମଞ୍ଚ ବୈଠକ



ବ୍ଲକ ଅଧ୍ୟକ୍ଷା ବୈଠକରେ ଆଲୋଚନା କରୁଛନ୍ତି।

ବଡ଼ଗାଁ,୨୭।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଅନୁସୂଚିତ ଜନଜାତି ଓ ଜାତି ଏକତା ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଡ଼ଗାଁ ବ୍ଲକ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ରାଉରକେଲାର ଓକିଲ ବାଗୀ ଲାକ୍ରା, ବାମରା ବ୍ଲକ ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସଏ, ପୂର୍ବତନ ସରପଞ୍ଚ ସନ୍ତୋଷ ଧନୁଆର, ଏକତା ମଞ୍ଚର ସଙ୍ଗଠକ ବସନ୍ତ ଡନସନା, କପିଳେଶ୍ୱର ମାଝୀ, ଇନ୍ଦ୍ରମଣି କିସାନ, ଏଫ୍ରେମ ଟପ୍ପୋ, ଫିଲୋସଫର ତିର୍କୀ, ବିଶୁ ପୋଢ, ବିକ୍ରମ ଟପ୍ପୋଙ୍କ ସହିତ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ। ସେଠାରେ ଜନ ପ୍ରତିନିଧି ଓ ସାମାଜିକ କର୍ମକର୍ତ୍ତାମାନେ ଅନୁସୂଚିତ ଜନଜାତି ଓ ଜାତି ଲୋକଙ୍କ ମଧ୍ୟରେ ଏକତାର ଅଭାବ ଓ ଅବହେଳିତ ଜୀବନ ଯାପନର ସୁଯୋଗ ନେଇ ସାମ୍ବିଧାନିକ ଅଧିକାରରୁ କ୍ଷୁର୍ଣ୍ଣ କରିବାକୁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ଉଠାଇଥିଲେ। ଅନୁସୂଚିତ ଜନଜାତି ଓ ଜାତିଙ୍କ ଆରକ୍ଷଣ ଉପରେ ବର୍ଗୀକରଣ, ୧୯୭୫ରେ ଗରିବ କୃଷକଙ୍କୁ ମିଳିଥିବା ୪୫ ବର୍ଷ ଖଜଣା ନେଲାପରେ ପଟ୍ଟା ଦେବା ପରିବର୍ତ୍ତେ ୨୦୨୦ ମସିହାରେ ଚାଷୀଙ୍କୁ ନ ଜଣାଇ ସରକାର୍ ନେଇଯିବା, ସମ୍ବିଧାନରେ ନିର୍ଦ୍ଧାରିତ ଆରକ୍ଷଣର ସଂଖ୍ୟା ଅନୁସାରେ ଏସସି ଏସସିଙ୍କୁ ସବୁ ସରକାରୀ ବିଭାଗରେ ଚାକିରି ମିଳୁନାହିଁ, ଆଟ୍ରୋସିଟି ଏକ୍ଟ ଅନୁଯାୟୀ ଉପଯୁକ୍ତ ବିଚାର ବିମର୍ଷ ହେଉନାହିଁ ଯଦ୍ୱାରା ଅଭିଯୁକ୍ତ ମୁକ୍ତି ପାଇ ଯାଉଛି। ଏହିପରି କେତେକ ଅଭିଯୋଗ, ସମସ୍ୟା ଓ ଦାବିକୁ ନେଇ ଆଗାମୀ ଦିନରେ କ'ଣ ପଦକ୍ଷେପ ନିଆଯିବ ସେ ନେଇ ଆଲୋଚନା ହୋଇଥିଲା।

# ବୀର ବିର୍ସାମୁଣ୍ଡା ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଜଗାଙ୍ଗପୁର,୨୭।୧୦ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଥିବା ବିର ବିର୍ସାମୁଣ୍ଡା ଜୟନ୍ତି କମିଟି ଦ୍ୱାରା ରବିବାର ରାଣିବନ୍ଧ ସ୍ଥିତ ଖେଳ ପଡିଆରେ ବିର ବିର୍ସାମୁଣ୍ଡା ନକଆଉଟ ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥିଭାବେ ଟ୍ରକ ମାଲିକ ସଂଘର ସଭାପତି ଜଗନ୍ନାଥ ଯାଦବ ଓ ସମ୍ପାଦକ ରାକେଶ ନନ୍ଦା ପ୍ରମୁଖ ଯୋଗଦେଇ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପତାକା ଉତ୍ତୋଳନ କରି ଟୁର୍ନାମେଣ୍ଟ ଉଦ୍‌ଘାଟିତ କରିଥିଲେ। ସୂଚନାଯୋଗ୍ୟ, ଏହି ଟୁର୍ନାମେଣ୍ଟରେ ୬୪ଟି ହକିଦଳ ଭାଗ ନେବେ। ଏହା ନଭେମ୍ବର ୧୫ ତାରିଖ ବିରବିର୍ସାମୁଣ୍ଡା ଜୟନ୍ତି ଦିନ ଉଦଯାପିତ ହେବ। କମିଟିର ସଭାପତି ଜୋନ ହେମ୍ବ୍ରମ, ସମ୍ପାଦକ ବିଜୟ କୁଜୁର, ନମନ କେରକେଟା, ଜୁଗଲ କେରକେଟା ଓ କମିଟିର ଅନ୍ୟ ସଦସ୍ୟ ମାନଙ୍କ ଦ୍ୱାରା ଏହା ପରିଚାଳିତ ହେଉଛି।



ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ଗଣ୍ଡ ସମାଜ ବୈଠକ

ପାଇକମାଲ,୨୭।୧୦(ବଡ଼ ଶତପଥୀ)

ପାଇକମାଲ ବ୍ଲକ ଝିଟିକି ପଞ୍ଚାୟତ ଧାନମଣ୍ଡିଠାରେ ରବିବାର ଝିଟିକି ସର୍କଲର ବଜାରୁ ଧରୁଆଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଝିଟିକି ସର୍କଲର ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ରଞ୍ଜନ ମାଝୀ, ଉପ ସଭାପତି ନବୀନ ଧରୁଆ, ସମ୍ପାଦକ ବିନୋଦ ଧରୁଆ, ସହ ସମ୍ପାଦକ ଖଗେଶ୍ୱର ମାଝୀ, କୋଷାଧ୍ୟକ୍ଷ କ୍ଷିତରାଜ ଗଏଁତା, ସହ କୋଷାଧ୍ୟକ୍ଷ ହରି ଧରୁଆକୁ ମନୋନୀତ କରାଯାଇଛି। ସଭାରେ ପୂର୍ଣ୍ଣମୀ ଧରୁଆ, ଗମତି ଧରୁଆ, ଦୋଳମତୀ ଧରୁଆ, ପୁନେ ଧରୁଆ, ଗୁଳ ଧରୁଆ, ପ୍ରଦୀପ ମାଝୀ, ବିରଞ୍ଚି ଧରୁଆ, ନାରାୟଣ ଧରୁଆ, ହରି ମାଝୀ, ଶିବରାଜ ଗଏଁତା, ଗନ୍ଧର୍ବ ମାଝୀ, ଶୁଦ୍ରସିଂ ଧରୁଆ, ଦେବାର୍ଚ୍ଚନ ଧରୁଆ, ଜେପାଳ ଧରୁଆ, ରତ୍ନାକର ଧରୁଆ, ବୁଦ୍ଧୁ ମାଝୀ, ଅମର ଧରୁଆ, ଜୟ ଧରୁଆ, ଲାଲଚନ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ଷିତରାଜ ଗଏଁତା ଧନ୍ୟବାଦ ଦେଇଥିଲେ।

# କୁଆଁରମୁଣ୍ଡା ବିଡିଓଙ୍କ ବଦଳି

କୁଆଁରମୁଣ୍ଡା,୨୭।୧୦(ମହେନ୍ଦ୍ର କୁମାର ସାହୁ)

ଗତ କିଛି ମାସ ହେଲା ବ୍ଲକର କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ବିବାଦୀୟ ହୋଇପଡ଼ିଥିବା କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡେକଙ୍କ ବଦଳି ସୁବର୍ଣ୍ଣପୁର ଜିଲା ତର୍ଭା ବ୍ଲକକୁ ହୋଇଛି। ଅନ୍ୟପକ୍ଷରେ ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକର ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ କୁଆଁରମୁଣ୍ଡା ବ୍ଲକ ବିଡିଓଭାବେ ବଦଳି ହୋଇଥିବା ରବିବାର ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ପ୍ରକାଶ ପରେ କୁଆଁରମୁଣ୍ଡା ବ୍ଲକର ସମସ୍ତ କର୍ମଚାରୀ ବିଶେଷ କରି ମହିଳା କର୍ମଚାରୀମାନେ ବିଡିଓ ବୁଡେକଙ୍କ ବଦଳି ପାଇଁ ଉତ୍ସାହିତ ହେବା ସହ ଜିଲା ପ୍ରଶାସନ ଏପରିକି ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

# ସଟ୍ଟା ଖେଳ ବେଳେ ଚଢ଼ାଉ: ୧୦ ଗିରଫ

ବନ୍ଧମୁଣ୍ଡା,୨୭।୧୦(ସୁବ୍ରତ ଦେ)

ବିଶ୍ରା ରେଲୱେ ଷ୍ଟେଶନ ନିକଟରେ ସଟ୍ଟା ଖେଳୁ ଥିବା ବେଳେ ୮ ଜଣ ଯୁଆଡିଙ୍କୁ ବିଶ୍ରା ପୋଲିସ ଗିରଫ କରିଛି। ସେମାନଙ୍କ ପାଖରୁ ପୋଲିସ ୩,୫୮୦ ଟଙ୍କା ସମେତ ଗୋଟିଏ ବାଇକ, ସଟ୍ଟା ବୋର୍ଡ ଜବତ କରିଛି। ସମସ୍ତ ଅଭିଯୁକ୍ତମାନଙ୍କୁ ଥାନାରେ ନୋଟିସ ଦେଇ ଛଡ଼ା ଯାଇଛି। ସୂଚନାଯୋଗ୍ୟ ଯେ, ବିଶ୍ରା ଅଞ୍ଚଳର ସତ୍ୟବାଦୀ ସ୍କୁଲ ନିକଟରେ ପ୍ରାୟ ଏକ ମାସ ଧରି ନିୟମିତ ଭାବେ ସଟ୍ଟା ଖେଳ ଚାଲିଛି। ଯାହାକୁ ସ୍ଥାନୀୟ ଲୋକ କ୍ରମାଗତ ଭାବେ ବିରୋଧ କରି ଆସୁଥିଲେ। ସେହିପରି ବନ୍ଧମୁଣ୍ଡା ତିଲକାନଗର ଫୁଟବଲ ପଡ଼ିଆଠାରେ ଜୁଆ ଖେଳୁ ଥିବାବେଳେ ପୋଲିସ ୨ ଜୁଆଡ଼ିଙ୍କୁ ଗିରଫ କରିଛି। ଗିରଫ ପରେ ସେମାନଙ୍କୁ ଥାନାରେ ନୋଟିସ ଦେଇ ଛଡାଯାଇଛି। ପୋଲିସ ସେମାନଙ୍କ ନିକଟରୁ ୧,୨୭୦ ଟଙ୍କା ଜବତ କରିଛି।



ଗିରଫ ଅଭିଯୁକ୍ତମାନେ।

### ଆନ୍ତଃ ମହାବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବରଗଡ଼ ଜିଲା ତୋରା ସ୍ନାତକ ମହାବିଦ୍ୟାଳୟରେ ରବିବାର ଆନ୍ତଃ ମହାବିଦ୍ୟାଳୟ ଗ୍ରୁପ୍-ଏର ଫୁଟ୍‌ବଲ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଭାତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ରମ୍ଭେଲା ଡିଗ୍ରୀ ମହାବିଦ୍ୟାଳୟ ଏବଂ ସୁନ୍ଦରଗଡ଼ ଜିଲା ଡୁଡୁକା ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରବିବାର ୬ଟି ମ୍ୟାଚ୍ ହୋଇଥିଲା। ଏହି ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।


**OFFICE OF THE EXECUTIVE ENGINEER, P.H. DIVISION, ANGUL**

No.C-827

Ph. (06764) 296431, Email-eephangul@yahoo.in

**GOVERNMENT OF ODISHA**

**Bid Identification No. SE PH Division Angul-15/2024-25 dt. 22.10.2024**

| | | | |
|---|---|---|---|
| 1 | Name of the work | : | 01 (one) no. of P.H. Work |
| 2 | Type of Bid | : | Double bid system |
| 3 | Estimated Cost | : | Rs. 83.57 lakhs |
| 4 | Period of completion | : | 03 (three) months |
| 5 | Date & time of availability of bid document in the portal | : | From 11.00 A.M. of 29.10.2024 to 5.00 P.M. of 12.11.2024 |
| 6 | Last date / time of receipt of bids in the portal | : | 5.00 P.M. of 12.11.2024 |
| 7 | Date & time of opening of technical bids | : | 11.00 A.M. of 13.11.2024 |
| 8 | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd./- (Er.Prasanta Behera
Superintending Engineer
P.H. Division, Angul)

OIPR-13056/11/0007/2425


# ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଅନୁଷ୍ଠାନ ତରଫରୁ ବିକାଶ ଅନ୍ୱେଷଣ କାର୍ଯ୍ୟକ୍ରମ

ସୁନ୍ଦରଗଡ,୨୭।୧୦(ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ଜେଡିଆର୍ ପରିସରରେ ବିକାଶ ଗ୍ରୁପ ଅଫ ଅନୁଷ୍ଠାନ ତରଫରୁ ବିକାଶ ଅନ୍ୱେଷଣ ଓ ବିଦ୍ୟା ସେତୁ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ସେମାନଙ୍କ ଅଭିଭାବକଙ୍କ ସହ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଦଶମ ଶ୍ରେଣୀ ପରେ ଛାତ୍ରୀଛାତ୍ରଙ୍କୁ ଭଲ ଏଜୁକେସନର ମାର୍ଗ ଦେଖାଇବା। ପୂର୍ବରୁ ଅଭିଭାବକମାନେ ତାଙ୍କ ପିଲାଙ୍କୁ ଭଲ ବିଦ୍ୟାଳୟରେ ପାଠ ପଢ଼ାଇବା ନେଇ ଚିନ୍ତିତ ହେବା ସହ ନିଜେ ବିଭିନ୍ନ ବିଦ୍ୟାଳୟରେ ଉପସ୍ଥିତ ରହି ବିଚାର ବିମର୍ଷ କରୁଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବିଦ୍ୟା ବିକାଶ ଗ୍ରୁପ ଶିକ୍ଷା ଅନୁଷ୍ଠାନ ଏକ ନିଆରା ପରମ୍ପରା ସୃଷ୍ଟି କରିଛି। ଏହି ଅନୁଷ୍ଠାନ ସୁନ୍ଦରଗଡ଼ରେ ଛାତ୍ରୀଛାତ୍ର ଏବଂ ଅଭିଭାବକ ନିକଟରେ ପହଞ୍ଚିଛି । ଗୋଟିଏ ପଟେ ସବୁ ଅଭିଭାବକଙ୍କ ସମୟକୁ ବଞ୍ଚାଇବା ସହ ଶିକ୍ଷା କ୍ଷେତ୍ରରେ ଆସିଥିବା ଉପାଦେୟ ତଥ୍ୟକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଛି । ଆଗାମୀ ଭବିଷ୍ୟତକୁ ଦେଖି ପାଠ ପଢ଼ାର ଶୈଳୀକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ବିଦ୍ୟା ବିକାଶ ଆଗଉଥିବା କଥା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ କହିଛନ୍ତି। ବିଦ୍ୟା ବିକାଶ ଗ୍ରୁପର ସମସ୍ତ ଅନୁଷ୍ଠାନ ପାଠପଢାର ଏକ ଉତ୍ତମ ବାତାବରଣ ରଖିଛି । କୌଣସି ଛାତ୍ରୀଛାତ୍ର ଯେପରି ନିଜକୁ ଏକୁଟିଆ ବଞ୍ଚିବାର କଥା ଅନୁଭବ ନ କରନ୍ତି ସେ ସମସ୍ତ ଦିଗରେ ଏହି ଗ୍ରୁପ ଅଫ ଅନୁଷ୍ଠାନ ସତର୍କ ଥିବା କଥା ସ୍ପଷ୍ଟ କରିଛି। ସ୍କୁଲ ନିର୍ଘଣ୍ଟ ପରେ ମଧ୍ୟ ସ୍କୁଲର କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତ୍ୟେକ ପିଲାଙ୍କ ପାଖରେ ପହଞ୍ଚି ପାଠ ପଢ଼ାରେ ରହୁଥିବା ସମସ୍ୟାର ସମାଧାନ କରିବା ସହ ସେହି ଛାତ୍ରୀଛାତ୍ର ମାନେ ଯେପରି ସହଜରେ ପାଠ ପଢାରେ ଅଗ୍ରସର ହେବେ ସେ ନେଇ ସମସ୍ତ ପଦକ୍ଷେପ ନେଇଥାନ୍ତି। ବିଦ୍ୟା ବିକାଶ ଗ୍ରୁପ ଅଫ ଅନୁଷ୍ଠାନ ସମ୍ବଲପୁର ଓ ଝାରସୁଗୁଡ଼ା ତରଫରୁ ବିକାଶ ଅନ୍ୱେଷଣ ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ 'ବିଦ୍ୟା ସେତୁ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିକାଶ ସିବିଏସଇର ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିକାଶ ଦ କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟା ବିକାଶ ଗ୍ରୁପର ମାର୍କେଟିଂ ମ୍ୟାନେଜର ସୁବଳ ପ୍ରଧାନ ଓ ଏଜିଏମ ଶ୍ରବଣ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।


**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK**

No.A-480

E-mail ID : exengr.mnd@gmail.com

**'e' Procurement Notice No. - MND-10/2024-25**

The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e-procurement portal www.tendersorissa.gov.in. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO. - 9100 DATED 17.07.2020**

| | | | |
|---|---|---|---|
| 1 | Nature of Work | : | Work in Canal & River Embankment |
| 2 | Total No. of Works | : | 63 (Sixty Three) works |
| 3 | Bid Identification No. | : | MND-10/2024-25 |
| 4 | Tender Cost | : | Rs. 8.00 Lakhs to Rs. 49.5 Lakhs (Approx.) |
| 5 | Class of Contractor | : | "D, C & B" Class |
| 6 | Period of completion | : | 6 (Six) months |
| 7 | Other Details | : | As noted below |
| a) | Procurement Officer | : | Superintending Engineer, Mahanadi North Division-I, Jagtpur email : exengr.mnd@gmail.com Ph. : 0671-2491546 |
| b) | Availability of Tender On-line for bidding | : | 10.00 Hours of 01.11.2024 to 17.30 Hours of 11.11.2024 |
| c) | Last date & time of Submission of bid document | : | 17.30 Hours of 11.11.2024 |
| d) | Last date & time of seeking Clarification | : | 17.30 Hours of 07.11.2024 |
| e) | Date, time & place of Opening of Bid | : | 12.11.2024 at 11.30 Hours in the O/o the Superintending Engineer, Mahanandi North Division-I, Jagatpur |
| f) | Date of Lottery (if required) | : | Will be intimated Later on |

Further details can be seen from the Govt. website **"https://tendersodisha.gov.in"**

Sd./- Superintending Engineer
Mahanadi North Division-I
Jagatpur

OIPR-32003/11/0010/2425

## ଉତ୍ତର ଗାଜାରେ ଇସ୍ରାଏଲ୍‌ର ଆକ୍ରମଣ: ୨୨ ମୃତ

ଦେଇର୍ ଅଲ୍-ବଲାହ୍,୨୭।୧୦

ଗାଜାର ଉତ୍ତରାଞ୍ଚଳରେ ଇସ୍ରାଏଲୀ ସେନା ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ହୋଇଥିବା ଆକ୍ରମଣରେ ଅନ୍ୟୂନ ୨୨ ଜଣଙ୍କ ମୃତ୍ୟୁ ଘଟିବା ସହ ୧୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୧ ମହିଳା ଏବଂ ୨ ଜଣ ଶିଶୁ ରହିଛନ୍ତି। ବେଇଟ୍ ଲାହିୟା ସହରର ଏକାଧିକ ଘର ଓ ବିଲ୍ଡିଂ ଉପରେ ବୋମାମାଡ଼ କରାଯାଇଥିଲା। ଇସ୍ରାଏଲୀ ସେନା ୩ ସପ୍ତାହ ହେଲା ଉତ୍ତର ଗାଜାରେ ଆକାଶମାର୍ଗରୁ ଆକ୍ରମଣ କରିବା ସହ ସ୍ଥଳଭାଗରେ ଆକ୍ରମଣ ଜାରି ରଖିଛି। ଉକ୍ତ ଅଞ୍ଚଳରେ ହମାସ୍ ଆତଙ୍କବାଦୀମାନେ ପୁନର୍ବାର ସଂଗଠିତ ହେଉଥିବା ଇସ୍ରାଏଲ୍ କହିଛି। ଗତବର୍ଷ ଅକ୍ଟୋବର ୭ରୁ ଇସ୍ରାଏଲ୍ ହମାସ୍ ବିରୋଧରେ ଯୁଦ୍ଧ ଚଳାଇଥିବାବେଳେ ଏଥିରେ ୪୨,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମହିଳା ଓ ଛୋଟ ପିଲା। ଉପକୂଳ ଅଞ୍ଚଳରୁ ୯୦ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ପଳାଇ ଯାଇଥିବାବେଳେ ଲକ୍ଷ ଲକ୍ଷ ଲୋକ ଟେଣ୍ଟ ତଳେ ଆଶ୍ରୟ ନେଇଛନ୍ତି।




## କ'ଣ କହୁଛି ସର୍ଭେ

ଏମର୍ସନ କଲେଜ ପୋଲିଂ ପକ୍ଷରୁ ଶନିବାର ଜାରି କରାଯାଇଥିବା ସର୍ଭେ ଅନୁସାରେ ଉଭୟ ଡେମୋକ୍ରାଟ୍ କମଳା ହାରିସ୍ ଏବଂ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପଙ୍କ ସପକ୍ଷରେ ୪୯% ମତଦାତା ରହିଛନ୍ତି। ଅକ୍ଟୋବର ୨୩-୨୪ରେ କରାଯାଇଥିବା ଏହି ସର୍ବେକ୍ଷଣ ଦର୍ଶାଉଛି ଯେ, ହାରିସ୍‌ଙ୍କ ପ୍ରଦର୍ଶନ ଟ୍ରମ୍ପଙ୍କ ତୁଳନାରେ ଉନ୍ନତ ହେବାରେ ଲାଗିଛି। ପୂର୍ବ ସପ୍ତାହରେ ଟ୍ରମ୍ପଙ୍କ ସପକ୍ଷରେ ୪୯% ଓ ହାରିସ୍‌ଙ୍କ ସମର୍ଥନରେ ୪୮% ଭୋଟର ରହିଥିବା କୁହାଯାଇଥିଲା। ଏମର୍ସନ କଲେଜ ପୋଲିଂ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସ୍ପେନ୍‌ସର କିମ୍ବାଲ୍ଲ କହିଛନ୍ତି, ୨୦୨୦ରେ ଟ୍ରମ୍ପଙ୍କ ସପକ୍ଷରେ ୪୨% ପୁରୁଷ ଭୋଟର ମତ ଦେଇଥିବାବେଳେ ଆଗାମୀ ନିର୍ବାଚନରେ ୧୩ ପଏଣ୍ଟ ବୃଦ୍ଧି ପାଇ ୫୫ ପ୍ରତିଶତକୁ ଛୁଇଁଛି। ଅନ୍ୟପକ୍ଷେ ୨୦୨୦ରେ ଜୋ ବାଇଡେନ୍‌ଙ୍କୁ ୪୪% ମହିଳା ସମର୍ଥନ କରିଥିଲେ। ଏଥର ହାରିସ୍‌ଙ୍କ ସପକ୍ଷରେ ଆଉ ୧୦ ପଏଣ୍ଟ ବୃଦ୍ଧି ପାଇ ମହିଳା ଭୋଟରଙ୍କ ସମର୍ଥନ ହାର ୫୪%କୁ ଛୁଇଁଛି। ତେବେ ଆଗାମୀ ନିର୍ବାଚନରେ ଟ୍ରମ୍ପଙ୍କ ବିଜୟ ନେଇ ୫୦% ଆମେରିକୀୟ ନିଶ୍ଚିତ ଥିବାବେଳେ ହାରିସ୍ ଜିତିବେ ବୋଲି ୪୯% ଆଶାବାଦୀ ଥିବା ସଦ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି।

"ଆମେରିକୀୟ ପୁରୁଷ ଓ ନିଷ୍ପତ୍ତି ନେଇ ନ ଥିବା ଭୋଟରମାନେ ଡେମୋକ୍ରାଟିକ୍ ପ୍ରାର୍ଥୀ କମଳା ହାରିସ୍‌ଙ୍କୁ ଜିତାଇ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରନ୍ତୁ। ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପଙ୍କୁ ଭୋଟ ଦେବାର ତାତ୍ପର୍ଯ୍ୟ ହେଉଛି ମହିଳାଙ୍କ ବିରୋଧରେ ମତଦାନ। ଟ୍ରମ୍ପ୍ ଜିତିଲେ ତାଙ୍କ ନୀତି ଓ ନିଷ୍ପତ୍ତିଗୁଡ଼ିକ କେବଳ ମହିଳାଙ୍କୁ ପ୍ରଭାବିତ କରିବ ନାହିଁ, ଏହାର ଦୁଷ୍ପରିଣାମ ସେମାନଙ୍କ ପୁଅମାନେ ମଧ୍ୟ ଭୋଗିବେ।



ମିଶେଲ ଓବାମା, ପୂର୍ବତନ ଫାଷ୍ଟ ଲେଡି

## ୫୦ ବିମାନ, ୧୦ ହୋଟେଲକୁ ବୋମା ଧମକ

ନୂଆଦିଲ୍ଲୀ/ଲକ୍ଷ୍ନୌ,୨୭।୧୦

ଭାରତୀୟ ଏୟାରଲାଇନ୍ସର ୫୦ ବିମାନ ଏବଂ ଲକ୍ଷ୍ନୌର ୧୦ଟି ହୋଟେଲ୍‌କୁ ରବିବାର ବୋମା ଧମକ ମିଳିଛି। ୧୪ ଦିନ ମଧ୍ୟରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକର ୩୫୦ରୁ ଊର୍ଦ୍ଧ୍ୱ ବିମାନକୁ ଏଭଳି ହୋକ୍ସ ବୋମା ଧମକ ମିଳିଥିବାବେଳେ ଦୁଇଦିନରେ ୨୨ ହୋଟେଲକୁ ଏଭଳି ଧମକପୂର୍ଣ୍ଣ ବାର୍ତ୍ତା ଆସିଲାଣି। ରବିବାର ଆକାଶ ଏୟାରର ୧୫ଟି ବିମାନକୁ ଧମକପୂର୍ଣ୍ଣ ବାର୍ତ୍ତା ଆସିଥିବାବେଳେ ଯାଞ୍ଚ ପରେ ବିମାନଗୁଡ଼ିକୁ ଉଡ଼ାଣ ପାଇଁ ଛଡ଼ାଯାଇଥିଲା। ସେହିପରି ଇଣ୍ଡିଗୋର ୧୮ ଏବଂ ଭିସ୍ତାରାର ୧୭ ବିମାନକୁ ବୋମାରେ ଉଡ଼ାଇଦେବାକୁ ଧମକ ଆସିଥିଲା। ବାରମ୍ବାର ହୋକ୍ସ କଲ୍ ଆସୁଥିବାରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ପାଇଁ ଶନିବାର କେନ୍ଦ୍ର ସରକାର ଆଡ୍‌ଭାଇଜରି ଜାରି କରି ତୁରନ୍ତ ଧମକପୂର୍ଣ୍ଣ ପୋଷ୍ଟଗୁଡ଼ିକୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ହଟାଇବା ଏବଂ ଉତ୍ତରଦାୟୀ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସତ୍ତ୍ୱେ ବୋମା ଧମକ ଆସିବା ଜାରି ରହିଛି। ସେହିପରି ଶନିବାର ତିରୁପତି ଏବଂ ରାଜକୋଟ୍‌ର ୧୨ଟି ହୋଟେଲକୁ ଧମକପୂର୍ଣ୍ଣ କଲ୍ ଆସିବାର ଦିନକ ପରେ ଲକ୍ଷ୍ନୌର ୧୦ଟି ହୋଟେଲକୁ ଅନୁରୂପ ଇମେଲ୍ ବାର୍ତ୍ତା ଆସିଛି। ୫୫,୦୦୦ ଡଲାର (୪୬,୨୪,୨୮୮ ଟଙ୍କା) ବଟି ପୈଠ ନ କଲେ ବିସ୍ଫୋରଣ କରାଯିବ ବୋଲି ଉକ୍ତ ବାର୍ତ୍ତାରେ ଧମକ ଦିଆଯାଇଛି। ଧମକ ପାଇଥିବା ହୋଟେଲଗୁଡ଼ିକ ମଧ୍ୟରେ ମାରିଅଟ୍ ଏବଂ ଲେମନ୍ ଟ୍ରି ଭଳି ବଡ଼ ହୋଟେଲ ରହିଛନ୍ତି।

## ହ୍ୱାଇଟ୍ ହାଉସ୍ ଦୌଡ଼

# ନିର୍ଣ୍ଣାୟକ ହେବ ୭ ଝୁଲା ରାଜ୍ୟ

**ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ମାତ୍ର ୯ ଦିନ ବାକି। ହ୍ୱାଇଟ୍ ହାଉସ୍ ପାଇଁ ୨ ପ୍ରତିଦ୍ୱନ୍ଦ୍ୱୀ ଉପରାଷ୍ଟ୍ରପତି କମଳା ହାରିସ୍ ଏବଂ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରସ୍ତୁତ। ଯୁଦ୍ଧଭୂମିରେ ଝୁଲା ରାଜ୍ୟଗୁଡ଼ିକ ଫଳାଫଳକୁ ବହୁଳ ମାତ୍ରାରେ ପ୍ରଭାବିତ କରିବା ସମ୍ଭାବନା ଥିବାରୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସଙ୍କେତ ମିଳିଛି।**

ୱାଶିଂଟନ୍,୨୭।୧୦

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଖରାପ ସ୍ୱାସ୍ଥ୍ୟ ଓ ଦୁର୍ବଳ ପ୍ରଦର୍ଶନ ଯୋଗୁ ଜୁନ୍ ୨୭ରେ ପୁନଃ ନିର୍ବାଚିତ ହେବା ଦୌଡ଼ରୁ ଓହରିଯାଇ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ଡେମୋକ୍ରାଟିକ୍ ନୋମିନି ହେବା ପାଇଁ ବାଟ ଛାଡ଼ିଦେଇଥିଲେ। ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ପ୍ରାୟ ୨୪୪ ନିୟୁତ ଯୋଗ୍ୟ ଭୋଟର ମତଦାନ କରିପାରିବେ। ୨୦୨୦ ନିର୍ବାଚନରେ ଯୋଗ୍ୟ ବିବେଚିତ ଭୋଟରଙ୍କ ମଧ୍ୟରୁ ପ୍ରାୟ ଦୁଇ-ତୃତୀୟାଂଶ ମତଦାନ କରିଥିଲେ। ୨୦୨୪ ନିର୍ବାଚନ ପାଇଁ ସେପ୍ଟେମ୍ବର ୨୦ରୁ ଇନ୍-ପର୍ସନ ଭୋଟିଂ ଆରମ୍ଭ ହୋଇଛି। ଆମେରିକୀୟ ଭୋଟରମାନେ ଆଗୁଆ ଭୋଟିଂ ସୁବିଧାର ଫାଇଦା ନେଇ ବହୁସଂଖ୍ୟାରେ ମତଦାନ କରିବାରେ ଲାଗିଛନ୍ତି। ୪୭ ରାଜ୍ୟ ଓ କୋଲମ୍ବିଆ ଡିଷ୍ଟ୍ରିକ୍ଟରେ ଏହି ଆର୍ଲି ଭୋଟିଂ ବିକଳ୍ପ ଉପଲବ୍ଧ। ତେବେ ମିସିସିପି, ଅଲାବାମା ଓ ନ୍ୟୁ ହମ୍ପଶାୟାରରେ ମେଲ୍-ଇନ୍ ବାଲଟ୍ ସୁବିଧା ନ ଥିବାରୁ ଏହି ରାଜ୍ୟର ଭୋଟରଙ୍କୁ ପୋଲିଂ ଷ୍ଟେଶନକୁ ଯିବାକୁ ପଡ଼ିବ।

### ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରତିଶ୍ରୁତି

ହାରିସ୍ କହିଛନ୍ତି, ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ସେ ପ୍ରଥମ ଦିନରୁ ହିଁ କାର୍ଯ୍ୟରତ ପରିବାରଗୁଡ଼ିକ ପାଇଁ ଖାଦ୍ୟ ଓ ଘର ମୂଲ୍ୟ ହ୍ରାସ ଦିଗରେ କାର୍ଯ୍ୟ କରିବେ। ଗ୍ରୋସେରି ଦରଦାମ୍ ଉପରେ ନିୟନ୍ତ୍ରଣ ଏବଂ ପ୍ରଥମ ଥର ଘର କିଣୁଥିବା ଲୋକଙ୍କୁ ସହଯୋଗ କରିବା ନେଇ ସେ ଯୋଜନା କରୁଛନ୍ତି। ବାଇଡେନ୍‌ଙ୍କ ରାଷ୍ଟ୍ରପତିତ୍ୱରେ ମୁଦ୍ରାସ୍ଫୀତି ବଢ଼ିଛି। ବିଶେଷକରି କୋଭିଡ୍ ପରବର୍ତ୍ତୀ ସମୟରେ ୟୁକ୍ରେନ୍ ଯୁଦ୍ଧ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ଆଣି ଟ୍ରମ୍ପ୍ 'ମୁଦ୍ରାସ୍ଫୀତିରେ ଅଙ୍କୁଶ ଲଗାଇ ଆମେରିକାକୁ ପୁନର୍ବାର ବ୍ୟୟସାପେକ୍ଷ କରିବା' ପାଇଁ ଶପଥ ନେଇଛନ୍ତି। ସୁଧହାର କମାଇ ବେଆଇନ ଭାବେ ବସବାସ କରୁଥିବା ଲୋକଙ୍କୁ ପ୍ରତ୍ୟର୍ପଣ କରାଗଲେ ଦେଶକୁ ହାଉସିଂ ଚାପରୁ ମୁକ୍ତ କରାଯାଇପାରିବ ବୋଲି ଟ୍ରମ୍ପ୍ ମତ ଦେଇଛନ୍ତି। ଅନ୍ୟପକ୍ଷେ ଆମଦାନୀ ଉପରେ ଟିକସ ବଢ଼ାଇବା ନେଇ ଟ୍ରମ୍ପଙ୍କ ଯୋଜନା ଦରଦାମ୍ ବୃଦ୍ଧିର କାରଣ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରାଇଛନ୍ତି।

### ଝୁଲା ରାଜ୍ୟ

ଆମେରିକା ନିର୍ବାଚନଗୁଡ଼ିକରେ ମୁଖ୍ୟତଃ ୭ଟି ରାଜ୍ୟକୁ 'ସ୍ୱିଙ୍ଗ୍ ଷ୍ଟେଟ୍' କୁହାଯାଏ। ଏହି ରାଜ୍ୟଗୁଡ଼ିକର ଭୋଟର ନିର୍ଦ୍ଦିଷ୍ଟ ଭାବେ କୌଣସି ଦଳ ସପକ୍ଷରେ ମତଦାନ କରି ନ ଥାଆନ୍ତି।

**ଆରିଜୋନା (ଇଲେକ୍ଟୋରାଲ ଭୋଟ: ୧୧):** ଜାତୀୟ ଅପ୍ରବାସନ ବିତର୍କରେ ଏହି ରାଜ୍ୟ ଏକ ମୁଖ୍ୟ ବେଟେଲଗ୍ରାଉଣ୍ଡ ପାଲଟିଛି। ନିକଟରେ ସୀମା ଅତିକ୍ରମ ରେକର୍ଡ ଉଚ୍ଚତାରୁ ଖସିଥିଲେ ମଧ୍ୟ ଭୋଟରଙ୍କ ପାଇଁ ଶରଣାର୍ଥୀ ସମସ୍ୟା ଏକ ବଡ଼ ପ୍ରସଙ୍ଗ ହୋଇ ରହିଛି। ସେହିପରି ଆରିଜୋନାରେ ୧୬୦ ବର୍ଷ ତଳେ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷିତ ଗର୍ଭପାତ ଅଧିକାରକୁ ପୁନଃ ଅବସ୍ଥାପିତ କରିବା ନେଇ ରିପବ୍ଲିକାନ୍ ପାର୍ଟିର ବିଫଳ ଉଦ୍ୟମ ପରିପ୍ରେକ୍ଷୀରେ ଆବର୍ଶନ ଏକ ବିତର୍କିତ ପ୍ରସଙ୍ଗ ପାଲଟିଛି।

**ଜର୍ଜିଆ (ଇଲେକ୍ଟୋରାଲ ଭୋଟ: ୧୬):** ଏହି ରାଜ୍ୟର ଲୋକସଂଖ୍ୟାର ଏକ-ତୃତୀୟାଂଶ ହେଉଛନ୍ତି ଆଫ୍ରିକୀୟ-ଆମେରିକୀୟ। ଏମାନେ ୨୦୨୦ରେ ବାଇଡେନ୍‌ଙ୍କ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଜର୍ଜିଆର ଜନସଂଖ୍ୟାତତ୍ତ୍ୱ ନିର୍ବାଚନରେ ବଡ଼ ଉଠାପକା କରିଥାଏ।

**ନର୍ଥ କାରୋଲିନା (ଇଲେକ୍ଟୋରାଲ ଭୋଟ: ୧୬):** ହାରିସ୍ ଡେମୋକ୍ରାଟିକ୍ ଟିକେଟରେ ଆଗୁଆ ରହିବା ପରଠାରୁ ଅନେକ ବିଶ୍ଳେଷକ ନର୍ଥ କାରୋଲିନାକୁ 'ଟସ୍-ଅପ୍' ଷ୍ଟେଟ୍ ମାନ୍ୟତା ଦେଉଛନ୍ତି। ଗତ ଜୁଲାଇରେ ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ କରାଯିବା ପରେ ସେ ଏହି ରାଜ୍ୟରେ ନିଜର ପ୍ରଥମ ଆଉଟ୍‌ଡୋର ରାଲି କରିବାକୁ ନିଷ୍ପତ୍ତି ନେଇଥିଲେ।

**ପେନ୍‌ସିଲଭାନିଆ (ଇଲେକ୍ଟୋରାଲ ଭୋଟ: ୧୧):** ଜୋ ବାଇଡେନ୍‌ଙ୍କୁ ରାଷ୍ଟ୍ରପତି କରାଇବାରେ ପେନ୍‌ସିଲଭାନିଆ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୨୦୧୬ରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ନିର୍ବାଚିତ ହେବା ପୂର୍ବରୁ ଡେମୋକ୍ରାଟିକ୍ ପ୍ରାର୍ଥୀମାନେ ଏଠାରୁ ବିଜୟୀ ହେବାର ଇତିହାସ ରହିଆସିଥିଲା।

**ନେଭାଦା (ଇଲେକ୍ଟୋରାଲ ଭୋଟ: ୬):** ୭ ସ୍ୱିଙ୍ଗ୍ ଷ୍ଟେଟ୍ ମଧ୍ୟରୁ ସବୁଠୁ କମ୍ ଇଲେକ୍ଟୋରାଲ ଭୋଟ୍ ଥିବା ସତ୍ତ୍ୱେ ନେଭାଦାକୁ ରାଷ୍ଟ୍ରପତି ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ମନେକରାଯାଏ। ବାଇଡେନ୍‌ଙ୍କ ୨୦୨୦ ବିଜୟ ଏହି ସିଲ୍‌ଭର ଷ୍ଟେଟ୍‌ରେ ଡେମୋକ୍ରାଟିକ୍ ପ୍ରାର୍ଥୀଙ୍କ ଲଗାତର ଚତୁର୍ଥ ଜିତ୍ ଥିଲା। କିନ୍ତୁ ୨୦୧୬ ତୁଳନାରେ ୨୦୨୦ର ଭୋଟ ବ୍ୟବଧାନ ହ୍ରାସ ପାଇଥିଲା।

**ୱିସ୍କୋନ୍‌ସିନ (ଇଲେକ୍ଟୋରାଲ ଭୋଟ: ୧୦):** ୱିସ୍କୋନ୍‌ସିନ ୨୦୧୬ ଓ ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇଥିଲା। ଉଭୟ ଥର ବିଜୟୀ ପ୍ରାର୍ଥୀ ୨୦,୦୦୦ରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିଲେ। ବିଶ୍ଳେଷକଙ୍କ ମତରେ ୱିସ୍କୋନ୍‌ସିନ ଭଳି ରାଜ୍ୟରେ ଡେମୋକ୍ରାଟିକ୍ ପାର୍ଟି ଓ ରିପବ୍ଲିକାନ୍ ପାର୍ଟି ବିରୋଧରେ ପ୍ରଚାର କରୁଥିବା ତୃତୀୟ ଦଳ ପ୍ରାର୍ଥୀ ଫଳାଫଳକୁ ବିଶେଷ ପ୍ରଭାବିତ କରିପାରନ୍ତି।

**ମିଶିଗାନ୍ (ଇଲେକ୍ଟୋରାଲ ଭୋଟ: ୧୫):** ଗ୍ରେଟ୍ ଲେକ୍ସ ଷ୍ଟେଟ୍ ଗତ କିଛି ଦଶନ୍ଧିରେ ଡେମୋକ୍ରାଟିକ୍ ପ୍ରାର୍ଥୀଙ୍କୁ ସମର୍ଥନ କରିଛି। ୨୦୨୦ରେ ପେନ୍‌ସିଲଭାନିଆ ଓ ୱିସ୍କୋନ୍‌ସିନ ସହ ମିଶିଗାନ୍ ମିଶି ବାଇଡେନ୍‌ଙ୍କ ପାଇଁ 'ବ୍ଲୁ ୱାଲ୍' ନିର୍ମାଣ କରିଥିଲା। କିନ୍ତୁ ଏହା ପୂର୍ବରୁ ୨୦୧୬ରେ ଟ୍ରମ୍ପ୍ ହିଲାରୀ କ୍ଲିଣ୍ଟନ୍‌ଙ୍କୁ ଉକ୍ତ ୩ ରାଜ୍ୟରେ ହରାଇ ଦେଇଥିଲେ।




## ରାଷ୍ଟ୍ରପତି ନିର୍ବାଚନର ପ୍ରମୁଖ ଇଭେଣ୍ଟ

**୨୦୨୪ ସେପ୍ଟେମ୍ବର ୧୦:** ଡୋନାଲ୍ଡ ଟ୍ରମ୍ପ୍ ଓ କମଳା ହାରିସ୍ ପ୍ରଥମ ପ୍ରେସିଡେନ୍ସିଆଲ ଡିବେଟ୍‌ରେ ମୁହାଁମୁହିଁ ହୋଇଥିଲେ।

**ଅକ୍ଟୋବର ୧:** ଉପରାଷ୍ଟ୍ରପତି ନିର୍ବାଚନ ଲାଗି ଆୟୋଜିତ ବିତର୍କରେ ମିନେସୋଟାର ଡେମୋକ୍ରାଟିକ୍ ଗଭର୍ନର ଟିମ୍ ୱାଲ୍‌ଜ ଏବଂ ଓହିଓର ରିପବ୍ଲିକାନ୍ ସିନେଟର ଜେ.ଡି. ଭାନ୍ସ ଭାଗ ନେଇଥିଲେ।

**ନଭେମ୍ବର ୫:** ଆମେରିକାର ଭୋଟରମାନେ ବାଲଟ୍ ଜରିଆରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ କରିବେ।

**ନଭେମ୍ବର ୨୫:** ୧୭ ରାଜ୍ୟ ଓ କୋଲମ୍ବିଆ ଡିଷ୍ଟ୍ରିକ୍ଟ ପାଇଁ ପୋଷ୍ଟାଲ ଭୋଟ ଗ୍ରହଣର ଶେଷ ଦିନ।

**ଡିସେମ୍ବର ୧୧:** ପ୍ରତ୍ୟେକ ରାଜ୍ୟର ଇଲେକ୍ଟରମାନେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବା ପାଇଁ ଆନୁଷ୍ଠାନିକ ଭାବେ ଭୋଟ ଦେବେ।

**ଡିସେମ୍ବର ୧୭:** ୫୩୮ ଇଲେକ୍ଟୋରାଲ କଲେଜ ଭୋଟ ୱାଶିଂଟନ୍‌ରେ ପହଞ୍ଚିବାର ଶେଷ ତାରିଖ।

**୨୦୨୫ ଜାନୁଆରୀ ୬:** କଂଗ୍ରେସରେ ଇଲେକ୍ଟୋରାଲ କଲେଜ ଭୋଟଗୁଡ଼ିକୁ ଆନୁଷ୍ଠାନିକ ଭାବେ ଗଣତି କରାଯିବ।

**ଜାନୁଆରୀ ୨୦:** ନିର୍ବାଚିତ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଶପଥ ନେବେ।

## ବାନ୍ଦ୍ରା ଟର୍ମିନସ୍‌ରେ ଦଳାଚକଟା: ୯ ଆହତ



ମୁମ୍ବାଇ,୨୭।୧୦

ଦୀପାବଳି ଭିଡ଼ ଯୋଗୁ ମୁମ୍ବାଇର ବାନ୍ଦ୍ରା ଟର୍ମିନସ୍‌ରେ ରବିବାର ଭୋର ସମୟରେ ଦଳାଚକଟା ଘଟି ୯ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉତ୍ତରପ୍ରଦେଶର ଗୋରଖପୁରକୁ ଯିବା ପାଇଁ ବହୁସଂଖ୍ୟାରେ ଯାତ୍ରୀ ଟ୍ରେନ୍‌ରେ ଚଢ଼ିବାକୁ ଉଦ୍ୟମ କରୁଥିବାବେଳେ ଏଭଳି ସ୍ଥିତି ଉପୁଜିଥିଲା। ୨୨୯୨୧ ନମ୍ବର ବାନ୍ଦ୍ରା-ଗୋରଖପୁର ସାପ୍ତାହିକ ଟ୍ରେନ୍ ୧ ନମ୍ବର ପ୍ଲାଟ୍‌ଫର୍ମରେ ଲାଗିଥିଲା। ଗୋରଖପୁର ଯିବା ପାଇଁ ସେତେବେଳକୁ ହଜାରେରୁ ଊର୍ଦ୍ଧ୍ୱ ଯାତ୍ରୀ ଅପେକ୍ଷା କରିଥଲେ। ଯାତ୍ରୀମାନେ ସାଧାରଣ ବଗିରେ ଚଢ଼ିବା ପାଇଁ ଠେଲାପେଲାରୁ ଦଳାଚକଟା ଘଟିଥିଲା। ୯ ଜଣ ଆହତ ହୋଇଥିବାବେଳେ କେତେଜଣଙ୍କର ପୋଷାକ ଚିରିଯାଇଥିଲା। ଏପରିକି ଗାଡ଼ି ଗଡୁଥିବା ବେଳେ ଯାତ୍ରୀମାନେ ଉଠିବାକୁ ଚେଷ୍ଟା କରି ୨ ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ଭାଭା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣକର ମେରୁଦଣ୍ଡରେ ଫ୍ରାକ୍ଚର ହୋଇଥିବାବେଳେ କେତେଜଣଙ୍କର ଗୋଡ଼ ଭାଙ୍ଗିଥିବା ଜଣାପଡ଼ିଛି। ଦଳାଚକଟା ଘଟଣା ପାଇଁ ଶିବସେନା(ୟୁବିଟି) ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନିନ୍ଦା କରିଛି। ଏହି ଦୁର୍ଘଟଣାରୁ ରେଳମନ୍ତ୍ରୀ କେତେ ଅସମର୍ଥ ତାହା ପ୍ରତିଫଳିତ ହେଉଛି ବୋଲି ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ପୁଅ ଆଦିତ୍ୟ କହିଛନ୍ତି।

## ୪ ମାସ ତଳେ ମାରି ପୋତି ଦେଇଥିଲେ ଜିମ୍ ଟ୍ରେନର

ନୂଆଦିଲ୍ଲୀ,୨୭।୧୦

ଉତ୍ତରପ୍ରଦେଶର କାନପୁର ଜିଲାପାଳଙ୍କ ବଙ୍ଗଳା ନିକଟରୁ ଜଣେ ମହିଳାଙ୍କ ମୃତଦେହ ମିଳିଛି। ମହିଳା ଜଣକ ୪ ମାସ ହେଲା ନିଖୋଜ ଥିଲେ। ତାଙ୍କୁ ହତ୍ୟା କରିବା ପରେ ସେଠାରେ ପୋତିଦିଆଯାଇଥିଲା। ଗ୍ରୀନ୍‌ପାର୍କ ଅଞ୍ଚଳର ଜିମ୍ ଟ୍ରେନର ବିମଳ ସୋନି ମହିଳାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ସରକାରୀ ଅଫିସରମାନଙ୍କ ବଙ୍ଗଳା ନିକଟରେ ପୋତିଥିବା ପୋଲିସ



ଜେରାବେଳେ ସ୍ୱୀକାର କରିଛନ୍ତି। କାନପୁର ରାଇପୁରୱା ଅଞ୍ଚଳର ଜଣେ

### ଭିଭିଆଇପି ଅଞ୍ଚଳରୁ ମହିଳାଙ୍କ ମୃତଦେହ ଠାବ

ବ୍ୟକ୍ତିଙ୍କ ସୂଚନା କ୍ରମେ ମାଟି ଖୋଳାଯାଇ ମୃତଦେହକୁ ବାହାର କରାଯାଇଥିଲା। ମହିଳା ଜଣକ ଜଣେ ବ୍ୟବସାୟୀଙ୍କ ସ୍ତ୍ରୀ। ସେ ଜୁନ୍ ୨୪ରୁ ନିଖୋଜ ଥିଲେ ଏବଂ ତଦନ୍ତରୁ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଅପହରଣ ଏବଂ ହତ୍ୟା ଅଭିଯୋଗରେ କୋଟୱାଲି ପୋଲିସ ଜିମ୍ ଟ୍ରେନରଙ୍କୁ ଗିରଫ କରିଛି। ଡିସିପି ଶ୍ରବଣକୁମାର ସିଂଙ୍କ କହିବା ଅନୁଯାୟୀ, ମହିଳା ଜଣକ ଟ୍ରେନିଂ ଦେବା ପାଇଁ ଅଭିଯୁକ୍ତଙ୍କ ଜିମ୍‌କୁ ଆସୁଥିଲେ। ତେବେ କୌଣସି କାରଣରୁ ଅଭିଯୁକ୍ତଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହା ପରେ ଅଭିଯୁକ୍ତ ମହିଳାଙ୍କୁ କାର୍‌ରେ ନେଇଯାଇ ହତ୍ୟା କରିବା ପରେ ମୃତଦେହକୁ ଉକ୍ତ ଭିଭିଆଇପି ଅଞ୍ଚଳରେ ପୋତିଦେଇଥିଲେ।

## ରଚେଲ ଗୁପ୍ତା 'ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ'

ବ୍ୟାଙ୍କକ୍, ୨୭।୧୦

### ପ୍ରଥମ ଭାରତୀୟ ଭାବେ ଇତିହାସ ରଚିଲେ

ଭାରତର ରଚେଲ ଗୁପ୍ତା(୨୦) ରବିବାର 'ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ' ଟାଇଟଲ ହାସଲ କରି ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ୨୦୧୩ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଚଳିତଥର ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ଆୟୋଜିତ ହୋଇଥିଲା, ଯେଉଁଥିରେ ୭୦ ଦେଶ ଅଂଶଗ୍ରହଣ କରିଥିଲେ। ଗତବର୍ଷର 'ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ'ର ବିଜେତା ଲୁସିଆନା ଫଷ୍ଟର ରଚେଲଙ୍କୁ ବିଜୟୀ ମୁକୁଟ ପିନ୍ଧାଇଛନ୍ତି। ୧୧ ବର୍ଷର ଅପେକ୍ଷା ପରେ ଭାରତକୁ ଏହି ସଫଳତା ମିଳିପାରିଛି। ରଚେଲ ହେଉଛନ୍ତି ପଞ୍ଜାବର ଜଳନ୍ଧର ନିବାସୀ। ସେ ୨୦୨୨ରେ 'ମିସ୍ ସୁପର ଟ୍ୟାଲେଣ୍ଟ ଅଫ୍ ଦି ୱାର୍ଲ୍ଡ'ର ଟାଇଟଲ ମଧ୍ୟ ହାସଲ କରିଥିଲେ। ଏକାଧାରରେ ରଚେଲ ଜଣେ ମଡେଲ ହେବା ସହ ଜଣେ ଉଦ୍ୟୋଗୀ ମଧ୍ୟ।





ମାଧୁରୀ ଦୀକ୍ଷିତ

# ସିନେମା ହଲ୍‌ରେ ଶେଷ ପରୀକ୍ଷା

ମୁମ୍ବାଇ

ଆସନ୍ତା ନଭେମ୍ବର ୧ରେ ଦୀପାବଳି ଉପଲକ୍ଷେ ବକ୍ସ ଅଫିସ୍‌ରେ ଏକସଙ୍ଗେ ୨ଟି ବଡ଼ ବଜେଟ ଚଳଚ୍ଚିତ୍ର ରିଲିଜ ହେବାକୁ ଯାଉଛି। ଅଭିନେତା ଅଜୟ ଦେବଗାନଙ୍କ 'ସିଂଘମ ଏଗେନ୍' ସହ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ 'ଭୁଲ୍ ଭୁଲୈୟା ୩' ମଧ୍ୟରେ ନିର୍ଣ୍ଣାୟକ ବକ୍ସ ଅଫିସ ଲଢ଼େଇ ହେବାକୁ ଯାଉଛି। ଏନେଇ 'ଭୁଲ୍ ଭୁଲୈୟା ୩'ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ରବିବାର ଏକ ସାକ୍ଷାତ୍‌କାରରେ ନିଜ ମତ ରଖିଛନ୍ତି। ସେ କହିଛନ୍ତି, ''ମୋର ମନେ ନାହିଁ, ଶେଷ ଥର ପାଇଁ କେବେ ଏପରି ୨ଟି ହାଇ ବଜେଟ ବଲିଉଡ୍ ଚଳଚ୍ଚିତ୍ର ଏକ ସମୟରେ ରିଲିଜ୍ ହୋଇଥିଲା। ଉଭୟ ଚଳଚ୍ଚିତ୍ରରେ ବଡ ଷ୍ଟାର କାଷ୍ଟ ରହିଛନ୍ତି। ତେଣୁ କେଉଁ ଫିଲ୍ମକୁ ବେଶି ସଫଳତା ମିଳିବ ତାହା ଏବେଠାରୁ ଆକଳନ କରିହେବ ନାହିଁ। ଏହା ଦର୍ଶକଙ୍କ ଉପରେ ନିର୍ଭର କରବ। ଦର୍ଶକମାନେ ନିଷ୍ପତ୍ତି ନେବେ ସମାନେ କେଉଁ ଫିଲ୍ମକୁ ପସନ୍ଦ କରନ୍ତି ଏବଂ କେଉଁ ଫିଲ୍ମକୁ ଦେଖିବା ପାଇଁ ସିନେମା ହଲ୍ ଯିବେ। ଅନ୍ତିମ ପରୀକ୍ଷା ସିନେମା ହଲ୍‌ରେ ହିଁ ହେବ। 'ଭୁଲ୍ ଭୁଲୈୟା ୩' ଚଳଚ୍ଚିତ୍ରରେ ଅଭିନୟ କରିଥିବାରୁ କେବଳ ଏତିକି ହିଁ କହିପାରିବି, ଫିଲ୍ମଟି ଭଲ ହୋଇଛି, ଯାହା ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ।'' ମାଧୁରୀ ଆହୁରି କହଛନ୍ତି, 'ଭୁଲ୍ ଭୁଲୈୟା ୩' ଚଳଚ୍ଚିତ୍ର ପାଇଁ ଏହାର ଅଭିନେତା ଏବଂ କ୍ରିଉ ସଦସ୍ୟମାନେ ବହୁତ କଠିନ ପରିଶ୍ରମ କରିଛନ୍ତି। ଫିଲ୍ମକୁ ଦର୍ଶକମାନେ ପସନ୍ଦ କରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଅନିସ୍ ବଜମିଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଭୁଲ୍ ଭୁଲୈୟା ୩' ଚଳଚ୍ଚିତ୍ରରେ କାର୍ତ୍ତିକ ଏବଂ ମାଧୁରୀଙ୍କ ବ୍ୟତୀତ ଅଭିନେତ୍ରୀ ବିଦ୍ୟା ବଲାନ, ତ୍ରୁପ୍ତି ଡିମ୍ରି, ବିଜୟ ରାଜ୍, ରାଜପାଲ ଯାଦବ, ସଞ୍ଜୟ ମିଶ୍ରା ପ୍ରମୁଖ ଅଭିନୟ କରିଛନ୍ତି। 'ଭୁଲ୍ ଭୁଲୈୟା ୩' ହେଉଛି ଅକ୍ଷୟ କୁମାରଙ୍କ ଅଭିନୀତ 'ଭୁଲ୍ ଭୁଲୈୟା' ଫିଲ୍ମର ତୃତୀୟ ସିକ୍ୱେଲ।

# ୨୦୨୫ ହେବ ଯୁଦ୍ଧ ଓ ବିପର୍ଯ୍ୟୟର ବର୍ଷ

## ବାବା ଭେଙ୍ଗା ଓ ନୋଷ୍ଟ୍ରାଡାମସ୍‌ଙ୍କ ଭବିଷ୍ୟବାଣୀ

ନୂଆଦିଲ୍ଲୀ

ବୁଲ୍‌ଗେରିଆର ବିଶିଷ୍ଟ ରହସ୍ୟବାଦୀ ବାବା ଭେଙ୍ଗା ଏବଂ ଷୋଡ଼ଶ ଶତାବ୍ଦୀର ଫରାସୀ ଜ୍ୟୋତିର୍ବିଜ୍ଞାନୀ ନୋଷ୍ଟ୍ରାଡାମସ୍‌ଙ୍କ ଭବିଷ୍ୟବାଣୀକୁ ନେଇ ଅନେକ ସମୟରେ ଚର୍ଚ୍ଚା ଲାଗି ରହିଥାଏ। ପୂର୍ବରୁ ଉଭୟଙ୍କ ଦ୍ୱାରା କରାଯାଇଥିବା ବହୁ ଭବିଷ୍ୟବାଣୀ ସତ ସାବ୍ୟସ୍ତ ହୋଇଛି। ୨୦୨୫କୁ ନେଇ ଦୁହିଁଙ୍କର ଭବିଷ୍ୟବାଣୀ ସାମ୍ନାକୁ ଆସିଥିବାବେଳେ ଏଥିରେ ବହୁ ସମାନତା ରହିଛି। ୨୦୨୫ ଯୁଦ୍ଧ ଏବଂ ବିପର୍ଯ୍ୟୟର ବର୍ଷ ହେବ ବୋଲି ଦୁଇ ଭବିଷ୍ୟ ବକ୍ତା ଅନୁମାନ କରିଥିଲେ। ୧୯୯୬ରେ ପରଲୋକ ଘଟିଥିବା ବୁଲଗେରିଆର ବିଶିଷ୍ଟ ଅନ୍ଧ ରହସ୍ୟବାଦୀ ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ୨୦୨୫ରେ ୟୁରୋପ ମହାଦେଶରେ ଯୁଦ୍ଧ ବ୍ୟାପକ ରୂପ ନେବ। ଫଳରେ ବିଭିନ୍ନ ୟୁରୋପୀୟ ଦେଶ ବହୁ କ୍ଷୟକ୍ଷତି ସହିବା ସହ ଏହାର ଜନସଂଖ୍ୟାରେ ହ୍ରାସ ଘଟିବ ବୋଲି ତାଙ୍କ ଭବିଷ୍ୟବାଣୀରେ ଉଲ୍ଲେଖ ରହିଛି। ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ୨୦୨୫ରେ ରୁଷିଆ ଏବଂ ୟୁକ୍ରେନକୁ ଛାଡ଼ି ଅନ୍ୟ ୨ ଦେଶ ମଧ୍ୟରେ ମଧ୍ୟ ବିବାଦ ଆରମ୍ଭ ହେବ, ଯାହାର ଭୟଙ୍କର ପରିଣାମ ଯୁଦ୍ଧର ରୂପ ନେବ। ଏହାର ପ୍ରଭାବ କେବଳ ୟୁରୋପରେ ନୁହେଁ, ବରଂ ବୈଶ୍ୱିକ ସ୍ତରରେ ମଧ୍ୟ ପଡ଼ିବ। ସେହିପରି କୌଣସି ଏକ ପ୍ରତିଷ୍ଠିତ ବୈଶ୍ୱିକ କାର୍ଯ୍ୟକ୍ରମରେ ଦଳାଚକଟା, ଆକ୍ରମଣ, ବିସ୍ଫୋରଣ ପରି ଅଘଟଣ



ବାବା ଭେଙ୍ଗା



ନୋଷ୍ଟ୍ରାଡାମସ୍

ଘଟିବ ବୋଲି ତାଙ୍କର ଭବିଷ୍ୟବାଣୀରେ ଉଲ୍ଲେଖ ରହିଛି। ନୋଷ୍ଟ୍ରାଡାମସ୍‌ଙ୍କ ଭବିଷ୍ୟବାଣୀ ଅନୁଯାୟୀ, ୨୦୨୫ରେ ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ସମାପ୍ତ ହୋଇପାରେ। ଏହାକୁ ବନ୍ଦ କରିବା ପାଇଁ ୨ ଦେଶ ପକ୍ଷରୁ ସୈନ୍ୟବାହିନୀର ଥକାପଣକୁ ଦାୟୀ କରାଯିବ। ୧୫୫୫ ମସିହାରେ ସେ କରିଥିବା ଭବିଷ୍ୟବାଣୀରେ ୨୦୨୫ ୟୁରୋପ ପାଇଁ ଭୟଙ୍କର ହେବ ବୋଲି ଦର୍ଶାଇଛନ୍ତି। ଏହି ଭବିଷ୍ୟବାଣୀ ଅନୁଯାୟୀ, ୟୁରୋପରେ ଆତଙ୍କବାଦୀ ଆକ୍ରମଣ ହୋଇପାରେ। ସେହିପରି ଆଗ୍ନେୟଗିରି ଉଦ୍‌ଗିରଣ ଘଟି ବ୍ରାଜିଲରେ ବ୍ୟାପକ ବିନାଶ ଘଟିବ। ଶକ୍ତିଶାଳୀ ବନ୍ୟା, ଭୂକମ୍ପ, ଭୂସ୍ଖଳନ ଆଦି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଅନେକ ସହର ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବ। ବର୍ଷ ୨୦୨୫କୁ ଜଳବାୟୁ ସଙ୍କଟ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଭାବରେ ମନେରଖାଯିବ ବୋଲି ନୋଷ୍ଟ୍ରାଡାମସ୍‌ଙ୍କ ଭବିଷ୍ୟବାଣୀରେ ଉଲ୍ଲେଖ ରହିଛି।

ପୂର୍ବରୁ କୋଭିଡ୍ ମହାମାରୀକୁ ନେଇ ନୋଷ୍ଟ୍ରାଡାମସ୍‌ଙ୍କ ଭବିଷ୍ୟବାଣୀ ସତ ସାବ୍ୟସ୍ତ ହୋଇଥିଲା। ସେହିପରି ପ୍ରିନ୍ସେସ ଡାଏନାଙ୍କ ମୃତ୍ୟୁ, ୯/୧୧ ଆତଙ୍କବାଦୀ ଆକ୍ରମଣ ଆଦି ବିଭିନ୍ନ ଘଟଣାକୁ ନେଇ ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଠିକ୍ ପ୍ରମାଣିତ ହୋଇଥିଲା। ୨୦୨୫ ପାଇଁ ଉଭୟ ବାବା ଭେଙ୍ଗା ଏବଂ ନୋଷ୍ଟ୍ରାଡାମସ୍‌ଙ୍କ ଭବିଷ୍ୟବାଣୀକୁ ନେଇ ଏବେ ସମଗ୍ର ବିଶ୍ୱରେ ଚର୍ଚ୍ଚା ଓ ବିତର୍କ ଆରମ୍ଭ ହୋଇଛି।

# ଗାଁର ନାଁ ଦୀପାବଳି

## ଶ୍ରୀକାକୁଲମ ରାଜା କରିଥିଲେ ନାମକରଣ

ଶ୍ରୀକାକୁଲମ

କାର୍ତ୍ତିକ ପୂର୍ଣ୍ଣମା ପୂର୍ବରୁ ଆସୁଥିବା ଅମାବାସ୍ୟାକୁ ଦୀପାବଳି ଭାବେ ପାଳନ କରାଯାଇଥାଏ। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଗାର୍ ସବ୍‌ଡିଭିଜନ ଅନ୍ତର୍ଗତ ଦୀପାବଳି ନାମରେ ଏକ ଗାଁ ରହିଛି। ଏହି ଗାଁର ପରିବେଶ ପ୍ରତିଦିନ ପ୍ରାୟତଃ ଦୀପାବଳି ପରି ରହିଥାଏ ବୋଲି ନିକଟସ୍ଥ ଅନ୍ୟ ଗାଁର ଲୋକମାନେ କୁହନ୍ତି।

ଏହି ଗାଁର ଲୋକମାନେ ଦୀପାବଳି ଅବସରରେ ୫ ଦିନ ଉତ୍ସବ ପାଳନ କରନ୍ତି। ଗ୍ରାମବାସୀ କହିଛନ୍ତି, ସେମାନେ ପ୍ରଥମେ ସେମାନଙ୍କ ପୂର୍ବପୁରୁଷଙ୍କୁ ପୂଜା କରିବା ଆରମ୍ଭ କରନ୍ତି ଏବଂ ଏହାପରେ ଦୀପାବଳି ପର୍ବ ପାଳନ କରିଥାନ୍ତି। ଗ୍ରାମର ନାମ ଦୀପାବଳି ହେବା ପଛରେ ମଧ୍ୟ ଏକ କିମ୍ବଦନ୍ତୀ ରହିଛି। ପ୍ରାଚୀନ କାଳରେ ଶ୍ରୀକାକୁଲାମର ଜଣେ ରାଜା ଏକଦା ଏହି ଗ୍ରାମ ଦେଇ ଭଗବାନ ଶ୍ରୀ କୁର୍ମନାଥ ଜୀଙ୍କର ଦର୍ଶନ ପାଇଁ ଯାଇଥିଲେ। ଯେତେବେଳେ ସେ ଦର୍ଶନ ସାରି ଫେରୁଥିଲେ ସେତେବେଳେ ଚେତା ହରାଇ ପଡ଼ିଥିଲେ। ଏହା ଦେଖି




ଗାଁର ଲୋକମାନେ ଦୀପ ଧରି ରାଜାଙ୍କ ନିକଟକୁ ଯାଇ ତାଙ୍କୁ ପାଣି ଦେଇ ସେବା କରିଥିଲେ। ଯେତେବେଳେ ରାଜା ଚେତନା ଫେରିପାଇଲେ, ସେ ଗାଁର ନାମ ପଚାରିଲେ। ଗାଁର କୌଣସି ନିର୍ଦ୍ଦିଷ୍ଟ ନାମ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ରାଜା କହିଥିଲେ, 'ତୁମେମାନେ ମୋତେ ଦୀପଗୁଡ଼ିକର ଆଲୋକ ସହ ସେବା କରିଛ, ତେଣୁ ଏହି ଗ୍ରାମର ନାମ ଆଜିଠାରୁ ଦୀପାବଳି ରହିବ।' ଏହ ଗ୍ରାମରେ ରହୁଥିବା ସୋଡି ସମ୍ପ୍ରଦାୟର ଲୋକମାନେ ଦିପାବଳୀ ଦିନ ପ୍ରଥମେ ପିତୃ ପୁରୁଷଙ୍କୁ ପୂଜା କରନ୍ତି ଏବଂ ପରେ ସେମାନେ ନୂତନ ପୋଷାକ ପିନ୍ଧନ୍ତି। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ଘରେ ନୂତନ ଜ୍ୱାଇଁଙ୍କୁ ସ୍ୱାଗତ କରାଯିବା ସହ ଆତିଥ୍ୟ ସତ୍କାର ମଧ୍ୟ କରାଯାଇଥାଏ।


**WORKS DEPARTMENT** No.B-487

**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

E-mail Id - eepwdrkl@gmail.com

Government of Orissa "e" Procurement Notice

Bid Identification No. : 48/2024-25 Dated : 17.10.2024

1. Number of works : 2 (Two) number of Works
2. Estimated cost : Rs. 58.53 Lakhs to Rs. 76.41 Lakhs
3. Period of completion : 4 (Four) calendar months
4. Date & Time of availability of bid document in the portal : Dt. 30.10.2024 at 11.00 A.M.
5. Last date / Time for receipt of bids in the portal : Dt. 18.11.2024 up to 05.00 P.M.
6. Date of opening of Bid : Dt. 19.11.2024 at 11.00 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar

Further details can be seen from the e-procurement portal http//tendersorissa.gov.in

Sd./- Additional Chief Engineer (Civil)
Rourkela (R&B) Division

OIPR-34068/11/0014/2425



**PANCHAYAT DEGREE MAHAVIDYALAYA, BELKHANDI**

At/PO - Belkhandi, Via - Kesinga, Dist. - Kalahandi, PIN - 766012

Mobile No. - 6370194173

**ADVERTISEMENT FOR THE POST OF Library Attendant**

Applications are invited from the eligible candidates for Appointment of 01 (One) No. of Library Attendant, Qualifications for the post of Library Attendant - Graduate. The interested and eligible candidates may apply with all the required documents/Bio-data and two Recent Passport size Photographs to the Principal I/C Secretary, Panchayat Degree Mahavidyalaya, Belkhandi, At/PO - Belkhandi, Via - Kesinga, Dist. - Kalahandi, PIN - 766012 within 15 (Fifteen) days from the date of publication of the Advertisement.

**Sd./- Principal-in-Charge, PDMV, Belkhandi**



**No.O-464**

e-mail ID - rw_sambalpur@yahoo.co.in
Phone No. : 0663-2401850

No. 4609 dated. : 14.10.24

**Government of Odisha "e" procurement Notice**

**Bid Identification No. TENDER ONLINE SBPR - 02 of 24-25**

| | | | |
|---|---|---|---|
| 1 | Name of the Work | : | Road Works as per DTCN available in the website : www.tendersodisha.gov.in |
| 2 | Total No. of Work | : | 25 (Twenty Five) Nos. |
| 3 | Estimated Cost | : | Varies from Rs. 5.03 Lakhs to Rs. 56.10 Lakhs |
| 4 | Period of Completion | : | 02 (Two) Calendar months to 03 (Three) Calendar months |
| 5 | Period and time of availability of bid document in the portal for Bidding | : | 30.10.2024 at 11.00 A.M. to 11.11.24 up to 5.00 P.M. |
| 6 | Date and time of opening of Tender | : | 12.11.2024 at 11.00 A.M. |
| 7 | Name and address of the Officer Inviting Bid : S.E.R.W. Divn. Sambalpur (1) Other details can be seen from detailed notice inviting tenders, available in website www.tendersodishagov.in (2) Corrigendum if any shall only be published in the website : www.tenderodisha.gov.in | | |

**Sd./- Superintending Engineer**
**Rural Works Division, Sambalpur**

**OIPR-25076/11/0002/2425**



**GOVERNMENT OF ODISHA** No.O-466

**OFFICE OF THE SUPERINTENDING ENGINEER RURAL WORKS DIVISION, BARIPADA**

e_mail : rw_mayurbhanj@yahoo.co.in

**e_Procurement Tender Call Notice No. Online 06/RWD/BPD/2024-25**

1. Name of the work : Bridge cum weir Works 2. Total No. of works : 1 No. 3. Estimated cost : Approx Estimated Cost Rs. 55.66 lakhs to Rs. 67.15 lakhs 4. Class of contractor : 'B' 5. Period of completion : 6 (Six) Calendar months 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & time of seeking Tender Clarification | Date & Time of Opening of Tender in O/o S.E, Rural Works Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.R.W Division, Baripada | 06 (Online)/RWD-BPD of 2024-25 | 29.10.24 at 11.00 A.M. | 07.11.24 up to 5.00 P.M. | 06.11.24 up to 5.00 P.M. | 07.11.24 at 05.30 A.M. | 11.11.24 at 11.00 A.M. |

Further details can be seen from the website www.tendersorissa.gov.in

**Sd./- Superintending Engineer**
**R.W. Division, Baripada**

**OIPR-25057/11/0005/2425**



**OFFICE OF THE SUPERINTENDING ENGINEER**
**BHADRAK (ROADS & BUILDINGS) DIVISION**

AT/PO/DIST. - BHADRAK, FAX. NO. : 06784 250321, CONTACT NO. : 06784-250321, Email ID : bhadrakrnbdivision@gmail.com

**1st Corrigendum to Bid Identification No. SE (R&B) BDK - 33/2024-25**
**Office Order No. 6804 dt. 23.10.2024**

No.B-512

The Bid invited vide Bid Identification No. SE (R&B) BDK - 33/2024-25 dt. 14.10.2024 modified in respect of the scope of the work, estimated cost, date of bid documents to be available in Website, received and opened as mentioned in the following table due to unavoidable circumstances.

| Sl. No. | Item | Provision as per NIT | Modified as per Corrigendum |
|---|---|---|---|
| 1 | Bid to be available in Web site | From 11.00 A.M. of 23.10.2024 to 5.00 P.M. of 04.11.2024 | From 11.00 A.M. of 29.10.2024 to 5.00 P.M. of 07.11.2024 |
| 2 | Bid to be received on 'Online' | At 5.00 P.M. dt. 04.11.2024 | At 5.00 P.M. dt. 07.11.2024 |
| 3 | Bid to be opened on 'Online' | At 11.30 A.M. dt. 05.11.2024 | At 11.30 A.M. dt. 08.11.2024 |

All other terms and conditions remain unchanged.

**Sd./- Superintending Engineer**
**Bhadrak (R&B) Division**

**OIPR-34079/11/0009/2425**



**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**

No.O-459

**e-Procurement Notice No. ONLINE-BGH-06 OF 2024-25**

| | | | |
|---|---|---|---|
| 1 | Name of the Work | : | Construction of Building work for the year 2024-25 |
| 2 | EMD | : | @ 1% of the Estimated Cost |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender in R.W. Division, Bargarh | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bargarh | ONLINE-BGH-06 of 2024-25 | 04.11.2024 at 11.00 A.M. | 14.11.2024 upto 5.00 P.M. | 14.11.2024 upto 4.00 P.M. | 16.11.2024 at 11.00 A.M. | 19.11.2024 at 11.00 A.M. |

Further details can be seen from the website www.tendersorissa.gov.in.

**Sd./- Executive Engineer**
**R.W. Division, Bargarh**

**OIPR-25062/11/0006/2425**



**GOVT. OF ODISHA** No.O-451

**OFFICE OF THE SUPERINTENDING ENGINEER**
**RURAL WORKS DIVISION NO. - II, KEONJHAR**

E-mail : eerw_kjr2@yahoo.com

**"e" Procurement Notice for Road Works**
**Identification No. Online NCB - 03/2024-25**

1. Name of the Work : 32 Nos. Road Works 2. Total Number of Work : 32 Nos. 3. Estimated Cost : Rs. 5.00 Lakhs to Rs. 50.00 Lakhs 4. Class of Contractor : 'D' & 'C' Class, 'C' & 'B' Class, Only 'B' Class 5. Period of Completion : As per annexure of e-Procurement Notice No. 03/2024-25 6. Other Details :

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division - II, Keonjhar | Road Online NCB No. 03 | Dt. 01.11.24 at 11.00 A.M. | Dt. 13.11.24 up to 5.00 P.M. | Dt. 12.11.24 up to 5.00 P.M. | Dt. 14.11.2024 at 11.00 A.M. |

Further details can be seen from the Website www.tenderorissa.gov.in

**Sd./- Executive Engineer**
**R.W. Divn. No. - II, Keonjhar**

**OIPR-25093/11/0003/2425**



**GOVERNMENT OF ODISHA** No.O-450

**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**

E-mail : ruralworksdivisioniimalkangiri@yahoo.in

INVITATION FOR BIDS

**NATIONAL COMPETITIVE BIDDING**

**Bid Identification No. : RWDSE_MKG_II_ONLINE_05/2024-25**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work : Building works 2. No. of Works : 04 Nos. 3. Estimated Cost : Rs. 11.02 lakhs and Rs. 28.44 Lakhs 4. Tender Paper Cost : Rs. 6,000/- 5. Class of Contractor :

| Estimated cost up to Rs. 20.00 lakhs | Estimated cost up to Rs. 40.00 lakhs | Estimated cost more than Rs. 20.00 lakhs & within Rs. 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 04 (Four) calendar months
7. Critical dates :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_05 of 2024-25 | 01.11.2024 at 11.00 A.M. | 16.11.2024 up to 05.30 P.M. | 14.11.2024 up to 1.00 P.M. | 18.11.2024 up to 11.00 A.M. |

- Further details can be seen in the bidding documents, which is available in thee-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**Sd./- Executive Engineer**
**Rural Works Division-II, Malkangiri**

**OIPR-25079/11/0006/2425**



**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work Certified

**ABRIDGED VERSION OF CIRCULAR NO. CSR/2024-25/289 Dtd. 09/10/2024**
**LAST DATE FOR SUBMISSION OF APPLICATION - 30/11/2024**

**SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (AY 2024-25 JOINING)**

Applications in the prescribed format are invited for grant of the above financial assistance from the eligible students as per details given below.

**Eligibility criteria for application:**

- The student should belong to Scheduled Caste or Scheduled Tribe/ others, and should be a resident of Sundargarh district, Odisha.
- The applicant should have taken admission in academic year 2024-25:
  - ⌘ **Graduation course in Engineering, Medical or Agriculture (including integrated/dual degree M.Tech. Course)**

    OR
  - ⌘ **Post Graduation course of at least two years duration in Engineering/ Medical/ Agriculture/ Business Administration.**
- Details of professional course, in the academic year 2024-25 in a recognized institution should be as follows,-
  - i. For Graduation Courses of at least four years duration (B.Tech/ B.Sc (Engg.)/B.Sc (Ag)etc.).
  - ii. For Graduation Courses of less than 4-years duration (e.g. Lateral entry in B.Tech./B.Sc (Engg.) after Diploma in Engg.).
  - iii. For Graduation courses of more than 4-years duration (e.g. 5 yrs MBBS, 5-yr integrated/dual degree M.Tech.).

    OR
  - iv. For Post Graduate course of at least two years duration (e.g. M.Tech./MD/MS/M.Sc.(Ag)/MBA etc.)
- The student, whose parents (taken together) are having annual income from all sources **not exceeding Rs.2,50,000/- (Rupees Two Lakhs Fifty Thousand),** shall be eligible for the financial assistance.

**Basis of Selection**: The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

**Financial assistance amount**: The amount of financial amount is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-yr duration, Rs. 90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B.Tech./BSc(Engg.)after Diploma in Engg., Rs. 1,50,000/- (Rupees One Lakh Fifty Thousand Only) for courses of 5-yr duration and Rs. 60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs. 30,000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The details along with application format are available in the 'News' section of "Career" page at our company's website **www.sail.co.in** or **www.sailcareers.co.in**. The duly completed application along with required documents are to be submitted in a sealed envelope at the office of the **General Manager I/c, CSR Department, IPD Building, Sector-20, Rourkela - 769 005 latest by 30/11/2024(4.00 PM).**

**General Manager I/c (CSR)**
**RSP-SAIL**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

CBC 40109/12/0010/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ବାବୁନ୍
ପରିବାରବର୍ଗ


ସାତ୍ତ୍ୱିକ
ପରିବାରବର୍ଗ


ନୀଲମ୍
ପରିବାରବର୍ଗ


ଦକ୍ଷିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୩.୧୦ କୋଟି ଶ୍ରମିକଙ୍କ ପାଇଁ ଆଧାର ସିଡିଂ

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ୨୦୦୫ (ମହାତ୍ମା ଗାନ୍ଧୀ ନରେଗା)ର ଅଧୀନରେ ଗ୍ରାମୀଣ ନିଯୁକ୍ତି ୧୬% ହ୍ରାସ ପାଇଥିବା କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବାବେଳେ ଏନେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ୨୦୦୬-୦୭ ଆର୍ଥିକ ବର୍ଷରୁ ୨୦୧୩-୧୪ ଆର୍ଥିକ ବର୍ଷ ମଧ୍ୟରେ ମୋଟ ବ୍ୟକ୍ତି ଦିବସ ୧୬୬୦ କୋଟି ଥିବା ବେଳେ ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ମୋଟ ବ୍ୟକ୍ତି ଦିବସ ୨୯୨୩ କୋଟି ରହିଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟାନୁସାରେ, ଶନିବାର ସୁଦ୍ଧା ୧୩.୧୦ କୋଟି ସକ୍ରିୟ ଶ୍ରମିକଙ୍କ ପାଇଁ ଆଧାର ସିଡିଂ କରାଯାଇଛି, ଯାହା କି ମୋଟ ସକ୍ରିୟ ଶ୍ରମିକ (୧୩.୧୮ କୋଟି)ର




୯୯.୩% ଅଟେ। ତେବେ ମନ୍ତ୍ରଣାଳୟର ସୂଚନାନୁସାରେ ଅଯୋଗ୍ୟ କର୍ମଚାରୀଙ୍କ କ୍ଷେତ୍ରରେ, ଯେଉଁମାନଙ୍କର ଏବିପିଏସ ଏବେ ବି ବିଚାରାଧୀନ ଅଛି, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସମସ୍ତ ବ୍ୟାଙ୍କକୁ ଏନଆରଇଜିଏସ ହିତାଧିକାରୀଙ୍କ ଆଧାର ନମ୍ବରକୁ ଏନପିସିଆଇ ମ୍ୟାପରେ ଠିକ ସମୟରେ ଯୋଡ଼ିବା ସୁନିଶ୍ଚିତକୁ ସଚେତନ କରିବାକୁ ଅନୁରୋଧ କରାଯାଇଛି। ତେବେ ମହାତ୍ମା ଗାନ୍ଧୀ ଏନଆରଇଜିଏସ ଅଧୀନରେ ଜବ କାର୍ଡ ଯାଞ୍ଚ ଏକ ନିରନ୍ତର ପ୍ରକ୍ରିୟା। ମିଳିଥିବା ତଥ୍ୟାନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଡିଲିଟ ହୋଇଥିବା ଜବ କାର୍ଡ ସଂଖ୍ୟା ୧୦୨.୨୦ ଲକ୍ଷ ଥିବା ବେଳେ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ୨୬.୧୦.୨୪ ସୁଦ୍ଧା ଏହା ୩୨.୨୮ ଲକ୍ଷ ରହିଛି। ଏଥିରୁ ଏହା ସ୍ପଷ୍ଟ ଯେ ଆନ୍ଧ୍ରପ୍ରଦେଶରେ ୨୦୨୪ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ସମୁଦାୟ ୩.୪୩ ଲକ୍ଷ ନୂତନ ଶ୍ରମିକ ଯୋଡ଼ି ହୋଇଥିବା ବେଳେ ୨.୮୫ ଲକ୍ଷ ଶ୍ରମିକଙ୍କୁ ଛଟେଇ କରାଯାଇ ୫୮ ହଜାର ଶ୍ରମିକ ଯୋଡ଼ି ହୋଇଛନ୍ତି। ଅନ୍ୟପଟେ ଜାନୁଆରୀ ପହିଲାରୁ ବାଧ୍ୟତାମୂଳକ କରାଯାଇଥିବା ସମସ୍ତ କାର୍ଯ୍ୟ (ବ୍ୟକ୍ତିଗତ ହିତାଧିକାରୀ କାର୍ଯ୍ୟବ୍ୟତୀତ) ପାଇଁ ଏନଏମଏମଏସ ଆପ ମାଧ୍ୟମରେ ଗୋଟିଏ ଦିନରେ ଶ୍ରମିକମାନଙ୍କର ଜିଓ-ଟ୍ୟାଗ, ଦୁଇଟି ଟାଇମ ଷ୍ଟାମ୍ପ ଫଟୋ ସହିତ ରିୟଲ ଟାଇମ ଉପସ୍ଥାନ ସଂଗ୍ରହ କରିବା ଅନ୍ତର୍ଭୁକ୍ତ। ଯାହାକୁ ୧ ଜାନୁୟାରୀ ୨୦୨୩ ଠାରୁ ବାଧ୍ୟତାମୂଳକ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୨୦.୩୫ ଲକ୍ଷ କାର୍ଯ୍ୟସ୍ଥଳୀ (୯୫.୬୬%) ପାଇଁ ଉପସ୍ଥାନ ସଂଗ୍ରହ କରାଯାଇ ପୋର୍ଟାଲରେ ଅପଲୋଡ କରାଯାଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ବଜେଟ ଆବଣ୍ଟନ କେବଳ ବିଇ ପର୍ଯ୍ୟାୟରେ ୩୩,୦୦୦ କୋଟି ଟଙ୍କା ଥିଲା, ଯାହା ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ରେ ୮୬,୦୦୦ କୋଟି ଟଙ୍କା, ଯାହା ଆରମ୍ଭ ପରଠାରୁ ସର୍ବାଧିକ। ଏହାବ୍ୟତୀତ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବନିମ୍ନ ହାରାହାରି ବେତନ ହାର ୭% ବୃଦ୍ଧି ପାଇଛି। ମହାତ୍ମା ଗାନ୍ଧୀ ଏନଆରଇଜିଏସ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରଣାଳୟ ଅର୍ଥ ମନ୍ତ୍ରଣାଳୟଠାରୁ ଅତିରିକ୍ତ ପାଣ୍ଠି ମାଗିଛି। ୧୫ ଦିନର ନିର୍ଦ୍ଧାରିତ ଅବଧି ମଧ୍ୟରେ (ବିଳମ୍ବ ପାଇଁ କୌଣସି କ୍ଷତିପୂରଣ ବିନା) ଶ୍ରମିକଙ୍କ ମଜୁରି ପ୍ରଦାନ କରାଯାଏ ନାହିଁ ବୋଲି କହିବା ଠିକ ନୁହେଁ ବୋଲି ବିଭାଗ ଦର୍ଶାଇଛି। ବର୍ତ୍ତମାନ ୯୭% ଫଣ୍ଡ ଟ୍ରାନ୍ସଫର ଅର୍ଡର (ଏଫଟିଓ) ଠିକ ସମୟରେ ସୃଷ୍ଟି ହେଉଛି।

# ବିଓବି ଉତ୍ସବ ଜମା ସ୍କିମ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୭।୧୦

ବ୍ୟାଙ୍କ୍ ଅଫ୍ ବରୋଦା (ବିଓବି)ର ଏକ ୪୦୦ ଦିନିଆ ମିଆଦୀ ଜମା ସ୍କିମ୍ 'ବିଓବି ଉତ୍ସବ ଜମା ସ୍କିମ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଜମା ସ୍କିମ ଜରିଆରେ ଆକର୍ଷଣୀୟ ସୁଧହାର ପ୍ରଦାନ କରାଯାଉଛି, ସାଧାରଣ ଗ୍ରାହକ ବାର୍ଷିକ ୭.୩୦%, ବରିଷ୍ଠ ନାଗରିକ ଗ୍ରାହକ ବାର୍ଷିକ ୭.୮୦%, ସୁପର ସିନିୟର ନାଗରିକ (୮୦ ବର୍ଷ ବୟସ କିମ୍ବା ତା'ଠାରୁ ଅଧିକ) ବାର୍ଷିକ ୭.୯୦% ଏବଂ ନନ-କଲେବଲ ଜମା ଉପରେ ବାର୍ଷିକ ୭.୯୫% ପର୍ଯ୍ୟନ୍ତ ସୁଧ ହାର ମିଳିବ।ସେହିଭଳି ଏହି ନୂତନ ସ୍କିମ୍ ନିକଟରେ ଆରମ୍ଭ ହୋଇଥିବାବେଳେ ଏହା ୩ କୋଟି ଟଙ୍କାରୁ କମ ମୂଲ୍ୟର ମିଆଦୀ ଜମା ଉପରେ ଲାଗୁ ହେବ। ସେହିପରି ଏହି ଉତ୍ସବ ଅଭିଯାନର ଅଂଶ ସ୍ୱରୂପ ବ୍ୟାଙ୍କ ପକ୍ଷରୁ ୩ ବର୍ଷରୁ ଅଧିକ ତଥା ୫ ବର୍ଷରୁ

बैंक ऑफ़ बड़ौदा Bank of Baroda

କମ ମିଆଦୀ ଜମାର ସୁଧ ହାରରେ ୦.୩୦% ବୃଦ୍ଧି କରାଯାଇଛି,ଯାହା ଫଳରେ ସୁଧ ହାର ବାର୍ଷିକ ୬.୫୦%ରୁ ବୃଦ୍ଧି ପାଇ ୬.୮୦% ହୋଇଛି। ସୁଧ ହାରରେ ହୋଇଥିବା ଏହି ବୃଦ୍ଧି ଦ୍ୱାରା ବିଓବି ଏସଡିପି (ସିଷ୍ଟମେଟିକ ଡିପୋଜିଟ ପ୍ଲାନ) ର ଗ୍ରାହକମାନେ ଉପକୃତ ହୋଇପାରିବେ। ଯେଉଁମାନେ ୩ ରୁ ୫ବର୍ଷର ଅବଧି ପାଇଁ ନିଜର ମାସିକ ଅବଦାନକୁ ଅଧିକ ସୁଧ ହାରରେ ଲକ୍-ଇନ୍ କରିବେ। ବିଓବି ଆର୍ଥ ଗ୍ରିନ ମିଆଦୀ ଜମାର ସୁଧ ହାରକୁ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଅବଧିରେ ୦.୩୦% ବୃଦ୍ଧି କରାଯାଇଛି। ପ୍ରଥମ ଥର ଲାଗି ବ୍ୟାଙ୍କ ପକ୍ଷରୁ ମିଆଦୀ ଜମାରେ ସୁପର ସିନିୟର ନାଗରିକ ବର୍ଗ ସାମିଲ କରାଯାଇଛି, ଯେଉଁଥିରେ ୮୦ ବର୍ଷ କିମ୍ବା ତାଠାରୁ ଅଧିକ ବୟସର ଗ୍ରାହକମାନଙ୍କୁ ୧ବର୍ଷରୁ ୫ବର୍ଷ ଅବଧିର ମିଆଦୀ ଜମା ଉପରେ ଦିଆଯାଉଥିବା ସୁଧ ହାର ଉପରେ ଅତିରିକ୍ତ ୦.୧୦% ସୁଧ ପ୍ରଦାନ କରାଯାଉଛି।

ବିଓବିର ଏମଡି ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ଜମା ଉପରେ ଆମେ ନୂତନ ଅଫର ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଉତ୍ସବ ଋତୁରେ ଉପଭୋକ୍ତାଙ୍କ ସଞ୍ଚୟକୁ ବଢ଼ାଇବାକୁ ଚାହୁଁଥିବା ଗ୍ରାହକଙ୍କୁ ଅଧିକ ଖୁସି ପ୍ରଦାନ କରିବ। ବର୍ତ୍ତମାନର ସୁଧ ହାର ଚକ୍ରରେ ଅଧିକ ରିଟର୍ନ ହାସଲ କରିବା ଲାଗି ବିଓବି ଉତ୍ସବ ଜମା ସ୍କିମ୍ ଜମାକାରୀମାନଙ୍କ ଲାଗି ଏକ ଶ୍ରେଷ୍ଠ ସୁଯୋଗ ପାଲଟିଛି।


### ଜନ୍ମଦିନ ଶୁଭେଚ୍ଛା



**ସାତ୍ତ୍ୱିକ ସେନାପତି (ନାନୁନା)**

ଆଜି ତୁମ ଜନ୍ମଦିନ । ସାଇନାଥଙ୍କ ନିକଟରେ ମୋର ପ୍ରାର୍ଥନା, ସାଇ ତୁମକୁ ସଦାସର୍ବଦା ସଦ୍‌ବୁଦ୍ଧି, ସତ୍‌ଚିନ୍ତା ଓ ନୀରୋଗରେ ରଖନ୍ତୁ।
ତୁମର ଶୁଭେଚ୍ଛା ବୃନ୍ଦ- ହରି ନାରାୟଣ ବେବର୍ତ୍ତା (ଅଜା), ଭାରତୀ ବେବର୍ତ୍ତା (ଆଈ), ୰ମନୋଜ କୁମାର ବେବର୍ତ୍ତା (ମାମୁ), ଚୁମ୍‌କି, ସୁମିତି ସେନାପତି (ବାପା), ସସ୍ମିତା ସେନାପତି (ମାଆ), ଜେଜେବାପା, ଜେଜେମାଆ, ଦାଦା, ଖୁଡ଼ୀ, ଇନୁ।

ଧ-୧୭୮୬

### ଜନ୍ମ ଦିନ ଶୁଭେଚ୍ଛା




**ଜିଜ୍ଞାସୁ କୁମାର ମହାନ୍ତି(ବାବୁନ)**
ସୁଭଦ୍ରାପୁର, ବାଲିକୁଦା, କଟକ

୨ୟ ତମ ଜନ୍ମ ତିଥିରେ ଜଗତର ନାଥ ଶ୍ରୀ ଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ ।

ଶୁଭେଚ୍ଛା ସହ
ଜେଜେ ବାପା, ଜେଜେ ମା, ଅଜା, ଆଈ, ବାପା, ବୋଉ, ମାମୁ, ମାଉସୀ, ଅପା, ପିଇସା, ଭାଇ, ଭଉଣୀ, ଓ ସମ୍ପର୍କୀୟ

ଧ-୧୭୮୪

### ଜନ୍ମଦିନ ଶୁଭେଚ୍ଛା



**ନୀଲମ ବନଛୋର**
ଲଇଡ଼ାଗୁଣା, କୁଚିଣ୍ଡା, ସମ୍ବଲପୁର

୬ଷ୍ଠତମ ଜନ୍ମଦିନ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା । ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରି ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ-ବାପା ଓ ବୋଉ, ବଡବାପା ଓ ମାଆ, ଅଜା, ଆଈ, ଲିଙ୍କନ, ଲିପୁନ ଓ ଲିବୁନ ମାମୁଁ, ମିଲନ ଓ ଝଙ୍କାର ଦାଦା, ଆଶୀର୍ବାଦ ଭାଇ ଓ ଲିପି ମାଉସୀ।

ଧ-୧୭୮୫


# ଏନ୍‌ପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୨୭।୧୦

ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ ବା ଏନପିସିଆଇର ସହାୟକ ସଂସ୍ଥା ଏନପିସିଆଇ ଭିମ୍ ସର୍ଭିସେସ ଲିମିଟେଡ (ଏନବିଏସଏଲ)ର ନୂତନ ଅଭିଯାନ 'ମିଠି ଦିୱାଲୀ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଚାଇଲଡ ରାଇଟସ ଆଣ୍ଡ ୟୁ ସହଭାଗିତାରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ ଅନଗ୍ରସର ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯିବ। ଏ ସମ୍ପର୍କରେ ଏନବିଏସଏଲର ସିବିଓ ରାହୁଲ ହାଣ୍ଡା କହିଛନ୍ତି, ଡିଜିଟାଲ ପେମେଣ୍ଟ ଜରିଆରେ ଆମେ ଏହି ଅଭିଯାନ ଆରମ୍ଭ କରିଛୁ। ଏପରିକି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଭିମ ଚାହୁଁଛି,ପ୍ରତି କାରବାରରେ ଖୁସି ବାଣ୍ଟିବାର ଏକ କାର୍ଯ୍ୟ ବୋଲି 'ମିଠି ଦିୱାଲୀ' ଅଭିଯାନ ସୁନିଶ୍ଚିତ କରୁଛି। ସେହିଭଳି ଆମେ ଏହି ଅଭିଯାନ ମାଧ୍ୟମରେ ଭାରତର ସୋଭରେନ ଡିଜିଟାଲ ପେମେଣ୍ଟ ଫ୍ରେମୱର୍କକୁ ସୁଦୃଢ଼ କରିବାର ଗୌରବ ହାସଲ କରି ଏକ ଭବିଷ୍ୟତ ଗଠନ କରୁଛୁ,ଯେଉଁଠାରେ ପ୍ରଯୁକ୍ତି ଓ ଅନ୍ୟ ପ୍ରତି ସହାନୁଭୂତି ପୋଷଣ କରିବାର ଭାବନା ଏକ ସଙ୍ଗେ ଆଗକୁ ବଢ଼ିବ। ମିଠିଦିୱାଲୀ ଅଭିଯାନ ନିରବଚ୍ଛିନ୍ନ ଭାବେ ସାମାଜିକ ଉଦ୍ଦେଶ୍ୟ ସହିତ ଡିଜିଟାଲ ପେମେଣ୍ଟକୁ ସମନ୍ୱିତ କରିଛି, ଯାହା ଭିମ ବ୍ୟବହାରକାରୀମାନଙ୍କୁ କ୍ୟାଶଲେସ ପେମେଣ୍ଟର ସୁବିଧା ଉପଭୋଗ କରିବା ସହିତ ଏକ ଅର୍ଥପୂର୍ଣ୍ଣ ଅଭିଯାନ ପାଇଁ ଯୋଗଦାନ କରିବାରେ ସହାୟକ ହେଉଛି। ଦୈନନ୍ଦିନ ବ୍ୟବହାରରେ ପରିବର୍ତ୍ତନ ନ କରି କେବଳ ନିଜର ନିୟମିତ ପେମେଣ୍ଟ ପାଇଁ ଭିମ ଆପକୁ ବ୍ୟବହାର କରି ଏହି ଅଭିଯାନରେ ଅଂଶଗ୍ରହଣ କରିବା ଲାଗି ବ୍ୟବହାରକାରୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହି ଅଭିଯାନ ଭିମ ୟୁପିଆଇ ଆପର ସହଜତା ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରୁଥିବାବେଳେ ସାମାଜିକ କାର୍ଯ୍ୟ ଲାଗି ଯୋଗଦାନ ପ୍ରଦାନ କରିବା ଲାଗି ବ୍ୟବହାରକାରୀଙ୍କୁ ସାହାଯ୍ୟ କରୁଛି,ଯାହା ଦୀପାବଳି ଉତ୍ସବର ମୂଲ୍ୟବୋଧ ଯଥା ଖୁସି, ଭଲ ପାଇବା ଓ ଏକତା ଯୋଡ଼ିବା ସହ ସମନ୍ୱିତ ରହିଛି।


# Classified Everyday
0674-2580101, 2549949



## REAL ESTATE
### SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-1783

Duplex sale at Bhubaneswar and apartment Kalinganagar DAV School- 9777433701. D-76202

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1782

Sale Dr. purchase House, Land, Flat Bhubaneswar, from Owner- 9827152441. D-1769

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରତାରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-76201

## ACCOMMODATION

Free Accommodation for Senior Citizens mentally ill person and drug addicted person with all facilities. Contact- 9337160036, 7325991853. D-1763

## AFFIDAVIT

Affidavit before Executive Magistrate, Kamakhyanagar, I Budhimanta Kabi, S/o- Shatrughana Kabi, At-Samakuda, P.O.- Birabarapur Nuagaon, P.S.-Telkoi, Dist.- Keonjhar have change my name from Budhadev Kabi to Budhimanta Kabi for LIC Policy No.- 587173733 and all purpose. D-75466


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF 1ST ADDITIONAL SENIOR CIVIL JUDGE, BHUBANESWAR
C.S.No.-2913/2021

Bijay Krushna Das & another ...Plaintiff
Vrs
Klassitech Infra Properties Pvt.Ltd & others ......Defendants

Notice Under Order- V Rule 20 of C.P.C

To, Defendant No-1- Klassitech Infra Properties Pvt. Ltd.represented through its Managing Director Narayan Moharana aged about 38yrs, S/o Ganeswar Moharana. Defendant No-2- Narayan Moharana aged about 38yrs, S/o Ganeswar Moharana Both office at Plot No.-99, Jagamohan Nagar, Jagamara, P.S.-Khandagiri, Dist.-Khordha.

Whereas the above named Plaintiff have filed the above suit against you for Declaration & Permanent Injuction you are hereby summoned to appear in this Court in person, or by pleader duly instructed on 03.12.24 at 10.30 AM and file your written statement. Take notice that, in default of your appearance on the before mentioned the suit will be heard and determined in your absence.

Suit land
Dist.-Khordha, Mouja-Balianta, Khata No.-450, Plot No.-1670, area Ac.0.280 Gharbari.
Given under my hand and the seal of this Court, this Day of 22.10.24.

1st Addl.Senior Civil Judge, Bhubaneswar. Dt. 22.10.24
D-1738


## ମନେ ପଡ଼ନ୍ତି

### ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ଷଷ୍ଠ ବର୍ଷ)



**ସ୍ୱର୍ଗତା ସ୍ନେହଲତା ମହାନ୍ତି**
ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।

-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ।

ଧ-୭୪୭୭୧

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।


# ଉତ୍କଳ ବିଲ୍ଡର୍ସଙ୍କୁ ଟାଇମ୍ସ ବିଜ୍‌ନେସ୍ ଆୱାର୍ଡ




ଭୁବନେଶ୍ୱର,୨୭।୧୦: (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ରିୟଲ ଇଷ୍ଟେଟ୍ ବ୍ରାଣ୍ଡ୍ ଉତ୍କଳ ବିଲ୍ଡର୍ସ ଲିମିଟେଡ୍ (ଉତ୍କଳ ବିଲ୍ଡର୍ସ)କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ 'ବିଶ୍ୱସନୀୟ ଡେଭଲପର୍ ସହିତ ଟାଇମ୍ସ ବିଜନେସ୍ ଆୱାର୍ଡ' ମିଳିଛି। ଏହି ସମ୍ମାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଯାହା ଉତ୍କଳ ବିଲ୍ଡର୍ସର ୩୪ ବର୍ଷ ଅବଧି ମଧ୍ୟରେ ଓଡିଶାର ରିଏଲ୍ ଇଷ୍ଟେଟ୍ ଶିଳ୍ପରେ ଅର୍ଜିତ ବିଶ୍ୱାସକୁ ପ୍ରତିଫଳିତ କରିଛି। ଓଡିଶାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସାଧନା ପାଇଁ ପ୍ରଦାନ କରାଯାଇଥିବା ଏହି ପୁରସ୍କାର ଉତ୍କଳ ବିଲ୍ଡର୍ସର ଡିଜାଇନ୍, ଗୁଣବତ୍ତା, ସୁବିଧାସମୂହ ଏବଂ ସେବାରେ ଉତ୍କୃଷ୍ଟତା ପ୍ରତି ଅବଧାନକୁ ଉତ୍କର୍ଷ କରିଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଯୋଗ ଦେଇ ଉତ୍କଳ ବିଲ୍ଡର୍ସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁଭାସ ଭୁରା ମୁଖ୍ୟମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଉତ୍କଳ ବିଲ୍ଡର୍ସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁଭାସ ଭୁରା କହିଛନ୍ତି,ଏହି ସମ୍ମାନ ପାଇଁ ଆମେ ଅତ୍ୟନ୍ତ କୃତଜ୍ଞ। ଏପରିକି ଆମର ଗ୍ରାହକମାନଙ୍କ ଦ୍ୱାରା ଆମ ଉପରେ ରଖାଯାଇଥିବା ବିଶ୍ୱାସ ଆମ ଯାତ୍ରାର ସବୁଠାରୁ ବଡ଼ ପୁରସ୍କାର ରୂପେ ରହିଛି,ଏହା ଆମକୁ ନିତି ଭଲ କାମ କରିବାକୁ ପ୍ରେରିତ କରିବ।ଆମର ରାଜ୍ୟର ପ୍ରଗତିରେ ଅଂଶଗ୍ରହଣ କରିବାକୁ ଏବଂ ଆମ ଗ୍ରାହକମାନଙ୍କ ଜୀବନରେ ପ୍ରଭାବ ସୃଷ୍ଟି କରିବାର ଉଦ୍ଦେଶ୍ୟରେ ପ୍ରଶଂସା କରାଯାଇଥିବାରୁ ଆମେ କୃତଜ୍ଞ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ସେହିଭଳି ଉତ୍କଳ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କହିଛନ୍ତି, ଆମେ ସବୁବେଳେ ପ୍ରଥମ ହେବାକୁ ଗୁଣବତ୍ତା ଥିବା ଆବାସିକ, ବାଣିଜ୍ୟିକ ଏବଂ ଖୁଚୁରା ପ୍ରକଳ୍ପ ସୃଷ୍ଟି କରିବା ଏବଂ ସହର ପରିବର୍ତ୍ତନକୁ ସମ୍ଭବ କରିବାରେ ଗୁରୁତ୍ୱ ଦେଇଆସୁଛୁ। ଏପରିକି ଏହି ପୁରସ୍କାର ଆମକୁ ବିଶ୍ୱସ୍ତ ରିଏଲ୍ ଇଷ୍ଟେଟ୍ ଅନୁଭବ ଅପେକ୍ଷାକୁ ଜାରି ରଖିବାକୁ ଏବଂ ନବୀନତାକୁ ଆଗେଇ ଆଣିବାକୁ ଉତ୍ସାହିତ କରିବ। ସେହିପରି ଉତ୍କଳ ବିଲ୍ଡର୍ସର ସ୍ୱୀକୃତି ଓଡିଶାରେ ରିଏଲ୍ ଇଷ୍ଟେଟ୍ ପରିଦୃଶ୍ୟକୁ ଗଠନ ପ୍ରତି ତାଙ୍କର ଅବଦାନକୁ ଉଜ୍ଜ୍ୱଳ କରିବା ସହିତ ଓଡିଶାର ପ୍ରମୁଖ ଡେଭଲପର୍ ଭାବେ ବ୍ରାଣ୍ଡର ଅବସ୍ଥାନକୁ ଦୃଢ କରିଛି।

# ଡିସ୍‌କମ୍ ଉଦ୍ୟମରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଜାରି

ଭୁବନେଶ୍ୱର,୨୭।୧୦

ସାମୁଦ୍ରିକ ଝଡ଼ 'ଦାନା' ପ୍ରଭାବରେ ହୋଇଥିବା କ୍ଷୟକ୍ଷତିର ମୁକାବିଲା ପାଇଁ ଟାଟା ପାୱାର ନେତୃତ୍ୱାଧୀନ ୪ଟି ଡିସ୍‌କମ୍ ପକ୍ଷରୁ ବ୍ୟାପକ ପୁନରୁଦ୍ଧାର ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ଓଡ଼ିଶା ସରକାର ଓ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି)ଙ୍କ ତତ୍ତ୍ୱାବଧାନରେ ଏହି ୪ଟି ଡିସକମ୍ କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ ସେବାର ପୁନରୁଦ୍ଧାର ପାଇଁ ଅତିରିକ୍ତ ମାନବ ସମ୍ବଳ ନିୟୋଜିତ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରଭାବିତ ଅଞ୍ଚଳରେ ୯୨% ବିଦ୍ୟୁତ ସେବା ପୁନରୁଦ୍ଧାର ସହ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମଗୁଡ଼ିକ ସମ୍ପୂର୍ଣ୍ଣ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଟିମ୍ ନିୟୋଜିତ କରିଛନ୍ତି। ସେହିଭଳି ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ), ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏସଓଡିଏଲ) ଏବଂ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶସନ ଲିମିଟେଡ (ଟିପିସିଓଡିଏଲ)ର ଦକ୍ଷ




ଇଞ୍ଜିନିୟର, ଲାଇନମ୍ୟାନ ଏବଂ ସହାୟକ ଷ୍ଟାଫମାନେ ସରକାରୀ ସଂସ୍ଥା ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି। ଏପରିକି ୩୩କେଭି, ୧୧କେଭି ଓ ଏଲଟି ନେଟୱର୍କ ପରିଚାଳନାରେ ଅଭିଜ୍ଞ ଏହି ଟିମ୍ ଭଦ୍ରକ ଓ ସୋର ଭଳି ଅଧିକ ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇଛନ୍ତି। ସେହିପରି ବାଲେଶ୍ୱରରେ ସ୍ଥାପିତ ୨୪ ଘଣ୍ଟିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ପିଏସ୍‌ସିସି) ଏବଂ ବିଭିନ୍ନ ଡିଭିଜନର ସ୍ଥାନୀୟ କଣ୍ଟ୍ରୋଲ ରୁମ୍ ବାସ୍ତବ ସମୟରେ ଗ୍ରୀଡ୍ ସ୍ଥିରତା ତଦାରଖ କରିବା, ଲୋଡ ବଣ୍ଟନ ପରିଚାଳନା କରିବା ଏବଂ ନେଟୱର୍କ ପ୍ରତି ଅଧିକ ବିପଦକୁ ହ୍ରାସ କରିବା ପାଇଁ ମରାମତିରେ ସମନ୍ୱୟ ରକ୍ଷା କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏପରିକି ବାତ୍ୟା ପ୍ରଭାବରେ ଅବରୋଧ ହୋଇଥିବା ରାସ୍ତା ଓ ଜଳବନ୍ଦୀ ଅଞ୍ଚଳ ମଧ୍ୟରେ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର, ଭ୍ରାମ୍ୟମାଣ ସବଷ୍ଟେଶନ ମୁତୟନ, ବିଦ୍ୟୁତ ତାରର ମରାମତି ଏବଂ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ଉପକରଣ ବ୍ୟବହାର କରିବା ପାଇଁ ଟାଟା ପାୱାରର ଟିମ୍ ୨୪ ଘଣ୍ଟା କାମ କରୁଛନ୍ତି। ନେଟୱର୍କ ସ୍ଥିରତାକୁ ଦ୍ରୁତ ଏବଂ ସୁରକ୍ଷିତ ଭାବେ ପୁନରୁଦ୍ଧାର କରିବା ପାଇଁ ସେମାନେ ଅତ୍ୟାବଶ୍ୟକ ଉପକରଣ ଏବଂ ପିପିଇ ବ୍ୟବହାର କରୁଛନ୍ତି। ନିରନ୍ତର ପ୍ରୟାସ ଏବଂ ସକ୍ରିୟ ପଦକ୍ଷେପ ମାଧ୍ୟମରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ ପ୍ରଭାବିତ ଅଞ୍ଚଳରେ ବିଶ୍ୱସନୀୟ ବିଜୁଳି ସେବା ଯୋଗାଇଦେବା ପାଇଁ ଉତ୍ସର୍ଗୀକୃତ ରହିଛି, ଯାହା ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସ୍ଥିର ଏବଂ ନିର୍ଭରଯୋଗ୍ୟ ସେବା ଯୋଗାଇଦେବା ପାଇଁ ଥିବା ସେମାନଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ନାଏବ ସରପଞ୍ଚଙ୍କ ଘରକୁ ବୋମାମାଡ଼

ଦିଗପହଣ୍ଡି, ୨୭।୧୦(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ କିଛିଦିନ ହେଲା ଛକାପଞ୍ଝା ଲାଗିରହିଛି। ଶନିବାର ବିଳମ୍ବିତ ରାତିରେ ପଞ୍ଚାୟତ ଅଧୀନ ନୂଆଗଡ଼ ଗ୍ରାମରେ ରହୁଥିବା ନାଏବ ସରପଞ୍ଚ ବିଟୁ ସେଠୀଙ୍କ ଘର ଉପରକୁ କେତେଜଣ ଦୁର୍ବୃତ୍ତ ବୋମାମାଡ଼ କରି ବାଇକ୍‌ରେ ଚମ୍ପଟ ମାରିଛନ୍ତି। ଏନେଇ ନାଏବ ସରପଞ୍ଚ ପାଟପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବୋମା ଗୁଣ୍ଡୁଡ଼ା, ସୁତୁଲି, ଗୋଡ଼ି ଆଦି ଜବତ କରି ତଦନ୍ତ ଚଳାଇଛି।

ମୌଳାଭଞ୍ଜା ପଞ୍ଚାୟତରେ ବର୍ଷା ସେଠୀ ସରପଞ୍ଚ ନିର୍ବାଚିତ ହେବା ପରଠାରୁ ନିୟମିତ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ସେ ତାଙ୍କ ସ୍ୱାମୀଙ୍କ ସହାୟତାରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ

## ମୌଳାଭଞ୍ଜା ପଞ୍ଚାୟତରେ ରାଜନୈତିକ ଛକାପଞ୍ଝା




ନାଏବ ସରପଞ୍ଚଙ୍କ ଘର ଏବଂ ଘର ସମ୍ମୁଖରେ ପଡ଼ିଥିବା ବୋମା ଗୁଣ୍ଡୁଡ଼ା।

ରହିବା ସହ ମନମୁଖୀ ଭାବେ ବିଭିନ୍ନ ନିଷ୍ପତ୍ତି ନେଉଛନ୍ତି । ସେ ୱାର୍ଡ ସଭ୍ୟାସଭ୍ୟ ଓ ନାଏବ ସରପଞ୍ଚଙ୍କୁ ଅଣଦେଖା କରୁଥିବା ଆଦି ଅଭିଯୋଗ ନେଇ ୧୮ଟି ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୫ଜଣ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରି ଗତ ୧୮ ତାରିଖରେ ବ୍ରହ୍ମପୁର ଉପଜିଲାପାଳ ଧିନା ଦସ୍ତାଗିରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ନେଇ ପଞ୍ଚାୟତ ରାଜନୀତି ସରଗରମ ହୋଇ ଉଠିଥିଲା। ଗତ ଗୁରୁବାର ସରପଞ୍ଚଙ୍କ ନେତୃତ୍ୱରେ ୮ ଜଣ ୱାର୍ଡ ସଭ୍ୟାସଭ୍ୟ ବ୍ରହ୍ମପୁର ଉପଜିଲାପାଳଙ୍କୁ ଭେଟି ନାଏବ ସରପଞ୍ଚଙ୍କ ବିରୋଧରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ନାଏବ ସରପଞ୍ଚ ତାଙ୍କ ସ୍ୱାର୍ଥ ସାଧନ ପାଇଁ କେତେଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ନକଲି ଦସ୍ତଖତ କରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିବା ଉପଜିଲାପାଳ ଏବଂ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଜଣାଇଥିଲେ। ଘଟଣାର ଆପୋଷ ସମାଧାନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ ଚାଲିଥିବା ବେଳେ ନାଏବ ସରପଞ୍ଚଙ୍କ ଘର ଉପରକୁ ବୋମା ମାଡ଼ ଘଟଣା ସ୍ଥିତିକୁ ଜଟିଳ କରିଛି। ଏନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି।

# ୯୦.୯ ଲକ୍ଷ ଭତ୍ତା ହଡ଼ପ, ପିଇଓଙ୍କ ନାଁରେ ମାମଲା

ଯାଜପୁର/ବିଞ୍ଝାରପୁର, ୨୭।୧୦
(ହର୍ଷବର୍ଦ୍ଧନ ବେହେରା/ରାମକୃଷ୍ଣ ଦାସ)

## ଉପଜିଲାପାଳଙ୍କ ଦସ୍ତଖତ ଜାଲିଆତି

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ତୃଣମୂଳଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ପର୍ଯ୍ୟନ୍ତ ଯାହାର ଯେତିକି କ୍ଷମତା ସେହି ଅନୁପାତରେ ଆତ୍ମସାତ୍ ବଢ଼ିବାଟା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହି ବ୍ଲକ ଅଧୀନରେ ମଧୁବାବୁ ପେନସନ ଯୋଜନାରେ ଉପଜିଲାପାଳଙ୍କ ଦସ୍ତଖତକୁ ଜାଲିଆତି କରାଯାଇ ୮୯୪ ଜଣ ଭୂତ ହିତାଧିକାରୀଙ୍କ ନାଁରେ ୯୦ ଲକ୍ଷ ୯ ହଜାର ଟଙ୍କା ଭତ୍ତା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଆବଶ୍ୟକ ତଦନ୍ତ କରିବା ପରେ ବିଡିଓ ଦିବ୍ୟେନ୍ଦୁ କୁମାର ଦାସ ବିଞ୍ଝାରପୁର ଥାନାରେ ୨୨।୧୦।୨୦୨୪ରେ ପୂର୍ବତନ ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର(ବିଏସ୍‌ଏସ୍‌ଓ) ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଧର୍ମେନ୍ଦ୍ର କୁମାର ସାହୁଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲା ଦାଏର କରିଛନ୍ତି। ବିଞ୍ଝାରପୁର ଥାନାରେ ୫୮୪/୨୦୨୪ରେ ଏକ ମାମଲା ରୁଜୁ କରି ଆବଶ୍ୟକ ତଦନ୍ତ ଜାରି ରହିଛି।

ବିଡିଓ ଦାସଙ୍କ ଅଭିଯୋଗ ଅନୁସାରେ ୮୯୪ ଜଣ ହିତାଧିକାରୀଙ୍କ ନାଁରେ ଭତ୍ତା ଅର୍ଥ ମଞ୍ଜୁର ହୋଇଥିବାବେଳେ ସେମାନଙ୍କ ନାମ ତାଲିକା ଏସ୍‌ଏସ୍‌ଇପିଡି ପୋର୍ଟାଲରେ ମିଳିନାହିଁ। ଏହାପରେ ବିଡିଓ ୧୪।୧୦।୨୦୨୪ରେ ବିଏସ୍‌ଏସ୍‌ଓ ସାହୁଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିଏସ୍‌ଏସ୍‌ଓ ସାହୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ମଞ୍ଜୁର ନିର୍ଦ୍ଦେଶ ମିଳିବା ପରେ ଉକ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ଆକ୍ୟୁଟେନ୍ସ ରୋଲ ପ୍ରସ୍ତୁତ କରିଥିଲେ ଏବଂ ଏହି ଅନିୟମିତତା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି ବୋଲି ଉତ୍ତର ରଖିଥିଲେ। ଏହାପରେ ବିଡିଓ ଦାସ ଏକ କମିଟି ଗଠନ କରି ଉକ୍ତ ଅନିୟମିତତା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ବିଏସ୍‌ଏସ୍‌ଓ ସାହୁ ଉପଜିଲାପାଳଙ୍କ ଦସ୍ତଖତକୁ ଜାଲିଆତି କରି ହିତାଧିକାରୀଙ୍କୁ ଭତ୍ତା ଅର୍ଥ ପ୍ରଦାନ କରିବାକୁ କାଗଜପତ୍ର ପ୍ରସ୍ତୁତ କରିଥିବା ପ୍ରମାଣିତ ହୋଇଥିଲା।

ଏହାପୂର୍ବରୁ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତର ୨୪ ଜଣ ମୃତ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ଯୋଜନାରେ ଭତ୍ତା ଉଠାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ନିଗ୍ଧା ସାହୁ, ଶ୍ୟାମସୁନ୍ଦର ଡିଣ୍ଡୁ, ସୂର୍ଯ୍ୟମଣି ପଟ୍ଟନାୟକ ଓ ବୀରେନ୍ଦ୍ର କୁମାର ମଲ୍ଲିକଙ୍କୁ ୨ ଲକ୍ଷ ୨୮ ହଜାର ୫୦୦ ଟଙ୍କା ଫେରସ୍ତ କରିବାକୁ ଦଶରଥପୁର ବିଡିଓ ନିର୍ଦ୍ଦେଶ ଜାରି କରିଥିଲେ। ସେତେବେଳେ କାର୍ଯ୍ୟାନୁଷ୍ଠାନ ଏତିକିରେ ସୀମିତ ରହିଥିଲା। ଭତ୍ତା ହଡ଼ପକାରୀଙ୍କ ନାମରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଜିଲାରେ ଏଭଳି ଭାବେ ଶତାଧିକ ମୃତ ହିତାଧିକାରୀଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ହଡ଼ପ ହେଉଥିବା କୁହାଯାଉଛି। ଏହାବାଦ ପ୍ରକୃତ ହିତାଧିକାରୀ ଚିହ୍ନଟରେ ମଧ୍ୟ ଅନିୟମିତତା ହେଉଥିବାରୁ ଅନେକ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। କିନ୍ତୁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେଇ କାର୍ଯ୍ୟାନୁଷ୍ଠାନକୁ କୋହଳ କରାଯାଉଛି। ଫଳରେ ଜିଲାରେ ଏଭଳି ମୃତ ବ୍ୟକ୍ତିଙ୍କ ନାମରେ ଅର୍ଥ ହଡ଼ପ ଅଭିଯୋଗ ମାମଲା ବଢ଼ି ବଢ଼ି ଯାଉଛି ବୋଲି ମତପ୍ରକାଶ ପାଇଛି।

# ସୁରକ୍ଷା କର୍ମୀ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ

ମାଲକାନଗିରି, ୨୭।୧୦(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ସୁରକ୍ଷା କର୍ମୀ- ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସୁକ୍‌ମା ଜିଲା କଙ୍ଗଲତୋଙ୍ଗ ଗ୍ରାମ ଜଙ୍ଗଲରେ ଡିଆରଜି ଓ ସିଆରପିଏଫ ଯବାନମାନେ ତଲାସିରେ ବାହାରିଥିବା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳିଚାଳନା କରିଥିଲେ, ଯାହାର ପାଲଟା ଜବାବ ଦେଇ ଯବାନମାନେ ମଧ୍ୟ ଗୁଳି ଚଳାଇଥିଲେ। କିଛି ସମୟଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ପରେ ଯବାନଙ୍କୁ ସାମ୍ନା କରି ନପାରି ମାଓବାଦୀମାନେ ପଳାଇ ଯାଇଥିଲେ। ଏହି ଗୁଳି ବିନିମୟରେ କେତେକ ମାଓବାଦୀ ମୃତାହତ ହୋଇଥିବା ଅନୁମାନ କରାଯାଉଛି, କିନ୍ତୁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଥିବା ଜଣାପଡିଛି।

# ନାବାଳିକାଙ୍କୁ ବଳାତ୍କାର ମାମଲାରେ ୧୧ ଗିରଫ

ବରୀ, ୨୭।୧୦(ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ନାବାଳିକା(୯) ବଳାତ୍କାରର ଶିକାର ହୋଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅନ୍ୟ ଜଣେ ନାବାଳିକା(୧୧)ଙ୍କୁ ମଧ୍ୟ ବଳାତ୍କାର ଉଦ୍ୟମ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଏହି ୨ ଘଟଣା ଘଟିଛି। ଉଭୟ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରଥମେ ବଳାତ୍କାର ଉଦ୍ୟମ କରିଥିବା କୋରଡ଼ାପିପଲ ଗ୍ରାମର ଅଭୟ ସାମଲ(୫୮)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେହିପରି ବଳାତ୍କାର ମାମଲାରେ କଳାମାଟିଆ(ଯୋରକୂଳ)ଗ୍ରାମର ଅଭିଯୁକ୍ତ ଅରକ୍ଷିତ ପରିଡ଼ା ଓରଫ୍ କାଳିଆ(୫୭)ଙ୍କୁ ଶନିବାର ରାତିରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ଦାଣ୍ଡିସାହି ଗ୍ରାମରୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏଥିସହ ଏହି ଘଟଣାରେ



ଗିରଫ ଅଭିଯୁକ୍ତ

ଅଭିଯୁକ୍ତଙ୍କୁ ଲୁଚାଇବାରେ ସହଯୋଗ କରିଥିବା ଅନ୍ୟ ୧୦ ଜଣଙ୍କୁ ମଧ୍ୟ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୂତନ ପରିଡ଼ା, ମାନସୀ ପରିଡ଼ା, ଅନସୂୟା ପରିଡ଼ା, ଶଶିରେଖା ଜେନା, ଚିରଞ୍ଜୀବ ଜେନା, ପ୍ରଫୁଲ୍ଲ କୁମାର ଧଳ, ସଂଯୁକ୍ତା ଧଳ, ପ୍ରକାଶ ଧଳ, ସବିତା ସାମଲ ଓ କୈଳାସ ଚନ୍ଦ୍ର ରାଉତ।

ପୀଡ଼ିତା ନାବାଳିକା ଖେଳୁଥିବାବେଳେ ଅଭିଯୁକ୍ତ ଅରକ୍ଷିତ ତାଙ୍କୁ ନେଉଳ ଦେଖାଇବାକୁ ବାହାନା କରି ନିଜ ଘର ପାଖ ବାଡ଼ି ପଛକୁ ଡାକିନେଇ ବଳାତ୍କାର କରିଥିଲେ। ଏଥିସହିତ କଟୁରି ଦେଖାଇ ଭୟଭୀତ କରାଇଥିଲେ। ଏହି ଘଟଣା କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପୀଡ଼ିତା ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପହଞ୍ଚି ତାଙ୍କ ମା'ଙ୍କୁ ସମସ୍ତ କଥା ଜଣାଇଥିଲେ। ଏହାପରେ ପରିବାର ଲୋକେ ପୀଡ଼ିତାଙ୍କୁ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏବେ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୋଲିସ ଦଫା ୭୪, ପୋକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ.୫୭୨/୨୪) ରୁଜୁକରି ତଦନ୍ତ ଚଳାଇଛି।

# ହତ୍ୟା: ଯୁବକଙ୍କୁ ଉଠାଇନେଲା ତାମିଲନାଡୁ ପୋଲିସ

ଯାଜପୁରରୋଡ୍, ୨୭।୧୦ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା କୋପଣ୍ଡ ଗ୍ରାମର ଯୁବକ ଅବିନାଶ ସାହୁଙ୍କୁ ତାମିଲନାଡୁ ପୋଲିସ ଏକ ହତ୍ୟା ଘଟଣାରେ ଗିରଫ କରିଛି। ରବିବାର ତାମିଲନାଡୁ ପୋଲିସ ଯାଜପୁରରୋଡ୍ ପୋଲିସ ସହାୟତାରେ ଅବିନାଶଙ୍କ ଘରେ ଚଢ଼ାଉ କରିଥିଲା। ଏହି ସମୟରେ ଘରେ ଅବିନାଶଙ୍କ ବାପା ଏବଂ ସାନଭାଇ ଥିଲେ। ପୋଲିସ ଉଭୟଙ୍କୁ ଥାନାକୁ ଆଣି ଅବିନାଶଙ୍କ ସମ୍ପର୍କରେ ପଚରାଉଚରା କରିଥିଲା। ଅବିନାଶ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ କେନ୍ଦୁଝର ଜିଲା ଆନନ୍ଦପୁର ଥାନାର ସୋସ ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରି ଅବିନାଶଙ୍କୁ ଗିରଫ କରିଥିଲା।

ଅବିନାଶ ବାଙ୍ଗାଲୋରରେ ରହି କାର୍ଯ୍ୟ କରନ୍ତି। ସେ ଯାଜପୁରରୋଡ୍ ଅଞ୍ଚଳରୁ ଜଣେ ଯୁବତୀଙ୍କୁ କେୟାର ଟେକର ଭାବେ ବାଙ୍ଗାଲୋର ନେଇ ଯାଇଥିଲେ। ସେଠାରେ କିଛିଦିନ ରହିବାପରେ ସମ୍ପୃକ୍ତ ଯୁବତୀଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ଏନେଇ ଅବିନାଶ ଯୁବତୀଙ୍କ ପରିବାର କିମ୍ବା ପୋଲିସକୁ ଖବର ନ ଦେଇ ଏକ କାର ଯୋଗେ ଯୁବତୀଙ୍କ ମୃତଦେହକୁ ନଦୀକୂଳରେ ଫିଙ୍ଗି ଚାଲି ଯାଇଥିଲେ। ଘଟଣା ପରେ ଉକ୍ତ ଗାଡିକୁ ବିକ୍ରି କରି ଯାଜପୁରରୋଡ୍ ଚାଲି ଆସିଥିଲେ।

# କାର ଲିଜ୍‌ରେ ନେଇ ଠକେଇ

## ସଂସ୍ଥାର ମାଲିକ ଗିରଫ, ୫ କାର ଜବତ

ଭୁବନେଶ୍ୱର, ୨୭।୧୦
(ସୂର୍ଯ୍ୟକାନ୍ତ ବେହେରା)

କାର ଲିଜ୍‌ରେ ନେଇ ଭଡ଼ା ଟଙ୍କା ଠକିନେବା ସହ କାର୍ ଦେଉ ନ ଥିଲେ। ରାଜଧାନୀ ଭୁବନେଶ୍ୱରରେ ଚାଲିଥିବା ଏହି ଠକେଇ ର୍‍ୟାକେଟ୍‌କୁ ଧରିଛି ଭରତପୁର ଥାନା ପୋଲିସ। ର୍‍ୟାକେଟ୍‌ର ମୁଖ୍ୟ ତଥା ସ୍ୱିଡୋ ରାଇଡ୍ ସଂସ୍ଥାର ମାଲିକ ସତୀଶ ମହାରଣାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୫ଟି କାର୍ ଜବତ ହୋଇଛି। ଅଭିଯୁକ୍ତ ସତୀଶଙ୍କ ଘର ଭରତପୁର ଅଞ୍ଚଳରେ ହୋଇଥିବାବେଳେ ସେ ଅନ୍ୟ ସହଯୋଗୀଙ୍କ ଜରିଆରେ ଏହି ଠକେଇ କରୁଥିଲେ। ଏମାନଙ୍କ ନାମରେ ଭରତପୁର ଥାନାରେ ୩ଟି ଅଭିଯୋଗ ହୋଇଥିବାବେଳେ କେନ୍ଦ୍ରାପଡ଼ାର ସୌମ୍ୟ ସ୍ୱାଗତ ରାୟଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ତେବେ ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି।

ସୂଚନାନୁସାରେ, ସତୀଶ ଘାଟିକିଆ ଅଞ୍ଚଳରେ ସ୍ୱିଡୋ ରାଇଡ୍ ନାମରେ ଏକ ସଂସ୍ଥା ଖୋଲିଥିଲେ। କାର୍ ସେବା



ଗିରଫ ଅଭିଯୁକ୍ତ

ଯୋଗାଇବା ଲାଗି ବିଭିନ୍ନ ଲୋକଙ୍କଠାରୁ ଗାଡ଼ି ଆଣି ଭଡ଼ା ଲଗାଇ ଟଙ୍କା ହଡ଼ପ କରୁଥିଲେ। କେନ୍ଦ୍ରାପଡ଼ାର ସୌମ୍ୟ ସ୍ୱାଗତ ରାୟଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ଅଭିଯୋଗ ଅନୁସାରେ, ସୌମ୍ୟ ନିଜ କାରକୁ ସ୍ୱିଡୋ ରାଇଡ୍ ସେଲ୍ଫ ଡ୍ରାଇଭ କମ୍ପାନୀକୁ ଏଗ୍ରିମେଣ୍ଟ କରି ଲିଜ୍ ଆକାରରେ ଦେଇଥିଲେ। ହେଲେ ସଂସ୍ଥାର ମାଲିକ ଅଭିଯୁକ୍ତ ସତୀଶ ଓ ସହଯୋଗୀ ଅମିତ୍ ସ୍ୱାଇଁ କୌଣସି ଭଡ଼ା ଦେଉ ନ ଥିଲେ। ଏପରିକି ଗାଡ଼ି ମଧ୍ୟ ଫେରସ୍ତ କରୁ ନ ଥିଲେ। ଏହାପରେ ସୌମ୍ୟ ବାରମ୍ବାର ଗାଡ଼ି ଫେରାଇବାକୁ କହିବାରୁ ଅଭିଯୁକ୍ତ ଦୁହେଁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ନାନା ଧମକ ଦେଇଥିଲେ। ଶେଷରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଇନ୍‌ଫର୍ମର ସନ୍ଦେହରେ ୨ ଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୨୭।୧୦ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଦୁଇ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ସୁକ୍‌ମା ଜିଲା କୋଣ୍ଟା ଥାନା ଅଞ୍ଚଳର ମେହେଟା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗରାଜପଦରର ଜଣେ ଗ୍ରାମବାସୀଙ୍କ ଗଳାକାଟି ହତ୍ୟା କରିବା ପରେ ମୃତଦେହ ପକାଇ ଚାଲିଯାଇଛନ୍ତି। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ସେହିପରି କିଷ୍ଟାରାମ ଥାନା ଆମାପେଣ୍ଟା ଗ୍ରାମ କୋମରାମ ଗଙ୍ଗାଙ୍କୁ ହତ୍ୟାକରି ଗଛରେ ତାଙ୍କ ମୃତଦେହ ଝୁଲାଇ ଦେଇଥିବା ଦେଖିବାକୁ ମିଳିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଉଭୟଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ସୁକ୍‌ମା ଏସ୍‌ପି କିରଣ ଚୌହାନ କହିଛନ୍ତି, ମାଓବାଦୀମାନେ ଗଙ୍ଗରାଜପଦରର ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଛି। ତେବେ ଆମାପେଣ୍ଟା ଗ୍ରାମରେ ଯେଉଁ ଲୋକଙ୍କ ମୃତଦେହ ଜବତ ହୋଇଛି ତାହା ମାଓବାଦୀମାନେ କହିଛନ୍ତି କି ନୁହେଁ ତାହା ସ୍ପଷ୍ଟ ହୋଇନି। ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ସେ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଜାଙ୍ଗ ଭାଙ୍ଗିଲି ଦାନ୍ତକାଠି କଲି**
**ପାଣି ପିଢ଼ା କଲି ଆହାର**
**ତୁମେ ତ ହେଲ ଗୋ ଦୂର ପରବାସୀ**
**ମୋତେ କରିଗଲ କାହାର?**

ସ୍ୱାମୀ ସ୍ତ୍ରୀ ପାଖେ ପାଖେ ଥିଲେ ଦୁହିଙ୍କ ମନ ଖୁସି ଆନନ୍ଦରେ ଭରିଯାଇଥାଏ। ଅଥଚ ଜଣେ ଆଉ ଜଣଙ୍କଠାରୁ ଦୂରେଇଗଲେ ସବୁ ଥାଇ ମଧ୍ୟ କୌଣସିଥିରେ ମନ ଲାଗି ନ ଥାଏ। ସେହିପରି ସ୍ୱାମୀ ପାଖରେ ନ ଥିଲେ ସ୍ତ୍ରୀର ନିଃସଙ୍ଗତା ବହୁପରିମାଣରେ ବଢ଼ିଯିବା ସହ ନିଜକୁ ଅସହାୟ ମନେ କରିଥାଏ। ଏପରି ସ୍ଥିତିରେ ନବବିବାହିତା ପତ୍ନୀ ନିଜ ଦୂର ପ୍ରବାସୀ ସ୍ୱାମୀଙ୍କ ବିଚ୍ଛେଦଜନିତ ଦୁଃଖକୁ ସହ୍ୟ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଳିଗଲା ବନ ଭଳିଗଲା ମନ,**
**ଲେଉଟି ନ ଆସଇ ମନକୁ**
**ଆଉ କେବେ ଧନ।**

ଯାହା ଘଟିଯାଇଥାଏ ତାହା ଆଉ ପୁନଃ ଫେରିଆସି ନ ଥାଏ। ବନ ଜଳିଗଲେ ଆଉ ସେ ଜ୍ୱଳନରୁ ଫେରି ନ ଆସିବା ଭଳି ମନ ଥରେ ବଦଳିଗଲେ ଆଉ ପୁନଃ ତରଳି ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅନ୍ତେଇ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ: ୩ ଅଟକ

ମାର୍ଶାଘାଇ, ୨୭।୧୦
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ପାଟକୁରା ଥାନା ଅନ୍ତର୍ଗତ ଅନ୍ତେଇ ପଞ୍ଚାୟତ ସରପଞ୍ଚ ସଞ୍ଜୟ ସେଠୀଙ୍କୁ ରବିବାର ସକାଳେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖିଛି।

ସରପଞ୍ଚଙ୍କ ବାପା ପାଇଲୋ ଗ୍ରାମର ନାରାୟଣ ସେଠୀ ପାଟକୁରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ସଞ୍ଜୟ ବାତ୍ୟା ପରବର୍ତ୍ତୀ ରିଲିଫ୍ ଓ ଥଇଥାନ କାର୍ଯ୍ୟରେ ପଞ୍ଚାୟତର ବାଲିଘାଇ ଗ୍ରାମକୁ ବ୍ଲକ ପ୍ରାଣୀଧନ ଚିକିତ୍ସକଙ୍କୁ ନେଇ ଯାଉଥିଲେ। ବାଟରେ ଅନ୍ତେଇ ଟାୱାର ଛକରେ ପୂର୍ବରୁ ଛିଡ଼ା ହୋଇଥିବା ୪ ଜଣ ଯୁବକ ସଞ୍ଜୟଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ତଳେ ପକାଇ ପ୍ରବଳ ମାଡ଼ ମାରିଥିଲେ। ମାଡ଼ ମାରିଥିବା ଯୁବକମାନେ ପଞ୍ଚାୟତ ବାହାରର ହୋଇଥିବାରୁ ପାଇଲୋ ଗ୍ରାମର କେତେଜଣ ଯୁବକ ସଞ୍ଜୟଙ୍କୁ ଚିହ୍ନାଇ ଦେଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଖବରପାଇ ନାରାୟଣ ଓ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚିବାରୁ ସେମାନେ ପଳାଇ ଯାଇଥିଲେ। ଗୁରୁତର ଆହତ ସଞ୍ଜୟଙ୍କୁ ପ୍ରଥମେ



ଅନ୍ତେଇ ସରପଞ୍ଚ ସଞ୍ଜୟ ସେଠୀ

ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି। ୮ଜଣଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୨୪୧/୨୪ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଆଇଆଇସି ପ୍ରଦୀପ୍ତ ପ୍ରଧାନ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା କହିଛନ୍ତି। ବାତ୍ୟାରେ ରିଲିଫ୍ ଓ ଥଇଥାନ କାର୍ଯ୍ୟକୁ ନେଇ ସରପଞ୍ଚ ସଞ୍ଜୟ ଅନ୍ୟ ଏକ ଗୋଷ୍ଠୀଙ୍କ ସହ ୩ଦିନ ତଳେ ବାଲିଘାଇ ଗ୍ରାମରେ ଯୁକ୍ତିତର୍କ ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ରବିବାର ଘଟଣା ତାହାର ପ୍ରତିଫଳନ ବୋଲି ସାଧାରଣରେ ଆଲୋଚନା ହେଉଛି।

# ବାପା, ପୁଅଙ୍କୁ ସଂଘବଦ୍ଧ ଆକ୍ରମଣ: ୪ ଗିରଫ

ଭୁବନେଶ୍ୱର, ୨୭।୧୦
(ସୂର୍ଯ୍ୟକାନ୍ତ ବେହେରା)

ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡା ଅଞ୍ଚଳରେ ବାପା, ପୁଅଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଛି। ଆହତ ରାଜେନ୍ଦ୍ର ଦାସଙ୍କ ଅଭିଯୋଗ ଆଧାରରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ଗଣେଶ କୁମାର ପଟ୍ଟନାୟକ ଓରଫ ରାଜା, ଆଦିତ୍ୟ କୁମାର ବେହେରା, ପ୍ରକାଶ ବଳବନ୍ତରାୟ ଏବଂ ଓମ୍‌କାର ମଲ୍ଲିକ। ରାଜେନ୍ଦ୍ର ଗତ ୨୫ ସନ୍ଧ୍ୟାରେ ତାଙ୍କ ଦୋକାନ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣେ ମହିଳାଙ୍କର ପ୍ରାଥମିକ ଚିକିତ୍ସା କରାଉଥିବାବେଳେ ଅଭିଯୁକ୍ତ ରାଜା ସେଠାକୁ ଆସି ଉକ୍ତ ମହିଳାଙ୍କୁ ଘରୋଇ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନେଇଯିବା ପାଇଁ ବାଧ୍ୟ କରିଥିଲେ। ରାଜେନ୍ଦ୍ର ମନା କରିବାରୁ ରାଜା ଓ ସହଯୋଗୀମାନେ ତାଙ୍କ ସହ ପୁଅଙ୍କୁ ମାରଣାସ୍ତ୍ର ଓ ପଥରରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ।

## ଦିଲ୍ଲୀରୁ ୨ କୋଟିର ସୁନାଗହଣା ଚୋରି ଘଟଣା

# ନୀଳଗିରିରୁ ଜଣେ ଗିରଫ

ନୀଳଗିରି, ୨୭।୧୦(ପ୍ରଶାନ୍ତ ବିଶ୍ୱାଳ)

ଦିଲ୍ଲୀର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଘରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି ଘଟଣାରେ ଦିଲ୍ଲୀ ପୋଲିସ ନୀଳଗିରିରେ ପହଞ୍ଚି ତନାଘନା କରିବା ସହ ଜଣଙ୍କୁ ଗିରଫ କରିଛି। ତାଙ୍କୁ ପଚରାଉଚୁରା କରିବା ପରେ ଶନିବାର ରାତିରେ ସାଙ୍ଗରେ ଦିଲ୍ଲୀ ନେଇଯାଇଥିବା ଜଣାପଡିଛି।

ସାଙ୍ଗରେ ନେଇଗଲା ଦିଲ୍ଲୀ ପୋଲିସ

କିଛିଦିନ ତଳେ ଦିଲ୍ଲୀର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଘରେ ରହି ରୋଷେୟା କାମ କରୁଥିବା ଔପଦା ବ୍ଲକ ଇଶ୍ୱରପୁର ପଞ୍ଚାୟତ ଭିମେଇ ଗ୍ରାମର ରମେଶ ନାୟକ(୩୫)ଙ୍କ ସମେତ ଅନ୍ୟ ମୁଖ୍ୟ ସହଯୋଗୀ ପାଖାପାଖି ୨କୋଟି ମୂଲ୍ୟର ସୁନାଗହଣା ଏବଂ ନଗଦ ଟଙ୍କା ଚୋରି କରି ଖସି ପଳାଇ ଆସିଥିଲେ। ଏନେଇ ନୂଆଦିଲ୍ଲୀସ୍ଥିତ ଚିତ୍ତରଞ୍ଜନ ପାର୍କ ପୋଲିସ ଷ୍ଟେଶନରେ ଗତ ୧୫ ତାରିଖରେ ଅଭିଯୋଗ ପରେ ମାମଲା (ନଂ.୨୪୩/୨୪) ରୁଜୁ କରାଯାଇଥିଲା। ଘଟଣାର ଖୋଲତାଡ଼ କରିବା ପାଇଁ ୫ ଜଣିଆ ଦିଲ୍ଲୀ ପୋଲିସ ଓଡ଼ିଶା ଆସିଥିଲା। ଗତ ୨୨ତାରିଖରେ ନୀଳଗିରିରେ ପହଞ୍ଚି ପୋଲିସ ସହାୟତାରେ ଭୀମେଇ ଗ୍ରାମରେ ଅତର୍କିତ ଚଢ଼ାଉ କରିଥିଲେ। ମାତ୍ର ସେଭଳି ସଫଳତା ମିଳିପାରି ନ ଥିବା ବେଳେ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ଦିଲ୍ଲୀ ବିମାନବନ୍ଦର ସିସିଟିଭି ଫୁଟେଜ ଅନୁଯାୟୀ ରମେଶଙ୍କୁ ଗିରଫ କରି ତାଙ୍କ ନିକଟରୁ ନଗଦ ୮୫ହଜାର ଟଙ୍କା ଜବତ କରିଥିଲା। ତେବେ ଦିଲ୍ଲୀ ପୋଲିସ ଗତ ୨୬ ତାରିଖରେ ରମେଶଙ୍କୁ ନୀଳଗିରି କୋର୍ଟରେ ହାଜର କରିବା ସହିତ ତାଙ୍କୁ ନିଜ ହେପାଜତକୁ ନେଇ ଦିଲ୍ଲୀ ନେଇଯାଇଥିବା ଜଣାପଡ଼ିଛି।

# ମଦ ପାଇଁ ସ୍ତ୍ରୀଙ୍କ ଗଳା କାଟି ହତ୍ୟା କଲା ସ୍ୱାମୀ

ତୁମୁଡିବନ୍ଧ, ୨୭।୧୦
(ଦୀପକ କୁମାର ପରାସେଠ)

ମଦ୍ୟପାନ ପାଇଁ ଟଙ୍କା ମାଗି ନ ପାଇବାରୁ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଗଳାକାଟି ହତ୍ୟା କରିଛନ୍ତି। କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ନୂଆଁମୁଣ୍ଡା ଗାଁରେ ଘଟିଛି ଏପରି ଅଭାବନୀୟ ଘଟଣା। ଶନିବାର ସନ୍ଧ୍ୟା ୫ଟାରେ ସ୍ୱାମୀ ଚନ୍ଦ୍ରକାନ୍ତ ବେହେରଦଳାଇ (୪୫) ସ୍ତ୍ରୀ ମଧୁମତୀଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲେ। ତେବେ ମଧୁମତୀ ଟଙ୍କା ନ ଦେବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଚନ୍ଦ୍ରକାନ୍ତ ଘର କବାଟ ଭିତର ପଟୁ ଗେଡ଼ା ଦେଇ ଏକ ଧାରୁଆ ଛୁରିରେ ମଧୁମତୀଙ୍କ ଗଳାକୁ ନିର୍ମମ ଭାବେ କାଟି ଦେଇ ହତ୍ୟା କରିଥିଲେ। କିଛି ସମୟ ପରେ ପୁଅ ସିକୁନ ଘରକୁ ଆସି କବାଟ ଖୋଲିବାକୁ ମା'ଙ୍କୁ ଡାକିଥିଲେ। ସେ କବାଟ ନ ଖୋଲିବାରୁ ପଛ ପଟୁ ଘର ଭିତରକୁ ଯାଇ ମା' ରକ୍ତ



ସାଇଣ୍ଟିଫିକ ଓ ଡଗ ସ୍କ୍ୱାଡ ଟିମ୍ ତଦନ୍ତ କରୁଛି।

ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ପରେ ଏନେଇ ସିକୁନ ପୋଲିସକୁ ଖବର ଦେଇଥିଲେ। ତୁମୁଡିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅଭିଯୁକ୍ତ ଚନ୍ଦ୍ରକାନ୍ତଙ୍କୁ ଗିରଫ କରିଥିଲେ। ବଲାଙ୍ଗୀର ଓ ଭବାନୀପାଟଣାରୁ ସାଇଣ୍ଟିଫିକ ଓ ଡଗ୍ ସ୍କ୍ୱାଡ ଟିମ୍ ପହଞ୍ଚି ତଦନ୍ତ କରିଛି। ଏନେଇ ତୁମୁଡିବନ୍ଧ ଥାନାରେ ନଂ.୧୪୧/୨୪ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଥାନା ଅଧିକାରୀ ଜେନା କହିଛନ୍ତି।

# ପ୍ରତ୍ୟୁଷ ରନରଅପ୍



ପ୍ରତ୍ୟୁଷ ମହାନ୍ତି ଓ ମନିଷ ଜି.।

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ):** ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ୍ସ (ଏମ୍‌ଓଏସ୍‌ଏଫ୍) ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଆଣ୍ଡ କଣ୍ଟ୍ରି କ୍ଲବ ପରିସରରେ ଏଆଇଟିଏ-ଓଟିଏ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଟେନିସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ସିଙ୍ଗଲ୍ସ ଇଭେଣ୍ଟରେ ଓଡ଼ିଶାର ପ୍ରତ୍ୟୁଷ ମହାନ୍ତି ରନରଅପ୍ ହୋଇଛନ୍ତି। ଫାଇନାଲରେ ସେ କର୍ଣାଟକର ମନିଷ ଜି.ଙ୍କଠାରୁ ୨-୬, ୪-୬ ସେଟ୍‌ରେ ହାରି ଯାଇଛନ୍ତି।

# ବରୋଦା ଇନିଂସ ଅଗ୍ରଣୀ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଶିବାଲିକ ଶର୍ମା, ବିଷ୍ଣୁ ସୋଲାଙ୍କି ଓ ଅଧିନାୟକ କୃନାଲ ପାଣ୍ଡ୍ୟାଙ୍କ ଦୃଢ଼ ବ୍ୟାଟିଂ ବଳରେ ବରୋଦା ଭଦୋଦରାରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି। ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ବରୋଦା ୬ ଉଇକେଟ ହରାଇ ୩୫୪ ରନ କରିଛି। ୪ ଉଇକେଟ ସୁରକ୍ଷିତ ଥିବାବେଳେ ଏହି ଦଳ ପ୍ରଥମ ଇନିଂସରେ ୧୬୧ ରନରେ ଅଗ୍ରଣୀଲାଭ କରିଛି। ଓଡ଼ିଶା ପ୍ରଥମ ଇନିଂସରେ ୧୯୩

## ରଣଜୀ ଟ୍ରଫି

- ଶିବାଲିକ, ସୋଲାଙ୍କି, କୃନାଲଙ୍କ ଦୃଢ଼ ବ୍ୟାଟିଂ
- ଗୋବିନ୍ଦ ପୋଦ୍ଦାରଙ୍କୁ ୪ ଉଇକେଟ

ରନକରି ଅଲ୍‌ଆଉଟ ହୋଇଥିଲା।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୫୦/୧ରୁ ଖେଳ ଆରମ୍ଭ କରିଥିବା ବରୋଦା ଦିନସାରା ବ୍ୟାଟିଂ କରି ୫ ଉଇକେଟ ବିନିମୟରେ ୩୦୪ ରନ କରିଛି। ଶିବାଲିକ ଓ ସୋଲାଙ୍କି ଯଦିଓ ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି ତେବେ ଦୃଢ଼ ବ୍ୟାଟିଂ କରି



୪ ଉଇକେଟ ହାସଲକାରୀ ଗୋବିନ୍ଦ ପୋଦ୍ଦାର।

ଦଳକୁ ଇନିଂସ ଅଗ୍ରଣୀ କରାଇଛନ୍ତି। ପୂର୍ବଦିନ ୧୭ ରନରେ ଅପରାଜିତ ଥିବା ଶାଶ୍ୱତ ରାଓ୍ୱତ ୩୪ ଓ ଅଭିମନ୍ୟୁସିଂ ରାଜପୁତ ୧୦ ରନକରି ଆଉଟ ହୋଇଥିଲେ। ମାତ୍ର ଶିବାଲିକ ଓ ସୋଲାଙ୍କି ୪ର୍ଥ ଉଇକେଟରେ ୧୨୧ ରନ ଯୋଗକରି ଦଳକୁ ଏକ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲେ। ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଶତକ ହାସଲଠାରୁ ମାତ୍ର ୪ ରନ ଦୂରରେ ଥିବାବେଳେ ଶିବାଲିକଙ୍କୁ କଟ୍ ଆଣ୍ଡ ବୋଲ୍ଡ କରି ପାର୍ଟନରଶିପ୍ ଭାଙ୍ଗିଥିଲେ ଓଡ଼ିଶା ଅଧିନାୟକ ଗୋବିନ୍ଦ ପୋଦ୍ଦାର। ୨୦୯ ବଲ୍‌ର ସମ୍ମୁଖୀନ ହୋଇଥିବା ଶିବାଲିକ ୧୦ ଚୌକା ଓ ୨ ଛକା ସହାୟତାରେ ୯୬ ରନ କରିଥିଲେ। ସେହିପରି ସୋଲାଙ୍କି ଶତକ ହାସଲରୁ ମାତ୍ର ୨ ରନ ଦୂରରେ ଥାଇ ଓଡ଼ିଶାର ହର୍ଷିତ ରାଠୋଡଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେ ୧୯୦ ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୪ ଚୌକା ମାରିଥିଲେ। ପାର୍ଟନରଶିପ୍ ଭାଙ୍ଗିଥିଲେ ହେଁ ଓଡ଼ିଶା ବୋଲରମାନେ ବିଶେଷ ଫାଇଦା ନେଇପାରି ନ ଥିଲେ। ଅଭିଜ୍ଞ କୃନାଲ ପାଣ୍ଡ୍ୟା ଘରୋଇ ପିଚ୍ ଓ ପରିବେଶରୁ ଫାଇଦା ଉଠାଇ ୮୮ ରନରେ ଅପରାଜିତ ରହିବା ସହ ଓଡ଼ିଶା ବୋଲରଙ୍କୁ ନିରାଶ କରିଛନ୍ତି। ସେ ୧୦୩ଟି ବଲ୍‌ର ସମ୍ମୁଖୀନ ହୋଇଥିବାବେଳେ ୧୧ ଚୌକା ଓ ୩ ଛକା ମାରିଛନ୍ତି। ଓଡ଼ିଶା ପକ୍ଷରୁ ପୋଦ୍ଦାର ସର୍ବାଧିକ ୪ଟି ଏବଂ ହର୍ଷିତ ରାଠୋଡ ଓ ସୁମିତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ବରୋଦା ବଡ଼ ଅଗ୍ରଣୀ ଅଭିମୁଖେ ଅଗ୍ରସର ହୋଇଥିବାରୁ ସୋମବାର ଶୀଘ୍ର ଅଲ୍‌ଆଉଟ କରିବା ଓଡ଼ିଶା ବୋଲରଙ୍କ ପ୍ରଥମ କାର୍ଯ୍ୟ ହେବ। ଏହାପରେ ବଡ଼ ସ୍କୋର ନ କଲେ ଓଡ଼ିଶା ପ୍ରତି ଇନିଂସ ପରାଜୟର ଆଶଙ୍କା ସୃଷ୍ଟି ହେବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ ୧୯୩। ବରୋଦା ପ୍ରଥମ ଇନିଂସ: ୩୫୪/୬ (ବିଷ୍ଣୁ ସୋଲାଙ୍କି-୯୮, ଶିବାଲିକ ଶର୍ମା-୯୬, କୃନାଲ ପାଣ୍ଡ୍ୟା-୮୮*, ଗୋବିନ୍ଦ ପୋଦ୍ଦାର-୪/୯୬, ହର୍ଷିତ ରାଠୋଡ-୧/୩୪, ସୁମିତ ଶର୍ମା-୧/୫୧)।

# ଦିଲେଶ୍ୱର-ଦୀପ୍ ରଞ୍ଜନଙ୍କୁ ବ୍ରୋଞ୍ଜ




ପଦକ ସହ ଦିଲେଶ୍ୱର ରାଓ ଓ ଦୀପ୍ ରଞ୍ଜନ ବିଷୋୟୀ।

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

## ଜାପାନ ପାରା ବ୍ୟାଡ୍‌ମିଣ୍ଟନ

ଟୋକିଓରେ ରବିବାର ଶେଷ ହୋଇଥିବା ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଦିଲେଶ୍ୱର ରାଓ ଓ ଦୀପ୍ ରଞ୍ଜନ ବିଷୋୟୀଙ୍କ ଯୋଡ଼ି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ଡବଲ୍ସର ସେମିଫାଇନାଲରେ ଓଡ଼ିଶା ଯୋଡ଼ି ଅନ୍ୟତମ ଭାରତୀୟ ଯୋଡ଼ି ସୁକାନ୍ତ କଦମ ଓ ଦୀନେଶ ରାଜାଇଆଙ୍କଠାରୁ ୧୬-୨୧, ୧୩-୨୧ରେ ପରାସ୍ତ ହୋଇଛନ୍ତି। ସେମିଫାଇନାଲରେ ହାରିବା ହେତୁ ଓଡ଼ିଶା ଯୋଡ଼ିଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଦିଲେଶ୍ୱର ଓ ଦୀପ୍ ରଞ୍ଜନ ପୁରୁଷ ଡବଲ୍ସର ପ୍ରଥମ ମ୍ୟାଚରେ ସ୍ପେନର ଡାନିଏଲ ଗାର୍ସିଆ ଓ ଧ୍ରୁବ ସୋଲାଙ୍କିଙ୍କୁ ଏବଂ ଦ୍ୱିତୀୟ ମ୍ୟାଚରେ ବାଂଲାଦେଶ ଓ ଭାରତ ଯୋଡ଼ି ଜ୍ୟୋତୁ ଧର ଓ ମଣ୍ଟୁ କୁମାରଙ୍କୁ ୨୧-୧୯, ୨୧-୧୧ରେ ହରାଇଥିଲେ। କ୍ୱାର୍ଟର ଫାଇନାଲରେ ଓଡ଼ିଶା ଯୋଡ଼ି ଅନ୍ୟତମ ଭାରତୀୟ ଯୋଡ଼ି ଇନ୍ଦ୍ରଜିତ ପାଲ୍ ଓ ହେମନ୍ତ ଠାକୁରଙ୍କୁ ୨୧-୧୬, ୨୧-୧୩ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ।

# ବାବର ଆଜାମଙ୍କ ସ୍ଥାନରେ ରିଜୱାନ ଅଧିନାୟକ

**ଲାହୋର, ୨୭।୧୦ (ପି.ଟି.):** ନଭେମ୍ବର ୪ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ଓ ଜିମ୍ବାୱେ ଟୁର୍ ପାଇଁ ବାବର ଆଜାମଙ୍କ ସ୍ଥାନରେ ଉଇକେଟକିପର-ବ୍ୟାଟର ମହମ୍ମଦ ରିଜୱାନଙ୍କୁ ପାକିସ୍ତାନର ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଅଧିନାୟକ ମନୋନୀତ କରାଯାଇଛି। ସଲମନ ଅଲି ଆଘାଙ୍କୁ ଦଳର ଉପ ଅଧିନାୟକ କରାଯାଇଛି। ଅଷ୍ଟ୍ରେଲିଆ ଟୁର୍‌ରେ ପାକିସ୍ତାନ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟାକ ଅନ୍ତର୍ଜାତୀୟ ଟି୨୦ ଖେଳିବ। ପ୍ରଥମ ମ୍ୟାଚ ମେଲବୋର୍ନ (ଅନ୍ତର୍ଜାତୀୟ ଦିନିକିଆ)ରେ ନଭେମ୍ବର ୪ରେ ଖେଳାଯିବ। ରିଜୱାନ ପ୍ରଥମଥର ପାକିସ୍ତାନ ଦଳର ଅଧିନାୟକତ୍ୱ କରିବାକୁ ଯାଉଛନ୍ତି। ୱାର୍କଲୋଡ୍ ମ୍ୟାନେଜମେଣ୍ଟର ଅଂଶବିଶେଷ ସ୍ୱରୂପ ରିଜୱାନଙ୍କୁ ବିଶ୍ରାମ ଦିଆଯାଇ ଆଘାଙ୍କୁ ଜିମ୍ବାୱେରେ ପାକିସ୍ତାନ ଟି୨୦ ଦଳର କାମଚଳା ଅଧିନାୟକ ଦାୟିତ୍ୱ ତୁଲାଇବେ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଏକ ବିବୃତ୍ତି ଜରିଆରେ ଏ ବିଷୟ ପ୍ରକାଶ କରାଯାଇଛି। ଜିମ୍ବାୱେ ଟୁର୍ ବେଳେ ପାକିସ୍ତାନ ସେ ଦେଶରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ନଭେମ୍ବର ୨୪ରୁ ଡିସେମ୍ବର ୫ ମଧ୍ୟରେ ଖେଳିବ। ବୁଲାୱେଓଠାରେ ଏକ ଅନ୍ତର୍ଜାତୀୟ ଦିନିକିଆ ସହ ଏହି ଟୁର୍ ଆରମ୍ଭ ହେବ। ଦଳରେ ବହୁ ନୂଆ ଖେଳାଳି ସ୍ଥାନ ପାଇଥିବା ବେଳେ ଫଖର ଜମାନ ଓ ଶଦାବ ଖାନ୍‌ଙ୍କ ଭଳି ସିନିୟର ଖେଳାଳି ବାଦ ପଡ଼ିଛନ୍ତି। ଫଖରଙ୍କ ବିରୋଧରେ ପାକିସ୍ତାନ କ୍ରିକେଟ ବୋର୍ଡ ତରଫରୁ ତଦନ୍ତ ଚାଲିଛି। ଇଂଲଣ୍ଡ ଟେଷ୍ଟ ମ୍ୟାଚ ପାଇଁ ବାବରଙ୍କୁ ବାଦ୍ ଦେବାଲାଗି ଚୟନକର୍ତ୍ତାମାନେ ନିଷ୍ପତ୍ତି ନେବା ପୂର୍ବରୁ ସେ ତାଙ୍କ ସପକ୍ଷରେ ଟୁଇଟ କରିଥିବା ଅଭିଯୋଗ ହୋଇଥିଲା।

# ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍‌ର ଲୋଗୋ ଉନ୍ମୋଚନ

**ଭୁବନେଶ୍ୱର, ୨୭।୧୦**
**(ସରୋଜ ଜେନା)**

ରାଜ୍ୟରେ ଯୁବ ଖେଳାଳିଙ୍କ ବିକାଶ ପାଇଁ କ୍ରିକେଟ ଏକାଡେମୀ ଅଫ୍ ପଠାନ୍‌ସ(ସିଏପି) ପକ୍ଷରୁ ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସିଜନ ଘୋଷଣା କରାଯାଇଛି। ରବିବାର ଲୋୟଲା ସ୍କୁଲରେ ଥିବା ସିଏପି ଗ୍ରାଉଣ୍ଡରେ ଏହି ଟୁର୍ନାମେଣ୍ଟର ଲୋଗୋ ଉନ୍ମୋଚନ କରାଯାଇଛି। ଆଇପିଏଲ୍ ପରି ଏହି ଟୁର୍ନାମେଣ୍ଟଟି ଫ୍ରାଞ୍ଚାଇଜ ବେସ୍‌ଡ ରହିବ। ୧୯ ବର୍ଷରୁ କମ୍ ବୟସର କ୍ରିକେଟରମାନଙ୍କୁ ଏହି ଟୁର୍ନାମେଣ୍ଟରେ ସୁଯୋଗ ମିଳିବ। ସମୁଦାୟ ୮ ଟିମ୍ ରହିବାକୁ ଥିବା ବେଳେ ପ୍ରତି ଟିମ୍‌ରେ ସର୍ବାଧିକ ୨୧ ଜଣ ବିଭିନ୍ନ ବୟସ ବର୍ଗର ଖେଳାଳି ରହିବେ। ସେହିପରି ଚୂଡ଼ାନ୍ତ ଏକାଦଶରେ ଜଣେ ରାଜ୍ୟ ପ୍ରତିନିଧିତ୍ୱ କରିଥିବା ଖେଳାଳି, ୪ ଜଣ ୧୬ ବର୍ଷରୁ କମ୍ ଓ ୨ ଜଣ ୧୪ ବର୍ଷରୁ କମ୍ ବୟସର ଖେଳାଳିଙ୍କ ରହିବା ବାଧ୍ୟତାମୂଳକ କରାଯାଇଛି। ଏହି ଟୁର୍ନାମେଣ୍ଟ ପାଇଁ ମୋଟ ୪୫୬ଜଣ ଖେଳାଳି ନାମ ପଞ୍ଜୀକୃତ କରିଛନ୍ତି। ଡିସେମ୍ବର ୧ ତାରିଖରୁ ଖେଳାଳିଙ୍କ ନିଲାମୀ ଆରମ୍ଭ ହେବାକୁ ଯାଉଥିବା ବେଳେ ପ୍ରତ୍ୟେକ ଫ୍ରାଞ୍ଚାଇଜ ନିକଟରେ ୨-୪ ଲକ୍ଷ ଟଙ୍କାର ପର୍ସ ରହିବ। ପ୍ରଥମ ବର୍ଷରେ କେବଳ ପୁରୁଷଙ୍କ ପାଇଁ ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସିଜନରେ ମହିଳାଙ୍କ ପାଇଁ ମଧ୍ୟ ଏକ ଲିଗ୍ ଆରମ୍ଭ ହେବ।

ଏହି ଅବସରରେ ପ୍ରଥମ ସଂସ୍କରଣ ଟୁର୍ନାମେଣ୍ଟର ଲୋଗୋ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଲୋୟଲା ସ୍କୁଲର ପ୍ରିନ୍ସିପାଲ ଫାଦର ଏ. ଅମଲାଦୋସ, ସିଏପି ଭୁବନେଶ୍ୱରର ମାଲିକ ଅଶୋକ କୁମାର, ଇନ୍‌ସିଗ୍ ଏଡୁ ସ୍ପୋର୍ଟ୍ସର ସହପ୍ରତିଷ୍ଠାତା ଅଜିଜା ଖାନମ୍, ବିବିଏନ୍ ପ୍ଲାଷ୍ଟିକ୍‌ର ଚେୟାରମ୍ୟାନ ୟୁ.ସି. ଭଞ୍ଜ ଓ ଦଧିଚୀ ପବ୍ଲିକ୍ ସ୍କୁଲର ଚେୟାରମ୍ୟାନ ମନୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ଲୋଗୋ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଜିଓ ଶୋଭେନ୍ କୁମାର, ଇନ୍‌ସିଗ୍ ଏଡୁ ସ୍ପୋର୍ଟ୍ସର ସହପ୍ରତିଷ୍ଠାତା ସାଗରିକା ମହାପାତ୍ର, ସିଏପିର ଛାତ୍ରୀଛାତ୍ର ଓ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ଅତିଥି ଓ କର୍ମକର୍ତ୍ତା ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍‌ର ଲୋଗୋ ଉନ୍ମୋଚନ କରୁଛନ୍ତି।

# ଝେଙ୍ଗଙ୍କୁ ପାନ୍ ପ୍ୟାସିଫିକ୍ ଓପନ ଟାଇଟଲ



**ଟୋକିଓ, ୨୭।୧୦ (ଏପି):** ଟପ୍ ସିଡ୍ ତଥା ଚାଇନାର କ୍ୱିନ୍‌ୱେନ୍ ଝେଙ୍ଗ୍ ଟୋରେ ପାନ୍ ପ୍ୟାସିଫିକ୍ ଓପନ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ସେ ଆମେରିକାନ ୱାଇଲ୍ଡ କାର୍ଡ ସୋଫିଆ କେନିନଙ୍କୁ ୭-୬ (୫), ୬-୩ରେ ପରାସ୍ତ କରିଛନ୍ତି। ଏଥିସହିତ ସେ ଆସନ୍ତା ମାସରେ ଖେଳାଯିବାକୁଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ୭ ନମ୍ବର ର୍‌ୟାଙ୍କିଙ୍ଗପ୍ରାପ୍ତ ଝେଙ୍ଗ୍ ୨୦୨୦ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନଙ୍କୁ ଜିତିବା ଲାଗି ୧ ଘଣ୍ଟା ୫୨ ମିନିଟ ସମୟ ନେଇଥିଲେ। ୨୨ ବର୍ଷୀୟ ଝେଙ୍ଗ୍ ଚଳିତବର୍ଷରେ ଏହା ହେଉଛି ତୃତୀୟ ଏବଂ ହାର୍ଡକୋର୍ଟରେ ପ୍ରଥମ ଟାଇଟଲ। ଅନ୍ୟପକ୍ଷରେ ଚଳିତ ସିଜନରେ ୨୫ ବର୍ଷୀୟା କେନିନଙ୍କର ଏହା ହେଉଛି ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। ଆମେରିକାର ଏହି ଖେଳାଳି ୨୦୨୦ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୪ ନମ୍ବର ର୍‌ୟାଙ୍କିଙ୍ଗ ହାସଲ କରିଥିଲେ। ମାତ୍ର ବାରମ୍ବାର ଆଘାତଜନିତ ସମସ୍ୟାରେ ରହିବାରୁ ବର୍ତ୍ତମାନ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗରେ ୧୫୫ତମ ସ୍ଥାନକୁ ଖସି ଆସିଛନ୍ତି।

# ପଏଣ୍ଟ ବାଣ୍ଟିଲା ଓଏଫ୍‌ସି

**ମୁମ୍ବାଇ, ୨୭।୧୦**

## ଇଣ୍ଡିଆନ୍ ସୁପର୍ ଲିଗ୍

ଇଣ୍ଡିଆନ୍ ସୁପର୍ ଲିଗ୍‌ରେ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ପଏଣ୍ଟ ବାଣ୍ଟିଛି ଓଡିଶା ଫୁଟ୍‌ବଲ କ୍ଲବ୍(ଓଏଫ୍‌ସି)। ଅନ୍ତିମ ୨୦ ମିନିଟରେ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ ଦଳ ଚମତ୍କାର ଡିଫେନ୍ସ ଦେଖାଇ ୧ ପଏଣ୍ଟ ପକେଟସ୍ଥ କରିଥିଲା। ଓଏଫ୍‌ସି ପକ୍ଷରୁ ରୟ କ୍ରିଷ୍ଣା (୧୪ ମିନିଟ) ଓ ମୁମ୍ବାଇ ପକ୍ଷରୁ ନିକୋଲାସ କାରେଲିସ୍ (୨୩ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୧୪ ତମ ମିନିଟରେ ମୁମ୍ବାଇ ଡିଫେଣ୍ଡର ହିମଙ୍ଗଥାଙ୍ଗମିଓ୍ୱା ରାଲ୍‌ଟେ ଓ ପୂର୍ବା ଲାଚେମ୍ପାଙ୍କ ମଧ୍ୟରେ ତାଳମେଳ ଅଭାବର ଫାଇଦା ଉଠାଇ ଗୋଲ ସ୍କୋର କରିଥିଲେ ରୟ କ୍ରିଷ୍ଣା। ୨୩ ତମ ମିନିଟରେ ନିକୋଲାସ କାରେଲିସ୍ ଗୋଲ୍ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧରେ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା। ୭୯ ତମ ମିନିଟରେ ମିଡଫିଲ୍ଡର ଅହମଦ ଜାହୋହୋଙ୍କୁ ଦ୍ୱିତୀୟ ୟେଲୋ କାର୍ଡ ସହ ରେଡ କାର୍ଡ ମିଳିବା ଫଳରେ ଓଏଫ୍‌ସି ଅନ୍ତିମ ୨୦ ମିନିଟ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ମ୍ୟାଚ୍‌ରେ ମୁମ୍ବାଇ ୫୫ ପ୍ରତିଶତ ସମୟ ବଲ ନିୟନ୍ତ୍ରଣରେ ରଖିଥିବା ବେଳେ ଓଏଫ୍‌ସି ୪୫ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା।

### ଲୋବେରା ୧ ମ୍ୟାଚ୍‌ରୁ ବାସନ୍ଦ

ମୁମ୍ବାଇ ସିଟି ବିପକ୍ଷ ମ୍ୟାଚ୍‌ରେ ରେଫରିଙ୍କ ସହ ଯୁକ୍ତିତର୍କ କାରଣରୁ ଓଏଫ୍‌ସି କୋଚ୍ ସର୍ଜିଓ ଲୋବେରା ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ୭୯ ତମ ମିନିଟରେ ମୁମ୍ବାଇ ଖେଳାଳିଙ୍କୁ ଫାଉଲ ମାରିବା କାରଣରୁ ଜାହୋହୋଙ୍କୁ ଦ୍ୱିତୀୟ ୟେଲୋ କାର୍ଡ ମିଳିଥିଲା। ରେଫରିଙ୍କ ଫାଉଲ ନିଷ୍ପତ୍ତିକୁ ବିରୋଧ କରି ଲୋବେରା ଯୁକ୍ତିତର୍କ କରିବା କାରଣରୁ ତାଙ୍କୁ ରେଫରି ୟେଲୋ କାର୍ଡ ଦେଖାଇଥିଲେ। ଫଳରେ ନର୍ଥଇଷ୍ଟ ୟୁନାଇଟେଡ୍ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରୁ ସେ ବାସନ୍ଦ ରହିବେ।



ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଦ୍ୱିତୀୟ ଦିନିକିଆ ଜିତିଲା ନ୍ୟୁଜିଲାଣ୍ଡ

**ଅହମଦାବାଦ, ୨୭।୧୦**

ଅଧିନାୟିକା ସୋଫି ଡିଭାଇନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଦ୍ୱିତୀୟ ଦିନିକିଆରେ ଭାରତୀୟ ମହିଳା ଦଳକୁ ୭୬ ରନ୍‌ରେ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଜବାବରେ ଭାରତ ୪୭.୧ ଓଭରରେ ୧୮୩ ରନ୍‌ରେ ଅଲଆଉଟ ହୋଇଥିଲା। ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ସୁଜି ବେଟ୍ସ(୫୮) ଓ ଜର୍ଜିଆ ପ୍ଲିମର(୪୧) ପ୍ରଥମ ଉଇକେଟରେ ୮୭ ରନ୍ ଯୋଡିଥିଲେ। ୭୦ ବଲ୍ ଖେଳି ୮ ଚୌକା ସହ ୫୮ ରନ କରିଥିବା ସୁଜି ବେଟ୍ସ ଆଉଟ ହୋଇଥିଲେ। ଅଧିନାୟିକା ସୋଫି ଡିଭାଇନ୍ ଚମତ୍କାର ୭୯ ରନ୍‌ର ଇନିଂସ ଖେଳିଥିଲେ। ସେ ୮୬ ବଲ ଖେଳି ୭ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମ୍ୟାଡି ଗ୍ରୀନ୍ ୪୨ ରନ୍ ସ୍କୋର କରିଥିଲେ। ଭାରତ ପକ୍ଷରୁ ରାଧା ଯାଦବ ୪, ଦୀପ୍ତି ଶର୍ମା ୨, ସାଇମା ଠାକୁର ଓ ପ୍ରିୟା ମିଶ୍ର ୧ ଉଇକେଟ ନେଇଥିଲେ।

୨୬୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୨୬ ରନ୍‌ରେ ଟପ୍ ୩ ବ୍ୟାଟର ପ୍ୟାଭିଲିୟନ ଫେରି ସାରିଥିବା ବେଳେ ୧୦୦ ରନ୍ ବେଳକୁ ଷଷ୍ଠ ଉଇକେଟର ପତନ ଘଟିଥିଲା। ନବମ ଉଇକେଟରେ ରାଧା ଯାଦବ(୪୮) ଓ ସାଇମା ଠାକୁର(୨୯)ଙ୍କ ମଧ୍ୟରେ ୭୦ ରନ୍‌ର ଭାଗୀଦାରୀ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ସୋଫି ଡିଭାଇନ୍ ଓ ଲି ଟାହୁହୁ ୩ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୫୦ ଓଭରରେ ୨୫୯/୯ (ସୋଫି ଡିଭାଇନ-୭୯, ସୁଜି ବେଟ୍ସ-୫୮, ମ୍ୟାଡି ଗ୍ରୀନ୍-୪୨, ରାଧା ଯାଦବ-୪/୬୯, ଦୀପ୍ତି ଶର୍ମା-୨/୩୦, ପ୍ରିୟା ମିଶ୍ର-୧/୪୯)। ଭାରତ ୪୭.୧ ଓଭରରେ ୧୮୩/୧୦(ରାଧା ଯାଦବ-୪୮, ସାଇମା ଠାକୁର-୨୯, ହରମନ୍‌ପ୍ରୀତ୍ କୌର-୨୪, ସୋଫି ଡିଭାଇନ୍-୩/୨୭, ଲି ଟାହୁହୁ-୩/୪୨, ଏଡେନ୍ କାର୍ସନ-୨/୩୨)।




ଉତ୍କଳ କରାଟେ ସ୍କୁଲ କଟକ ଶାଖାର ବେଲ୍ଟ ଗ୍ରେଡିଂ ଟେଷ୍ଟରେ କୃତକାର୍ଯ୍ୟ କରାଟେକାମାନେ ପ୍ରଶିକ୍ଷକ ଓ କର୍ମକର୍ତ୍ତାଙ୍କ ଗହଣରେ।

# କ୍ରୀଡ଼ା ଇକୋସିଷ୍ଟମକୁ ସୁଦୃଢ଼ କରିବା ଲକ୍ଷ୍ୟ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ, ତୃଣମୂଳସ୍ତରରେ ଅବହେଳିତ ଖେଳାଳିଙ୍କୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କ ପ୍ରତିଭାର ବିକାଶ ଏବଂ ସର୍ବୋପରି ରାଜ୍ୟରେ କ୍ରୀଡ଼ା ଇକୋସିଷ୍ଟମକୁ ଦୃଢ଼ କରିବା ଲକ୍ଷ୍ୟରେ ଗଠିତ ହୋଇଛି ଭୁବନେଶ୍ୱର ସ୍ପୋର୍ଟ୍ସ ନେଟୱର୍କ (ବିଏସ୍‌ଏନ୍)। ଏହାର ପ୍ରଥମ ବୈଠକ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ାପ୍ରତି ବିଶେଷ ରୁଚି ରଖୁଥିବା ବ୍ୟକ୍ତି, କୋଚ୍, ଆଥଲେଟ୍ ଏବଂ ରାଜ୍ୟର କେତେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଅନୁଷ୍ଠାନର ରୂପରେଖକୁ ନେଇ ସେମାନଙ୍କ ମତ ରଖିଥିଲେ। ଆୟୋଜକ ତଥା କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ସ୍ୱାଗତ କରିବା ସହ ନୂଆ ଅନୁଷ୍ଠାନର ରୂପରେଖ, ଦୃଷ୍ଟିଭଙ୍ଗି ଓ କାର୍ଯ୍ୟକଳାପ ସମ୍ପର୍କରେ ପ୍ରକାଶ କରିଥିଲେ। ଓଡ଼ିଶାରେ ବିଶେଷ କରି ଭୁବନେଶ୍ୱରରେ କ୍ରୀଡ଼ାର ବିକାଶ ଏବଂ ସ୍ଥାନୀୟ ଆଥଲେଟଙ୍କୁ ସମର୍ଥନ ଯୋଗାଇଦେବା ଆଦି ପ୍ରାଥମିକତାକୁ ସେ ଗୁରୁତ୍ୱ ଦେଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଅନେକ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଆୟୋଜକ କମିଟିର ଅନ୍ୟତମ ସଦସ୍ୟ ତଥା ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟରେ କ୍ରୀଡ଼ା ଛାତ୍ରାବାସ ଓ ହାଇପରଫର୍ମାନ୍ସ ସେଣ୍ଟର କାର୍ଯ୍ୟ କରୁଛି। ମାତ୍ର କେତେକ ୮ରୁ ୧୨ ବର୍ଷର ପିଲା ପ୍ରତିଭା ଥାଇମଧ୍ୟ ଉପଯୁକ୍ତ ସୁବିଧା ସୁଯୋଗ ଅଭାବରୁ ଲୋକଲୋଚନର ଆଢୁଆଳରେ ରହି ଯାଉଛନ୍ତି। ସେମାନଙ୍କୁ ବିଶେଷ ଫୋକସ କରାଯିବା ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗାଙ୍ଗପୁର ଓଡ଼ିଶାର ସମ୍ପାଦକ ଦେବାଶିଷ ଗୌଡ଼ା, ୟୁନିଟ-୬ ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ତଥା ଫୁଟବଲ ପ୍ରମୋଟର ଦିଲୀପ ଦାସ, ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହି ଗଣେଷ ଜେନା, ସିନିୟର ଫୁଟବଲ କୋଚ୍ ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ମୋଟୱାନୀ କନ୍‌ଷ୍ଟ୍ରକ୍ସନର ଚେୟାରମ୍ୟାନ ଦିଲୀପ ମୋଟୱାନୀ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ରବି ନାରାୟଣ ରାଉତରାୟ, ସିନିୟର ଫୁଟବଲ କୋଚ୍ ତଥା ଫାଓ ଚୟନକର୍ତ୍ତା ରାଜକୁମାର ମଣ୍ଡଳ, ପୂର୍ବତନ ଆଥଲେଟ୍ ଓ କୋଚ୍ ଗୁରୁ ପ୍ରସାଦ ପଟ୍ଟନାୟକ, ଅବସରପ୍ରାପ୍ତ ଏୟାର ଫୋର୍ସ ଜିମ୍ନାଷ୍ଟ ଜ୍ୟୋତି ପ୍ରକାଶ ଦାଶ, କ୍ରୀଡ଼ା ପ୍ରେମୀ ରବି ନନ୍ଦ, ଦୁଃସାହସିକ କ୍ରୀଡ଼ାବିତ୍ ତମନ୍ନା ସିଂ, ହକି ଇଣ୍ଡିଆ ଲିଗ୍‌ରେ ଟିମ୍ ଗୋନାସିକାର ମାଲିକ ତାରିଣୀ ପ୍ରସାଦ ମହାନ୍ତି ଏବଂ ସ୍ପୋର୍ଟ୍ସ ମେଡିସିନ ବିଶେଷଜ୍ଞ ରଞ୍ଜିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ସ୍ପୋର୍ଟ୍ସ ନେଟୱର୍କର ପ୍ରଥମ ବୈଠକ



ଭୁବନେଶ୍ୱର ସ୍ପୋର୍ଟ୍ସ ନେଟୱର୍କର ପ୍ରଥମ ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

## ନୀରୋଗ ଶରୀର ଅନ୍ତରାଳେ...



କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ରହିବା ପାଇଁ ଆମକୁ ଅନେକ ବିଷୟ ପ୍ରତି ଯତ୍ନବାନ ହେବାକୁ ପଡ଼ିଥାଏ। ଆଜିକାଲି ପ୍ରାୟ ଅନେକେ ନିଜ ନିଜ କାମକୁ ନେଇ ବ୍ୟସ୍ତ। ତେଣୁ ତା' ଭିତରେ ନିଜ ସ୍ୱାସ୍ଥ୍ୟ ପ୍ରତି ନଜର ଦେବାକୁ ଭୁଲି ଯାଆନ୍ତି। ହେଲେ ବର୍ତ୍ତମାନ ବିଭିନ୍ନ ରୋଗ ନିଜର କାୟା ବିସ୍ତାର କରିଚାଲିଛି। ତେଣୁ ଏହି ସମୟରେ ଆମେ ନିଜ ନିଜକୁ କିପରି ନୀରୋଗ ରଖିପାରିବା ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର। ପ୍ରଥମେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ। ନିଜର ଖାଦ୍ୟପେୟ ପ୍ରତି ସତର୍କ ରହନ୍ତୁ। ସବୁଠାରୁ ଖାସ୍ କଥା ହେଲା, ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ନିଜକୁ ଟେନସନ୍ ଏବଂ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖିବେ ସେତେ ଭଲ। ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନେବାକୁ ଭୁଲନ୍ତୁ ନାହିଁ।

## ଯକ୍ଷ୍ମା: କିଛି କଥା



ଯକ୍ଷ୍ମା ଜୀବାଣୁଗୁଡ଼ିକ ବାୟୁବାହକ ହୋଇଥାଆନ୍ତି। ତେଣୁ ଏହି ରୋଗ ମୁଖ୍ୟତଃ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାଏ। ହେଲେ ଗୋଟିଏ କଥା ମନେରଖିବା ନିହାତି ଦରକାର। ତାହା ହେଲା ଏହି ରୋଗଟି ବଂଶଗତ ନୁହେଁ। ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣିବା ନିହାତି ଦରକାର। ହେଲେ ସବୁ ରୋଗୀଙ୍କଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ଲାଗି ରହିପାରେ। ସାଧାରଣତଃ ସନ୍ଧ୍ୟା ସମୟରେ ଜ୍ୱର ଆସିଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ରୋଗୀ କଙ୍କାଳସାର ହୋଇଯାଏ। ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥେସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ରକ୍ତ ପରୀକ୍ଷା ଏବଂ ଛାତିର ଏକ୍ସ-ରେ ମଧ୍ୟ କରାଯାଏ। ଫୁସ୍‌ଫୁସ୍‌ର ସିଟି ସ୍କାନ ଆବଶ୍ୟକ ପଡ଼ିପାରେ। ତେବେ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ରୋଗ ନିର୍ଣ୍ଣିତ ହେବା ପରେ ଆରମ୍ଭ କରାଯାଏ ଚିକିତ୍ସା। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ।

### ନୋବେଲ ପୁରସ୍କାର-୨୦୨୪/ପଦାର୍ଥ ବିଜ୍ଞାନ

# ମେଶିନ ଲର୍ନିଂ ଓ କୃତ୍ରିମ ବୁଦ୍ଧିମତ୍ତା



ଇଂ. ମାୟାଧର ସ୍ୱାଇଁ

**''ମେଶିନ ଲର୍ନିଂ ଓ କୃତ୍ରିମ ବୁଦ୍ଧିମତ୍ତାର ବିକଶିତ ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଥିବା ଦୁଇଜଣ ପଦାର୍ଥ ବିଜ୍ଞାନୀ-ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟର ଜନ୍ ହପ୍‌ଫିଲ୍‌ଡ ଏବଂ କାନାଡ଼ାର ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ଜେଫ୍ରି ହିଣ୍ଟନଙ୍କୁ ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବାକୁ ମନୋନୀତ କରାଯାଇଛି।''**



ଜନ୍ ହପ୍‌ଫିଲ୍‌ଡ



ଜେଫ୍ରି ହିଣ୍ଟନ





ବର୍ତ୍ତମାନ କମ୍ପ୍ୟୁଟର ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦ କରିପାରୁଛି। ଜଣଙ୍କ ପ୍ରତିବିମ୍ବକୁ ଚିହ୍ନି ପାରୁଛି ଏବଂ ଯଥାସମ୍ଭବ ବାର୍ତ୍ତାଳାପ ମଧ୍ୟ କରିପାରୁଛି। ଏହା ମେଶିନ ଲର୍ନିଂ ଓ କୃତ୍ରିମ ବୁଦ୍ଧିମତ୍ତା ଯୋଗୁ ସମ୍ଭବ ହୋଇପାରିଛି। ଏହିସବୁ ୨୦୦୦ ମସିହା ପରେ କ୍ରମଶଃ ବିକଶିତ ହୋଇଛି। କିନ୍ତୁ ଏହାର ମୂଳଦୁଆ ୧୯୮୦ ଦଶକର ଆରମ୍ଭରେ ପଡ଼ିଥିଲା। ଏହି ପ୍ରକାର ପ୍ରଯୁକ୍ତି ବିଦ୍ୟା ବିପୁଳ ପରିମାଣର ତଥ୍ୟକୁ ଅଲଗା କରିବା ଓ ବିଶ୍ଳେଷଣ କରିବା ସମେତ ଅନେକ ପ୍ରମୁଖ ଗବେଷଣାରେ ବ୍ୟବହୃତ ହୋଇଛି। ଯେଉଁ ଦୁଇଜଣ ବୈଜ୍ଞାନିକ ପଦାର୍ଥ ବିଜ୍ଞାନର ଧାରଣା ଓ ପଦ୍ଧତିରୁ ଏହାର ବିକାଶ କରିଛନ୍ତି ସେମାନଙ୍କୁ ଚଳିତ ବର୍ଷ ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରିବା ଲାଗି ରୟାଲ ସୁଇଡେନ ଏକାଡେମୀ ଘୋଷଣା କରିଛି। ସେହି ଦୁଇଜଣ ପଦାର୍ଥ ବିଜ୍ଞାନୀ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟର ଜନ୍ ହପ୍‌ଫିଲ୍‌ଡ ଏବଂ କାନାଡ଼ାର ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ଜେଫ୍ରି ହିଣ୍ଟନ। ଏହି ଦୁଇ ବୈଜ୍ଞାନିକ ମୋଟ ପୁରସ୍କାର ରାଶି ୧୧ ନିୟୁତ ସୁଇଡେନ୍ ମୁଦ୍ରା (୧.୫ ନିୟୁତ ଆମେରିକୀୟ ଡଲାର)କୁ ସମାନ ଭାବରେ ପାଇବେ।

ହପ୍‌ଫିଲ୍‌ଡ ଏକ ଆସୋସିଏଟେଡ୍ ମେମୋରି ସୃଷ୍ଟି କରିଛନ୍ତି, ଯାହା ତଥ୍ୟକୁ ସାଇତି ରଖିପାରେ ଏବଂ ପୁନଃନିର୍ମାଣ କରିପାରେ। ଏହାକୁ 'ହପ୍‌ଫିଲ୍‌ଡ ନେଟ୍‌ୱର୍କ' କୁହାଯାଏ। ହିଣ୍ଟନ ଏକ ପଦ୍ଧତି ଉଦ୍ଭାବନ କରିଛନ୍ତି, ଯାହା ସ୍ୱୟଂକ୍ରିୟ ଭାବରେ ତଥ୍ୟର ପ୍ରକୃତିକୁ ଆବିଷ୍କାର କରିପାରିବା ସହିତ ଚିତ୍ରରେ ନିର୍ଦ୍ଦିଷ୍ଟ ଉପାଦାନଗୁଡ଼ିକୁ ଚିହ୍ନଟ କରିପାରିବ। ହପ୍‌ଫିଲ୍‌ଡ ନେଟ୍‌ୱର୍କ ବ୍ୟବହାର କରି ହିଣ୍ଟନ ଏକ ଅଲଗା ପଦ୍ଧତିରେ ନୂଆ ନେଟ୍‌ୱର୍କ ସ୍ଥାପନ କଲେ। ଏହାକୁ 'ବୋଲଜମାନ ମେଶିନ୍' କୁହାଯାଏ। ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାର ତଥ୍ୟରୁ ଏହାର ବୈଶିଷ୍ଟ୍ୟକୁ ଚିହ୍ନଟ କରିପାରେ। ଏହା ଶୈଳୀର ସମ୍ଭାବନାତ୍ମକ ବିତରଣ ଆଧାରରେ କାର୍ଯ୍ୟ କରିଥାଏ। ଏହା ବର୍ତ୍ତମାନ ବ୍ୟବହୃତ ବଡ଼ ବଡ଼ କୃତ୍ରିମ ସ୍ନାୟୁ ନେଟ୍‌ୱର୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି।

ପାରମ୍ପରିକ ସଫ୍ଟୱେରଠାରୁ ମେଶିନ ଲର୍ନିଂରେ ପାର୍ଥକ୍ୟ ଅଛି। ସଫ୍ଟୱେର ତଥ୍ୟ ଗ୍ରହଣ କରି ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ ଏହାର ପ୍ରକ୍ରିୟାକରଣ କରେ ଏବଂ ଫଳାଫଳ ପ୍ରକାଶ କରେ। କିନ୍ତୁ ମେଶିନ ଲର୍ନିଂରେ କମ୍ପ୍ୟୁଟର ଉଦାହରଣ ଦ୍ୱାରା ଶିଖିଥାଏ। ଉଦାହରଣସ୍ୱରୂପ ଆମେ ୟୁଟ୍ୟୁବ କିମ୍ବା ନେଟ୍‌ଫ୍ଲିକ୍ସରେ ଯେଉଁ ପ୍ରକାର ଗୀତ ଶୁଣୁଛେ କିମ୍ବା ସିନେମା ଦେଖୁଛେ, ଏହା ସେହି ପ୍ରକାର ଗୀତ କିମ୍ବା ସିନେମା ଆମକୁ ଯୋଗାଇ ଦିଏ।

କୃତ୍ରିମ ବୁଦ୍ଧିମତ୍ତା କୃତ୍ରିମ ସ୍ନାୟୁ ନେଟ୍‌ୱର୍କ ବ୍ୟବହାର କରି ମେଶିନ୍ ଲର୍ନିଂକୁ ବୁଝାଇଥାଏ। ମନୁଷ୍ୟର ମସ୍ତିଷ୍କରେ କୋଟି କୋଟି ନ୍ୟୁରୋନ୍ ପରସ୍ପର ସହ ସଂଯୋଗ ହୋଇ ରହିଛି ଯାହା ଆମକୁ ଚେତନା ଓ ସ୍ମୃତିଶକ୍ତି ଦେଇଥାଏ। ବାସ୍ତବରେ ଏହାକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ କମ୍ପ୍ୟୁଟର କୁହାଯାଇପାରିବ। ହପ୍‌ଫିଲ୍‌ଡ ମସ୍ତିଷ୍କର କାର୍ଯ୍ୟକଳାପକୁ ଦେଖି ମେଶିନ ଲର୍ନିଂର ବିକାଶ କରିଛନ୍ତି। ଏହାକୁ ଅଧ୍ୟୟନ କରି ସେ କୃତ୍ରିମ ସ୍ନାୟୁ ନେଟ୍‌ୱର୍କର ବିକାଶ କଲେ ଯାହା ସମଗ୍ର ନେଟ୍‌ୱର୍କ ସଂରଚନାକୁ ବ୍ୟବହାର କରି ତଥ୍ୟ ପ୍ରକ୍ରିୟାକରଣ କରେ। ଏଥିରେ ମସ୍ତିଷ୍କର ନ୍ୟୁରୋନକୁ ଗ୍ରନ୍ଥିକ (ନୋଡ) ଏବଂ ବିଭିନ୍ନ ନୋଡ ମଧ୍ୟରେ ଥିବା ସଂଯୋଗକୁ ସ୍ନାୟୁ ଅନ୍ତର୍ଗଥନୀ (ସିନାପ୍‌ସ) ଭାବରେ ଦର୍ଶାଯାଏ।

ହପ୍‌ଫିଲ୍‌ଡ ଓ ହିଣ୍ଟନ ୧୯୮୦ ଦଶକରେ ମୂଳଦୁଆ ପକାଇଥିବା ମେଶିନ ଲର୍ନିଂ ୨୦୦୦ ମସିହା ପରେ ଏକ ବୈପ୍ଳବିକ ଉଦ୍ଭାବନରେ ପରିଣତ ହୋଇଛି। ନୋବେଲ କମିଟି କହିଛି, ''ଏହି ଦୁଇ ବୈଜ୍ଞାନିକ ପଦାର୍ଥ ବିଜ୍ଞାନ ଆଧାରରେ ମୌଳିକ କାର୍ଯ୍ୟ କରିଛନ୍ତି, ଯାହା ଯୋଗୁ ଆଜି ଆମେ ଦେଖୁଥିବା ମେଶିନ ଲର୍ନିଂ ଓ କୃତ୍ରିମ ବୁଦ୍ଧିମତ୍ତା ସମ୍ଭବ ହୋଇପାରିଛି। ଆଜିର କୃତ୍ରିମ ସ୍ନାୟୁ ନେଟ୍‌ୱର୍କ ହେଉଛି ଅତି ବିଶାଳ ଏବଂ ଅନେକ ସ୍ତରରେ ନିର୍ମିତ ହୋଇଥାଏ। ଏହାକୁ ଗଭୀର ସ୍ନାୟୁ ନେଟ୍‌ୱର୍କ କୁହାଯାଏ। ବର୍ତ୍ତମାନ ବିଜ୍ଞାନ, ଇଞ୍ଜିନିୟରିଂ, ବାଣିଜ୍ୟ ବ୍ୟବସାୟ ଏବଂ ଦୈନନ୍ଦିନ ଜୀବନରେ ଏହାର ବହୁଳ ବ୍ୟବହାର ହେଉଛି। ଜେନେଭାର ୟୁରୋପୀୟ ନାଭିକୀୟ ଗବେଷଣା ସଂସ୍ଥା (ସର୍ନ)ଠାରେ ହିଗ୍‌ସ ବୋଷନ ଆବିଷ୍କାର କରିବା ପାଇଁ ପ୍ରଚୁର ପରିମାଣର ତଥ୍ୟକୁ ମେଶିନ ଲର୍ନିଂ ସାହାଯ୍ୟରେ ବିଶ୍ଳେଷଣ କରାଯାଇଥିଲା। ସଂଘର୍ଷରତ କୃଷ୍ଣଗର୍ତ୍ତରୁ ନିର୍ଗତ ମାଧ୍ୟାକର୍ଷଣ ତରଙ୍ଗରୁ ଅବାଞ୍ଛିତ ଧ୍ୱନିକୁ ବାହାର କରିବା ପାଇଁ ଏହାର ସାହାଯ୍ୟ ନିଆଯାଉଛି। ଏହାକୁ ମଧ୍ୟ ଅଣୁ ଓ ପଦାର୍ଥର ଗୁଣକୁ ଗଣନା ଓ ପୂର୍ବାନୁମାନ କରିବା ପାଇଁ ବ୍ୟବହୃତ ହେଉଛି।''

ମାନବ ସମାଜ ପାଇଁ ମେଶିନ୍ ଲର୍ନିଂ ଓ କୃତ୍ରିମ ବୁଦ୍ଧିମତ୍ତାର ଅନେକ ଉପକାରକୁ ଦୁଇ ନୋବେଲ ପୁରସ୍କାର ବିଜୟୀ ବୈଜ୍ଞାନିକ କହିଛନ୍ତି। ହିଣ୍ଟନ ପୂର୍ବାନୁମାନ କରିଥିଲେ ଯେ, ଏହା ସଭ୍ୟତା ଉପରେ ବଡ଼ ପ୍ରଭାବ ପକାଇବ ଏବଂ ଉତ୍ପାଦନ ଓ ଚିକିତ୍ସା କ୍ଷେତ୍ରରେ ବଡ଼ ଉନ୍ନତି ଆଣିବ ଏହାକୁ ଶିଳ୍ପ ବିପ୍ଳବ ସହିତ ତୁଳନା କରାଯାଇପାରିବ ବୋଲି ସେ କହିଛନ୍ତି। କିନ୍ତୁ ବୈଜ୍ଞାନିକଦ୍ୱୟ ସମାଜ ପ୍ରତି ଏହାର ସମ୍ଭାବ୍ୟ ବିପଦକୁ ମଧ୍ୟ କହିଛନ୍ତି। ସୂଚନାଯୋଗ୍ୟ ଯେ, ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ ହକିଙ୍ଗ ମଧ୍ୟ ପ୍ରକାଶ କରିଥିଲେ ଯେ କୃତ୍ରିମ ବୁଦ୍ଧିମତ୍ତା ଯେପରି ଭାବେ ବିକଶିତ ହେଉଛି। ଦିନ ଆସିବ ଏହା ଅଧିକ ଶକ୍ତିଶାଳୀ ହୋଇ ଆମ ନିୟନ୍ତ୍ରଣ ବାହାରକୁ ଚାଲିଯିବ ଏବଂ ମେଶିନ୍ ମନୁଷ୍ୟ ସମାଜକୁ ଦାସ ଭାବେ ରଖିବ। ନୋବେଲ କମିଟି ମଧ୍ୟ ଏହି ଆଶଙ୍କା ପ୍ରକାଶ କରିଛି। ଏଣୁ ମାନବ ସମାଜ ଏହି ନୂତନ ପ୍ରଯୁକ୍ତିବିଦ୍ୟାକୁ ନିରାପଦ ଓ ନୈତିକତାର ସହିତ ବ୍ୟବହାର କରିବା ଉଚିତ୍।

୯୧ ବର୍ଷ ବୟସ୍କ ହପ୍‌ଫିଲ୍‌ଡ ଉଭୟ ପଦାର୍ଥ ବିଜ୍ଞାନ ଓ ସ୍ନାୟୁ ବିଜ୍ଞାନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜଣା। ସେ ୧୯୫୮ ମସିହାରେ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ସେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଓ କାଲ୍‌ଟେକ୍‌ରେ ଅଧ୍ୟାପନା କରି ବର୍ତ୍ତମାନ ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି।

ଅନ୍ୟପକ୍ଷରେ ୭୬ ବର୍ଷ ବୟସ୍କ ହିଣ୍ଟନ ୧୯୭୮ ମସିହାରେ କୃତ୍ରିମ ବୁଦ୍ଧିମତ୍ତା ଉପରେ ଗବେଷଣା କରି ଏଡିନବର୍ଗ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ ଟରୋଣ୍ଟୋ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି।

-୭୦, ଲକ୍ଷ୍ମୀବିହାର
ଫେଜ୍-୧, ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ସକ୍ରିୟ ରହିବ ହୃତ୍‌ପିଣ୍ଡ କାର୍ଯ୍ୟଧାରା



ହୃତ୍‌ପିଣ୍ଡ ବା ହାର୍ଟ ଆମ ଶରୀରର ଏକ ପ୍ରମୁଖ ତଥା ଦରକାରୀ ଅଙ୍ଗ। ଦୈନନ୍ଦିନ ଜୀବନରେ ଏହା ସୁସ୍ଥ ରହିଲେ ଆମେ ନୀରୋଗ ରହିବା। ତେବେ କେତେକ କାରଣରୁ ହାର୍ଟ ପ୍ରଭାବିତ ହେବା ଦ୍ୱାରା ଆମେ ଅନେକ ସମୟରେ ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହେଉଛେ। ତେବେ ହାର୍ଟ କିପରି ସୁସ୍ଥ ରହିବ ସେ ବିଷୟରେ ଆମେ ସଚେତନ ହେବା ନିହାତି ଜରୁରୀ। ଏ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ ଆରମ୍ଭ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି, ସେମାନଙ୍କର ହାର୍ଟ ଅଧିକ ସକ୍ରିୟ ଭାବରେ କାମ କରୁଛି। ତେଣୁ ଜଣେ ବ୍ୟକ୍ତି ଯେତେ ସମ୍ଭବ ନିଜକୁ ଚାପମୁକ୍ତ ରଖିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।

## ଜୀବନଶୈଳୀକୁ ପ୍ରଭାବିତ କରେ ଭିଡିଓ ଗେମ୍

ଭିଡିଓ ଗେମ୍ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ବି ପଛରେ ପଡ଼ିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ ହେଲେ, ପରୋକ୍ଷରେ ଏହା କେତେକ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ସବୁବେଳେ ଭିଡିଓ ଗେମ୍ ଖେଳିବା ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ଜୀବନଶୈଳୀ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। 'ଦୈନନ୍ଦିନ ଜୀବନଶୈଳୀ ଓ ଭିଡିଓ ଗେମ୍' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ଟୋକିଓର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ପ୍ରାୟ ପ୍ରତିଦିନ ଅଧିକାଂଶ ସମୟ ଭିଡିଓ ଗେମ୍ ଖେଳୁଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ଏହାର ପ୍ରଭାବ ସେମାନଙ୍କର ଜୀବନଶୈଳୀ ଉପରେ କିପରି ପଡୁଛି ତାହାକୁ ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡ଼ିଥିଲା ଯେ, ସେମାନଙ୍କ ମଧ୍ୟରୁ ପ୍ରାୟ ୬୦% ବ୍ୟକ୍ତିଙ୍କର ଜୀବନଶୈଳୀ ଅଧିକାଂଶ ସମୟ ଭିଡିଓ ଗେମ୍ ଖେଳିବା ଦ୍ୱାରା ପ୍ରଭାବିତ ହୋଇଥିଲା।



## ଜାଣନ୍ତି କି..

ସାଧାରଣତଃ ଆମେ କୌଣସି ରୋଗରେ ପୀଡ଼ିତ ହେଲେ ଆମେ ସେଥିରୁ ଆରୋଗ୍ୟ ଲାଭ କରିବାକୁ ଔଷଧ ଖାଇଥାଉ। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରୁ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଅନ୍ୟପକ୍ଷରେ ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ପୂର୍ବରୁ ତାହା ଠିକ୍ କି ଭୁଲ୍ ସେ ବିଷୟରେ ତର୍ଜମା କରନ୍ତୁ। ଯଦି ମେଡିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ କରିଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।



## ବ୍ୟବହାରକୁ ପ୍ରଭାବିତ କରେ ଆଲ୍‌ଜିମର୍ସ



ଆଲ୍‌ଜିମର୍ସ ଏକ ବୟସଜନିତ ରୋଗ। ଏଭଳି ରୋଗୀଙ୍କର ଆଚାର ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ନିକଟରେ ଏଭଳି ବିଷୟବସ୍ତୁକୁ ନେଇ ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ବ୍ୟବହାରକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ଆଲ୍‌ଜିମର୍ସ ଯୋଗୁ ଯେହେତୁ ସ୍ମରଣଶକ୍ତି ପ୍ରଭାବିତ ହୁଏ, ତେଣୁ ସେଥିପାଇଁ ଏହାର ପ୍ରଭାବ ବ୍ୟବହାର ଉପରେ ମଧ୍ୟ ପଡ଼ିଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଭଳି ସମସ୍ୟା ସହ ଜଡ଼ିତ ବ୍ୟକ୍ତି କୌଣସି କାମ କରିବାକୁ ମନ ବଳାଇ ନ ଥାନ୍ତି। ସେମାନେ ପ୍ରାୟ ଅବସାଦଗ୍ରସ୍ତ ରହିଥାଆନ୍ତି। ତେଣୁ ଏଭଳି ସମସ୍ୟା ଦେଖାଦେଲେ ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

- ବର୍ତ୍ତମାନ ଓଜନକୁ ନିୟନ୍ତ୍ରଣରେ ରଖିବା ସବୁଠାରୁ ବଡ଼ କଥା। କାରଣ ଏହା ଯଦି ଅସନ୍ତୁଳିତ ରହିଲା, ତେବେ ପରବର୍ତ୍ତୀ ସମୟରେ କେତେକ ରୋଗର କାରଣ ସାଜିଥାଏ।
- ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ ରାତ୍ର ଭୋଜନ ପରେ କିଛି ସମୟ ଚଲାବୁଲା କରନ୍ତୁ। ସଙ୍ଗେ ସଙ୍ଗେ ଶୁଅନ୍ତୁ ନାହିଁ।
- ପ୍ରତିଦିନ କିଛି ଅଙ୍ଗୁର ଖାଆନ୍ତୁ। ଏହାଦ୍ୱାରା କୋଲେଷ୍ଟରଲ କେତେକାଂଶରେ ସନ୍ତୁଳିତ ରହିଥାଏ।



- ସବୁବେଳେ ମାନସିକ ଭାବରେ ନିଜକୁ ସୁସ୍ଥ ରଖିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ନିଜ ଦୈନନ୍ଦିନ ଜୀବନରେ ଯୋଗ ଏବଂ ପ୍ରାଣାୟାମ ସାମିଲ କରନ୍ତୁ।
- ଲୁଣ ଏବଂ ମିଠାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଏଭଳି ଖାଦ୍ୟ ଅଧିକ ପରିମାଣରେ ଖାଇବା ଦ୍ୱାରା ଡାଇବେଟିସ୍, ଉଚ୍ଚ ରକ୍ତଚାପ, ହାର୍ଟ ଆଟାକ୍ ହେବାର ଆଶଙ୍କା ରହିଛି।
- ରୋଗ ପ୍ରତିରୋଧକ ଶକ୍ତି ଏବଂ ସୁନିଦ୍ରା ପରସ୍ପରର ପରିପୂରକ। ତେଣୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ଚାହୁଁଥିଲେ ପ୍ରତିଦିନ ୭ ରୁ ୮ ଘଣ୍ଟା ନିହାତି ଶୁଅନ୍ତୁ।
- ନିଜକୁ ସୁସ୍ଥ ରଖିବା ନିଜ ଉପରେ ହିଁ ନିର୍ଭର କରିଥାଏ। ତେଣୁ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଧ୍ୟାନ ଦିଅନ୍ତୁ। ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

# ଓଡ଼ିଶା ବିପକ୍ଷରେ କେରଳ ୨୭୬/୭

**ଭୁବନେଶ୍ୱର, ୨୭।୧୦ (ବିଜୟ ରଣା):** ଓ୍ୱେନାଡ୍‌ସ୍ଥିତ କ୍ରିଷ୍ଣଗିରି ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ବିପକ୍ଷ ମଲ୍ଟି-ଡେ ଫର୍ମାଟ ସିକେ ନାୟୁଡୁ ଟ୍ରଫି କ୍ରିକେଟ ମ୍ୟାଚ୍‌ର ପ୍ରଥମ ଦିବସରେ କେରଳ ୮୨.୧ ଓଭରରେ ୭ଉଇକେଟ ବିନିମୟରେ ୨୭୬ ରନ କରିଛି। ଦଳ ପକ୍ଷରୁ ସୋନ ରୋଜର ୭୫ ବଲ୍‌ରୁ ୬୮ରନ କରିଥିବା ବେଳେ ଅଭିଷେକ ଜେ. ନାୟାର ୮୩ ବଲ୍‌ରୁ ୬୨ ରନ କରିଛନ୍ତି। ଓଡ଼ିଶା ତରଫରୁ ସମ୍ବିତ ଏସ୍. ବରାଳ ତାଙ୍କ ୨୦ ଓଭର ବୋଲିଂରେ ୨ ମେଡେନ ସହ ୫୭ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟ ସଫଳ ବୋଲର ସାଇଦୀପ ମହାପାତ୍ର ୧୮ଓଭର ବୋଲିଂରେ ୩ ମେଡେନ ସହ ୪୯ ରନ ଦେଇ ୩ ଉଇକେଟ ନେଇଛନ୍ତି।




# ହାଫ୍ ମାରାଥନରେ କେଜେଲଚାଙ୍କ ବିଶ୍ୱ ରେକର୍ଡ

**ଭାଲେନ୍‌ସିଆ, ୨୭।୧୦ (ଏପି):** ଇଥିଓପିଆ ଧାବକ ୟୋମିଫ୍ କେଜେଲଚା ମାତ୍ର ଗୋଟିଏ ସେକେଣ୍ଡ ପାଇଁ ପୁରୁଷ ହାଫ୍ ମାରାଥନରେ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ରବିବାର ସ୍ପାନିଶ ସିଟି ଭାଲେନ୍‌ସିଆରେ କେଜେଲଚା ୫୭ ମିନିଟ ୩୦ ସେକେଣ୍ଡରେ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ। ୨୦୨୧ରେ ପର୍ତ୍ତୁଗାଲର ଲିସ୍‌ବନଠାରେ ଉଗାଣ୍ଡା ରନର ଜାକବ କିପ୍‌ଲିମୋଙ୍କ ଦ୍ୱାରା ପ୍ରତିଷ୍ଠିତ ରେକର୍ଡଠାରୁ ସେ ଏକ ସେକେଣ୍ଡ ଆଗୁଆ ରେସ୍ ଶେଷ କରିଥିଲେ। କେଜେଲଚା ହେଉଛନ୍ତି ୧୦,୦୦୦ ମିଟରରେ ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ତାଙ୍କ ନାମରେ ଇନ୍‌ଡୋର ବିଶ୍ୱ ରେକର୍ଡ ରହିଛି। ୨୦୧୯ରେ ବୋଷ୍ଟନଠାରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଥିଲେ। କମ୍ ସମୟ ବ୍ୟବଧାନରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିବାରେ ଏହା ହେଉଛି କ୍ରମାଗତ ଦ୍ୱିତୀୟ ଦୃଷ୍ଟାନ୍ତ। କିପ୍ଲିମୋ ମଧ୍ୟ ଗୋଟିଏ ସେକେଣ୍ଡରେ ନୂଆ ରେକର୍ଡ କରିଥିଲେ। ସେ ଏହାର ବର୍ଷକ ପୂର୍ବେ ଭାଲନ୍‌ସିଆରେ କେନିଆର କିବିଓଟ୍ କାଣ୍ଡିଙ୍କ ଦ୍ୱାରା ପ୍ରତିଷ୍ଠିତ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ରବିବାର ମହିଳା ମାରାଥନରେ ମଧ୍ୟ ବିଶ୍ୱ ରେକର୍ଡ ହୋଇପାରିଥାନ୍ତା। କେନିଆର ଅଗ୍ନିସ ଏନ୍‌ଜେଟିଚ ୧୧ ସେକେଣ୍ଡ ପାଇଁ ବିଫଳ ରହିଥିଲେ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ